# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୧/୨୦୨୪ (୨୦ ପୃଷ୍ଠା) | Bhubaneswar, Friday, March 1/2024 | Page 20 | ₹ 7.00 | SAMBALPUR

୫୦ଶ ଭାଗ ୯୮ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 98 | ମୂଲ୍ୟ ₹୭/-



DSPL-753

BHUBANESWAR DEVELOPMENT AUTHORITY

ଆମ ଓଡ଼ିଶା ନବୀନ ଓଡ଼ିଶା

# ବାବାସାହେବ ଭୀମ୍‌ରାଓ ଆମ୍ବେଦକର ବସ୍ ଟର୍ମିନାଲ

## ଭୁବନେଶ୍ୱର

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

## ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ

କରକମଳରେ ଲୋକାର୍ପଣ

୧ ମାର୍ଚ୍ଚ ୨୦୨୪ ସମୟ: ୫.୪୫ ସନ୍ଧ୍ୟା






OIPR-13033/13/0699/2324

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୧/୨୦୨୪ | Bhubaneswar, Friday, March 1/2024







## ସୋଲାର ପ୍ୟାନେଲରେ ୭୮ ହଜାର ଟଙ୍କା ପର୍ଯ୍ୟନ୍ତ ସବ୍‌ସିଡି

**କେନ୍ଦ୍ର କ୍ୟାବିନେଟ ନିଷ୍ପତ୍ତି**

ନୂଆଦିଲ୍ଲୀ,୨୯।୨(ପି.ଟି.)

ଘର ଛାତରେ ସୋଲାର ପ୍ୟାନେଲ ବସାଇବା ପାଇଁ ପିଏମ୍-ସୂର୍ଯ୍ୟଘର: ମୁଫ୍ତ ବିଜ୍‌ଲି ଯୋଜନାରେ ସରକାର ୭୮ ହଜାର ଟଙ୍କା ପର୍ଯ୍ୟନ୍ତ ସବ୍‌ସିଡି ଯୋଗାଇଦେବେ। ଏହାଦ୍ୱାରା ଦେଶର ୧ କୋଟି ପରିବାର ମାସକୁ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି ପାଇପାରିବେ। ଏଥିପାଇଁ ୭୫,୦୨୧ କୋଟି ଟଙ୍କାର ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ ଗୁରୁବାର ଅନୁମୋଦନ କରିଛି। ଗତ ୧୩ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଯୋଜନାର

☞ପୃଷ୍ଠା-୬

# ୨୧,୪୨୭ ବସ୍ତି ବାସିନ୍ଦା ପରିବାରକୁ ଭୂମି ଅଧିକାର

## ବିଭିନ୍ନ ସହରରେ ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୯।୨(ଅନିଲ ଦାସ)

ରାଜ୍ୟର ସହର ବିକାଶ ଇତିହାସରେ ଏକ ନୂଆ ମାଇଲଷ୍ଟୋନ ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ୫-ଟି ଉପକ୍ରମରେ ସହରବାସୀଙ୍କ ନିମନ୍ତେ ଅନେକ ସୁବିଧା ଯଥା- ପିଇବା ପାଣି, ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍, ସ୍ୱେରେଜ ବ୍ୟବସ୍ଥା, ଅନେକ ନାଗରିକ ସେବା ସହିତ ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ଓ ବିଜୁ ଆଦର୍ଶ କଲୋନୀ ଲୋକାର୍ପଣ କରିଛନ୍ତି।

ମୁଖ୍ୟମନ୍ତ୍ରୀ ୪ ସହର ଯଥା କଟକ, ସମ୍ବଲପୁର, ବ୍ରହ୍ମପୁର ଓ ରାଉରକେଲାର ୨୧,୪୨୭ ବସ୍ତିବାସିନ୍ଦା ପରିବାରକୁ ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ଏଥିସହିତ ରାଜ୍ୟର ୨୬ଟି ସହରରେ ୬୨୬ଟି ବିଜୁ ଆଦର୍ଶ କଲୋନୀ ଲୋକାର୍ପଣ କରିଛନ୍ତି। ଏହା ଦ୍ୱାରା ୨ ଲକ୍ଷ ପରିବାର ଉପକୃତ ହୋଇଛନ୍ତି। ଏଥିସହିତ ୨୬ ସହର ବସ୍ତିମୁକ୍ତ ହୋଇଛି। ସହରର ଅନ୍ୟମାନଙ୍କ ପରି ସେମାନେ ମଧ୍ୟ ସବୁ ମୌଳିକ ସୁବିଧା ସୁଯୋଗ ପାଇଛନ୍ତି।

ଏଥିସହିତ ଝାରସୁଗୁଡ଼ା, ବ୍ରଜରାଜନଗର ଓ ବେଲପାହାଡ଼ ସହର ସହିତ ଅନେକ ସହରରେ ପାନୀୟ ଜଳ ପ୍ରକଳ୍ପ ଆରମ୍ଭ କରାଯାଇଛି। ଏହା ଦ୍ୱାରା ୨.୬୫ ଲକ୍ଷ ବାସିନ୍ଦା ଉପକୃତ ହେବେ। ଏଥିସହିତ ଉନ୍ନତି ଓ ମୁକ୍ତା ଯୋଜନାରେ ବିଭିନ୍ନ ସହରରେ ୩୬୯୯ ନୂଆ ପେଭେଡ୍ ରୋଡ୍ ଏବଂ ୬୯୬୧ ସିଭିକ ଆମେନିଟିଜ୍ ପ୍ରୋଜେକ୍ଟ ଉତ୍ସର୍ଗ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ୨୪ଟି ସହରରେ ୧୧୬୪ କୋଟି ଟଙ୍କା ମୂଲ୍ୟର ୨୭ଟି ଜଳଯୋଗାଣ ପ୍ରକଳ୍ପ ପାଇଁ ଭିତ୍ତି ରଖିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସହର ହେଉଛି ଗୋଟିଏ ରାଜ୍ୟର ବିକାଶର ଦର୍ପଣ। ୫-ଟି ଉପକ୍ରମରେ ହେଉଥିବା ଏହିସବୁ ବିକାଶ କାର୍ଯ୍ୟକ୍ରମ ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିଛି। ଏହିସବୁ ପ୍ରକଳ୍ପ ବିକାଶ ଲକ୍ଷ୍ୟ ହାସଲ କରିବାରେ ସହାୟକ ହେବ। ଆମ ରାଜ୍ୟର ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଓ ସହରାଞ୍ଚଳ ବିକାଶ କାର୍ଯ୍ୟକ୍ରମ

☞ପୃଷ୍ଠା-୬

## ଭାରତରେ କଲରାପତରିଆ ବଂଶ ବୃଦ୍ଧି

**୪ ବର୍ଷରେ ବଢ଼ିଛନ୍ତି ୧,୦୨୨**



ନୂଆଦିଲ୍ଲୀ, ୨୯।୨ (ପି.ଟି)

ଭାରତରେ କଲରାପତରିଆ ବାଘଙ୍କ ସଂଖ୍ୟାରେ ବୃଦ୍ଧି ଘଟିଛି। କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ସବିଶେଷ ରିପୋର୍ଟ ଅନୁଯାୟୀ ୨୦୨୨ ସୁଦ୍ଧା ଭାରତରେ କଲରାପତରିଆ ବାଘଙ୍କ ସଂଖ୍ୟା ବଢ଼ି ୧୩,୮୭୪ରେ ପହଞ୍ଚିଛି। ଏହି ସଂଖ୍ୟା ୨୦୧୮ରେ ୧୨,୮୫୨ ରହିଥିବାରୁ ୪ ବର୍ଷ ମଧ୍ୟରେ ଦେଶରେ ୧,୦୨୨ କଲରାପତରିଆ ବାଘଙ୍କର ବୃଦ୍ଧି ଘଟିଛି। ଦେଶରେ କଲରାପତରିଆ ବାଘଙ୍କ ସ୍ଥିତି ନେଇ ଗୁରୁବାର କେନ୍ଦ୍ର ପରିବେଶ ମନ୍ତ୍ରୀ ଭୁପେନ୍ଦ୍ର ଯାଦବ ଏକ ରିପୋର୍ଟ ଉନ୍ମୋଚନ କରିଛନ୍ତି। ମଧ୍ୟପ୍ରଦେଶରେ କଲରାପତରିଆ ବାଘଙ୍କ ସଂଖ୍ୟା ସର୍ବାଧିକ ରହିଥିବା ଏହି ରିପୋର୍ଟରେ ପ୍ରକାଶ ପାଇଛି। ୨୦୧୮ରେ ମଧ୍ୟପ୍ରଦେଶରେ ୩,୪୨୧ଟି କଲରାପତରିଆ ବାଘ ଥିବାବେଳେ ଏହି

☞ପୃଷ୍ଠା-୬




ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୧/୨୦୨୪ | Bhubaneswar, Friday, March 1/2024




Government of India
cbc 22201/13/0318/2324
ମୋଦୀ ସରକାରଙ୍କ ଗ୍ୟାରେଣ୍ଟି
ଅର୍ଥାତ୍ ବିଶ୍ୱସ୍ତରୀୟ ଭିତ୍ତିଭୂମିର ଗ୍ୟାରେଣ୍ଟି
ଅଟଳ ସେତୁ, ଦୀର୍ଘତମ ସି-ବ୍ରିଜ୍;
ଚେନାବ୍, ବିଶ୍ୱର ସର୍ବୋଚ୍ଚ ରେଳ ଆର୍କ ବ୍ରିଜ୍
ଅଧିକ ସୂଚନା ପାଇଁ ସ୍କାନ୍ କରନ୍ତୁ
ଆମ ସଂକଳ୍ପ ବିକଶିତ ଭାରତ


# ରତ୍ନଭଣ୍ଡାର ଅଳଙ୍କାର ଗଣତି ହେବ

- ଉଚ୍ଚସ୍ତରୀୟ କମିଟି ଗଠନ କଲେ ରାଜ୍ୟ ସରକାର
- ଅବସରପ୍ରାପ୍ତ ବିଚାରପତି ଅରିଜିତ୍ ପଶାୟତ ଅଧକ୍ଷ

**ପୁରୀ,୨୯।୨(ଅଜିତ୍ ମହାନ୍ତି)**

ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଶ୍ରୀମନ୍ଦିର ରତ୍ନଭଣ୍ଡାରର ରତ୍ନଅଳଙ୍କାର ଗଣତିମଣତି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ଏହି କ୍ରମରେ ଗୁରୁବାର ରତ୍ନ ଅଳଙ୍କାର ଗଣତିମଣତି ନିମନ୍ତେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ଫଳରେ ଦୀର୍ଘ ୪୬ ବର୍ଷ ପରେ ଦୁର୍ଭେଦ୍ୟ ରତ୍ନଭଣ୍ଡାର ଖୋଲିବା ନେଇ ଆଶା ଉଜ୍ଜୀବିତ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ୧୯୭୮ ମସିହାରେ ଶେଷଥର ପାଇଁ ରତ୍ନଅଳଙ୍କାର ଗଣତିମଣତି ହୋଇଥିଲା। ତା' ପରଠାରୁ ଆଉ ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି ହୋଇନାହିଁ। ସେହିପରି ଭିତର ରତ୍ନଭଣ୍ଡାରରେ ୫୯୭ ଓ ବାହାର ରତ୍ନଭଣ୍ଡାରରେ ୩୧ ପ୍ରକାରର ଦୁର୍ମୂଲ୍ୟ ହୀରା, ମୋତି ମାଣିକ୍ୟ, ସୁନା, ରୁପା ଆଦି ରତ୍ନଅଳଙ୍କାର ରହିଥିବା କୁହାଯାଉଛି।



ରତ୍ନଭଣ୍ଡାରରେ ଥିବା ରତ୍ନଅଳଙ୍କାରଗୁଡ଼ିକୁ ଗଣତିମଣତି କରିବା ପ୍ରସଙ୍ଗରେ ରାଜ୍ୟ ସରକାର ଅବହେଳା କରୁଥିବା ନେଇ ବିଭିନ୍ନ ମହଲରେ ଅଭିଯୋଗ ହୋଇ ଆସୁଥିଲା। ଏପରିକି ବିରୋଧୀ ଦଳ ଏବଂ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନ ଓ ସରକାରଙ୍କୁ ସମାଲୋଚନା କରାଯାଉଥିଲା। ତେବେ ବିଭିନ୍ନ ମହଲରେ ବାରମ୍ବାର ଦାବି ହେବା ସହ ହାଇକୋର୍ଟରେ ଏ ନେଇ ଆବେଦନ ଦାଖଲ କରାଯାଇଥିଲା। ଭାଜପାର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଏକ ଅନ୍ତରୀଣ ଆବେଦନ କରିଥିଲେ। ହାଇକୋର୍ଟ ଏହି ମାମଲାର ଶୁଣାଣି କରି ରତ୍ନଭଣ୍ଡାର ଖୋଲି ଅଳଙ୍କାର ଏବଂ ଅନ୍ୟାନ୍ୟ ଜିନିଷ ଗଣନା ପାଇଁ ଉଚ୍ଚସ୍ତରୀୟ କମିଟି ଗଠନ ସହ ହାଇକୋର୍ଟ ବା ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କୁ ଏହାର ଅଧକ୍ଷ ନିଯୁକ୍ତକରିବାକୁ ନିର୍ଦ୍ଦେଶ ଦେଇଥିଲେ।

ସେହିପରି ଗତବର୍ଷ ଅଗଷ୍ଟରେ ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏ ନେଇ ମଧ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ଫଳରେ ସରକାରଙ୍କ କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ରତ୍ନଅଳଙ୍କାର ଗଣତିମଣତି ପାଇଁ ସରକାର ଏକ ଉଚ୍ଚସ୍ତରୀୟ ଟିମ୍ ଗଠନ କରିଛନ୍ତି। ଏହି କମିଟି ରତ୍ନଭଣ୍ଡାରରେ ଥିବା ମହାପ୍ରଭୁଙ୍କ ଅଳଙ୍କାର ଓ ବିଭିନ୍ନ ମୂଲ୍ୟବାନ ବସ୍ତୁର ତାଲିକା ପ୍ରସ୍ତୁତ କରିବ। କମିଟିରେ ଅଧକ୍ଷଙ୍କ ସମେତ ୧୨ଜଣ ସଦସ୍ୟ ରହିଛନ୍ତି। ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଅରିଜିତ୍ ପଶାୟତ ଏହି କମିଟିର ଅଧକ୍ଷ ରହିଥିବାବେଳେ ଶ୍ରୀମନ୍ଦିର ପରିଚାଳନା କମିଟିର ତିନିଜଣ ସଦସ୍ୟ ଦୁର୍ଗାଦାସ ମହାପାତ୍ର, ମାଧବ ମହାପାତ୍ର ଏବଂ ଜଗନ୍ନାଥ କର ସ୍ଥାନ ପାଇଛନ୍ତି। ସେହିପରି ପ୍ରସିଦ୍ଧ ହୃଦ୍‌ରୋଗ ବିଶେଷଜ୍ଞ ଡା. ରମାକାନ୍ତ ପଣ୍ଡା, ଆହ୍ଲାବାଦ ବ୍ୟାଙ୍କର ପୂର୍ବତନ ସିଏମ୍‌ଡି ଡ. ବିଧୁଭୂଷଣ ସାମଲ, ଚାଟାର୍ଡ ଆକାଉଣ୍ଟାଣ୍ଟ ଏ.କେ. ସାବତ, ଗଜପତି ମହାରାଜାଙ୍କ ପ୍ରତିନିଧି, ପୁରୀ ଜିଲାପାଳ, ଏଏସ୍‌ଆଇ ଅଧିକାରୀ, ଭଣ୍ଡାର ମେକାପ, ଗଣେଶ ମେକାପ କମିଟିରେ ରହିଛନ୍ତି। ଏନେଇ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଜଗନ୍ନାଥ କର କହିଛନ୍ତି, ଶ୍ରୀମନ୍ଦିର ସୁରକ୍ଷା ଓ ଭକ୍ତଙ୍କ ଭାବନାକୁ ସମ୍ମାନ ଜଣାଇ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ କମିଟି ଗଠନ କରାଯାଇଛି। ଏଥିପାଇଁ ରାଜ୍ୟ ସରକାର ଏବଂ ଶ୍ରୀମନ୍ଦିର ପ୍ରଶାସନଙ୍କୁ ଧନ୍ୟବାଦ ଦେଉଛୁ। ରତ୍ନଭଣ୍ଡାରର ସୁରକ୍ଷା ପାଇଁ ପରିଚାଳନା କମିଟି ପକ୍ଷରୁ ସରକାରଙ୍କୁ ଏକ କମିଟି ଗଠନ କରିବାକୁ ପ୍ରସ୍ତାବ ଦିଆଯାଇଥିଲା, ଯାହା ଗ୍ରହଣୀୟ ହୋଇ ରାଜ୍ୟ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆଗାମୀ ଦିନରେ କମିଟିର ☞ପୃଷ୍ଠା-୬

## ଏବେ ବି ରହସ୍ୟରେ

### ଖୋଲିବାକୁ ଉଦ୍ୟମ କରିଥିବା ସରକାରଙ୍କ ପତନ ଘଟିଛି

**ଭୁବନେଶ୍ୱର,୨୯।୨**

ଦ୍ୱାଦଶ ଶତାବ୍ଦୀର ବିଶ୍ୱ ପ୍ରସିଦ୍ଧ ଐତିହ୍ୟ ପୁରୀ ଶ୍ରୀମନ୍ଦିରରେ ଥିବା ରତ୍ନଭଣ୍ଡାର ଏବେ ବି ଲୋକଙ୍କ ପାଇଁ ଏକ ରହସ୍ୟ ହୋଇ ଅଛି। ମହାପ୍ରଭୁଙ୍କର ଦୁଇଟି ରତ୍ନଭଣ୍ଡାର ରହିଛି। ଗୋଟିଏ ଭିତର ଓ ଅନ୍ୟଟି ବାହାର ରତ୍ନଭଣ୍ଡାର। ପ୍ରତିବର୍ଷ ରଥଯାତ୍ରା ଓ ମହାପ୍ରଭୁଙ୍କ ଅନ୍ୟାନ୍ୟ ଯାନିଯାତ୍ରା ସମୟରେ ବାହାର ରତ୍ନଭଣ୍ଡାରରୁ ରତ୍ନ ଆଭୂଷଣ ଅଣାଯାଇ ବେଶ କରାଯାଇଥାଏ। କିନ୍ତୁ ଭିତର ରତ୍ନଭଣ୍ଡାର ବନ୍ଦ ରହିଥିବାରୁ ସେଠାରେ କେତେ ପରିମାଣର ଆଭୂଷଣ ରହିଛି ତା'ର ସବିଶେଷ ବିବରଣୀ କାହା ପାଖରେ ନାହିଁ। ଏପରି କି ଭିତର ରତ୍ନଭଣ୍ଡାରରେ ୭ଟି ଭଣ୍ଡାର ଘର ଥିବା କୁହାଯାଉଛି। ଭିତର ରତ୍ନଭଣ୍ଡାରକୁ ଖୋଲିବା ପାଇଁ ଅତୀତରେ କ୍ୱଚିତ୍ ଉଦ୍ୟମ ହୋଇଛି। ତଥ୍ୟ ମୁତାବକ ନୀଳମଣି ରାଉତରାୟ ୧୯୭୭ରୁ ୧୯୮୦ ପର୍ଯ୍ୟନ୍ତ ଓଡ଼ିଶାର ଦଶମ ମୁଖ୍ୟମନ୍ତ୍ରୀ ଥିଲେ। ତାଙ୍କ ଅମଳରେ ୧୯୭୮ ମେ' ୧୩ରୁ ଜୁଲାଇ ୨୩ ମଧ୍ୟରେ ରତ୍ନଭଣ୍ଡାର ଖୋଲାଯାଇଥିଲା। ସେତେବେଳେ ☞ପୃଷ୍ଠା-୬

# ରତ୍ନଭଣ୍ଡାର କାନ୍ଥରେ ଫାଟ

### ୧୯ରେ ସରିବ ନାଟମଣ୍ଡପ ମରାମତି

- ଶ୍ରୀମନ୍ଦିର ୪ ଦ୍ୱାର, ମେଘନାଦ ପାଚେରୀ ଆଲୋକୀକରଣ କରାଯିବ
- ରଘୁନନ୍ଦନ ଲାଇବ୍ରେରୀ, ଅଭ୍ୟର୍ଥନା କେନ୍ଦ୍ର ପାଇଁ ଏନ୍‌ଏମ୍‌ଏ ଅନୁମତି

**ପୁରୀ,୨୯।୨(ଅଜିତ୍ ମହାନ୍ତି)**

ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଗୁରୁବାର ଗଜପତି ଦିବ୍ୟସିଂହ ଦେବଙ୍କ ଅଧକ୍ଷତାରେ ଶ୍ରୀମନ୍ଦିର ପରିଚାଳନା କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସ୍‌ଆଇ) ଦ୍ୱାରା ନଭେମ୍ବର ୧୭ରୁ ଆରମ୍ଭ ହୋଇଥିବା ଶ୍ରୀମନ୍ଦିର ନାଟମଣ୍ଡପ ସଂରକ୍ଷଣ ଓ ମରାମତି କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମସ୍ତଙ୍କ ସହଯୋଗରେ ଷ୍ଟେନଲେସ ଷ୍ଟିଲ ବିମ୍ ବସିବା କାର୍ଯ୍ୟ ଗତ ୨୩ ତାରିଖରୁ ଆରମ୍ଭ ହୋଇଛି ଏବଂ ଏହା ମାର୍ଚ୍ଚ ୧୯ ତାରିଖ ସୁଦ୍ଧା ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ରତ୍ନଭଣ୍ଡାର ବାହାର ପାର୍ଶ୍ୱ କାନ୍ଥର ଲେଜର ସ୍କାନିଂ ରିପୋର୍ଟ ବୈଠକରେ ଉପସ୍ଥାପିତ ହୋଇଥିଲା। ରିପୋର୍ଟ ଅନୁଯାୟୀ ରତ୍ନଭଣ୍ଡାର ବାହାର ପାର୍ଶ୍ୱ କାନ୍ଥରେ ଫାଟ ଥିବାରୁ ଶ୍ରୀମନ୍ଦିର ବୈଷୟିକ କମିଟିରେ ଏ ସମ୍ପର୍କରେ ଆଲୋଚନା କରାଯାଇ କେବେ କାର୍ଯ୍ୟ ଆରମ୍ଭ ହେବ ତାହା ନିଷ୍ପତ୍ତି ନିଆଯିବ।

ସୂଚନା ଅନୁଯାୟୀ, ରତ୍ନଭଣ୍ଡାର ଉତ୍ତରପାର୍ଶ୍ୱ କାନ୍ଥରେ ଫାଟଥିବା ଏଏସ୍‌ଆଇ ରିପୋର୍ଟରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି। ଏଭଳି ଫାଟ ଭବିଷ୍ୟତରେ କ୍ଷତି ସୃଷ୍ଟି କରିପାରେ ବୋଲି ଏଏସ୍‌ଆଇ ଆଶଙ୍କା ବ୍ୟକ୍ତ କରିଛି। ରତ୍ନଭଣ୍ଡାରର ବାହାର ତିନୋଟି କାନ୍ଥକୁ ଡି ପ୍ଲାଷ୍ଟର କରାଯିବା ପରେ ଯଦି କୌଣସି କ୍ଷତି ଦେଖାଯାଏ ତାହାକୁ ସଂରକ୍ଷଣ ପ୍ରଣାଳୀ ଦ୍ୱାରା ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି ଏଏସ୍‌ଆଇ କହିଛି। ଗତବର୍ଷ ନଭେମ୍ବରରେ ଦୁଇଦିନ ଧରି ଏଏସ୍‌ଆଇ ପକ୍ଷରୁ ରତ୍ନଭଣ୍ଡାର ବାହାରପାର୍ଶ୍ୱ କାନ୍ଥର ୪୯ଟି ପଏଣ୍ଟରେ ଲେଜର୍ ସ୍କାନିଂ କରାଯାଇଥିଲା। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦାୟିତ୍ୱରେ ଥିବା ସମର୍ଥ ବର୍ମା କହିଛନ୍ତି, ଶ୍ରୀଜଗନ୍ନାଥ ଯାତ୍ରୀ ଅଭ୍ୟର୍ଥନା କେନ୍ଦ୍ର, ନୂତନ ଶ୍ରୀମନ୍ଦିର କାର୍ଯ୍ୟାଳୟ, ରଘୁନନ୍ଦନ ଲାଇବ୍ରେରୀ ଓ ସାଂସ୍କୃତିକ କେନ୍ଦ୍ର ନିର୍ମାଣ ସମେତ ଅବଢ଼ା ଯୋଜନାରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଗତ ୨୩ ତାରିଖଠାରୁ ଏଏସ୍‌ଆଇ ପକ୍ଷରୁ ଶ୍ରୀମନ୍ଦିର ନାଟମଣ୍ଡପ କାମ ଆରମ୍ଭ ହୋଇଛି। ସେବାୟତମାନଙ୍କ ପକ୍ଷରୁ ସହଯୋଗ ମିଳୁଛି। ମହାପ୍ରଭୁଙ୍କ ନୀତି ଶୃଙ୍ଖଳିତ ଭାବେ ଚାଲିଛି। ରତ୍ନଭଣ୍ଡାର ବାହାର କାନ୍ଥର ଲେଜର ସ୍କାନିଂ ଏଏସ୍‌ଆଇ ପକ୍ଷରୁ କରାଯାଇଥିଲା। ଏହାର ପ୍ରାଥମିକ ରିପୋର୍ଟ ଅନୁଧ୍ୟାନ ପରେ ବୈଷୟିକ ସବ୍‌କମିଟିକୁ ହସ୍ତାନ୍ତର କରାଯାଇଛି। ରିପୋର୍ଟକୁ ☞ପୃଷ୍ଠା-୬

## ପିଏମ୍‌ଶ୍ରୀ ସ୍କୁଲ୍ ଏମ୍‌ଓୟୁରେ ସ୍ୱାକ୍ଷର କରିନି ଓଡ଼ିଶା

### କେନ୍ଦ୍ରର ଉଦ୍‌ବେଗ

**ନୂଆଦିଲ୍ଲୀ,୨୯।୨(ପି.ଟି.)**

ଓଡ଼ିଶା ସମେତ ୫ ରାଜ୍ୟ ପିଏମ୍‌ଶ୍ରୀ ସ୍କୁଲ୍ ଯୋଜନା ପାଇଁ ଶିକ୍ଷା ମନ୍ତ୍ରଣାଳୟ ସହ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରି ନ ଥିବାରୁ କେନ୍ଦ୍ର ସରକାର ଉଦ୍‌ବେଗ ପ୍ରକାଶ କରିଛନ୍ତି। ସମଗ୍ର ଶିକ୍ଷା ଯୋଜନାରେ ପଞ୍ଜାବ କ୍ରମାଗତ ଭାବେ ପାଣ୍ଠି ନେଉଥିବା ସତ୍ତ୍ୱେ ଏହାକୁ କାର୍ଯ୍ୟକାରୀ କରୁନାହିଁ। ଏପର୍ଯ୍ୟନ୍ତ ମୋଟ ୩୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପିଏମ୍‌ଶ୍ରୀ ସ୍କୁଲ୍ ଯୋଜନା କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ସହ ଏମ୍‌ଓୟୁ ସ୍ୱାକ୍ଷର କରିଥିବାବେଳେ ଓଡ଼ିଶା, ପଶ୍ଚିମବଙ୍ଗ, ତାମିଲନାଡୁ, କେରଳ ଏବଂ ଦିଲ୍ଲୀ ସରକାର ଏପର୍ଯ୍ୟନ୍ତ ସ୍ୱାକ୍ଷର କରିନାହାନ୍ତି। ଏହି ଯୋଜନାରେ ୧୪,୫୦୦ ସ୍କୁଲ୍‌କୁ ଉନ୍ନୀତ କରାଇବା ଲକ୍ଷ୍ୟ ରଖାଯାଇଥିବାବେଳେ ୧୮ ଲକ୍ଷ ଛାତ୍ରୀଛାତ୍ର ଏଥିରୁ ଉପକୃତ ହେବା ଆଶା କରାଯାଉଛି। ଉକ୍ତ ସ୍କୁଲ୍‌ଗୁଡ଼ିକୁ ଆଦର୍ଶ ଶିକ୍ଷାନୁଷ୍ଠାନରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ସୁଦ୍ଧା ପ୍ରଥମ ପର୍ଯ୍ୟାୟରେ ୨୮ ରାଜ୍ୟ ଓ କେନ୍ଦ୍ରଶାସିତ ☞ପୃଷ୍ଠା-୬


**ଆଜିର ସମ୍ପାଦକୀୟ**
ନ୍ୟାୟାଳୟ ଓ ଗଣତନ୍ତ୍ର ସୁରକ୍ଷା








# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ରାଜ୍ୟସ୍ତରୀୟ ସେମିନାର, ସ୍ଥାନ: ଡ. ରାଧେଲାଲ ହଲ୍, ସିଏଇଟି, ଓୟୁଏଟି, ସମୟ: ପୂର୍ବାହ୍ନ ୧୦ଟା ୩୦।
- କମାଣ୍ଡିଂ ଅଫିସର ଆଇଏନ୍ଏସ୍ ଚିଲିକା ଆଣ୍ଡ ଅଫିସର୍ସ, ସ୍ଥାନ: ସ୍ୱସ୍ତି ପ୍ରିମିୟମ୍, ସମୟ: ପୂର୍ବାହ୍ନ ୧୧ଟା ୩୦।
- କର୍ମଚାରୀ ନେତା ଗଗନ ବିହାରୀ ଭଞ୍ଜଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: କର୍ମଚାରୀ ଭବନ, ୟୁନିଟ୍-୫, ସମୟ: ପୂର୍ବାହ୍ନ ୧୧ଟା ୩୦।
- ବାବାସାହେବ ଭୀମରାଓ ଆମ୍ବେଦକର ବସ୍ ଟର୍ମିନାଲ ଉଦ୍‌ଘାଟନ, ସ୍ଥାନ: ବରମୁଣ୍ଡା, ସମୟ: ଅପରାହ୍ନ ୫ଟା ୪୫।
- ଶ୍ୱେତପଦ୍ମା ସଙ୍ଗୀତାଳୟ କଲ୍‌ଚରାଲ ଟ୍ରଷ୍ଟ ପକ୍ଷରୁ ସଙ୍ଗୀତ ସନ୍ଧ୍ୟା, ସ୍ଥାନ: ଫରେଷ୍ଟ ପାର୍କ, ସମୟ: ସନ୍ଧ୍ୟା ୬ଟା।
- ନାଟ୍ୟଧାରାର ନାଟକ ମୁଚୁକୁନ୍ଦ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## ପୁରୀ
- ତ୍ରିନାଥ ଦେବାୟ ଟ୍ରାଭେଲ କର୍ମଚାରୀ ସଂଘ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ରେଳବାଇ କଲ୍ୟାଣ ମଣ୍ଡପ, ପୁରୀ, ସମୟ: ପୂର୍ବାହ୍ନ ୧୦ଟା।
- ନାରାୟଣ ସାହୁଙ୍କ ନିମନ୍ତେ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଗଣାମଲ୍ଲ ସାହି, ସମୟ: ସନ୍ଧ୍ୟା ୭ଟା।
- ରାମଚରିତ ମାନସ କାର୍ଯ୍ୟକ୍ରମରେ ମହାପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ରାମକଥା, ସ୍ଥାନ: ବାୟାକୁଦା, ଗୋପ, ସମୟ: ରାତି ୮ଟା।

## କଟକ
- କଟକ ଜିଲାରେ ନଦୀ ସଂରକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ଦେବୀଦ୍ୱାର, ବାଙ୍କୀ, ସମୟ: ସକାଳ ୯ ଟା।
- ଜିଲା ପ୍ରଶାସନ ପକ୍ଷରୁ ଆନ୍ତର୍ଜାତିକ ହୁଇଲ ଚେୟାର ଦିବସ ପାଳନ, ସ୍ଥାନ: କଟକ ଶାରଳା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- କଥାକାର କିଶୋରୀଚରଣ ଦାସଙ୍କ ଜନ୍ମ ଶତବାର୍ଷିକ ସମାରୋହ, ସ୍ଥାନ: କଟକ ଶତାବ୍ଦୀ ଭବନ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର
- ସଚେତନତା ରାଲି, ସ୍ଥାନ: କଲେକ୍ଟୋରେଟ୍ କ୍ୟାମ୍ପସ୍‌ରୁ ଗାନ୍ଧି ସ୍ମୃତିଭବନ, ବାଲେଶ୍ୱର ସମୟ: ସକାଳ ୮ଟା ୩୦।
- ଜିଲାସ୍ତରୀୟ ଅନ୍ତର୍ଜାତୀୟ ହୁଇଲ ଚେୟାର ଦିବସ-୨୦୨୪, ସ୍ଥାନ: ଗାନ୍ଧି ସ୍ମୃତି ଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଜଳବାୟୁ ପରିବର୍ତ୍ତନ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: କୃଷିବିଜ୍ଞାନକେନ୍ଦ୍ର, ରାଣିତାଲ, ସମୟ: ପୂର୍ବାହ୍ନ ୧୦ଟା।
- 'ସାଇ ଫେଷ୍ଟ ୨୦୨୪'ର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସତ୍ୟସାଇ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ, ଶ୍ରୀକୋଣା, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ଷ୍ଟାର କ୍ଲବ, ପୋଡ଼ାଡ଼ିହା ଆନୁକୂଲ୍ୟରେ ଆୟୋଜିତ ୧୩ତମ ବାର୍ଷିକ ରୂପସା ମହୋତ୍ସବ ଉଦଘାଟନୀ ଉତ୍ସବ, ସ୍ଥାନ: ପୋଡ଼ାଡ଼ିହା ମହୋତ୍ସବ ପଡ଼ିଆ, ରୂପସା, ସମୟ: ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ
- ଅନ୍ତର୍ଜାତୀୟ ହୁଇଲ ଚେୟାର ଦିବସ, ସ୍ଥାନ: ଲକ୍ଷ୍ମୀପୋଷି ଅନ୍ଧବଧିର ସ୍କୁଲ୍ ପରିସର, ବାରିପଦା, ସମୟ: ସକାଳ ୮ଟା।
- ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଜିଲାସ୍ତରୀୟ ଆଞ୍ଚଳିକ ଯୁବ ସଂସଦୀୟ କାର୍ଯ୍ୟକ୍ରମ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ସକାଳ ୯ଟା୩୦।
- ଭଞ୍ଜସେନାର ବିଶାଳ ଜନ ସମାବେଶ, ସ୍ଥାନ: ରାବଣ ପୋଡ଼ି ପଡ଼ିଆ, ଚିତ୍ରଡ଼ା (ମୋରଡ଼ା ବ୍ଲକ), ସମୟ: ପୂର୍ବାହ୍ନ ୧୧ଟା।
- ବରିଷ୍ଠ ନାଗରିକ ତୀର୍ଥଯାତ୍ରା କାର୍ଯ୍ୟକ୍ରମ, ସ୍ଥାନ: ବାରିପଦା ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।

## ଭଦ୍ରକ
- ସାଇ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଛନ୍ଦାସାହି, ଧାମନଗର, ସମୟ: ସକାଳ ୬ଟା।
- ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା ଶୁଭାରମ୍ଭ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ବାସୁଦେବପୁର, ସମୟ: ସକାଳ ୭ଟା।
- ଶ୍ରୀ ଗଜାନନଙ୍କ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ, ସ୍ଥାନ: କୁଆଁରଚତର, ତିହିଡ଼ି, ସମୟ: ସକାଳ ୯ଟା।
- ପୂର୍ବତନ ବିଧାୟକ ହୃଦାନନ୍ଦ ମଲ୍ଲିକଙ୍କ ୩୪ତମ ଶ୍ରାଦ୍ଧବାର୍ଷିକୀ, ସ୍ଥାନ: ହସିନାବାଦ, ଧାମନଗର, ସମୟ: ପୂର୍ବାହ୍ନ ୧୧ଟା।
- ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଶୁଭାରମ୍ଭ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, ଭଦ୍ରକ, ସମୟ: ଅପରାହ୍ନ ୩ଟା ୩୦।
- ସଚେତନ ନାଗରିକ କମିଟିର ଖବରଦାତା ସମ୍ମିଳନୀ, ସ୍ଥାନ: ମାଛହାଟ ଛକ, ବାସୁଦେବପୁର, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର
- ଶ୍ରୀ ଲକ୍ଷ୍ମୀ ନାରାୟଣ ମନ୍ଦିର ବାର୍ଷିକ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଉଅଁର ପଞ୍ଚାୟତ, ହାଟଡିହୀ, ସମୟ: ପ୍ରାତଃ ୫ଟା।
- ଅନ୍ତର୍ଜାତୀୟ ହୁଇଲ ଚେୟାର ଦିବସ ଅବସରରେ ୱାକଥନ, ସ୍ଥାନ: କେନ୍ଦୁଝର ଷ୍ଟାଡିୟମ, ସମୟ: ସକାଳ ୮ ଟା।
- ବିଜ୍ଞାପିତ ପରିଷଦ ଘୋଷଣା, ସବ୍ ଟ୍ରେଜେରି, ସବ୍ ରେଜିଷ୍ଟ୍ରାର ଓ ବିଚାର ବିଭାଗୀୟ କୋର୍ଟ ଦାବିରେ ବିକ୍ଷୋଭ, ସ୍ଥାନ: ପାଟଣା ବ୍ଲକ ଛକ , ସମୟ: ପୂର୍ବାହ୍ନ ୧୦ ଟା।
- ଚମ୍ପୁଆ ବନ ବିଭାଗ ପକ୍ଷରୁ ଜଙ୍ଗଲ ନିଆଁ ନିରୋଧ ବୈଠକ, ସ୍ଥାନ: ଟାଉନ ହଲ୍, ସମୟ: ପୂର୍ବାହ୍ନ ୧୦ ଟା।
- ଅନ୍ତର୍ଜାତୀୟ ହୁଇଲ୍ ଚେୟାର ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ସଂସ୍କୃତି ଭବନ, କେନ୍ଦୁଝର , ସମୟ: ଅପରାହ୍ନ ୩ ଟା।

## ବ୍ରହ୍ମପୁର
- ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୨୫ତମ ସମାବର୍ତ୍ତନ ଉତ୍ସବ, ସ୍ଥାନ: ବିଜୁ ପଟ୍ଟନାୟକ ଅଡ଼ିଟୋରିୟମ,ସମୟ: ପୂର୍ବାହ୍ନ ୧୦ଟା।

## ଗଞ୍ଜାମ
- ନାମଯଜ୍ଞ, ଅନ୍ନଯଜ୍ଞ ଶୁଭାରମ୍ଭ, ସ୍ଥାନ: ଫାସିଡ଼ି, ଖଲ୍ଲିକୋଟ, ସମୟ: ସକାଳ ୬ଟା।
- କ୍ରିକେଟ ମ୍ୟାଚ, ସ୍ଥାନ: ଭଞ୍ଜନଗର ବ୍ଲକ ମଳାସପଦର ଶିଳ୍ପାଞ୍ଚଳ ପଡ଼ିଆ, ସମୟ: ସକାଳ ୯ ଟା।
- ନାଗରିକ ମଞ୍ଚର ବିକ୍ଷୋଭ, ସ୍ଥାନ: ଭଞ୍ଜନଗର ଉପଜିଲାପାଳ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୧ ଟା୩୦।
- ଶୋକସଭା, ସ୍ଥାନ: ଭଞ୍ଜନଗର ବାର ଆସୋସିଏଶନ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୨ ଟା।
- ବିଭିନ୍ନ ଦାବିନେଇ ଆଦିବାସୀ ଭାରତ ମହାସଭା ପକ୍ଷରୁ ଦିବାରାତ୍ର ଗଣଧାରଣା, ସ୍ଥାନ:ଭଞ୍ଜନଗର ଉପ- ଜିଲାପାଳ କାର୍ଯ୍ୟାଳୟ।

## କନ୍ଧମାଳ
- ଅନ୍ତର୍ଜାତୀୟ ହୁଇଲ ଚେୟାର ଦିବସ ପାଳନ, ସ୍ଥାନ:ଗାନ୍ଧି ସ୍ମୃତି ଭବନ, ଫୁଲବାଣୀ, ସମୟ: ସକାଳ୮ଟାରୁ ଆରମ୍ଭ।
- ବାଲୁଙ୍କେଶ୍ୱର ମନ୍ଦିରର ରତ୍ନ ମୁଦ, ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଖଜୁରିପଡ଼ା ବ୍ଲକ ବଲସକୁମ୍ପା ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।
- ବିଜୁ ଜନତା ଦଳର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ, ସ୍ଥାନ:ଜି.ଉଦୟଗିରି ଏନ୍ଏସି ୧୧ନଂ ୱାର୍ଡର ହାତିବାଲି ଓ ଜଡାଙ୍ଗବାଲି ସାହି, ସମୟ: ଅପରାହ୍ନ ୩ଟା।

## ରାୟଗଡ଼ା
- ଅନ୍ତର୍ଜାତୀୟ ହୁଇଲ୍ ଚେୟାର ଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ରାୟଗଡ଼ା ବିଜୁ ପଟ୍ଟନାୟକ ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ଅନ୍ତର୍ଜାତୀୟ ହୁଇଲ୍ ଚେୟାର ଦିବସ ପାଳନ, ସ୍ଥାନ: ଆରଟିଓ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ସୁନାବେଡ଼ା ପୌର ପରିଷଦର ନୂତନ ସଭାଗୃହ ଏବଂ ମିଶନ ଶକ୍ତି ଭବନ ଉଦ୍‌ଘାଟନ,ସ୍ଥାନ: ପୌର ପରିଷଦ ପରିସର, ସମୟ: ପୂର୍ବାହ୍ନ୧୧ଟା।

## ନବରଙ୍ଗପୁର
- ଜାତୀୟ ହୁଇଲ୍ ଚେୟାର ଦିବସ ଉପଲକ୍ଷେ ଶୋଭାଯାତ୍ରା, ସ୍ଥାନ: ନବରଙ୍ଗପୁର ଟ୍ରାଫିକ ଛକରୁ ଆରସିଡି ହାଇସ୍କୁଲ, ସମୟ: ସକାଳ ୯ଟା।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ପୋଲିସ୍‌ର ଜନ ସମ୍ପର୍କ ଶିବିର, ସ୍ଥାନ ଉମରକୋଟ ବ୍ଲକ ଅର୍ଜୁନ ପାଣି ଗାଁ, ସମୟ: ପୂର୍ବାହ୍ନ: ୧୦ଟା।

## ସମ୍ବଲପୁର
- ଚବିଶପ୍ରହର ନାମଯଜ୍ଞ, ସ୍ଥାନ: କେନଘାଟିସ୍ଥିତ ଶ୍ରୀରାମ ବାଟିକା, ସମୟ: ସକାଳ ୮ଟା।
- ଜାତୀୟ ଦକ୍ଷତା ବିକାଶ ନିଗମ ପକ୍ଷରୁ ପ୍ରୋଜେକ୍ଟ ଓଡିସର୍ଭ, ସ୍ଥାନ: ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ୧୦୦ କ୍ୟୁବ୍ ଷ୍ଟାର୍ଟଅପ କନ୍‌କ୍ଲେଭ, ସ୍ଥାନ: ଆଇଆଇଏମ୍ ସମ୍ବଲପୁର ସଭାକକ୍ଷ, ସମୟ: ଅପରାହ୍ନ ୨ଟା ୩୦।
- ମୌର୍ଯ୍ୟ ଏକ୍ସପ୍ରେସ ଟ୍ରେନର ସମ୍ପ୍ରସାରଣ କାର୍ଯ୍ୟକ୍ରମ, ସ୍ଥାନ: ସମ୍ବଲପୁର ରେଳଷ୍ଟେଶନ, ସମୟ: ଅପରାହ୍ନ ୪ଟା ୩୦।
- କଳାକଳ୍ପନା ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ: ଓଡ଼ିଶା ଲଳିତକଳା ଏକାଡେମୀର ଆଞ୍ଚଳିକ ଆର୍ଟ ଗ୍ୟାଲେରି, ସମୟ: ଅପରାହ୍ନ ୫ଟା।
- ସମ୍ବଲପୁରୀ ଧନୁଯାତ୍ରାର ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସନ୍ଧ୍ୟା ୬ଟା।

## ବଲାଙ୍ଗୀର
- ଅନ୍ତର୍ଜାତୀୟ ହ୍ୱିଲ-ଚେୟାର ଦିବସ ପାଳନ, ସ୍ଥାନ: ସ୍ୱାମୀ ବିବେକାନନ୍ଦ ନିରତାର ସେଣ୍ଟର ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ମହିଳା ଚାଷୀଙ୍କ ସମାବେଶ, ସ୍ଥାନ: ଲୋଇସିଂହା ବ୍ଲକ ପିପିଲି, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡିର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ, ସ୍ଥାନ: ଟିଟିଲାଗଡ଼ ପୌରାଞ୍ଚଳ ୧୨ନଂ ୱାର୍ଡ, ସମୟ: ଅପରାହ୍ନ ୪ଟା।
- ବିଜେଡିର ବିଶାଳ କର୍ମୀ ସମାବେଶ, ସ୍ଥାନ: ବଲାଙ୍ଗୀର ଜିଲା ସିନ୍ଧେକେଲା, ସମୟ: ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର
- ନବ ଦିନ ବ୍ୟାପୀ ମନ୍ଦିର ପ୍ରତିଷ୍ଠା ଉତ୍ସବର ଶୁଭାରମ୍ଭ, ସ୍ଥାନ: ଡୁଙ୍ଗୁରିପାଲି-ରାମପୁର ରାସ୍ତାର ରାଧାକୃଷ୍ଣ ମୀନାବଜାର ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ଅରୁନ୍ଧତୀ ସମନ୍ୱିତ ବାନ୍ଧକଳା ୟୁନିଟ୍‌ର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ, ସ୍ଥାନ: ସୋନପୁର ନୂତନ ଟାଉନ ହଲ, ସମୟ: ଅପରାହ୍ନ ୩ଟା ୩୦।

## ବରଗଡ଼
- ଟିନିକଲ କର୍ମଚାରୀଙ୍କ ଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ବୁଢ଼ାରଜା ମନ୍ଦିର ନବୀକରଣ ପ୍ରତିଷ୍ଠାରେ ମହିଳା ସଂକୀର୍ତ୍ତନ, ସ୍ଥାନ: ପପଙ୍ଗା, ଭେଡ଼େନ, ସମୟ: ମଧ୍ୟାହ୍ନ ୧୨ଟା।
- ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ, ସ୍ଥାନ: ଛିନ୍ଦେଇକେଲା, ପାଇକମାଳ, ସମୟ: ଅପରାହ୍ନ ୩ଟା।
- ଆନନ୍ଦ ଉଦ୍ୟାନ ସ୍ମାର୍ଟ ପାର୍କର ଉଦ୍‌ଘାଟନୀ ସମାରୋହ, ସ୍ଥାନ: ବରଗଡ଼ ପଞ୍ଚାୟତ କଲେଜ ସମ୍ମୁଖ, ସମୟ: ଅପରାହ୍ନ ୪ଟା।

## ସୁନ୍ଦରଗଡ଼
- ଅନ୍ତର୍ଜାର୍ତୀୟ ହୁଇଲ ଚେୟାର ଦିବସ ପାଳନ ସମାରୋହ,ସ୍ଥାନ: ବନ୍ଧପାଲି ସାର୍ଥକ ସ୍କୁଲ,ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା
- ବାଲାଜୀ ମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ଛେଣ୍ଡ, ସମୟ: ସକାଳ ୬ଟା।
- ସୁବର୍ଣ୍ଣରେଖା ପରିସରରେ ଚକ୍ଷୁ ପରୀକ୍ଷଣ ଶିବିର, ସ୍ଥାନ: ବାସନ୍ତୀ କଲୋନୀ, ସମୟ: ସକାଳ ୮ଟା।
- ସଂସ୍କୃତ କଲେଜରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କୃତ କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ଆଚାର୍ଯ୍ୟ ହରିହର ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ପ୍ଲାଣ୍ଟସାଇଡ, ସମୟ: ପୂର୍ବାହ୍ନ ୧୦ଟା।
- ନିଖିଳ ଖଣ୍ଡାୟତ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୩, ସମୟ: ପୂର୍ବାହ୍ନ ୧୦ଟା।
- ଯୁବ କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ରେଳଷ୍ଟେଶନ, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରଶାନ୍ତ ସିଂ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନୀ ମ୍ୟାଚ୍, ସ୍ଥାନ: ସେକ୍ଟର-୨୦ ଖେଳ ପଡ଼ିଆ, ସମୟ: ଅପରାହ୍ନ ୩ଟା।

## ଦେବଗଡ଼
- ଜିଲା ସ୍ତରୀୟ ନିଯୁକ୍ତି ମେଳା,ସ୍ଥାନ: ଆଇଜି ଇନଡୋର ଷ୍ଟାଡିୟମ୍,ସମୟ: ପୂର୍ବାହ୍ନ ୧୧ଟା।
- ରାଜ୍ୟ ସ୍ତରୀୟ ବଜରଙ୍ଗ କ୍ରିକେଟ କପ୍ ସପ୍ତମ ଦିବସ,ସ୍ଥାନ: ମହୁଲିଡିପା ସାହି,ନାଳ ପଡିଆ: ସମୟ: ପୂର୍ବାହ୍ନ ୧୧ଟା।
- ଦୁଗ୍ଧ ଶୀତଳୀକରଣ ସେଣ୍ଟର ଉଦ୍‌ଘାଟନ ଉତ୍ସବ, ସ୍ଥାନ: ବାରକୋଟ କଲାଗ୍ରାମ,ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ହୁଇଲ ଚେୟାର ଦିବସ ଉପଲକ୍ଷେ ସଚେତନତା ବୈଠକ,ସ୍ଥାନ: ଟାଉନ ହଲ୍, ଦେବଗଡ଼, ସମୟ: ଅପରାହ୍ନ ୧୨ଟା।

## କଳାହାଣ୍ଡି
- ଜିଲାସ୍ତରୀୟ ଅନ୍ତର୍ଜାତୀୟ ହୁଇଲ ଚେୟାର ଦିବସ ପାଳନ, ସ୍ଥାନ: ଭବାନୀପାଟଣା ବିଜୁ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ୩ ଦଫା ଦାବି ନେଇ ପ୍ରାଥମିକ କୃଷି ସମବାୟ ସମିତି କର୍ମକର୍ତ୍ତାଙ୍କ ଆନ୍ଦୋଳନ, ସ୍ଥାନ: ଭବାନୀପାଟଣା ଜିଲା ଉପନିବନ୍ଧକଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ବୌଦ୍ଧ ଜିଲାରେ ଗ୍ରୀଷ୍ମ ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ବୌଦ୍ଧରେ ହ୍ୱିଲ ଚେୟାର ଦିବସ, ସ୍ଥାନ: ଟାଉନହଲ ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ
- ସାଇ ଶ୍ରୀକ୍ଷେତ୍ରର ପ୍ରତିଷ୍ଠା ଓ ବାର୍ଷିକ ଉତ୍ସବ, ସ୍ଥାନ: ଢେଙ୍କାନାଳ ଶାମାଚରଣପୁର, ସମୟ: ସକାଳ ୭ଟା।
- ବିମଳ ମିଶ୍ର ଲେନ୍ ନାମକରଣ ଓ ପ୍ରତିମୂର୍ତ୍ତି ଅନାବରଣ,ସ୍ଥାନ: ଅମଲାପଡାସ୍ଥିତ ରେଭିନ୍ୟୁ ଡାକ ବଙ୍ଗଳା ନିକଟ, ସମୟ: ପୂର୍ବାହ୍ନ ୧୧ଟା।
- ସିନ୍‌ଫେଷ୍ଟ-୨୦୨୪ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ସିନର୍ଜୀ ଇଞ୍ଜିନିୟରିଂ କଲେଜ ପରିସର, ସମୟ: ସନ୍ଧ୍ୟା ୬ଟା।

## ଅନୁଗୋଳ
- ଅନ୍ତର୍ଜାତୀୟ ହୁଇଲ୍ ଚେୟାର ଦିବସ ପାଳନ, ସ୍ଥାନ: ଗ୍ରୀନ ଗ୍ରାସ ଲ୍ୟାଣ୍ଡ ଷ୍ଟାଡିୟମ ତାଳଚେର, ସମୟ: ସକାଳ ୮ଟା।
- ଅନ୍ତର୍ଜାତୀୟ ହୁଇଲ୍ ଚେୟାର ଦିବସ, ସ୍ଥାନ: ଅନୁଗୋଳ ଖଲାରୀ ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୯ଟା।
- ଗ୍ରୀଷ୍ମପ୍ରବାହ ପ୍ରସ୍ତୁତି ବୈଠକ, ସ୍ଥାନ: ଅନୁଗୋଳ ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଅଷ୍ଟପ୍ରହର ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: କଣିହାଁ ବ୍ଲକ ଧୋବାପାଳ ଗ୍ରାମ, ସମୟ: ଅପରାହ୍ନ ୪ଟା।

## ଜଗତ୍‌ସିଂହପୁର
- ଅନ୍ତର୍ଜାତୀୟ ହ୍ୱିଲ୍ ଚେୟାର ଦିବସ, ସ୍ଥାନ: ଜଗତ୍‌ସିଂହପୁର ଓଡିଆରସି ଆଶ୍ରା କ୍ୟାମ୍ପସ, ନୂଆପୋଲ, ସମୟ: ସକାଳ ୯ଟା।
- କୃଷକ ସଙ୍କଳ୍ପ ସମାବେଶ, ସ୍ଥାନ: ଜଗତ୍‌ସିଂହପୁର ଥାନା ଛକ ପରିବା ମାର୍କେଟ ପାଖ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଆମ ବ୍ୟାଙ୍କ ସେବା ଉଦ୍‌ଘାଟନ, ସ୍ଥାନ: ରଘୁନାଥପୁର ବ୍ଲକ, ଏରଡଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।
- ବୁଢ଼ୀ ଜାଗୁଳାଇ ନୂତନ ବିଗ୍ରହ ପ୍ରତିଷ୍ଠାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଏରସମା ଗ୍ରାମ, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼
- ବ୍ଲକ ଓ ଏନ୍ଏସିସ୍ତରୀୟ ଅନ୍ତର୍ଜାତୀୟ ହୁଇଲ ଚେୟାର ଦିବସ-୨୪, ସ୍ଥାନ: କଲ୍ୟାଣ ମଣ୍ଡପ, ରାମ ସାଗର ପାର୍କ,ଓଡ଼ଗାଁ ବ୍ଲକ ଓ ଏନଏସି, ସମୟ: ପୂର୍ବାହ୍ନ ୧୦ଟା ।
- ଭିନ୍ନକ୍ଷମଙ୍କୁ ହୁଇଲ ଚେୟାର ବଣ୍ଟନ, ସ୍ଥାନ:ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା୩୦।
- ମାଘ ଏକାଦଶୀ ମେଳାର ଅଷ୍ଟମ ଦିବସ, ସ୍ଥାନ : ଖଣ୍ଡପଡ଼ା ବ୍ଲକ କଣ୍ଠିଲୋ ପଲଟନ ପଡିଆ, ସମୟ: ପୂର୍ବାହ୍ନ ୧୦ଟା ।
- ଅନ୍ତର୍ଜାତୀୟ ହୁଇଲ ଚେୟାର ଦିବସ ପାଳନ, ସ୍ଥାନ: ନୂଆଗାଁ ବ୍ଲକ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୧ଟା ।
- ୪ର୍ଥ ରାଜ୍ୟସ୍ତରୀୟ ନାଟ୍ୟମେଳାର ଉଦ୍‌ଘାଟନ ଉତ୍ସବରେ ମଞ୍ଚସ୍ଥ ହେବ ନାଟକ 'ଅରୂପା ରୂପା', ସ୍ଥାନ: ପଠାଣୀ ସାମନ୍ତ ଅଡିଟୋରିୟମ,ନୟାଗଡ, ସମୟ: ସନ୍ଧ୍ୟା ୭ଟା ।

## କେନ୍ଦ୍ରାପଡ଼ା
- ହ୍ୱିଲ ଚେୟାର ବାସ୍କେଟ ବଲ ମ୍ୟାଚ, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଖେଳ ପଡ଼ିଆ, ସମୟ: ସକାଳ ୮ଟା।
- ଅର୍ନ୍ତଜାତୀୟ ହ୍ୱିଲ ଚେୟାର ଦିବସ ଉପଲକ୍ଷେ ସଚେତନତା ରାଲି, ସ୍ଥାନ: ଟାଉନହଲ, କେନ୍ଦ୍ରାପଡ଼ା ପୌର କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ପୁର୍ନବାସ ପକ୍ଷରୁ ଭିନ୍ନକ୍ଷମ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ମାଧପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ଅର୍ନ୍ତଜାତୀୟ ହ୍ୱିଲ ଚେୟାର ଦିବସ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଟାଉନ ହଲ, କେନ୍ଦ୍ରାପଡ଼ା, ସମୟ: ମଧାହ୍ନ ୧୨ଟା।
- କାୟାକଳ୍ପ ଟିମର ପରିଦର୍ଶନ, ସ୍ଥାନ: ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ଅପରାହ୍ନ ୨ଟା।
- ପାଇକା ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ପୋଡାରି, ମାର୍ଶାଘାଇ, ସମୟ: ଅପରାହ୍ନ ୫ଟା।

## ଯାଜପୁର
- ମା'ତାରିଣୀଙ୍କ ୨ ଦିନିଆ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଯାଜପୁରରୋଡ ସ୍ଥିତ ଧବଳଗିରି, ସମୟ: ସକାଳ ୭ଟା।
- ଓଏମ୍‌ସି ପକ୍ଷରୁ ୟୁଥ ସ୍ପୋର୍ଟସ୍ ଫେଷ୍ଟିଭାଲ, ସ୍ଥାନ : କାଳିଆପାଣି ଓଏମ୍‌ସି ପଡ଼ିଆ, ସମୟ : ସକାଳ ୭ଟା।
- ଲକ୍ଷ୍ମୀ ବସ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ : ଦାନଗଦି ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ଧର୍ମଶାଳା ପ୍ରେସ୍ କ୍ଲବର ବାର୍ଷିକ ଉତ୍ସବ, ସ୍ଥାନ: ଜାରକା କଳ୍ପତରୁ ଦାସ ଷ୍ଟାଡିୟମ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଶ୍ରୀ ଧୂଳିଆବାବାଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: କୋରେଇ ବ୍ଲକ୍ ଅନ୍ତର୍ଗତ ଜଗତିଳ, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ହୁଇଲ ଚେୟାର ଦିବସ ପାଳନ, ସ୍ଥାନ : କୁସୁମା ପଡିଆ,ସମୟ : ପୂର୍ବାହ୍ନ ୧୦ଟା।
- ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ, ସ୍ଥାନ : ଦାନଗଦି ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା୩୦।
- ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ଆଗ୍ରା-ମଥୁରା ଟ୍ରିପ୍‌ର ଶୁଭାରମ୍ଭ, ସ୍ଥାନ : ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସର, ଯାଜପୁର, ସମୟ : ଅପରାହ୍ନ ୨ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଚନ୍ଦ୍ର କେନ୍ଦ୍ରସ୍ଥ ଯୋଗୁ ଆନୁଷ୍ଠାନିକ କାମରେ ସଫଳତା ପାଇବାରେ କୌଣସି ଅସୁବିଧା ହେବ ନାହିଁ। ଘରୋଇ କାମ ହାସଲ କ୍ଷେତ୍ରରେ ଜଣେ ପୁରୁଣା ବନ୍ଧୁ ସାହାଯ୍ୟ କରିବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ସାଧାରଣ ବାଧାପ୍ରାପ୍ତ ହୋଇପାରେ। ପାରିବାରିକ ଜୀବନରେ ବୁଝାମଣା ପ୍ରାୟତଃ ଭଲ ରହିବ।

**ବୃଷ** ଶୁକ୍ର ଓ ମଙ୍ଗଳ ଭାଗ୍ୟସ୍ଥାନରେ ଥିବା ଯୋଗୁ ଅନ୍ୟମାନଙ୍କୁ ମନେଇ ନିଜ ଆଡ଼କୁ ଆକର୍ଷିତ କରି କାମ ହାସଲ କରି ପାରିବେ। ନିକଟ ଅତୀତରେ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ। କଳା, ସାହିତ୍ୟ, ସଙ୍ଗୀତାଦି ମନୋରଞ୍ଜନ କାର୍ଯ୍ୟରେ ସଫଳତା ପାଇବେ। ବକେୟା ଅର୍ଥ ଆଦାୟ ସକାଶେ ଅନ୍ୟର ସାହାଯ୍ୟ ନେବାର

**ମିଥୁନ** ଆଜିର ଗ୍ରହସ୍ଥିତି ପ୍ରଭାବରୁ ମାନସିକ ଅସ୍ଥିରତାଜନିତ କଳହ ଲାଗିପାରେ। ବନ୍ଧୁଙ୍କ ସାହାଯ୍ୟରୁ ଆର୍ଥିକ ଅନଟନ କେତେକାଂଶରେ ସୁଧୁରି ଯିବ। ଭ୍ରମଣ ରାଜନୀତି, ପ୍ରଶାସନ, ସଭାସମିତି, ଲେଖାପଢ଼ା, ଯାତ୍ରା ପାଇଁ ଦିନଟି ବହୁତ ଭଲ। କର୍ମକ୍ଷେତ୍ରରେ ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହେବେ।

**କର୍କଟ** ପରିବାରସ୍ଥାନରେ ଚନ୍ଦ୍ର ଥିବାରୁ ଯାହା ଓ ଯେମିତି ଭାବୁଛନ୍ତି ଆଜି ତାହା ହିଁ ସମ୍ପନ୍ନ ହେବାରେ ଅସୁବିଧା ହେବନାହିଁ। କର୍ମକ୍ଷେତ୍ରରେ ସାଧାରଣ କଥାରୁ ମନାନ୍ତର ଘଟିପାରେ। ବନ୍ଧୁଙ୍କ ନିକଟରୁ କିଛି ପାଇବାର ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। କର୍ମଜୀଵାଳ ବୃଦ୍ଧି ସାଙ୍ଗକୁ ବିଭିନ୍ନ ଦୂରାନ୍ତରକୁ ଯାତ୍ରା କାର୍ଯ୍ୟକ୍ରମ ନେଇ ଚିନ୍ତିତ ରହିପାରନ୍ତି।

**ସିଂହ** କେତୁଙ୍କ କୁପ୍ରଭାବରୁ ପୂର୍ବରାଗକୁ କେନ୍ଦ୍ରକରି ନିଜର ଆତ୍ମୀୟ ଓ ପଡ଼ୋଶୀଙ୍କ ସହ ସମ୍ପର୍କ ଭଲ ରହିବ ନାହିଁ। ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କ ଦ୍ୱାରସ୍ଥ ହେବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନାରମ୍ଭ କିମ୍ବା ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ। ମନୋବଳ ବୃଦ୍ଧି ପାଇବା ପଛରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷ ସାହାଯ୍ୟ ରହିବ।

**କନ୍ୟା** କର୍ମାଧିପ ଷଷ୍ଠସ୍ଥ ହେତୁ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିବା ସାଙ୍ଗକୁ ମନ ମାନ୍ଦା ରହିବ। ପ୍ରତିବେଶୀଙ୍କ ସହ ସୁସମ୍ପର୍କ ରଖିପାରିଲେ ସାହାଯ୍ୟ ସହଯୋଗ ମିଳିପାରେ। ବନ୍ଧୁଙ୍କ ସ୍ୱାସ୍ଥ୍ୟହାନି କାରଣରୁ ଡାକ୍ତରଙ୍କ ପରାମର୍ଶ ପାଇଁ ଦୌଡିବାକୁ ପଡିପାରେ। ଯାତ୍ରା, ବାଣିଜ୍ୟ, ବନ୍ଧୁ ସମ୍ପର୍କ ଓ ଆନୁଷ୍ଠାନିକ କାମରେ ଅସୁବିଧା ହେବନାହିଁ।

**ତୁଳା** ଷଷ୍ଠାଧିପ ବୃହସ୍ପତିଙ୍କ ଦୃଷ୍ଟିଜନିତ ଆଲୋଚନାରେ ସହକର୍ମୀ କିମ୍ବା ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। କାର୍ଯ୍ୟହାସଲ ସକାଶେ ବିଶେଷ ଅର୍ଥ ବ୍ୟୟ କରି ଦୁଃଖିତ ହେବେ। ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ଲେଖାପଢ଼ା, ନିର୍ମାଣ, ଗବେଷଣା, ଆଇନ ଅଦାଲତ କ୍ଷେତ୍ରରେ ଶୁଭଫଳ ପାଇବେ। ବ୍ୟବସାୟ, ପରିବହନରେ ଉନ୍ନତି ପରିଲକ୍ଷିତ ହେବ।

**ବିଛା** ତୃତୀୟସ୍ଥ ଲଗ୍ନେଶ ହେତୁ ବନ୍ଧୁମାନଙ୍କର ଆଶାନୁରୂପ ସାହାଯ୍ୟ ପାଇପାରିବେ ନାହିଁ। ଆର୍ଥିକ ସ୍ଥିତି ପ୍ରାୟତଃ ଭଲ ରହିବ ଓ ସେହି ଦିଗରୁ ପ୍ରାୟତଃ ସମସ୍ୟା ରହିବ ନାହିଁ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସକାଳୁ ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଅଲୋଚନାରୁ ମନ ଖୁସି ହୋଇଯିବ।

**ଧନୁ** ତୃତୀୟାଧିପ ଶନି ଚତୁର୍ଥସ୍ଥ ଯୋଗୁ ସାମୟିକ ବ୍ୟତିକ୍ରମ ମଧ୍ୟରେ ଜୀବନଚର୍ଯ୍ୟା ମନ୍ଦ ହେବନି। ଅଫିସରୁ ଫେରିବା ରାସ୍ତାରେ ଜଣେ ବନ୍ଧୁଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିବେ। ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲାଭଳି କାମ କରିବା ଠିକ୍ ହେବ ନାହିଁ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଝଗଡ଼ା ଲାଗିପାରେ।

**ମକର** କର୍ମାଧିପ ଦୃଷ୍ଟ ସପ୍ତମସ୍ଥାନ କାରଣରୁ ଅପରିଚିତ ବ୍ୟକ୍ତି ଦ୍ୱାରା ସ୍ଥଗିତ ରହି ଯାଇଥିବା କାମଟି ସମ୍ପୂର୍ଣ୍ଣ କରିବେ। ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହେବ। ଭାବୁଥିବା କାମଟି ଲାଗି କିଛି ସହଯୋଗ ସକାଶେ ବନ୍ଧୁଙ୍କ ଆଗରେ ପ୍ରକାଶ କରିପାରିବେ ନାହିଁ। ଆକସ୍ମିକ ଭାବରେ ପଡ଼ୋଶୀଙ୍କ ସହ ଭ୍ରମଣ ସୁଯୋଗ ଲାଭ କରିବେ।

**କୁମ୍ଭ** ରାହୁଙ୍କ ପ୍ରଭାବରେ ବନ୍ଧୁ, ସହକର୍ମୀ, ପଡ଼ୋଶୀଙ୍କ ପାଇଁ ତ୍ୟାଗ ସ୍ୱୀକାର କଲେ ମଧ ସେମାନଙ୍କ ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଖର୍ଚ୍ଚ ବୃଦ୍ଧି କାରଣରୁ ସାମାନ୍ୟ ଚିନ୍ତା କରିପାରନ୍ତି। ପାରିବାରିକ, ବ୍ୟବସାୟିକ, ସାମାଜିକ, ନୂତନ ପ୍ରକଳ୍ପକୁ କାର୍ଯ୍ୟକାରୀ କରାଇନେବେ। ଆନୁଷ୍ଠାନିକ କାର୍ଯ୍ୟରେ ସମ୍ମାନ ଲାଭ କରିପାରନ୍ତି।

**ମୀନ** ମୁଖଭାବସ୍ଥ ଗୁରୁଙ୍କ ଯୋଗୁ ଆନୁଷଙ୍ଗିକ ସମସ୍ତ ସାହାଯ୍ୟ ଲାଭ କରି ସହଜ ଓ ସୁବିଧାରେ କାମ ହାସଲ କରିବେ। ବନ୍ଧୁଙ୍କ ସହାୟତାରେ ପାରିବାରିକ ଅଶାନ୍ତିର ସମାପ୍ତି ଘଟାଇବା କଷ୍ଟକର ହେବ। ଭାଇଙ୍କ ସ୍ୱାସ୍ଥ୍ୟ ଓ ସମ୍ପର୍କୀୟଙ୍କ ଅନୁଚିତ ଚିନ୍ତାଧାରା ମନକୁ ବ୍ୟଥିତ କରିବ। ବାଣିଜ୍ୟ, ପରିବହନ, ସାହିତ୍ୟ, ସଙ୍ଗୀତାଦି କାର୍ଯ୍ୟକ୍ରମ ମାନ୍ଦା ହେବ ନାହିଁ।

ଆଜି ଫାଲଗୁନ କୃଷ୍ଣ ଷଷ୍ଠୀ ଶୁକ୍ରବାର, ମାର୍ଚ୍ଚ ୧ ତାରିଖ, ରାଶିନକ୍ଷତ୍ର-ସ୍ୱାତୀ/ତୁଳା। ଦିବା ଘ.୧୨।୪୭ମି. ଗତେ ବିଶାଖା, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ନାମକରଣ, ବିବାହ ପାଣିଗ୍ରହଣ, ବ୍ରତୋପନୟନ, ବିଦ୍ୟାରମ୍ଭ, ଗୃହାରମ୍ଭ ଓ ଗୃହ ପ୍ରବେଶ ପାଇଁ ଶୁଭଦିନ। ଦିବା ଘ.୦୬।୦୯ ମି. ଗତେ ଘ. ୦୬।୫୬ମି. ମଧ୍ୟେ, ଘ. ୦୭।୪୨ମି.ଗତେ ଘ.୦୯।୦୪ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୩୧ମି. ଗତେ ଘ.୧୧।୫୯ମି. ମଧ୍ୟେ ରାହୁ କାଳ।

# ୨୦୦୦ ପଞ୍ଚାୟତରେ 'ଆମ ବ୍ୟାଙ୍କ'ର ଶୁଭାରମ୍ଭ

■ ୫-ଟି ଉପକ୍ରମରେ ଖୋଲାଯାଉଥିବା 'ଆମ ବ୍ୟାଙ୍କ' ସଂଖ୍ୟା ୨,୭୫୦କୁ ବୃଦ୍ଧି
■ ଜାତୀୟ ସ୍ତରରେ ଉଦାହରଣ ହୋଇଛି 'ଆମ ବ୍ୟାଙ୍କ'
■ କେହି ଜଣେ ହିତାଧିକାରୀ ସରକାରୀ ସହାୟତା ପାଇବାରେ ହଇରାଣ ନ ହୁଅନ୍ତୁ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୯।୨(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟରେ ୨୮୮ ବ୍ଲକର ୨୦୦୦ ଗ୍ରାମ ପଞ୍ଚାୟତରେ 'ଆମ ବ୍ୟାଙ୍କ'ର ଶୁଭାରମ୍ଭ କରିଛନ୍ତି। ଓଡ଼ିଶାର ୬୭୯୮ଟି ଗ୍ରାମ ପଞ୍ଚାୟତ ମଧ୍ୟରୁ ୪୩୭୩ ପଞ୍ଚାୟତରେ ବ୍ୟାଙ୍କ ଶାଖା ନ ଥିଲା। ୨୦୨୩ ନଭେମ୍ବରରେ ପ୍ରଥମ ପର୍ଯ୍ୟାୟରେ ୭୫୦ 'ଆମ ବ୍ୟାଙ୍କ' ଖୋଲିଥିଲା। ପର୍ଯ୍ୟାୟ କ୍ରମେ ରାଜ୍ୟର ଅବଶିଷ୍ଟ ସମସ୍ତ ପଞ୍ଚାୟତରେ 'ଆମ ବ୍ୟାଙ୍କ' ସୁବିଧା ମିଳିବ। ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବ୍ୟାଙ୍କ ଜନସେବାର ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରରେ ପରିଣତ ହୋଇଛି। ସମସ୍ତ ସରକାରୀ ସୁବିଧା ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ଜମା ହେଉଛି। ସେଥିପାଇଁ ମୋ ରାଜ୍ୟର ସବୁ ହିତାଧିକାରୀ ସୁବିଧାରେ ଓ ଠିକ୍ ସମୟରେ ତାଙ୍କ ପ୍ରାପ୍ୟ ପାଆନ୍ତୁ। କେହି ଜଣେ ବି ହିତାଧିକାରୀ ସରକାରୀ ସହାୟତା ପାଇବାରେ ଯେପରି ହଇରାଣ ନ ହେବେ ତାକୁ ଦୃଷ୍ଟିରେ ରଖି ଏହି ବ୍ୟାଙ୍କଗୁଡ଼ିକ ଖୋଲାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। 'ଆମ ବ୍ୟାଙ୍କ' ରାଜ୍ୟ ସରକାରଙ୍କ ଏକ ଅଭିନବ ପଦକ୍ଷେପ। ସାରା ଦେଶରେ ଏକ ମଡେଲ। ବ୍ୟାଙ୍କଗୁଡ଼ିକ ହିତାଧିକାରୀଙ୍କୁ ୧୫ ପ୍ରକାର ସେବା ଯୋଗାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଗାଁଗୁଡ଼ିକରେ ଡିଜିଟାଲ ଭିତ୍ତିଭୂମିକୁ ମଜଭୁତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଆର୍ଥିକ ଅନ୍ତର୍ଭୁକ୍ତୀକରଣ ସମସ୍ତଙ୍କ ଏକ ମୌଳିକ ଅଧିକାର। ମଧୁବାବୁ ପେନ୍‌ସନ ଯୋଜନା, ମମତା ଯୋଜନା, ବୁଣାକାର ଓ କଳାକାରମାନଙ୍କ ପେନ୍‌ସନ ଓ ସହାୟତା ନିକଟରେ ବୃଦ୍ଧି କରାଯାଇଛି। ଏମାନଙ୍କ ସହିତ ମିଶନ ଶକ୍ତି ମା'ମାନେ ମଧ ଏହି ବ୍ୟାଙ୍କ ଜରିଆରେ ସୁବିଧା ପାଇବେ। 'ଆମ ବ୍ୟାଙ୍କ' ବରିଷ୍ଠ ନାଗରିକ, ଗର୍ଭବତୀ ମହିଳା ଓ ଶାରୀରିକ ଅକ୍ଷମମାନଙ୍କୁ ସେମାନଙ୍କ ଘର ପାଖରେ ସେବା ଯୋଗାଇଦେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ଯୋଗଦେଇ ଅର୍ଥମନ୍ତ୍ରୀ ବିକ୍ରମ



କେଶରୀ ଆରୁଖ କହିଛନ୍ତି ଯେ ୨୦୦୦ରେ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଓଡ଼ିଶାର ସମସ୍ତ କ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ଆସିଛି। ପୂର୍ବରୁ ରାଜ୍ୟରେ ବ୍ୟାଙ୍କ ସଂଖ୍ୟା ଅତ୍ୟନ୍ତ ନୈରାଶ୍ୟଜନକ ଥିଲା। ରାଜ୍ୟର ସମସ୍ତ ଅଞ୍ଚଳର ନାଗରିକମାନଙ୍କୁ ଏହି ମୌଳିକ ସେବା ଉପଲବ୍ଧ କରାଇବା ପାଇଁ ମୁଖ୍ୟମନ୍ତ୍ରୀ 'ଆମ ବ୍ୟାଙ୍କ' ଯୋଜନା ପରିକଳ୍ପନା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଉନ୍ନୟନ କମିଶନର ଅନୁ ଗର୍ଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ମନୋଜ ମିଶ୍ର, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ସିଜିଏମ୍ ଉପସ୍ଥିତ ଥିଲେ। ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ ଦେବ ସ୍ୱାଗତ ଭାଷଣ ଦେଇଥିଲେ।

# ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୨୯।୨(ସୁନିତ୍ ମିଶ୍ର)

ରାଜ୍ୟ ସରକାର ଗୁରୁବାର ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ବରିଷ୍ଠ ଓଏଏସ୍ ଅଫିସର ସୁଚାରୁ କୁମାର ବଳ ସମ୍ବଲପୁର ଅତିରିକ୍ତ ଜିଲାପାଳ ଭାବେ ବଦଳି ହୋଇଛନ୍ତି। ସେହିପରି ଝାରସୁଗୁଡ଼ା ଅତିରିକ୍ତ ଜିଲାପାଳ ଆଲୋମନି ସେଠୀଙ୍କୁ କୋରାପୁଟ ଅତିରିକ୍ତ ଜିଲାପାଳ, ପ୍ରିୟଦର୍ଶନୀ ମଲ୍ଲିକଙ୍କୁ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର ଯୁଗ୍ମ ସଚିବ ଭାବେ ବଦଳି କରାଯାଇଛି। ସମ୍ବିତ କୁମାର ଗଡ଼ନାୟକଙ୍କୁ ଭଦ୍ରକ ଅତିରିକ୍ତ ଜିଲାପାଳ, ଫାଲ୍‌ଗୁନି ମାଝିଙ୍କୁ ଆନନ୍ଦପୁର ଉପ ଜିଲାପାଳ ଓ ଚିତ୍ତରଞ୍ଜନ ମହାନ୍ତଙ୍କୁ କନ୍ଧମାଳ ଉପଜିଲାପାଳ ଭାବେ ବଦଳି କରାଯାଇଛି। ଅନ୍ୟପକ୍ଷରେ ଗଞ୍ଜାମ ଆର୍‌ଆଇସି ଜେନେରାଲ ମ୍ୟାନେଜର ପ୍ରସନ୍ନ କୁମାର ପାତ୍ର , ଆସିକା ସମବାୟ ଚିନିକଳର ପରିଚାଳନା ନିର୍ଦ୍ଦେଶିକା ଗାୟତ୍ରୀ ଦତ୍ତ ନାୟକ ଓ ବ୍ରହ୍ମପୁର ସିଡିଏମ୍‌ଓ ଅଫିସରେ ପ୍ରଶାସନିକ ଅଫିସର ଥିବା ସୁବ୍ରତ କୁମାର ଜେନାଙ୍କ ପୂର୍ବ ବଦଳି ନିର୍ଦ୍ଦେଶ ବାତିଲକରି ସେମାନଙ୍କୁ ନିଜ ସ୍ଥାନରେ କାର୍ଯ୍ୟ କରିବାକୁ କୁହାଯାଇଛି।

ଧରିତ୍ରୀ 50 Years

DHARITRI

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୧/୨୦୨୪ | Bhubaneswar, Friday, March 1/2024 | ପୃଷ୍ଠା-୧




## ମା' ହେବେ ଦୀପିକା

ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ୍ ଗୁରୁବାର ନିଜ ପ୍ରଶଂସକମାନଙ୍କୁ ଖୁସି ଖବର ଦେଇଛନ୍ତି। ଖୁବ୍‌ଶୀଘ୍ର ସେ ମା' ହେବେ ବୋଲି ନିଜ ଇନ୍‌ଷ୍ଟାଗ୍ରାମ୍ ଆଇଡିରେ ଦୀପିକା ସୂଚନା ଦେଇଛନ୍ତି।

୧୦

୦୭

## ଟ୍ରାଏଲ୍ସରେ ଭାଗ ନେବେନି ବଜରଙ୍ଗ

ନ୍ୟାଶନାଲ ସିଲେକ୍ସନ ଟ୍ରାଏଲ୍ସରେ ଭାଗ ନେବେ ନାହିଁ ଅଗ୍ରଣୀ ଭାରତୀୟ କୁସ୍ତିଯୋଦ୍ଧା ବଜରଙ୍ଗ ପୁନିଆ।



# ମାତୃଭାଷାରେ ଶିକ୍ଷାରୁ ପିଲାଙ୍କ ବିକାଶ: ରାଷ୍ଟ୍ରପତି

ଭୁବନେଶ୍ୱର,୨୯।୨(ଅସମାପିକା ସାହୁ)

### ଉତ୍କଳ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ

### ପି.କେ. ମିଶ୍ର, ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ ଡକ୍ଟରେଟ୍



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ଗ୍ରହଣ କରୁଛନ୍ତି ପ୍ରଧାନମନ୍ତ୍ରୀଙ୍କ ପ୍ରଧାନ ସଚିବ ପି.କେ. ମିଶ୍ର ଏବଂ ଆଇଏମ୍‌ଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର।

ଉତ୍କଳ ବିଶ୍ୱବିଦ୍ୟାଳୟର ୫୩ତମ ସମାବର୍ତ୍ତନ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଦୀକ୍ଷାନ୍ତ ଅଭିଭାଷଣ ପ୍ରଦାନ କରିଥିଲେ। ସେ କହିଥିଲେ, ମା'ଠାରୁ ବଳି ବଡ଼ ଆଉ କେହି ସଂସାରରେ ନାହିଁ। ମାତୃଭୂମି ମଧ୍ୟ ଆମକୁ ଲାଳନ ପାଳନ କରୁଛି। ଆମ ଦେଶର ମାଟି, ପାଣି ଓ ପବନ ବିନା ଆମର ଜୀବନ କାହିଁ। ସେହିଭଳି ମା' ଓ ମାଟି ପରି ମାତୃଭାଷା ମଧ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ। ମା' ଶିଶୁର ପ୍ରଥମ ଶିକ୍ଷିକା ଏବଂ ଶିଶୁଟି ମା'ର ଭାଷାରେ ପୃଥିବୀ ଚିହ୍ନେ। ତେଣୁ ମାତୃଭାଷାରେ ଶିକ୍ଷାଲାଭ କଲେ ଛାତ୍ରୀଛାତ୍ରଙ୍କ ସ୍ୱାଭାବିକ ବିକାଶ ଘଟିବ। ମାତୃଭାଷାରେ ଶିକ୍ଷା ଆମକୁ ଆମ ସଂସ୍କୃତି ସହ ଯୋଡ଼ିଥାଏ ବୋଲି ରାଷ୍ଟ୍ରପତି କହିଥିଲେ। ସେ ଆହୁରି ମଧ୍ୟ କହିଥିଲେ, ଯେତେ ପାରୁଛ ସେତେ ଭାଷା ଶିଖ। ହେଲେ ନିଜ ମାତୃଭାଷା ମହତ ରଖ। ସ୍କୁଲ ଶିକ୍ଷା, ବୈଷୟିକ ଶିକ୍ଷା ଏପରିକି ଉଚ୍ଚ ଶିକ୍ଷା ମଧ୍ୟ ମାତୃଭାଷାରେ ଶିକ୍ଷାଦାନ ଦିଆଯିବା ଆବଶ୍ୟକ। ମାତୃଭାଷାରେ ଶିକ୍ଷା ଲାଭ କଲେ ପିଲାମାନେ ନିଜ ସଂସ୍କୃତି ସହିତ ଜଡ଼ିତ ହୋଇ ରହିବେ ବୋଲି ରାଷ୍ଟ୍ରପତି ପ୍ରକାଶ କରିଛନ୍ତି। ଛାତ୍ରୀଛାତ୍ରଙ୍କ ଉପଲକ୍ଷେ କହିଥିଲେ, ଆଜି ଦିନଟି ତୁମମାନଙ୍କ ପାଇଁ ସ୍ମରଣୀୟ ଦିନ ହୋଇ ରହିବ। ତୁମେମାନେ ଆଜି ଡିଗ୍ରୀ ଲାଭ କରିଛ। ତୁମମାନଙ୍କ ପଛରେ ତୁମର ନିଷ୍ଠା ଓ ପରିଶ୍ରମ ନିଶ୍ଚୟ ରହିଛି। ତା' ସହିତ ତୁମର ମାତାପିତା, ଅଭିଭାବକ ଓ ଅଧ୍ୟାପକଙ୍କ ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଏଥିପାଇଁ ତୁମମାନଙ୍କୁ ଆଶୀର୍ବାଦ ଦେବା ସହ ସେମାନଙ୍କୁ ଶୁଭେଚ୍ଛା ଜଣାଉଛି।

ଉତ୍କଳ ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ଓଡ଼ିଶା ରାଜ୍ୟପାଳ ରଘୁବର ଦାସ ସମାବର୍ତ୍ତନ ଉତ୍ସବରେ ଅଧ୍ୟକ୍ଷତା କରି କହିଛନ୍ତି, ଦୀକ୍ଷାନ୍ତ ସମାରୋହ ଦିନ ବିଦ୍ୟାର୍ଥୀଙ୍କ ପାଇଁ ମହତ୍ତ୍ୱପୂର୍ଣ୍ଣ ଦିନ ହୋଇଥାଏ। ଆଜି ଉପାଧି ପାଇବା ପରେ ଆପଣମାନେ ସମସ୍ତେ ନିଜ କାର୍ଯ୍ୟକ୍ଷେତ୍ରରେ ନିଯୁକ୍ତ ହୋଇ ନିଜ କାମ ପ୍ରତି ସମ୍ପୂର୍ଣ୍ଣ ନିଷ୍ଠାର ସହିତ କର୍ତ୍ତବ୍ୟ ସମ୍ପାଦନ କରିବେ। ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି, ସ୍ୱାଧୀନତା ପୂର୍ବରୁ ଉତ୍କଳ ବିଶ୍ୱବିଦ୍ୟାଳୟର ମଞ୍ଜି ପୋତା ଯାଇଥିଲା। ଷାଠିଏ ଦଶକର ପ୍ରାରମ୍ଭରେ ଭୁବନେଶ୍ୱରରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଆଜି କେବଳ ଓଡ଼ିଶା ନୁହେଁ, ଭାରତ ବର୍ଷରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଉତ୍କଳ ବିଶ୍ୱବିଦ୍ୟାଳୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଉତ୍ସବରେ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇ ଉତ୍କଳ ବିଶ୍ୱବିଦ୍ୟାଳୟର ଆଭିମୁଖ୍ୟ ଏବଂ ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ।

☞ ପୃଷ୍ଠା-୬

# ଅଙ୍ଗନୱାଡି କର୍ମୀଙ୍କ ପାରିଶ୍ରମିକ ବଢ଼ିଲା

ଭୁବନେଶ୍ୱର,୨୯।୨(ଅନିଲ ଦାସ)

- ୨୦୨୩ ଅକ୍ଟୋବର ପହିଲାରୁ ପିଛିଲା ଭାବେ ଲାଗୁ ହେବ
- ସେବା ନିବୃତ୍ତ ସହାୟତା ରାଶି ବଢ଼ିଲା
- ବର୍ଷକୁ ରାଜ୍ୟ ସରକାର ଖର୍ଚ୍ଚ କରିବେ ଅଧିକ ୩୫୦ କୋଟି



| | ଥିଲା | ହେଲା |
|---|---|---|
| ଅଙ୍ଗନୱାଡି କର୍ମୀ | ୭,୫୦୦ | ୧୦,୦୦୦ |
| ମିନି ଅଙ୍ଗନୱାଡି କର୍ମୀ | ୫,୩୭୫ | ୭,୨୫୦ |
| ଅଙ୍ଗନୱାଡି ସହାୟିକା | ୩,୭୫୦ | ୫,୦୦୦ |

ରାଜ୍ୟ ସରକାର ଅଙ୍ଗନୱାଡି କର୍ମୀଙ୍କ ପାରିଶ୍ରମିକ ବୃଦ୍ଧି କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଏ ନେଇ ଘୋଷଣା କରିଛନ୍ତି। ଏଥିସହିତ ଅଙ୍ଗନୱାଡି କର୍ମୀଙ୍କ ସେବା ନିବୃତ୍ତ ପ୍ରୋତ୍ସାହନ ରାଶିରେ ବୃଦ୍ଧି ହେବ। ସାମାଜିକ ସୁରକ୍ଷା ଭାବରେ ସେମାନଙ୍କୁ ଅନୁକମ୍ପା ସହାୟତା ମିଳିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହାଦ୍ୱାରା ରାଜ୍ୟର ୧ ଲକ୍ଷ ୪୮ ହଜାର ଅଙ୍ଗନୱାଡି କର୍ମୀ, ମିନି ଅଙ୍ଗନୱାଡି କର୍ମୀ ଓ ଅଙ୍ଗନୱାଡି ସହାୟିକା ଉପକୃତ ହେବେ। ଏଥିପାଇଁ ରାଜ୍ୟ ସରକାର ବର୍ଷକୁ ଅତିରିକ୍ତ ୩୫୦ କୋଟି ଟଙ୍କା ଖର୍ଚ୍ଚ କରିବେ।

ଏହି ନୂତନ ଘୋଷଣା ଅନୁଯାୟୀ, ଅଙ୍ଗନୱାଡି କର୍ମୀମାନଙ୍କ ମାସିକ ପାରିଶ୍ରମିକ ୭୫୦୦ ଟଙ୍କାରୁ ୧୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଥିବା ବେଳେ ମିନି ଅଙ୍ଗନୱାଡି କର୍ମୀଙ୍କ ପାରିଶ୍ରମିକ ୫୩୭୫ ଟଙ୍କାରୁ ୭୨୫୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଅଙ୍ଗନୱାଡି ସହାୟିକାଙ୍କ ପାରିଶ୍ରମିକ ମଧ୍ୟ ୩୭୫୦ ଟଙ୍କାରୁ ୫୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି।

ଏହି ବର୍ଦ୍ଧିତ ପାରିଶ୍ରମିକ ୨୦୨୩ ଅକ୍ଟୋବର ପହିଲାରୁ ପିଛିଲା ଭାବେ ଲାଗୁ ହେବ। ଚଳିତ ଫେବୃଆରୀ ମାସରୁ ବର୍ଦ୍ଧିତ ପାରିଶ୍ରମିକ ନିୟମିତ ଭାବେ ମିଳିବ। ୨୦୨୩ ଅକ୍ଟୋବରରୁ ୨୦୨୪ ଜାନୁଆରୀ ୪ ମାସର ବର୍ଦ୍ଧିତ ବକେୟା ରାଶି ମାର୍ଚ୍ଚ ୫ ତାରିଖରୁ ୧୦ ତାରିଖ ମଧ୍ୟରେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯିବ।

ସେହିପରି ଅଙ୍ଗନୱାଡି କର୍ମଚାରୀଙ୍କ ସେବା ନିବୃତ୍ତିରେ ପାଉଥିବା ପ୍ରୋତ୍ସାହନ ରାଶିରେ ମଧ୍ୟ ବୃଦ୍ଧି କରାଯାଇଛି। ଏହା ୨୦୨୪ ଏପ୍ରିଲ ପହିଲାରୁ ଲାଗୁହେବ। ବର୍ଦ୍ଧିତ ପ୍ରୋତ୍ସାହନ ରାଶି ବାବଦରେ ଅଙ୍ଗନୱାଡି କର୍ମୀମାନେ ପୂର୍ବରୁ ପାଉଥିବା ୪୦ ହଜାର ଟଙ୍କା ପରିବର୍ତ୍ତେ ୧ ଲକ୍ଷ ଟଙ୍କା ପାଇବେ। ମିନି ଅଙ୍ଗନୱାଡି କର୍ମୀମାନେ ୩୦ ହଜାର ଟଙ୍କା ପରିବର୍ତ୍ତେ ୭୫ ହଜାର ଟଙ୍କା ଏବଂ ଅଙ୍ଗନୱାଡି ସହାୟିକାମାନେ ୨୦ ହଜାର ଟଙ୍କା ପରିବର୍ତ୍ତେ ୫୦ ହଜାର ଟଙ୍କା ପାଇବେ।

ସେହିପରି ସାମାଜିକ ସୁରକ୍ଷା ଦିଗରେ ମୃତ୍ୟୁ କିମ୍ବା ଦୁର୍ଘଟଣାଜନିତ ସମ୍ପୂର୍ଣ୍ଣ ଶାରୀରିକ ଅକ୍ଷମତା ନିମନ୍ତେ ଅଙ୍ଗନୱାଡି କର୍ମୀ, ମିନି ଅଙ୍ଗନୱାଡି କର୍ମୀ ଓ ସହାୟିକାମାନଙ୍କୁ ୨ ଲକ୍ଷ ଟଙ୍କା ଓ ଆଂଶିକ ଅକ୍ଷମତା ନିମନ୍ତେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅନୁକମ୍ପା ରାଶି ପ୍ରଦାନ କରାଯିବ। ଏହି ସୁବିଧା ମଧ୍ୟ ୨୦୨୪ ଏପ୍ରିଲ ପହିଲାରୁ ଲାଗୁ ହେବ।




# ନ୍ୟାୟାଳୟ ଓ ଗଣତନ୍ତ୍ର ସୁରକ୍ଷା



ନିକୋଲାସ୍ ରିଡ୍ ଲାଙ୍ଗେନ୍

ଦିନକୁ ଦିନ ଏକଚ୍ଛତ୍ରବାଦୀ ତଥା ସାଧାରଣ ଲୋକଙ୍କ ସମର୍ଥନରେ ସମସ୍ୟା ସୃଷ୍ଟି କରିବାରେ ଆଗ୍ରହ ରଖୁଥିବା(ପପୁଲିଷ୍ଟ) ନେତାଙ୍କ କବଳରୁ ଗଣତନ୍ତ୍ରକୁ ବଞ୍ଚାଇ ରଖିବାର ସଂଗ୍ରାମ ଜାରି ରହିଛି । ଏଥିରେ ନ୍ୟାୟାଳୟଗୁଡ଼ିକ ଆଗ ଧାଡ଼ିରେ ରହୁଛନ୍ତି । ନିକଟରେ ଆମେରିକାର ସୁପ୍ରିମକୋର୍ଟ କଲରାଡୋର ସର୍ବୋଚ୍ଚ ଅଦାଲତଙ୍କ ଏକ ରାୟ ଉପରେ ଶୁଣାଣି କରିଥିଲେ । ୬ ଜାନୁଆରୀ ୨୦୨୧ରେ ଆମେରିକାର କ୍ୟାପିଟୋଲରେ ବିଦ୍ରୋହ କାରଣରୁ ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ନିର୍ବାଚନରେ ଲଢ଼ିବା ଲାଗି ଅଯୋଗ୍ୟ ବୋଲି କଲରାଡୋର ଅଦାଲତ ରାୟ ଦେଇଥିଲେ । ରାଷ୍ଟ୍ରପତିମାନେ କାର୍ଯ୍ୟ କରୁଥିବା ସମୟରେ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନରୁ ସେମାନେ ଛାଡ଼ ପାଇବା ଦରକାର ବୋଲି ଟ୍ରମ୍ପ ଯେଉଁ ଦାବି କରିଥିଲେ ତାହା ବିରୋଧରେ ବି ଏକ ଆପିଲେଟ୍ କୋର୍ଟ ରାୟ ଦେଇଛନ୍ତି । ତେବେ ନିକଟରେ ନ୍ୟୁୟର୍କରେ ଏକ ଷ୍ଟେଟ କୋର୍ଟ ଆର୍ଥିକ ଠକେଇରେ ଟ୍ରମ୍ପଙ୍କୁ ୩୫୪ ମିଲିୟନ ଡଲାର ଜରିମାନା କରିଛନ୍ତି । ଜଣେ ମହିଳାଙ୍କୁ ଅପମାନ କରିବା ଓ ଯୌନ ନିର୍ଯାତନା ଦେବା ଅଭିଯୋଗର ଶୁଣାଣିକରି ଟ୍ରମ୍ପଙ୍କ ବିରୋଧରେ ଖଣ୍ଡପୀଠ ୮୩ ମିଲିୟନ ଡଲାର ଜରିମାନା କରିବାର ଠିକ୍ ପରେ ଏହା ଘଟିଛି । ଆସନ୍ତା ୩ ବର୍ଷ ପାଇଁ ତାଙ୍କୁ ନ୍ୟୁୟର୍କ ସ୍ଥିତ ଏକ କମ୍ପାନୀରେ କୌଣସି ଶୀର୍ଷ ଭୂମିକା ଗ୍ରହଣ କରିବାକୁ ବାରଣ କରାଯିବା ସହ ଏହି ଦୁଇଟି ରାୟ ଟ୍ରମ୍ପଙ୍କୁ ପ୍ରାୟ ତାଙ୍କର ସମସ୍ତ ଉପଲବ୍ଧ କ୍ୟାଶ୍ ହୋଲ୍ଡିଂରୁ ବଞ୍ଚିତ କରିବ ।

ଏହି ସମୟରେ ସମଗ୍ର ଆଟ୍‌ଲାଣ୍ଟିକ୍‌ରେ ବ୍ରିଟେନର କଞ୍ଜରଭେଟିଭ ସରକାର ଏକ ମାଇଗ୍ରାଣ୍ଟ ରିଲୋକେଶନ ବିଲ୍ (ପ୍ରବାସୀ ପୁନର୍ବାସ ବିଲ୍) ପାସ୍ କରିବାକୁ ଚେଷ୍ଟା କରୁଛନ୍ତି । ଗତ ବର୍ଷ ଶେଷରେ ବ୍ରିଟେନର ସୁପ୍ରିମକୋର୍ଟଙ୍କ ସମାନ ପ୍ରକାର ଆଇନକୁ ଖଣ୍ଡନ କରିଥିଲେ । ତେବେ ଏବକାର ପୁନର୍ବାସ ବିଲ୍ ସୁପ୍ରିମକୋର୍ଟଙ୍କ ରାୟକୁ ଅଣଦେଖା କରିବା ଲାଗି ଉଦ୍ଦିଷ୍ଟ ବୋଲି କୁହାଯାଉଛି । ଇସ୍ରାଏଲରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ମୌଳିକ ଆଇନରେ ଏକ ସଂଶୋଧନକୁ ଖଣ୍ଡନ କରିଛନ୍ତି, ଯାହା ତା' ନିଜର ଅଧିକାରକୁ କ୍ଷୁଣ୍ଣ କରିଥାନ୍ତା । ଏହା ବ୍ୟତୀତ ନିକଟରେ ଜର୍ମାନୀରେ ଚରମ ଦକ୍ଷିଣପନ୍ଥୀ, ଗଣତାନ୍ତ୍ରିକ ବିରୋଧୀ ଡାଏ ହେମାଟ ପାର୍ଟିକୁ ପବ୍ଲିକ ଫଣ୍ଡିଂ ମନା ବୋଲି ସାମ୍ବିଧାନିକ ଅଦାଲତ ରାୟ ଦେଇଛନ୍ତି । ଫଳରେ ଏହା ଲୋକପ୍ରିୟ ଆଲ୍‌ଟରନେଟିଭ ଫର୍ ଡଏଚଲ୍ୟାଣ୍ଡ (ଏଏଫ୍‌ଡି) ପାର୍ଟି ସହ ଜଡ଼ିତ ଏକ ସମାନ ପ୍ରକାର ମାମଲା ଉପରେ ବିଚାର ପାଇଁ ବାଟ ଖୋଲିବ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଛି ।

ଆମେରିକାର ସୁପ୍ରିମକୋର୍ଟରେ ଚାଲିଥିବା ବାଲଟ ଏଲିଜିବିଲିଟି ମାମଲା ଆମେରିକାର ଇତିହାସରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପାରେ । ଜାନୁଆରୀ ୬ ବିଦ୍ରୋହରେ ଟ୍ରମ୍ପଙ୍କ



ଭୂମିକା ଥିବା ଯୋଗୁ କଲରାଡୋ କୋର୍ଟ ତାଙ୍କୁ ଉଚ୍ଚ ପଦବୀରେ ରହିବା ଉପରେ କଟକଣା ଲଗାଇବା ରାୟ ପରେ ବି ଏବେ ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ଏ ସମ୍ପର୍କରେ ବିଚାର କରିବାକୁ ଜରୁରୀ ହୋଇପଡ଼ିଲାଣି । ଏହି ମାମଲା ଗ୍ରହଣକରି ବିଚାରପତିମାନେ ଟ୍ରମ୍ପଙ୍କ ରାଷ୍ଟ୍ରପତି ପ୍ରତ୍ୟାବର୍ତ୍ତନକୁ ଅଟକାଇବେ କି ନାହିଁ ତା' ଉପରେ ନିଷ୍ପତ୍ତି ନେବା ଦରକାର । କାରଣ ବିଚାରପତିମାନେ ତାଙ୍କ ବିରୋଧରେ ରାୟ ଦେଲେ ସେ ହଙ୍ଗାମା କରିବାକୁ ପ୍ରତିଜ୍ଞା କରିଛନ୍ତି । କିନ୍ତୁ ଯଦି ଟ୍ରମ୍ପଙ୍କ ଅନୁଗାମୀମାନେ ବିଶୃଙ୍ଖଳା ସୃଷ୍ଟି କରନ୍ତି ତେବେ ମନ୍ଦ ଚିନ୍ତାସମ୍ପନ୍ନ ନେତାଙ୍କୁ ଅଟକାଇବା ପାଇଁ ଗଢ଼ା ହୋଇଥିବା ଆମେରିକାର ଗଣତାନ୍ତ୍ରିକ ବ୍ୟବସ୍ଥା ନିୟନ୍ତ୍ରଣ କରିପାରିବ । ଅପରପକ୍ଷେରେ ଯଦି ବିଚାରପତିମାନେ କଲରଡୋ ନିଷ୍ପତ୍ତିକୁ ଅଗ୍ରାହ୍ୟ କରନ୍ତି, ତେବେ ସମ୍ଭବତଃ ମନେହୁଏ, ଆମେରିକାର ଗଣତନ୍ତ୍ରର ଭବିଷ୍ୟତ ପ୍ରମୁଖ ରାଜ୍ୟଗୁଡ଼ିକରେ ଭୋଟରଙ୍କ ଏକ ଛୋଟ ଅଂଶ ବି ନିର୍ଣ୍ଣୟ କରିଦେବ । ପ୍ରତିଷ୍ଠା ହେବା ପରଠାରୁ କୋର୍ଟ ଏବଂ ଆଇନ ପ୍ରାୟତଃ ଆମେରିକାର ରାଜନୈତିକ ଧାରା ସହ ଓତପ୍ରୋତ ଭାବେ ଜଡ଼ିତ । ୧୮୦୩ ମସିହାରେ ମାର୍ବରୀ ବନାମ ମ୍ୟାଡିସନ ମାମଲାରେ ସୁପ୍ରିମକୋର୍ଟ କହିଥିଲେ ଯେ, ସୁପ୍ରିମକୋର୍ଟର ସମୀକ୍ଷା କରିବାର ଅଧିକାର ରହିଛି ଏବଂ ଯଦି ଆବଶ୍ୟକ ହୁଏ, ତେବେ ଆମେରିକାର ସମ୍ବିଧାନର ଉଲ୍ଲଂଘନ କରୁଥିବା ଆଇନକୁ ରଦ୍ଦ କରିବ । ଆମେରିକା ସମ୍ବିଧାନର ଆବଶ୍ୟକତା ଓ ମହତ୍ତ୍ୱ ଉପରେ ନିଜକୁ ଶେଷ ନ୍ୟାୟକର୍ତ୍ତା ଭାବେ ଏହା କରିପାରିବ ।

ଯଦିଓ ଆମେରିକା ବହୁ ପୂର୍ବରୁ ବିଶ୍ୱର ପ୍ରମୁଖ ଗଣତନ୍ତ୍ର ଭାବେ ରହିଆସିଛି ସେଥିପାଇଁ ଅନ୍ୟ କେତେକ ଦେଶ ତାହାର ନ୍ୟାୟିକ ବ୍ୟବସ୍ଥାକୁ ଗ୍ରହଣ କରିଛନ୍ତି । ବେଳେବେଳେ ଅସନ୍ତୋଷର ଅଭିଯୋଗ ଉଠିଲେ ମଧ୍ୟ ଆମେରିକାରେ କୋର୍ଟର ସାର୍ବଭୌମତ୍ୱ ପ୍ରାୟତଃ ଗ୍ରହଣୀୟ । କିନ୍ତୁ ଅନ୍ୟତ୍ର ଅନେକ ପର୍ଯ୍ୟବେକ୍ଷକ କିଛି ଧାରଣାକୁ ନେଇ ଅସୁବିଧାରେ ପଡ଼ନ୍ତି । ପ୍ରାୟ ପ୍ରତ୍ୟେକ ଗଣତାନ୍ତ୍ରିକ ଦେଶରେ ଏକ ସାମ୍ବିଧାନିକ କୋର୍ଟ ଥିବାବେଳେ ଖୁବ୍ କମ୍ ଆମେରିକା ପରି ରାଜନୈତିକ କ୍ଷେତ୍ରରେ ଶକ୍ତିଶାଳୀ । ଏହା ସତ୍ତ୍ୱେ ବି ସେମାନେ ନିର୍ବାଚିତ ଅଧିକାରୀମାନଙ୍କୁ ଅଟକାଇବାର ସମ୍ଭାବନା ଅଧିକ । ଏବେ ପପୁଲିଷ୍ଟ ପଲିଟିକ୍ସ ଅନେକ ଦେଶର ସାମ୍ବିଧାନିକ ବ୍ୟବସ୍ଥାକୁ ଅଧିକ ଚାପଗ୍ରସ୍ତ କରିଦେଇଛି ;ଯାହାଦ୍ୱାରା କୋର୍ଟଗୁଡ଼ିକ ନୂଆ ତରିକାରେ ସେମାନଙ୍କ ମତ ରଖୁଛନ୍ତି । ଏହାର ବଡ଼ ଉଦାହରଣ ହେଉଛି ଦେଶର ସର୍ବୋଚ୍ଚ ନ୍ୟାୟାଳୟକୁ ସରକାର, ପ୍ରଧାନମନ୍ତ୍ରୀ କିମ୍ବା ଅନ୍ୟ କୌଣସି ମନ୍ତ୍ରୀଙ୍କ ନିଷ୍ପତ୍ତିର ଯୁକ୍ତିଯୁକ୍ତତା ଉପରେ ବିଚାର ପାଇଁ ବାରଣ କରିବାକୁ ଦକ୍ଷିଣପନ୍ଥୀ ଇସ୍ରାଏଲ ପ୍ରଶାସନର ପ୍ରୟାସ । ଗତ ମାସରେ ଇସ୍ରାଏଲର ସୁପ୍ରିମକୋର୍ଟ ସେହି ନିୟମକୁ ଖଣ୍ଡନ କରିଥିଲେ । ଆମେରିକୀୟ ପ୍ରତିପକ୍ଷଙ୍କ ପଦାଙ୍କ ଅନୁସରଣକରି ବିଚାରପତିମାନେ ନିଶ୍ଚିତ କରିଥିଲେ ଯେ, କୋର୍ଟ କେନ୍ସେଟ (ଇସ୍ରାଏଲର ଏକ ସଦନୀୟ ସଂସଦ) ନୁହେଁ, ସରକାର କିମ୍ବା ରାଷ୍ଟ୍ରପତି ନୁହେଁ , ବରଂ ଇସ୍ରାଏଲର ମୌଳିକ ଆଇନର ଅର୍ଥ ଏବଂ ଆବଶ୍ୟକତା ଉପରେ ଏହା ସର୍ବୋଚ୍ଚ ପ୍ରାଧିକରଣ ।

ବ୍ରିଟେନରେ କୋର୍ଟଗୁଡ଼ିକୁ 'ସିଂହାସନ ତଳେ ସିଂହ' ବୋଲି କୁହାଯାଇଆସୁଅଛି । କାରଣ ଏଠାରେ ପାର୍ଲାମେଣ୍ଟ ସବୁଠୁ ଶକ୍ତିଶାଳୀ । କିନ୍ତୁ ଗତ ବର୍ଷ ସରକାରଙ୍କ ପ୍ରବାସୀ ପୁନର୍ବାସ ଆଇନକୁ ରଦ୍ଦ କରିବାରେ କୋର୍ଟଙ୍କ ନିଷ୍ପତ୍ତିରୁ ବୁଝାପଡ଼ୁଛି ଯେ, ଆବଶ୍ୟକ ସମୟରେ ବିଚାରପତିମାନେ ଆଢୁଆଳରୁ ବାହାରି ଆସିପାରନ୍ତି । ଆଶ୍ରୟ ଚାହୁଁଥିବା ଲୋକଙ୍କୁ ର୍ୱାଣ୍ଡା ପଠାଇବାକୁ ସରକାରଙ୍କ ପ୍ରୟାସ ଉଭୟ ଅନ୍ତର୍ଜାତୀୟ ତଥା ଘରୋଇ ଆଇନର ଉଲ୍ଲଂଘନ ବୋଲି କୋର୍ଟ କହିଛନ୍ତି । କାରଣ ବୈଦେଶିକ କାର୍ଯ୍ୟାଳୟ ଯୁକ୍ତି ଅନୁଯାୟୀ ର୍ୱାଣ୍ଡା ପୁନଃ ବିସ୍ଥାପନ ପାଇଁ ଏକ ଯୋଗ୍ୟ ତଥା ସୁରକ୍ଷିତ ଦେଶ ନୁହେଁ । ଯଦି ପ୍ରଧାନମନ୍ତ୍ରୀ ଋଷି ସୁନକଙ୍କ ସରକାର ର୍ୱାଣ୍ଡାକୁ ନିରାପଦ ବୋଲି ଘୋଷଣାକରି ଏକ ବିଲ୍ ପାସ୍ କରନ୍ତି ତେବେ କ'ଣ ଘଟିବ ତାହା ସ୍ପଷ୍ଟ ହୋଇନାହିଁ । କାରଣ କୌଣସି ବ୍ରିଟିଶ ସରକାର କେବେ ବି ବାସ୍ତବତାକୁ ଅସ୍ୱୀକାର କଲା ଭଳି ଏକ ଆଇନ ପ୍ରଣୟନ କରିନାହାନ୍ତି । ତେବେ ଏପର୍ଯ୍ୟନ୍ତ ବିଚାରପତିମାନେ ଏହି ନିର୍ଦ୍ଦିଷ୍ଟ ମାମଲାରେ ସାମ୍ବିଧାନିକ ସମସ୍ୟାକୁ ହଟାଇବାକୁ ଅନିଚ୍ଛୁକ । ଏଥିରୁ ଉଭୟ ବ୍ରିଟେନ ଏବଂ ଅନ୍ତର୍ଜାତୀୟ ସ୍ତରରେ ନ୍ୟାୟିକ କ୍ଷମତାର ବ୍ୟାପକ ପରିବର୍ତ୍ତନ ସ୍ପଷ୍ଟ ହୋଇଛି ।

ଏହି ସମୟରେ ଗଣତାନ୍ତ୍ରିକ ବ୍ୟବସ୍ଥା ଉପରେ ପୁପଲିଷ୍ଟଙ୍କ ଆକ୍ରମଣରୁ ବଞ୍ଚିବା ପାଇଁ ନ୍ୟାୟାଳୟଗୁଡ଼ିକ ନ୍ୟାୟକର୍ତ୍ତା ଭାବରେ ସେମାନଙ୍କର ଉପଯୁକ୍ତ ଭୂମିକା ଗ୍ରହଣ କରିବାକୁ ପଡ଼ିବ । ସେମାନେ ଜାଣନ୍ତି ଯେ ସେମାନଙ୍କର ନିଷ୍ପତ୍ତି ଜଣେ ଟ୍ରମ୍ପ କିମ୍ବା ଜଣେ ବୋରିସ ଜନ୍‌ସନଙ୍କ ଭାବପ୍ରବଣତା ଉପରେ ତିଷ୍ଠି ରହିପାରିବ ନାହିଁ । ନ୍ୟାୟାଳୟଗୁଡ଼ିକ ଯୁକ୍ତିଯୁକ୍ତ ବିଚାର , ଢାଞ୍ଚା ଏବଂ ନିୟମ ଅନୁସରଣ କରିବା ଜରୁରୀ । ପପୁଲିଷ୍ଟଙ୍କ ଚାପ ବଢ଼ିବା ସମୟରେ, ନ୍ୟାୟପାଳିକାର ବାସ୍ତବ ଗଣତାନ୍ତ୍ରିକ ଉତ୍ତରଦାୟିତ୍ୱହୀନତା ଏହାର ଦୁର୍ବଳତାକୁ ପ୍ରମାଣିତ କରିବ । ତେବେ ସେମାନେ ବର୍ତ୍ତମାନ ଗଣତାନ୍ତ୍ରିକ ସାମ୍ବିଧାନିକ ବ୍ୟବସ୍ଥାର ଶେଷ ଗ୍ୟାରେଣ୍ଟର ବା ଉତ୍ତରଦାୟୀ ହୋଇପାରନ୍ତି ।

**ପ୍ରତିଷ୍ଠିତ ଲେଖକ (ବ୍ରିଟିଶ କନ୍‌ଷ୍ଟିଟ୍ୟୁଶନ ଫର୍ ଦି ଜଷ୍ଟିସ ଗ୍ୟାପ୍)**

## ଏଇ ଭାରତରେ

ମିଲେଟ୍ ମିଶନ ଆରମ୍ଭ ହେବା ପରେ ମାଣ୍ଡିଆ, ବାଜରା ଆଦି ଚାଷ ପ୍ରତି ଲୋକେ ଆଗ୍ରହ ପ୍ରକାଶ କରୁଛନ୍ତି । ତାମିଲନାଡୁର ତିରୁଚିଲାପଲ୍ଲୀର ଦୁଇ ଭଉଣୀ ପ୍ରିୟା ଓ ଅକିଲା ଗୁଣସେକର ଏହି ଚାଷ ପ୍ରତି ଲୋକଙ୍କୁ ଆକର୍ଷିତ କରିବା ସହ ମିଲେଟ୍ ବ୍ୟବସାୟରେ ସଫଳତା ପାଇଛନ୍ତି । ସେମାନେ ଏବେ ୫୦୦ କୃଷକଙ୍କଠାରୁ ମିଲେଟ୍ କିଣୁଛନ୍ତି ଓ ତାଙ୍କ ବ୍ୟବସାୟରେ ୧୮୦ ଲୋକଙ୍କୁ ନିଯୁକ୍ତ କରିଛନ୍ତି । ଏମାନଙ୍କ ମଧ୍ୟରେ ୯୦ ପ୍ରତିଶତରୁ ଅଧିକ ହେଉଛନ୍ତି ମହିଳା । ପ୍ରଥମେ ଦୁଇ ଭଉଣୀ ୧୦ ଜଣ ଲୋକଙ୍କୁ ନେଇ ସେମାନଙ୍କ ବ୍ୟବସାୟ ଆରମ୍ଭ କରିଥିଲେ । ସେମାନେ ଆର୍‌ଏ ଫୁଡ୍ସ ନାମରେ ସେମାନଙ୍କ ବ୍ୟବସାୟ ଜାରି ରଖିଛନ୍ତି । ଏବେ ସେମାନେ ଭାରତର ସବୁଠୁ ବଡ଼ ମିଲେଟ୍ ରପ୍ତାନିକାରୀ ହୋଇପାରିଛନ୍ତି । କେବଳ ଏତିକି ନୁହେଁ ମିଲେଟ୍‌ରୁ ପ୍ରସ୍ତୁତ ବିଭିନ୍ନ ପ୍ରକାର ଖାଦ୍ୟ ମଧ୍ୟ ରପ୍ତାନି କରାଯାଉଛି । ଏବେ ସୁଦ୍ଧା ସେମାନେ ଆମେରିକା, ଇଂଲଣ୍ଡ, ଦୁବାଇ, ସିଙ୍ଗାପୁର ସମେତ ୩୦ଟି ଦେଶକୁ ଏହା ରପ୍ତାନି କରୁଛନ୍ତି । ସେମାନେ ୧୧ଟି ମିଲେଟ୍ ଫ୍ୟାକ୍ଟ୍ରି କରିବା ସହ ୨୦୨୩ରେ ୨,୭୦୦ ଟନ୍ ମିଲେଟ ରପ୍ତାନି କରିପାରିଛନ୍ତି ଓ ସେମାନଙ୍କ ବାର୍ଷିକ କାରବାର ୧୩୬ କୋଟି ଟଙ୍କାରେ ପହଞ୍ଚିପାରିଛି ।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୧ ମାର୍ଚ୍ଚ ୧୯୭୫**

- ବାଲିମେଳା ଜଳବିଦ୍ୟୁତ୍ କେନ୍ଦ୍ରର ୪ର୍ଥ ଇଉନିଟ୍ କାର୍ଯ୍ୟକାରୀ ହେବାରୁ ରାଜ୍ୟର ମୋଟ ଉତ୍ପାଦିତ ବିଦ୍ୟୁତ୍ ଶକ୍ତିର ପରିମାଣ ୮୦୧.୫ ମେଗାୱାଟ୍‌କୁ ବୃଦ୍ଧି ।
- ରାଜସ୍ଥାନ ଖଣି ବିଭାଗ ଉଦୟପୁର ଜିଲାର କାଗେଲି ଗ୍ରାମରେ ଏକ ନୂତନ ତମ୍ବା ଖଣିର ସନ୍ଧାନ ପାଇଛନ୍ତି ।
- ପାକିସ୍ତାନକୁ ଅସ୍ତ୍ରଶସ୍ତ୍ର ଯୋଗାଇବାକୁ ଆମେରିକା ନିଷ୍ପତ୍ତି କରିଥିବାରୁ ଏହାର ପ୍ରତିବାଦ ସ୍ୱରୂପ ଭାରତ-ଆମେରିକା ମିଳିତ କମିସନକୁ ରଦ୍ଦ କରିବାକୁ ରାଜ୍ୟସଭାରେ ଦାବୀ ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | | | | 6 | | | | 7 |
| 1 | | 6 | 8 | | | | 3 | |
| | | | | | 4 | | 8 | |
| | | | | 5 | 3 | 7 | | |
| | 4 | 5 | 6 | | | | 1 | |
| | | | | | | | 5 | 8 |
| | 5 | | | | | | | 4 |
| | 1 | | | | | | | |
| | | | 7 | | | 3 | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 5 | 1 | 4 | 9 | 8 | 7 | 6 | 3 | 2 |
| 6 | 3 | 9 | 2 | 1 | 4 | 8 | 7 | 5 |
| 2 | 7 | 8 | 5 | 3 | 6 | 1 | 4 | 9 |
| 9 | 6 | 3 | 7 | 5 | 8 | 2 | 1 | 4 |
| 4 | 5 | 1 | 3 | 2 | 9 | 7 | 8 | 6 |
| 8 | 2 | 7 | 6 | 4 | 1 | 9 | 5 | 3 |
| 1 | 8 | 2 | 4 | 6 | 3 | 5 | 9 | 7 |
| 3 | 9 | 6 | 1 | 7 | 5 | 4 | 2 | 8 |
| 7 | 4 | 5 | 8 | 9 | 2 | 3 | 6 | 1 |

ଗତକାଲିର ଉତ୍ତର

# ଆନନ୍ଦ ବନର ମହକ



ଡ. ଅଜୟ କୁମାର ପାତ୍ର

ବଣରେ ଥରେ ଭ୍ରମଣ କରିଆସିଲେ ମନପ୍ରାଣ ପୁଲକିତ ହୋଇଯାଏ । ପ୍ରକୃତି ଯେମିତି ଏଠାରେ ଗଛ ଲତା, ଛାଇରେ ସମସ୍ତଙ୍କୁ ଆନନ୍ଦ ଦେଉଛି । ସେଥିପାଇଁ ଯଥାର୍ଥରେ ପରିବେଶବିତ୍‌ମାନେ ଏହାକୁ 'ଆନନ୍ଦ ବନ' ନାମରେ ନାମିତ କରିଛନ୍ତି । ବାସ୍ତବିକ ଏହି ବନ ଅନବରତ ଯୋଗାଇ ଆସୁଛି ଜଙ୍ଗଲ ଅଧିବାସୀଙ୍କୁ ଶାନ୍ତି, ଶୀତଳ ପରିବେଶ । ଏହି ବନରେ ରହିଛି ନିମ୍ବ, ରକ୍ତ ଚନ୍ଦନ, ଭୃଙ୍ଗରାଜ, ରକ୍ତ ଚିତା, ରକ୍ତଖାଇ, ଅନ୍ନପୂର୍ଣ୍ଣା, ହାଡ଼ଯୋଡ଼ା, ହରିଡ଼ା, ବାହାଡ଼ା, ଅଁଳା, ବିଶଲ୍ୟକରଣୀ ପରି ୨୫୦ ପ୍ରଜାତିର ଔଷଧୀୟ ଗୁଳ୍ମଲତା ସହିତ ଶାଳ, ପିଆଶାଳ, କର, ଆମ୍ବ, ତେନ୍ତୁଳି, କଇଁଥ, ବେଲ, ମହୁଲ ଆଦି କ୍ଷୁଦ୍ର ଓ ବୃହତ ବୃକ୍ଷରାଜି । ପଶୁପକ୍ଷୀଙ୍କ ଆହାର ନିମନ୍ତେ ପ୍ରକୃତି ଦେଇଛି ବିବିଧ ପ୍ରକାରର ପ୍ରଜାତି ଜୀବ, କୀଟ ପତଙ୍ଗ । ଆନନ୍ଦ ବନରେ ରହିଛି ଘାସ, ବେଣୀଘାସ, ଖଡ଼ିଘାସରେ ପ୍ରକୃତି ତିଆରି ଚଲାପଥ । ଆନନ୍ଦ ବନରେ ଛପି ରହିଛି ବିଶ୍ୱ ଶକ୍ତିର କବଚ । ମନେରଖିବା ଉଚିତ ଯେ ଆମର କ୍ରମବିକଶିତ ଆଦିବାସୀ ସଭ୍ୟତାକୁ ନିରାପଦରେ ରଖିବା ଓ ବିବିଧ ପ୍ରଜାତିର ପ୍ରାଣୀ ଓ ଉଦ୍ଭିଦଙ୍କର ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଓ ଆଦିବାସୀ ଐତିହ୍ୟ ତଥା ପରିବେଶ ଭାରସାମ୍ୟ ବଜାଇ ରଖିବା ହିଁ ଆନନ୍ଦ ବନର ମହତ ଆଭିମୁଖ୍ୟ । ଏହା ହେଲା ଆନନ୍ଦ ବନର ସଂକ୍ଷିପ୍ତ ଟିପ୍ପଣୀ ମାତ୍ର । ଆସନ୍ତୁ ଜାଣିବା ଏହାର ନିରାନନ୍ଦ, ଶୋକ, ଅସନ୍ତୋଷ ଓ ବିଷାଦ ।

ଏବେ ସମୟ ବଦଳିଛି; ବଦଳିଛି ଆନନ୍ଦ ବନର ଅଗଣିତ ଅନ୍ତେବାସୀଙ୍କ ସ୍ୱଭାବ ଓ ପ୍ରକୃତି । ଏମାନଙ୍କ ଖାଦ୍ୟ ରୁଚି ସହ ଜୀବନ ପ୍ରଣାଳୀ ବଦଳୁଛି । ଏହା ପଛରେ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନର ନିଶ୍ଚିତ ପ୍ରଭାବ ରହିଛି । କେବଳ ଖାଦ୍ୟ ରୁଚି ଓ ଜୀବନଶୈଳୀରେ ସୀମିତ ନାହିଁ; ଜଳବାୟୁ ପରିବର୍ତ୍ତନର ପ୍ରଭାବ ପଶୁପକ୍ଷୀଙ୍କ ସ୍ୱଭାବ ଓ ଶାରୀରିକ ଆକୃତିର ମଧ୍ୟ ପରିବର୍ତ୍ତନ ଆଣିଛି । ଗବେଷଣାଭିତ୍ତିକ ତଥ୍ୟରୁ ଜଣାଯାଇଛି ଯେ, ବିଶ୍ୱ ଜଳବାୟୁର ଅପ୍ରାକୃତିକ ପରିବର୍ତ୍ତନ ଯୋଗୁ ପଶୁପକ୍ଷୀଙ୍କ ମସ୍ତିଷ୍କର ସ୍ୱାଭାବିକ ବାର୍ତ୍ତାପ୍ରବାହରେ ବ୍ୟତିକ୍ରମ ସୃଷ୍ଟିହେଉଛି । ସେଥିପାଇଁ ସେମାନଙ୍କର ଆଘ୍ରାଣଶକ୍ତି, ପସନ୍ଦଶକ୍ତି ଓ ସ୍ପର୍ଶଶକ୍ତି ଭଳି ଇନ୍ଦ୍ରିୟଗୁଡ଼ିକୁ ପ୍ରଭାବିତ କରୁଥିବା ପ୍ରୋଟିନ୍‌ରେ ଅସ୍ୱାଭାବିକ ପରିବର୍ତ୍ତନ ଘଟୁଛି । ଏତଦ୍‌ବ୍ୟତୀତ ସେମାନଙ୍କର ଖାଦ୍ୟ ସନ୍ଧାନର କ୍ଷମତା, ଆହରଣ କୌଶଳ ଓ ବାସସ୍ଥାନ ମନୋନୟନ ପ୍ରକ୍ରିୟା ସହିତ ଜୀବନଚକ୍ର ବଦଳୁଛି । ସେହିପରି ଅତୀତରେ ପ୍ରକୃତି ଦ୍ୱାରା ପରିଚାଳିତ ହେଉଥିବା ପଶୁପକ୍ଷୀ ଓ ଜଳଚର ପ୍ରାଣୀମାନେ ଋତୁ ପର୍ଯ୍ୟାୟରେ ସେମାନଙ୍କର ଖାଦ୍ୟାଭ୍ୟାସ ଓ ବାସସ୍ଥାନ ବଦଳାଉଥିବା ବେଳେ ଏବେ ମଣିଷକୃତ ପରିବେଶ ପ୍ରଦୂଷଣର କଠୋର ପ୍ରଭାବରେ ବିମୁଖ ଖାଦ୍ୟରୁଚି ତଥା ଅପରିବର୍ତ୍ତିତ ବାସସ୍ଥାନକୁ ଶ୍ରେୟ ଦେଇ ନିଜ ବାସସ୍ଥଳୀରେ ଅଧିକ ସୁରକ୍ଷିତ ମଣୁଛନ୍ତି । ଏଥିସହିତ ପ୍ରାଣୀ ଓ କୀଟମାନଙ୍କ ମଧ୍ୟରେ ସଙ୍କେତ ବିନିମୟର ମାଧ୍ୟମ ତଥା ମଶା, ମାଛି, ଜୀବାଣୁ ଓ ଭୂତାଣୁମାନଙ୍କ ପ୍ରବୃତ୍ତି ଘନ ଘନ ବଦଳୁଛି । ଉଦ୍ଭିଦ ଜଗତର ପରାଗ ସଂଗମ, ବୀଜବିକ୍ଷେପ ପ୍ରକ୍ରିୟାରେ ବିଶୃଙ୍ଖଳା ଦେଖାଦେଇଛି । ସମୁଦ୍ର ଜଳର ତାପମାତ୍ରାରେ ତ୍ରୁଟି ହେବାରୁ ଜଳଚର ଜୀବଙ୍କର ଗୁଣସୂତ୍ର ବଦଳୁଛି । ସେମାନଙ୍କୁ ଦୈନନ୍ଦିନ ଜୀବନର ଖାଦ୍ୟ ରୂପେ ବ୍ୟବହାର କରାଯାଉଥିବା ମଣିଷମାନଙ୍କର



ତଦନୁଯାୟୀ ଚାରିତ୍ରିକ ପରିବର୍ତ୍ତନ ଘଟିଛି । ବିଶିଷ୍ଟ ପ୍ରାଣୀବିତ୍, ପ୍ରବୀଣ ଗବେଷକ ଶୋଭାନଲାଲ ରଏଙ୍କ ଅନୁଯାୟୀ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନଜନିତ ବିଶ୍ୱ ତାପମାତ୍ରା ବୃଦ୍ଧି ଯୋଗୁ ପ୍ରାଣୀମାନଙ୍କ ଶାରୀରିକ ଗଠନ ବା ଆକାରରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟୁଛି । ଆମେରିକାର ପ୍ରାଣୀବିଜ୍ଞାନୀ ଜୋଏଲ୍ ଆଲେନ୍‌ଙ୍କ ମତାନୁଯାୟୀ ବିଶ୍ୱତାପମାତ୍ରା ବୃଦ୍ଧି ଯୋଗୁ ପଶୁପକ୍ଷୀମାନେ ସେମାନଙ୍କ ଶରୀର ଉଷ୍ମତାରେ ସନ୍ତୁଳନ ରକ୍ଷା କରିବା ପାଇଁ ଆଭ୍ୟନ୍ତରୀଣ ତାପମାତ୍ରାକୁ ଗୋଟିଏ ଅଙ୍ଗରୁ ଅନ୍ୟ ଅଙ୍ଗକୁ ସ୍ଥାନାନ୍ତରିତ କରିପାରନ୍ତି । ଫଳରେ ଗ୍ରୀଷ୍ମ ତଥା ଶୀତପ୍ରଧାନ ଅଞ୍ଚଳରେ ରହୁଥିବା ସମାନ ଜାତିର ପ୍ରାଣୀମାନଙ୍କ ଅଙ୍ଗ ଆକୃତିରେ ଭିନ୍ନତା ଦେଖାଯାଉଛି ।

ଆନନ୍ଦ ବନର ସୁରକ୍ଷା ଓ ଅଭିବୃଦ୍ଧିରେ ବନ୍ୟପ୍ରାଣୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବାଘ, ସିଂହ, ବାର୍‌ହା, ଗଣ୍ଡା, ଭାଲୁ, ହାତୀ, ମାଙ୍କଡ଼ ଓ ସରୀସୃପ ଭଳି ଜଙ୍ଗଲର ଜାଗ୍ରତ ପ୍ରହରୀ ରହିଲେ କାଠ ମାଫିଆଙ୍କ ଦୌରାତ୍ମ୍ୟ ଆନନ୍ଦ ବନରେ ରହିବ ନାହିଁ । ଭୂତଳ ଜଳସ୍ତରର ନିୟନ୍ତ୍ରଣ କରିବାରେ ଜଙ୍ଗଲର ଅବଦାନ ଅତୁଳନୀୟ । ଜଙ୍ଗଲ ହେଉଛି ସୌନ୍ଦର୍ଯ୍ୟର ଗନ୍ତାଘର । ଓଡ଼ିଶାର ପିକ୍‌ନିକ୍ ଅଞ୍ଚଳଗୁଡ଼ିକ ସୁଇଜରଲାଣ୍ଡ ଭଳି ମନୋମୁଗ୍ଧକର । ଏହାର ଦିଗନ୍ତ ବିସ୍ତାରୀ ସମୁଦ୍ରତଟ, ଚିଲିକାର ମନଲୋଭା ନୀଳ ଜଳରାଶି, ଭିତରକନିକାର କୁମ୍ଭୀର ମେଳା, ଗହୀରମଥାର ଅଲିଭ୍ ରିଡ୍‌ଲେ କଇଁଛଙ୍କ ସମୂହ ପ୍ରଜନନର ବିରଳତା, ହୀରାକୁଦର ସାଇବେରିଆ ଅତିଥି ଭଳି ପ୍ରାକୃତିକ ଦୃଶ୍ୟାବଳୀ କେଉଁ ଗୁଣରେ ସ୍ୱର୍ଗଠାରୁ କମ୍ ନୁହେଁ । ଏଭଳି ବିରଳ ଚିତ୍ତବିନୋଦନ ସ୍ଥଳଗୁଡ଼ିକର ସୁରକ୍ଷା ଦରକାର । ଲୋକଙ୍କ ମାନସିକତା ବଦଳିବା ଦରକାର । ସାମାନ୍ୟ ପରିବର୍ତ୍ତନ ନୂତନ ଦିଗ ଉନ୍ମୋଚନ କରିବ । ଏହା ଆନନ୍ଦ ବନର ସାମଗ୍ରିକ ପ୍ରଗତିକୁ ତ୍ୱରାନ୍ୱିତ କରିବ ।

ପରିବେଶବିତ୍‌ମାନେ ଆକଳନ କରିଛନ୍ତି ଯେ ଯଦି ବିଶ୍ୱ ପୃଷ୍ଠରୁ ସମସ୍ତ ସମ୍ପଦ ଲୋପ ପାଇଯିବ ତା'ହେଲେ ୩ ଘଣ୍ଟା ମଧ୍ୟରେ ମଣିଷ ସହିତ ଅନ୍ୟାନ୍ୟ ପ୍ରାଣୀଙ୍କ ମୃତ୍ୟୁ ହୋଇ ମାନବ ସଭ୍ୟତା ଲୋପ ପାଇଯିବ । ଜଙ୍ଗଲରେ ବାରମ୍ବାର ଅଗ୍ନିକାଣ୍ଡ ଯୋଗୁ ବହୁ ଉପକାରୀ ଉଦ୍ଭିଦ ସହ ବନ୍ୟପ୍ରାଣୀଙ୍କ ଅକାଳ ମୃତ୍ୟୁ ହୁଏ । ଥରେ ମାଟି ପୋଡ଼ିଗଲେ ଉକ୍ତ ସ୍ଥାନରେ ନୂତନ ବୃକ୍ଷ ସୃଷ୍ଟି ହେବାପାଇଁ ପ୍ରାୟ ପାଞ୍ଚବର୍ଷ ଲାଗିଥାଏ । ଏଣୁ ବୃକ୍ଷର ପତ୍ରଝଡ଼ା ପରେ ପରେ ନିକଟତମ ଗ୍ରାମବାସୀଙ୍କ ଦ୍ୱାରା ପତ୍ର ସଂଗ୍ରହ କରାଯାଇ କମ୍ପୋଷ୍ଟ ପ୍ରସ୍ତୁତ କରାଯାଉ । ଏହାଦ୍ୱାରା ପାଗଳ ମଣିଷ ଜଙ୍ଗଲରେ ନିଆଁ ଲଗାଇବେ ନାହିଁ । ହାତୀର ଦାନ୍ତକୁ ପର୍ଯ୍ୟାୟକ୍ରମେ କାଟି ଦିଆଗଲେ ଶିକାରୀମାନେ ହାତୀକୁ ମାରିବେ ନାହିଁ । ମନେରଖନ୍ତୁ ବାହ୍ୟ ଦାନ୍ତ ହାତୀର ନିଜ ବ୍ୟବହାରରେ ଆସେ ନାହିଁ । ହାତୀମାନଙ୍କ ବାସସ୍ଥଳୀ ଓ ଚଲାପଥ ସୁରକ୍ଷିତ ରହିଲେ ସେମାନେ ଗ୍ରାମକୁ ଆସି ଧନ ଓ ଜୀବନ ନଷ୍ଟ କରିବେ ନାହିଁ । ହାତୀଙ୍କ ବେକରେ ପିତ୍ତଳର ଘଣ୍ଟି ବନ୍ଧାଗଲେ ଘଣ୍ଟି ଶବ୍ଦରେ ଲୋକେ ସତର୍କ ହୋଇଯିବେ । ହାତୀମାନେ ମହୁମାଛିଙ୍କୁ ଖୁବ୍ ଭୟ କରନ୍ତି । ଏଣୁ ଜଙ୍ଗଲ ସଂଲଗ୍ନ ପ୍ରତ୍ୟେକ ଗ୍ରାମର ପ୍ରତି ଘରେ ଘରେ ମହୁଚାଷ ପାଇଁ ପ୍ରୋତ୍ସାହନ ଦିଆଯାଉ । 'ଜଙ୍ଗଲ ଯାହାର, ଅଧିକାର ତାହାର ।' ତେଣୁ ଆନନ୍ଦ ବନର ସାମୂହିକ ଉନ୍ନତି ହୋଇପାରିବ ଯଦି ଜଙ୍ଗଲ ଭିତରେ ଓ ସମୀପରେ ବାସ କରୁଥିବା ଆଦିବାସୀ ଜନଜାତିଙ୍କୁ ଜଙ୍ଗଲର ସୁରକ୍ଷା ପ୍ରଦାନର ଦାୟିତ୍ୱ ଦିଆଯାଏ । ଫଳରେ ସେମାନଙ୍କ ସାମୂହିକ ଉନ୍ନତି ହେବା ସହିତ ଜଙ୍ଗଲ ସୁରକ୍ଷିତ ରହିବ ।

**ପରିବେଶ ବିଜ୍ଞାନୀ**
**ମୋ : ୯୪୩୮୬୨୧୩୯୧**

# ପ୍ରଶ୍ନପତ୍ର ଲିକ୍ ଏକ ଗମ୍ଭୀର ପ୍ରସଙ୍ଗ



ଅସିତ ମହାନ୍ତି

ପ୍ରଶ୍ନପତ୍ର ଲିକ୍ ହେଉଛି ଏକ ଗମ୍ଭୀର ପ୍ରସଙ୍ଗ, ଯାହା ଶିକ୍ଷା ବ୍ୟବସ୍ଥାର ନ୍ୟାୟ ଏବଂ ଅଖଣ୍ଡତା ଉପରେ ସୁଦୂରପ୍ରସାରୀ ପ୍ରଭାବ ପକାଇପାରେ । ଯେତେବେଳେ ପ୍ରଶ୍ନପତ୍ର ଲିକ୍ ହୁଏ, ସେତେବେଳେ ଏହା ପରୀକ୍ଷା ପାଇଁ ସଚ୍ଚୋଟ ଭାବରେ ପ୍ରସ୍ତୁତ ହୋଇଥିବା ଛାତ୍ରମାନଙ୍କୁ ଅସୁବିଧାରେ ପକାଇଥାଏ ଏବଂ ପରୀକ୍ଷା ପ୍ରକ୍ରିୟାର ବିଶ୍ୱସନୀୟତାକୁ କ୍ଷୁଣ୍ଣ କରିଥାଏ । ବିଭିନ୍ନ କାରଣରୁ ସୁରକ୍ଷା ପଦକ୍ଷେପ ଅଭାବ, ଶିକ୍ଷା ବ୍ୟବସ୍ଥାରେ ଦୁର୍ନୀତି ଏବଂ ବୈଷୟିକ ଦୁର୍ବଳତା ଭଳି ପ୍ରଶ୍ନପତ୍ର ଲିକ୍ ହୋଇପାରେ । ଲିକ୍ ସହିତ ଜଡିତ ବ୍ୟକ୍ତିମାନେ ଶିକ୍ଷକ, ପ୍ରଶାସକ କିମ୍ବା ଶିକ୍ଷା ବ୍ୟବସ୍ଥା ବାହାରେ ଥିବା ବ୍ୟକ୍ତିବିଶେଷଙ୍କୁ ଅନ୍ତର୍ଭୁକ୍ତ କରିପାରିବେ ଯେଉଁମାନେ କାଗଜପତ୍ରରେ ଅନଧିକୃତ ପ୍ରବେଶ ହାସଲ କରନ୍ତି । ପ୍ରଶ୍ନପତ୍ର ଲିକ୍‌କୁ ନିୟନ୍ତ୍ରଣ କରିବା ପାଇଁ ବହୁମୁଖୀ ଆଭିମୁଖ୍ୟ ଆବଶ୍ୟକ । ଗୋଟିଏ ଉପାୟ ହେଉଛି ସୁରକ୍ଷା ପଦକ୍ଷେପକୁ ବୃଦ୍ଧି କରିବା ଯେପରି କି ପ୍ରଶ୍ନପତ୍ରଗୁଡ଼ିକୁ ଏନ୍‌କ୍ରିପ୍ଟ କରିବା, ସେମାନଙ୍କ ପ୍ରବେଶ ଉପରେ ପ୍ରତିବନ୍ଧକ ଲଗାଇବା ଏବଂ ଅଧିକ କଠୋର ମନିଟରିଂ ସିଷ୍ଟମ ଲାଗୁ କରିବା । ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଶିକ୍ଷା ବ୍ୟବସ୍ଥା ମଧ୍ୟରେ ନୈତିକତା ଏବଂ ଅଖଣ୍ଡତାକୁ ପ୍ରୋତ୍ସାହିତ କରିବା, ନ୍ୟାୟପୂର୍ଣ୍ଣ ଗୁରୁତ୍ୱକୁ ଆଲୋକିତ କରିବା । ଏହା ସହିତ ପ୍ରଶ୍ନପତ୍ର ଲିକ୍ ସହିତ ଜଡିତ ବ୍ୟକ୍ତିଙ୍କ ପାଇଁ କଠୋର ଦଣ୍ଡବିଧାନ ହେବା ଉଚିତ । ହ୍ୱିଇସିଲ ବ୍ଲୋୟର ସୁରକ୍ଷାକୁ ମଜଭୁତ କରିବା ମଧ୍ୟ ସମ୍ଭାବ୍ୟ ଲିକ୍ ଘଟଣା ବିଷୟରେ ରିପୋର୍ଟ କରିବାକୁ ବ୍ୟକ୍ତିବିଶେଷଙ୍କୁ ଉତ୍ସାହିତ କରିପାରିବ । ପରିଶେଷରେ ପ୍ରଶ୍ନପତ୍ର ଲିକ୍‌କୁ ମୁକାବିଲା କରିବା ପାଇଁ ବୈଷୟିକ ସମାଧାନ, ନିୟମ ଓ ନିୟମର କଠୋର କାର୍ଯ୍ୟକାରିତା, ଶିକ୍ଷା କ୍ଷେତ୍ରରେ ସଚ୍ଚୋଟତା ଏବଂ ଅଖଣ୍ଡତାକୁ ମୂଲ୍ୟ ଦେବା ଦିଗରେ ଏକ ପରିବର୍ତ୍ତନ ଆବଶ୍ୟକ । ଏହି ଦିଗଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ସମାଧାନ କରି ପ୍ରଶ୍ନପତ୍ର ଲିକ୍ ଘଟଣାକୁ କମ୍ କରିବା ଏବଂ ପରୀକ୍ଷା ବ୍ୟବସ୍ଥାର ବିଶ୍ୱସନୀୟତାକୁ ସମର୍ଥନ କରିବା ସମ୍ଭବ । ପ୍ରଶ୍ନପତ୍ର ଲିକ୍‌କୁ ସମାଧାନ କରିବାର ଦାୟିତ୍ୱ ଶିକ୍ଷା ବ୍ୟବସ୍ଥା ଉପରେ ଅଛି । ଏଥିରେ ଶିକ୍ଷାନୁଷ୍ଠାନ, ପରୀକ୍ଷା ବୋର୍ଡ, ସରକାରୀ କର୍ତ୍ତୃପକ୍ଷ, ଆଇନ ପ୍ରଣୟନକାରୀ ସଂସ୍ଥା ଏବଂ ବ୍ୟକ୍ତିଗତ ଶିକ୍ଷାବିତ୍ ଅନ୍ତର୍ଭୁକ୍ତ ।

ପରୀକ୍ଷା ପ୍ରକ୍ରିୟାର ସୁରକ୍ଷା ଏବଂ ଅଖଣ୍ଡତା ସୁନିଶ୍ଚିତ କରିବା ପାଇଁ ଶିକ୍ଷାନୁଷ୍ଠାନ ଏବଂ ପରୀକ୍ଷା ବୋର୍ଡ ଦାୟୀ । ଲିକ୍ ରୋକିବା ପାଇଁ ପ୍ରଶ୍ନ କାଗଜପତ୍ରର ସଂରକ୍ଷଣ, ବଣ୍ଟନ ଏବଂ ମନିଟରିଂ ପାଇଁ ସେମାନେ ନିଶ୍ଚିତ ଭାବରେ ପ୍ରୋଟୋକଲ କାର୍ଯ୍ୟକାରୀ କରିବେ । ନିୟମିତ ସୁରକ୍ଷା ଅଡିଟ ଏବଂ ବିପଦର ମୂଲ୍ୟାଙ୍କନ ସିଷ୍ଟମ୍‌ରେ ଦୁର୍ବଳତା ଚିହ୍ନଟ କରିବାରେ ସାହାଯ୍ୟ କରିଥାଏ । ସରକାରୀ କର୍ତ୍ତୃପକ୍ଷ: ଜାତୀୟ, ରାଜ୍ୟ ତଥା ଆଞ୍ଚଳିକ ସ୍ତରରେ ସରକାରୀ ସଂସ୍ଥା ଶିକ୍ଷା ବ୍ୟବସ୍ଥାର ତଦାରଖ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ପରୀକ୍ଷା ପରିଚାଳନା କରୁଥିବା ନୀତି, ନିୟମାବଳୀ ଏବଂ ମାନକ ସେଟିଂ ପାଇଁ ସେମାନେ ଦାୟୀ । ପ୍ରଶ୍ନପତ୍ର ଲିକ୍ ବିରୋଧରେ ସରକାରୀ କର୍ତ୍ତୃପକ୍ଷ କଠୋର ଆଇନ ପ୍ରତିଷ୍ଠା କରିବା ଉଚିତ ଏବଂ ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତି ଉପଯୁକ୍ତ ଆଇନଗତ ପରିଣାମ ଭୋଗିବାକୁ ନିଶ୍ଚିତ କରିବା ଉଚିତ । ପ୍ରଶ୍ନ ପେପର ଲିକ୍ ଘଟଣାର ଅନୁସନ୍ଧାନ କରିବା ଏବଂ ଅପରାଧୀଙ୍କୁ ଉତ୍ତରଦାୟୀ କରିବା ଆଇନ ପ୍ରଣୟନକାରୀ ସଂସ୍ଥାମାନଙ୍କର କର୍ତ୍ତବ୍ୟ । ଲିକ୍‌ର ଉତ୍ସ ଉନ୍ମୋଚନ କରିବା ଏବଂ ଏହିପରି କାର୍ଯ୍ୟକଳାପରେ ଜଡିତ ନେଟ୍‌ୱର୍କକୁ ବାଧା ଦେବା ପାଇଁ ସେମାନେ ଶିକ୍ଷାନୁଷ୍ଠାନ ଏବଂ ପରୀକ୍ଷା ବୋର୍ଡ ସହିତ ମିଳିତ ଭାବରେ କାର୍ଯ୍ୟ କରିବା ଉଚିତ ।

ଶିକ୍ଷାନୁଷ୍ଠାନଗୁଡିକ ମଧ୍ୟରେ ଶିକ୍ଷାବିତ୍ ଏବଂ କର୍ମଚାରୀମାନେ ନୈତିକ ମାନଦଣ୍ଡକୁ ମାନିବା କରିବା ଉଚିତ ଏବଂ ପ୍ରଶ୍ନପତ୍ର ଲିକ୍‌ରେ ଅଂଶଗ୍ରହଣରୁ ଦୂରେଇ ରହିବା ଆବଶ୍ୟକ । ପରୀକ୍ଷାର ଅଖଣ୍ଡତା ରକ୍ଷା କରିବାରେ ଛାତ୍ର ଏବଂ ଅଭିଭାବକମାନେ ମଧ୍ୟ ଏକ ଭୂମିକା ରହିଛି । ଛାତ୍ରମାନଙ୍କ ମଧ୍ୟରେ ସଚ୍ଚୋଟତା ଏବଂ କଠିନ ପରିଶ୍ରମର ସଂସ୍କୃତିକୁ ଉତ୍ସାହିତ କଲେ ଏହା ପ୍ରଶ୍ନପତ୍ର ଲିକ୍‌କୁ ରୋକିବାରେ ସାହାଯ୍ୟ କରିବ । ମୋଟ ଉପରେ ପ୍ରଶ୍ନପତ୍ର ଲିକ୍‌କୁ ମୁକାବିଲା କରିବା ଶିକ୍ଷା ବ୍ୟବସ୍ଥାରେ ସମସ୍ତ ହିତାଧିକାରୀଙ୍କଠାରୁ ଏକ ସାମୂହିକ ପ୍ରୟାସ ଆବଶ୍ୟକ କରେ ।

**ସୁଜନପୁର, ଯାଜପୁର**
**ମୋ: ୯୩୪୮୭୬୮୮୧୨**

## ଚିରନ୍ତନୀ

ହେ ପ୍ରକୃତି ହେ ରମଣୀ ପ୍ରିୟା ପ୍ରିୟତମା
ଜଗତର ଧାତ୍ରି ଶକ୍ତି ଧରିତ୍ରୀ ଜନନୀ !
ଧରିଅଛୁ ଯେଣୁ ମୋତେ ହେ ବିଶ୍ୱ-ସୁଷମା !
ତେଣୁ ମୋର ସ୍ଥିତି ମୃତ୍ତିକାରେ । ଏ ଅବନୀ
ତଳେ ଚାଲିବାକୁ ତିଳେ ନାହିଁ ଯେ ଶକତି-
ପଙ୍ଗୁ ମୁହିଁ ତୋ ବିହୁନେ । ସ୍କନ୍ଧେ ତୋର ରେଣୁ
ନେଇଛି ଆସନ ପାତି, ତୁ ମୋର ମୁକତି ।
-(ପୁରୁଷ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ରତ୍ନଭଣ୍ଡାର ରହସ୍ୟର ପର୍ଦ୍ଦାଫାଶ ହେଉ

ମହାଶୟ,

ଜଗତର ନାଥ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପାଇଁ ଉଦ୍ଦିଷ୍ଟ ଥିବା ରତ୍ନଭଣ୍ଡାର ଚାବି ହଜିବା ଘଟଣା ପ୍ରାୟ ୫ ବର୍ଷ ଅତିକ୍ରାନ୍ତ ହେବାକୁ ଯାଉଛି । ଏହି ଘଟଣାଟି ଅତ୍ୟନ୍ତ ସମ୍ବେଦନଶୀଳ ତଥା ସ୍ପର୍ଶକାତର ଘଟଣା । ଏହା ଏକ ପ୍ରଶ୍ନବାଚୀ ହୋଇ ଏବେ ମଧ୍ୟ ରହିଛି । ପ୍ରକୃତରେ ଏବେ ରତ୍ନଭଣ୍ଡାର କିପରି ଅବସ୍ଥାରେ ରହିଛି । ଏଥିରେ କେଉଁ ପରିମାଣ ଏବଂ କେତେ ପ୍ରକାରର ଅଳଙ୍କାର ଗଚ୍ଛିତ ଅଛି ତାହା ଜାଣିବା ପାଇଁ ଆଜି ଅଗଣିତ ଭକ୍ତବୃନ୍ଦ ଉତ୍କଣ୍ଠାର ସହିତ ଚାହିଁ ରହିଛନ୍ତି । ହେଲେ ଆଜି ପର୍ଯ୍ୟନ୍ତ ସେମାନଙ୍କର ଏହି ପ୍ରଶ୍ନର ଉତ୍ତର ନା ସରକାର ଦେଉଛନ୍ତି ନା ଶ୍ରୀମନ୍ଦିର କର୍ତ୍ତୃପକ୍ଷ, କେହି ମଧ୍ୟ ଦେଇପାରୁ ନାହାନ୍ତି । ସବୁଠାରୁ ଆଶ୍ଚର୍ଯ୍ୟର କଥା, ରାଜ୍ୟ ସରକାରଙ୍କ ତରଫରୁ ହୋଇଥିବା ଜଷ୍ଟିସ୍ ରଘୁବୀର ଦାସ୍ କମିଶନ ରିପୋର୍ଟକୁ ୫ ବର୍ଷ ପୂରିଯାଇଥିଲେ ମଧ୍ୟ ଏହା ଏପର୍ଯ୍ୟନ୍ତ ସାର୍ବଜନୀନ ହୋଇପାରିନାହିଁ । କ୍ଷୋଭର ବିଷୟ ଏହି ରିପୋର୍ଟକୁ ବିଧାନସଭାରେ ଆଜି ପର୍ଯ୍ୟନ୍ତ ଉପସ୍ଥାପିତ କରାଯାଇପାରିନାହିଁ । ତେଣୁ ସୁପ୍ରିମକୋର୍ଟସ୍ତରୀୟ ତଦନ୍ତ କରାଯାଉ ଏବଂ ଶୀଘ୍ର ରତ୍ନ ଭଣ୍ଡାର ରହସ୍ୟରୁ ପର୍ଦ୍ଦା ହଟାଯାଉ ।

**-ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ବାଇକରୁ ପଡ଼ି ଯୁବକ ମୃତ, ବର୍ତ୍ତିଲେ ସ୍ତ୍ରୀ, ଝିଅ

ସଇଁତଳା,(ରାଖାଲ ପ୍ରସାଦ ଶତପଥି): ସଇଁତଳା ଥାନା ତେନ୍ତୁଲିପାଲି ଗ୍ରାମରେ ଗୁରୁବାର ଭାରସାମ୍ୟ ହରାଇ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କଳାହାଣ୍ଡି ଜିଲା ତୁର୍ଲାଖମନ ଗ୍ରାମର ସନମ ନାଗ। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ।



**ସଂକ୍ଷେପରେ**

## ଗଦାଧର ବାରିକ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଦସ୍ୟ

ସୋନପୁର,୨୯।୨(ମୃତ୍ୟୁଞ୍ଜୟ ଶତପଥୀ)

ଓଡିଶା ସଙ୍ଗୀତ ନାଟକ ଏକାଡେମୀର ନୂତନ ସାଧାରଣ ପରିଷଦ ବୁଧବାର ଗଠନ କରାଯାଇଛି। ଏହି କମିଟିର



ସଦସ୍ୟ ଭାବରେ ସୁବର୍ଣ୍ଣପୁରର ବିଶିଷ୍ଟ ନାଟ୍ୟକାର, ନିର୍ଦ୍ଦେଶକ, ନୃତ୍ୟଗୁରୁ ତଥା ସିନେ କଳାକାର ନାଟ୍ୟଶ୍ରୀ ଗଦାଧର ବାରିକ୍‌ଙ୍କୁ ମନୋନୀତ କରାଯାଇଛି। ବାରିକ ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ଭାବରେ ଜିଲା ତଥା ରାଜ୍ୟର ଅନେକ ସ୍ଥାନରେ ସମ୍ବର୍ଦ୍ଧିତ ହୋଇଛନ୍ତି। ଓଡିଶା ସଙ୍ଗୀତ ନାଟକ ଏକାଡେମୀର ନୂତନ ସଦସ୍ୟ ଭାବେ ବାରିକ୍‌ଙ୍କୁ ମନୋନୀତ କରାଯାଇଥିବାରୁ ସୁବର୍ଣ୍ଣପୁର ଜିଲାର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତା ସ୍ୱାଗତ କରିବା ସହ ଓଡିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି।

## ବିଦ୍ୟୁତ୍ ଉପଭୋକ୍ତାଙ୍କ ଉପରେ ଜୁଲମ, ସାଧାରଣରେ ଅସନ୍ତୋଷ

ଖୁଣ୍ଟିଗୋରା,୨୯।୨(ମକରନ୍ଦ ସାହୁ)

ବିଦ୍ୟୁତ୍ ବିଭାଗର ମନମୁଖୀ କାର୍ଯ୍ୟକୁ ନେଇ କନ୍ଧମାଳ ବ୍ଲକ ଘଣ୍ଟାପଡା ଅଞ୍ଚଳର ବିଦ୍ୟୁତ ଉପଭୋକ୍ତାମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସୂଚନାଯୋଗ୍ୟ ଯେ,ଘଣ୍ଟାପଡା ଷ୍ଟ୍ରକ୍ଚର ଅଞ୍ଚଳର କେତେଜଣ ଉପଭୋକ୍ତାଙ୍କ ନିକଟକୁ ଜରିମାନା ନୋଟିସ ବିଦ୍ୟୁତ ବିଭାଗ ତରଫରୁ ଦିଆଯାଇଛି। ବିଦ୍ୟୁତ ବିଭାଗର ଏକ ମୋବାଇଲ ଟିମ୍ ଅଚାନକ ଉପଭୋକ୍ତାଙ୍କ ଘରେ ପହଞ୍ଚି ମିଟର ଟାମ୍ପରିଙ୍ଗ ହୋଇଛି, ବିଦ୍ୟୁତ ବାଇପାସ ହୋଇଛି, ଅଧିକ ଲୋଡ଼ ଦିଆହୋଇଛି ଆଦି ଅଭିଯୋଗ ଆଣୁଛନ୍ତି। ପରିତାପର ବିଷୟ ଯେ ମିଟର ଖରାପ ହୋଇଥିବା ଅଭିଯୋଗ କଲେ ମଧ ବିଭାଗ ପକ୍ଷରୁ ମାସ ମାସ ଧରି ଆଦୌ ଗୁରୁତ୍ୱ ଦିଆଯାଉନାହିଁ। ଫଳରେ ମିଟର ଖରାପ ହୋଇଥିବା ଦୃଷ୍ଟିରୁ ଉପଭୋକ୍ତା ଦୀର୍ଘ ଦିନ ଧରି ନିର୍ଦ୍ଧାରିତ ସର୍ବନିମ୍ନ ବିଲ୍ ଦେଇ ଆସୁଛନ୍ତି। କିନ୍ତୁ ମୋବାଇଲ ଟିମ୍ ଘରେ ପଶି ଟିଭି, ପଙ୍ଖା, କୁଲର, ପାଣି ମଟର, ୱାସିଂ ମେଶିନ, ଫ୍ରିଜ ଆଦି ରହିଥିବା ଦର୍ଶାଇ ମିଛ ରିପୋର୍ଟ ପ୍ରସ୍ତୁତ କରି ଜରିମାନା କରୁଛନ୍ତି। ତଦନ୍ତ ସମୟରେ ଉପଭୋକ୍ତାଙ୍କୁ ଭେରିଫିକେଶନ ନୋଟିସ ଦେବାର ନିୟମ ରହିଛି। କିନ୍ତୁ ତାହା ଦିଆଯାଉନାହିଁ। ଅଥଚ ଜରିମାନା ନୋଟିସ ପଠାଇ ବାରମ୍ବାର ଫୋନ କଲ୍ କରି ଟଙ୍କା ଜମା କରିବାକୁ ନିର୍ଦ୍ଦେଶ ଦିଆଯାଉଛି। ଯାହା ଫଳରେ ଗରିବ ଉପଭୋକ୍ତାଙ୍କ ଉପରେ ମାନସିକ ଚାପ ସୃଷ୍ଟି ହେଉଛି। ଅପରପକ୍ଷରେ ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁ ଲୋକେ ଅତିଷ୍ଠ ହେଉଛନ୍ତି। ଏ ସମ୍ପର୍କରେ ନିରପେକ୍ଷ ତଦନ୍ତ କରାଯାଇ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି।

## ଏସ୍‌ଏଚ୍‌ଜି ମହିଳାଙ୍କୁ ଋଣର ସୁଧ ଫେରସ୍ତ କାର୍ଯ୍ୟକ୍ରମ

ଘଣ୍ଟାପଡ଼ା,୨୯।୨(ପ୍ରଭାତ କୁମାର ସାହୁ)

ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ୧୪୫ କୋଟି ଟଙ୍କା ଋଣର ସୁଧ ଫେରସ୍ତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବୌଦ୍ଧ ଜିଲା କନ୍ଧମାଳ ମିଶନ ଶକ୍ତିର ବିପିସି ବିଶ୍ୱଭୂଷଣ କହଁରଙ୍କ ତତ୍ତ୍ୱାବଧାନରେ ଏକ ସଭା ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ କନ୍ଧମାଳ ବିଧାୟକ ତଥା ଯୋଜନା ବୋର୍ଡର ଅଧ୍ୟକ୍ଷ ମହୀଧର ରଣା, ସମ୍ମାନିତ ଅତିଥି ଭାବେ ୧୯ନଂ ଜୋନର ଜିଲା ପରିଷଦ ସଦସ୍ୟା ସୁମିତ୍ରା ସାହୁ, ସିଡିପିଓ ଜ୍ୟୋତ୍ସ୍ନାରାଣୀ ପାଢୀ, କନ୍ଧମାଳ କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ରବିନାରାୟଣ ଦଲାଲ ଉପସ୍ଥିତ ରହି ୧୫ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ୨ ଲକ୍ଷ ୯୪ ହଜାର ୪୧୩ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କନ୍ଧମାଳ ବ୍ଲକ ଅଧୀନ ଅନେକ ଗ୍ରାମ ପଞ୍ଚାୟତରୁ ବ୍ୟାଙ୍କ ମିତ୍ର, କୃଷିମିତ୍ର, ପ୍ରାଣୀ ମିତ୍ର,ଏମ୍‌ବିକେ, ସିଆରପି, ମହିଳା ଗୋଷ୍ଠୀର ସଦସ୍ୟା ଉପସ୍ଥିତ ରହିଥିଲେ। ବିପିସି କହଁରଙ୍କ ସମେତ ବିପିଏମ ଅଜୟ ପ୍ରଧାନ, ବିନାୟକ ସେଠୀ, ସୁମନ୍ତ ପ୍ରଧାନ, ରାଧାରାଣୀ ନାଏକ, ସ୍ୱୟଂପ୍ରଭା ମହିଳା ଗୋଷ୍ଠୀର ସଭାନେତ୍ରୀ ପୁଷ୍ପାଞ୍ଜଳି ମିଶ୍ର, ସଂପାଦିକା ଅହଲ୍ୟା କର୍ଣ୍ଣଙ୍କ ସମେତ ବିଭାଗୀୟ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ସ୍ୱାସ୍ଥ୍ୟସେବାରେ ଗୋଷ୍ଠୀ ସହଭାଗିତା ଉପରେ ଗୁରୁତ୍ୱ

ସୋନପୁର,୨୯।୨(ମୃତ୍ୟୁଞ୍ଜୟ ଶତପଥୀ)



ସମ୍ମିଳନୀରେ ଯୋଗ ଦେଇଥିବା ଅତିଥିମାନେ।

**ସୁବର୍ଣ୍ଣପୁରରେ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ସମ୍ମିଳନୀ**

■ ୪ ଆଶାକର୍ମୀ, ୬ ଗାଁ, ୫ ମହିଳା ଆରୋଗ୍ୟ ସମିତି ଓ ୯ ଅନୁଷ୍ଠାନକୁ କାୟାକଳ୍ପ ପୁରସ୍କାର

ସୁବର୍ଣ୍ଣପୁର ଜିଲା ସଂସ୍କୃତି ଭବନ ପରିସରରେ ଜିଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନନ୍ୟା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଜିଲାପାଳ ତାଙ୍କ ବକ୍ତବ୍ୟରେ ସ୍ୱାସ୍ଥ୍ୟସେବାରେ ଗୋଷ୍ଠୀ ସହଭାଗିତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉତ୍ତରଦାୟିତ୍ୱ ବୃଦ୍ଧି ତଥା ସେବା ମନୋଭାବ ପ୍ରଦର୍ଶନ କରିବା ପାଇଁ ଜିଲାପାଳ ଦାସ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଶ୍ୱରଞ୍ଜନ ପତି, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ) ଡା. ଦୈତ୍ୟନାରାୟଣ ପାଢୀ, ଅଧୀକ୍ଷକ ଜିଲା ମୁଖ୍ୟ ଚିକିତ୍ସାଳୟ ଡା. ଦୁର୍ଗାଦତ୍ତ ଦାଶ, ଜିଲା ସମାଜ କଲ୍ୟାଣ ଅଧିକାରିଣୀ ଅନୁପମା ପଣ୍ଡା, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋଜ କୁମାର ଅଦାବର, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଞ୍ଜୁରାଣୀ ସିଂ ଯୋଗଦାନ କରିଥିଲେ। ଜିଲାରେ ୬୩୩ ଜଣ ଆଶା କର୍ମୀ କାର୍ଯ୍ୟରତ ଥିବା ବେଳେ ୭୫୮ଟି ଗାଁ କଲ୍ୟାଣ ସମିତି କାର୍ଯ୍ୟକ୍ଷମ ଅଛି। ସେହିପରି ଜିଲାରେ ୮୯ଟି ମହିଳା ଅରୋଗ୍ୟ ସମିତି କାର୍ଯ୍ୟକ୍ଷମ ଥିବା ସୂଚନା ଦିଆଯାଇଥିଲା। ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା କାର୍ଯ୍ୟକ୍ରମ ପରିଚାଳକ ବିଶ୍ୱମ୍ବର ବେହେରା, ସହ ପରିଚାଳକ ଅଶା ଓ ଗାଁ କଲ୍ୟାଣ ସମିତି ତରଣୀସେନ ପଧାନ ମଞ୍ଚାସୀନ ଥିଲେ। ଏହି ଅବସରରେ ଜିଲାସ୍ତରରେ ଭଲ କାମ କରୁଥିବା ୪ଜଣ ଆଶାଙ୍କୁ ଅର୍ଥରାଶି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପ୍ରତି ବ୍ଲକରୁ ଗୋଟିଏ ଲେଖାଏଁ ହିସାବରେ ୬ଟି ଗାଁକୁ ସୁସ୍ଥ ଗାଁ ପୁରସ୍କାର ସ୍ୱରୂପ ୧୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ସହରାଞ୍ଚଳ ସ୍ୱାସ୍ଥ୍ୟସେବା ପାଇଁ ୫ଜଣ ମହିଳା ଆରୋଗ୍ୟ ସମିତିକୁ ଅର୍ଥରାଶି ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଉତ୍ତମ ସ୍ୱାସ୍ଥ୍ୟସେବା ତଥା ସ୍ୱଚ୍ଛତା ଅବଲମ୍ବନ କରୁଥିବା ଉପଖଣ୍ଡୀୟ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ସ୍ୱାସ୍ଥ୍ୟ ଉପକେନ୍ଦ୍ରରୁ ୯ଟି ଅନୁଷ୍ଠାନକୁ କାୟାକଳ୍ପ ସମ୍ମାନ ପ୍ରଦାନ କରାଯାଇଥିଲା। ଅବିନାଶ ହୋତା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ହିତେଶ ତ୍ରିପାଠୀ, ସୁଧାଂଶୁ ଶେଖର ନାୟକ, ଗୀତାଞ୍ଜଳି ମେହେର, ପ୍ରମୋଦ କୁମାର ସାହୁ ଓ ନାରାୟଣ ରଥ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ତେବେ ଏହି କାର୍ଯ୍ୟକ୍ରମ ପୂର୍ବାହ୍ନ ୧୧ଟାରେ ରଖା ଯାଇଥିବା ବେଳେ ବହୁ ବିଳମ୍ବରେ ଅର୍ଥାତ୍ ଅପରାହ୍ନ ୧ଟା ୧୫ରେ ଆରମ୍ଭ ହୋଇଥିଲା। ବିଳମ୍ବରେ ସମ୍ମିଳନୀ ଆରମ୍ଭକୁ ନେଇ ଦୂର ସ୍ଥାନରୁ ଆସିଥିବା ଆଶା, ଅଙ୍ଗନୱାଡି କର୍ମୀ, ୱାର୍ଡ ସଭ୍ୟ ପ୍ରମୁଖ ଅସନ୍ତୋଷ ପ୍ରକାଶ କରିଥିଲେ। ଏପରି କି ସମ୍ମିଳନୀରେ ଆଶାଜନକ ଉପସ୍ଥାନ କି ଉତ୍ସାହଜନକ ପରିବେଶ ଦେଖିବାକୁ ମିଳି ନ ଥିଲା। ପୁରସ୍କାର ପ୍ରଦାନ ଉତ୍ସବ ପରେ ଆଶାକର୍ମୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ବଲାଙ୍ଗୀର ସହର ଶୁଦ୍ଧ ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ

ବଲାଙ୍ଗୀର,୨୯।୨ (ବୀରେନ୍ଦ୍ର କୁମାର ଝାଙ୍କର)

**୧୩୭ କୋଟି ଖର୍ଚ୍ଚରେ ଉପକୃତ ହେବେ ୭୦,୧୯୯ଲୋକ**

ବଲାଙ୍ଗୀର ସହରରେ ପାନୀୟ ଜଳଯୋଗାଣ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇଥିବା ସୂଚନା ଦିଆଯାଇଛି। ଗୁରୁବାର ବଲାଙ୍ଗୀର ସହରର ଘରଗୁଡିକୁ ଜଳ ଯୋଗାଣ ପାଇଁ ମଞ୍ଜୁର ହୋଇଥିବା ୧୩୭ କୋଟି ଟଙ୍କାର ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଶିଳାନ୍ୟାସ କରିଥିବା ଜଣାପଡିଛି। ଏହା ସହିତ ୭୮ ଲକ୍ଷ ଟଙ୍କାର ବ୍ୟୟରେ ନିର୍ମିତ ଭୂତଳ ପାଣିଟାଙ୍କିର ମଧ୍ୟ ଶୁଭ ଉଦଘାଟନ କରାଯାଇଛି। ଆଭାସୀ ମାଧ୍ୟମରେ ଏହି ପ୍ରକଳ୍ପ ଶିଳାନ୍ୟାସ ଓ ଉଦ୍‌ଘାଟନ ଅବସରରେ ବଲାଙ୍ଗୀରରେ ପୌର ପରିଷଦ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ପ୍ରକଳ୍ପରେ ସହରର ୧୧ ହଜାର ୭୦୨ ପରିବାରର ୭୦ ହଜାର ୧୯୯ ଜଣ ଲୋକ ଶୁଦ୍ଧ ପାନୀୟ ଜଳ ପାଇପାରିବେ ବୋଲି ଲକ୍ଷ୍ୟ ରଖାଯାଇଥିବା ସୂଚନା ଦିଆଯାଇଛି। ବିଏସଏନଏଲ ଅଫିସ ପାଖରେ ନିର୍ମାଣ ହୋଇଥିବା ୭୮ଲକ୍ଷ ଟଙ୍କାର ଭୂତଳ ପାଣିଟାଙ୍କିକୁ ଉଦ୍‌ଘାଟନ କରାଯାଇଛି। ସ୍ଥାନୀୟ ସୁଦପଡା କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ଏହି ସଭାରେ ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ, ପୌରାଧ୍ୟକ୍ଷା ଲିକା ସାହୁ, ଉପାଧ୍ୟକ୍ଷା ଗାୟିତ୍ରୀ ଭୋଇ, ଜନସ୍ୱାସ୍ଥ୍ୟ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ଇନ୍ଦ୍ରଜିତ ସାହୁ, ପୌର ନିର୍ବାହୀ ଅଧିକାରୀ ବିଶ୍ୱମ୍ବର ମିଶ୍ର, କାଉନସିଲରମାନଙ୍କ ସହ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସିଂଦେଓ ଉପସ୍ଥିତ ଲୋକଙ୍କ ୧୯୯୧ ମସିହାରେ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ସମୟରେ ବଲାଙ୍ଗୀର ସହରକୁ ୧୮ କୋଟି ଟଙ୍କା ବ୍ୟୟରେ ସୋନପୁରରୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ହୋଇଥିଲା। ୨୦୧୨-୧୩ ମସିହାରେ ଅନଙ୍ଗ ଉଦୟ ସିଂଦେଓ ବିଧାୟକ ଓ କଳିକେଶ ସାଂସଦ ଥିବା ସମୟରେ ତରଭା ନିକଟ ତେଲନଦୀରୁ ୬୦ କୋଟି ଟଙ୍କା ବ୍ୟୟରେ ପାଣି ଅଣାଯାଇଥିଲା ଏବଂ ବଲାଙ୍ଗୀର ପୌର ପରିଷଦ ଅଧ୍ୟକ୍ଷା ସାହୁ ଏବଂ ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷଙ୍କ ପ୍ରସ୍ତାବକ୍ରମେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୩୭ କୋଟି ଟଙ୍କାର ପ୍ରକଳ୍ପ ଭେଟି ଦେଇଥିବା ସୂଚନା ଦିଆଯାଇଥିଲା।

# ୧୧୫ ପ୍ୟାକେଟ ପାନ ମସଲା ଜବତ

ଟିଟିଲାଗଡ଼,୨୯।୨(ଶରତ ମିଶ୍ର)

ଗୁରୁବାର ପୋଲିସ ଟିଟିଲାଗଡ ରେଳଷ୍ଟେଶନରୁ ୧୧୫ ପ୍ୟାକେଟ ପାନ ମସଲା ଜବତ କରିଛି। ଏହି ଘଟଣାରେ ଏକ ଟ୍ରକ ଜବତ ହୋଇଥିବା ବେଳେ ଚାଳକଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଛି। ମସଲା ଛତିଶଗଡ ରାଜ୍ୟର ରାୟପୁରରୁ ଆସୁଥିବା ବେଳେ କୁଆଡେ ଯିବାକୁ ଥିଲା ତାହା ଜାଣି ନ ଥିବା ଟ୍ରକ ଚାଳକ କହିଥିବା ସୂଚନା ମିଳିଛି। ପ୍ରକାଶ ଯେ, ସକାଳେ ଟିଟିଲାଗଡ ରେଳଷ୍ଟେଶନ ଅଞ୍ଚଳକୁ ଏକ ଟ୍ରକ ପଶି ଆସିଥିଲା। ଖବର ପାଇ ଟିଟିଲାଗଡ଼ ଏସଡିପିଓ ଅଙ୍କିତା କୁମ୍ଭାର, ଥାନା ଆଇଆଇସି ଅବନୀ ସାହୁ ସ୍ଥାନୀୟ ଆରପିଏଫ ଅଧିକାରୀ ଧର୍ମେନ୍ଦ୍ର ମିଶ୍ରାଙ୍କ ସହ ଘଟଣାସ୍ଥଳକୁ ଯାଇ ଟ୍ରକକୁ ଅଟକାଇ ଥିଲେ। ପରେ ଟିଟିଲାଗଡ଼ ଥାନାକୁ ଆଣି ଯାଞ୍ଚ କରିବା ସମୟରେ ସେଥିରେ ଏକ ବେନାମୀ କମ୍ପାନୀର ପାନ ମସଲା ଥିବା ଜଣା ପଡିଥିଲା। ଏ ସମ୍ପର୍କରେ ପୋଲିସଠାରୁ ସୂଚନା ପାଇ ସନ୍ଧ୍ୟାରେ ସହକାରୀ ସିଟି ଜିଏସଟି ଅଧିକାରୀ ସରୋଜ ବେରି, ସହକାରୀ କମିଶନର ରାଜେନ୍ଦ୍ର ନାୟକ, ସିଟି ଜିଏସଟି ଅଧିକାରୀ ଜିତେନ୍ଦ୍ରିୟ ବାଗ, ଟିଟିଲାଗଡ଼ ଉପଖଣ୍ଡ ଖାଦ୍ୟ ସୁରକ୍ଷା ଅଧିକାରୀ ସୋମେନ୍ଦ୍ର ପ୍ରଧାନ ପହଞ୍ଚି ଯାଞ୍ଚ କରିବା ସହ ଟ୍ରକରୁ ୧୧୫ ପ୍ୟାକେଟ ପାନ ମସଲା ଜବତ କରିଥିଲେ। ଗାଡି ଚାଳକଙ୍କ କହିବା ଅନୁସାରେ ରାୟପୁରରୁ ଆସୁଥିବା ଉକ୍ତ ସାମଗ୍ରୀର କୌଣସି ଜିଏସଟି ବିଲ୍ ନାହିଁ। ଏପରିକି ଚାଳକ ରୋହିତ ସାହୁଙ୍କ ଡ୍ରାଇଭିଂ ଲାଇସେନ୍ସ ନ ଜଣାପଡିଛି। ଏହି ଘଟଣାରେ ସିଜି୦୪ପିସି ୪୭୮୯ ନମ୍ବର ଟ୍ରକ ଜବତ ହୋଇଛି। ଟ୍ରକଟି ଛତିଶଗଡ ରାଜ୍ୟ ରାଜନନ୍ଦଗାଁ ର ହୋଇଥିବା ବେଳେ ଏହାର ପଞ୍ଜୀକରଣ କାଗଜାତ ମଧ ଚାଳକ ଦେଖାଇ ପାରି ନ ଥିବା ଜଣାଯାଇଛି। ଜବତ ପାନ ମସଲା ଏବଂ ଟ୍ରକକୁ ପୋଲିସ ନିଜ ହେପାଜତକୁ ନେଇଥିବା ବେଳେ ଅଧିକ ତଦନ୍ତ ଜାରି ରଖିଛି।

## ସୁବର୍ଣ୍ଣପୁର ନର୍ସିଂ ସ୍କୁଲରେ ସ୍ୱାଗତ ଉତ୍ସବ

ସମ୍ବଲପୁର,୨୯।୨(ବି.ଶଙ୍କର)

ସୁବର୍ଣ୍ଣପୁର ନର୍ସିଂ ସ୍କୁଲରେ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଏନ୍‌ଏମ୍ ଓ ବିଏସ୍‌ସି ନର୍ସିଂରେ ନାମ ଲେଖାଇଥିବା ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିଲା। ସୋନପୁର ଜିଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଡାକ୍ତରଖାନା ଏକ ମନ୍ଦିର। ଏଠାରେ ପ୍ରତ୍ୟେକ ରୋଗୀ ହେଉଛନ୍ତି ଦେବତା। ରୋଗୀ ରୂପକ ଦେବତାମାନଙ୍କୁ ଆନ୍ତରିକ ସହ ସେବା କରିବା ଉଚିତ। ଫଳରେ ଜଣେ ସଫଳ ସେବିକା ହୋଇପାରିବେ ବୋଲି କହିଥିଲେ। ଅନୁଷ୍ଠାନର ଚେୟାରମ୍ୟାନ ରଘୁନନ୍ଦନ ନାୟକ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ିବା ସହ ଉତ୍ତମ ନାଗରିକ ହେବା ସକାଶେ ଆହ୍ୱାନ ଦେଇଥିଲେ। ନିର୍ଦ୍ଦେଶକ ନିଲମ କୁମାର ନାଏକ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ ଦେଇଥିଲେ। ନର୍ସିଂ ସ୍କୁଲ ଅଧ୍ୟକ୍ଷ ଗ୍ଲାଡିସ ଦାସ ଉପସ୍ଥିତ ଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ନବମ ପରୀକ୍ଷା ପରିଚାଳନାରେ ବହୁ ସମସ୍ୟା ଉପୁଜିବ: ଓଷ୍ଟା

ଭୁବନେଶ୍ୱର, ୨୯।୨(ଅସମାପିକା ସାହୁ)

ନବମ ଶ୍ରେଣୀ ବାର୍ଷିକ ପରୀକ୍ଷା ମାର୍ଚ୍ଚ ୬ରୁ ଆରମ୍ଭ ହୋଇ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) କର୍ତ୍ତୃପକ୍ଷ ପ୍ରଶ୍ନପତ୍ର ପ୍ରସ୍ତୁତ କରି ଇ-ମେଲ୍ ମାଧ୍ୟମରେ ପରୀକ୍ଷାର ଦୁଇଘଣ୍ଟା ପୂର୍ବରୁ ବିଦ୍ୟାଳୟଗୁଡିକୁ ପଠାଇବାର ବ୍ୟବସ୍ଥା କରିଛନ୍ତି। ଠିକ୍ ସମୟରେ ପ୍ରଶ୍ନପତ୍ର ପିଲାଙ୍କ ପାଖରେ ପହଞ୍ଚିପାରିଲେ ପରୀକ୍ଷା ଶୃଙ୍ଖଳିତ ଭାବରେ ସମାହିତ ହୋଇପାରିବ। ମାତ୍ର ଏହି ସ୍ୱଳ୍ପ ସମୟ ମଧ୍ୟରେ ପ୍ରଶ୍ନପତ୍ର ଡାଉନ୍‌ଲୋଡ ଏବଂ ଜେରକ୍ସ କରି ପରୀକ୍ଷା କରିବାରେ ବହୁ ସମସ୍ୟା ଉପୁଜିବାର ସମ୍ଭାବନା ରହିଛି ବୋଲି ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ କହିଛନ୍ତି। ପରୀକ୍ଷା ପରିଚାଳନା ଦାୟିତ୍ୱ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଉପରେ ନ୍ୟସ୍ତ ଥିବାବେଳେ ପ୍ରଶ୍ନପତ୍ର ଦାୟିତ୍ୱ ବୋର୍ଡ ନିୟନ୍ତ୍ରଣରେ ରହିଛି। ବିଷୟବସ୍ତୁ ଆଧାରରେ ପ୍ରଶ୍ନ ପ୍ରସ୍ତୁତ କରି ବୋର୍ଡ ତାହାକୁ ଇ-ମେଲ୍ ଯୋଗେ ସମସ୍ତ ବିଦ୍ୟାଳୟକୁ ପଠାଇବେ। ପ୍ରଧାନ ଶିକ୍ଷକମାନେ ନିଜ ଆଇଡି ପାସ୍‌ୱାର୍ଡ ବ୍ୟବହାର କରି ପ୍ରଶ୍ନପତ୍ର ଡାଉନ୍‌ଲୋଡ କରି ବିଦ୍ୟାଳୟର ପିଲାସଂଖ୍ୟା ଅନୁଯାୟୀ ସେଗୁଡ଼ିକ ସେଟ୍ ଆକାରରେ ଜେରକ୍ସ କରି ପରୀକ୍ଷା କେନ୍ଦ୍ରରେ ପରୀକ୍ଷାର୍ଥୀଙ୍କୁ ପ୍ରଦାନ କରିବେ। ପରୀକ୍ଷାର ଦୁଇଘଣ୍ଟା ପୂର୍ବରୁ ବୋର୍ଡ କର୍ତ୍ତୃପକ୍ଷ ବିଦ୍ୟାଳୟ ଆଇ.ଡିରେ ପ୍ରଶ୍ନ ପଠାଇବେ। ଧାର୍ଯ୍ୟ ସମୟସୀମା ମଧ୍ୟରେ ପ୍ରଶ୍ନପତ୍ର ଡାଉନ୍‌ଲୋଡ କରିବାକୁ ମଧ ନିର୍ଦ୍ଦେଶ ଦିଆଯାଇଛି। ଦୁଇଘଣ୍ଟାର ଏହି ସ୍ୱଳ୍ପ ସମୟ ମଧ୍ୟରେ ପ୍ରଶ୍ନପତ୍ର ଡାଉନଲୋଡ କରିବା ଓ ତାହାକୁ ଜେରକ୍ସ କରି ବିଦ୍ୟାଳୟରେ ପହଞ୍ଚାଇବା ରାଜ୍ୟର ସବୁ ଅଞ୍ଚଳରେ ସମ୍ଭବ ହେବ ନାହିଁ। କାରଣ କେଉଁଠି ନେଟ୍‌ୱର୍କ ସମସ୍ୟା, କେଉଁଠି ବିଜୁଳି ସମସ୍ୟା ଏବଂ ଅନ୍ୟ କେଉଁଠି ଜେରକ୍ସ ସମସ୍ୟା ଆଦି ଉପୁଜିବାର ଯଥେଷ୍ଟ ସମ୍ଭାବନା ରହିଛି। କେତେକ ସ୍ଥାନରେ ବିଦ୍ୟାଳୟଠାରୁ ବହୁଦୂରରେ ଜେରକ୍ସ, ନେଟ୍‌ୱର୍କ, କମ୍ପ୍ୟୁଟର, ବିଜୁଳି ଇତ୍ୟାଦି ସୁବିଧା ମିଳିବା ମଧ କଷ୍ଟକର। ବୋର୍ଡ ପ୍ରଶ୍ନପତ୍ର ଛପାଇ ପରୀକ୍ଷା ନିମନ୍ତେ ବିତରଣ କରିଥିଲେ ସୁବିଧା ହୋଇଥାନ୍ତା। ଏଥିସହ ପରୀକ୍ଷାର ଯଥେଷ୍ଟ ପୂର୍ବରୁ ପ୍ରଶ୍ନପତ୍ର ପ୍ରଦାନର ବ୍ୟବସ୍ଥା କରିବାକୁ ଓଷ୍ଟା ପକ୍ଷରୁ କୁହାଯାଇଛି।

# ଖପ୍ରାଖୋଲ ପଞ୍ଚାୟତ ସମିତି ବୈଠକ

ଖପ୍ରାଖୋଲ, ୨୯।୨(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ପଞ୍ଚାୟତ ସମିତିର ଷଷ୍ଠ ବୈଠକ ବ୍ଲକ ସଭାଗୃହରେ ଗୁରୁବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିରୂପମା ପଟେଲ ଅଧ୍ୟକ୍ଷତା କହିଥିଲେ। ଅତିଥିଭାବେ ବିଧାୟକ ସରୋଜ କୁମାର ମେହେର ଯୋଗଦେଇଥିଲେ। ଜିପିଓ ପରମେଶ୍ୱର ନାଏକ ଗତ ବୈଠକର ବିବରଣୀ ପଠନ କରିଥିଲେ। ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ପାନୀୟ ଜଳ ଯୋଗାଣ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ



ବୈଠକରେ ଉପସ୍ଥିତ ଅଧିକାରୀ ଓ ଜନ ପ୍ରତିନିଧି।

କର୍ମ ନିଯୁକ୍ତି ଯୋଜନା, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଚାଉଳ ବଣ୍ଟନ, ଓଏଲଏମ, ମିଶନ ଶକ୍ତି, ଆଇସିଡ଼ିଏସ ଯୋଜନା ଉପରେ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ଉପାଧ୍ୟକ୍ଷ ଶୁଖିରାମ ସାଣ୍ଡ, ସିଡିପିଓ ସୁଜାତା ଡୋରା, ପାନୀୟ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ଚିନ୍ମୟ ପ୍ରଧାନ, ଯୋଗାଣ ନିରୀକ୍ଷକ ବିକାଶ ବାର୍ଲା, ବିଭିନ୍ନ ବିଭାଗର ଅଧିକାରୀ, ସରପଞ୍ଚ, ସମିତି ସଭ୍ୟାସଭ୍ୟ ଯୋଗଦେଇଥିଲେ।

# ଶ୍ରୀଅରବିନ୍ଦ ସଙ୍ଗଠନର ଓଡ଼ିଶା ମୁଖ୍ୟ ଗଦାଧର ମିଶ୍ରଙ୍କ ପରଲୋକ

କଟକ,୨୯।୨ (କାର୍ତ୍ତିକ ସାହୁ)

ଶ୍ରୀଅରବିନ୍ଦ ସଙ୍ଗଠନର ଓଡ଼ିଶା ମୁଖ୍ୟ ଗଦାଧର ମିଶ୍ରଙ୍କର ଗୁରୁବାର ପ୍ରାତଃ ପ୍ରାୟ ୫ଟା ୧୫ ମିନିଟ୍‌ରେ ପଣ୍ଡିଚେରୀସ୍ଥିତ ସରକାରୀ ହସ୍ପିଟାଲରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ରାଜ୍ୟର ଶ୍ରୀଅରବିନ୍ଦ ଶ୍ରଦ୍ଧାଳୁଙ୍କ ମଧ୍ୟରେ ସେ ମାମୁ ନାମରେ ପରିଚିତ ଥିଲେ। ଶ୍ରୀମା-ଶ୍ରୀଅରବିନ୍ଦଙ୍କ କର୍ମଧାରାକୁ ଓଡ଼ିଶାର କୋଣଅନୁକୋଣରେ ଅତ୍ୟନ୍ତ ସୁଚାରୁ ରୂପେ ପରିଚାଳନା କରିବାରେ ତାଙ୍କର ଉଲ୍ଲେଖନୀୟ ଭୂମିକା ଥିଲା। ଅପରାହ୍ନ ପ୍ରାୟ ୩ଟାରେ ପଣ୍ଡିଚେରୀସ୍ଥିତ ଶ୍ରୀଅରବିନ୍ଦ ଆଶ୍ରମରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ଜଣାପଡିଛି। ସେ ୧୯୬୧ ମସିହାରେ କଟକସ୍ଥିତ ଷ୍ଟୁଆର୍ଟ କଲେଜରେ ଅଧ୍ୟୟନ କରୁଥିବାବେଳେ ଶ୍ରୀମା'ଙ୍କ ସଂସ୍ପର୍ଶରେ ଆସିଥିଲେ। ସେହିଦିନଠାରୁ ନିରବଚ୍ଛିନ୍ନ ଭାବେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ କାର୍ଯ୍ୟକୁ ସମଗ୍ର ରାଜ୍ୟରେ ସଙ୍ଗଠନ ମାଧ୍ୟମରେ ବ୍ୟାପ୍ତ କରିଥିଲେ। ରାଜ୍ୟରେ ୫୫୦ଟି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର,



୧୬୦୦୦ରୁ ଊର୍ଦ୍ଧ୍ୱ ଶ୍ରୀଅରବିନ୍ଦ ପାଠଚକ୍ର, ଦଶକର୍ମଧାରା ଅନ୍ତର୍ଗତ ଦଶଟି କର୍ମର ସଙ୍ଗଠନ, ଅନେକ ସଭା, ସମିତିର ସକ୍ରିୟ ସଙ୍ଗଠକ ଭାବେ ନିଜର ଦାୟିତ୍ୱ ତୁଲାଇଛନ୍ତି। ଏଥିସହ ଓଡ଼ିଶାରେ ୨ ଲକ୍ଷରୁ ଅଧିକ ମାତୃଭକ୍ତଙ୍କୁ ଏହି ଧାରାରେ ଦୀକ୍ଷିତ କରାଇବାରେ ତାଙ୍କର ଭୂମିକା ଅନସ୍ୱୀକାର୍ଯ୍ୟ। କଟକ ମାତୃଭବନର ସମ୍ପାଦକ ଭାବରେ ସାରା ଓଡ଼ିଶାରେ ସଙ୍ଗଠନର କାର୍ଯ୍ୟକୁ ଅତ୍ୟନ୍ତ ଦକ୍ଷତାର ସହ ସମ୍ପାଦନ କରୁଥିଲେ। ଏହି ମହାନ୍ ଆତ୍ମାକୁ ଓଡ଼ିଶାର ମାତୃଭକ୍ତମାନେ ଅତ୍ୟନ୍ତ ଗଭୀର କୃତଜ୍ଞତା ଜଣାଉଛନ୍ତି ବୋଲି ମାତୃଭବନ ଟ୍ରଷ୍ଟର ପରିଚାଳକ ପ୍ରସାଦ ତ୍ରିପାଠୀ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି।

## ସ୍କୁଲ ଖୋଲିବା ଦାବିରେ ବିକ୍ଷୋଭ

ଗୁଡଭେଲା,୨୯।୨(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଅନ୍ତର୍ଗତ ଲଖାରପଦର, ଭଦ୍ରାପାଲି, ମଧୁପୁର, ବରପାଲିପଡା ଗ୍ରାମର ସ୍କୁଲ ସହ ବ୍ଲକର ବିଭିନ୍ନ ଗ୍ରାମରେ ବନ୍ଦ ହୋଇଥିବା ପ୍ରାଥମିକ ସ୍କୁଲ ଖୋଲିବା ଦାବିରେ ଗୁରୁବାର ଏସୟୁସିଆଇ(କମ୍ୟୁନିଷ୍ଟ) ଗୁଡଭେଲା ଶାଖା ପକ୍ଷରୁ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା କରାଯାଇ ବିଇଓଙ୍କ ଅନୁପସ୍ଥିତରେ ଏବିଇଓ ରମେଶ ସାମର୍ଥଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ରରେ ଦର୍ଶାଯାଇଛି ଯେ,ଗୁଡଭେଲା ବ୍ଲକରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଆଳ ଦେଖାଇ ସ୍କୁଲ ବନ୍ଦ ହେବା ଯୋଗୁ ଅନେକ ଗ୍ରାମର କୁନି କୁନି ଛାତ୍ରୀଛାତ୍ର ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି। ଛାତ୍ରୀଛାତ୍ରୀମାନେ ସ୍କୁଲ ଯିବାବେଳେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କେଉଁଠି ମୁଖ୍ୟରାସ୍ତା ପାର ହେବାକୁ ପଡୁଛି ତ କେଉଁଠି ଜଙ୍ଗଲ ପାହାଡ଼ ଅତିକ୍ରମ କରି ଯିବାକୁ ପଡୁଛି। ଆଉ କେଉଁଠି ୩ରୁ ୪ କି. ମି ପର୍ଯ୍ୟନ୍ତ ଚାଲିକି ଯିବାକୁ ପଡୁଛି। ସ୍କୁଲ ଯିବା ବାଟରେ ମଦଭାଟି ଓ ମଦ୍ୟପଙ୍କ ଦୌରାତ୍ମ୍ୟ ଯୋଗୁ ଅନେକ ସମୟରେ ଅଘଟଣ ଘଟିବା ସହ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହେଉଛି। ଏହି ଅଞ୍ଚଳରେ ଅନେକ ଲୋକ ଗରିବ ଶ୍ରମିକ ଓ ଚାଷୀମୂଲିଆ ଶ୍ରେଣୀର। ସେମାନେ ପ୍ରତିଦିନ ନିଜର କର୍ମକ୍ଷେତ୍ରକୁ କାମ କରିବାକୁ ଯାଇଥାନ୍ତି। ଏଭଳି ପରିସ୍ଥିତିରେ ଅଭିଭାବକମାନେ ଶିଶୁମାନଙ୍କୁ ସ୍କୁଲ ନେବା ଆଣିବା କଷ୍ଟକର ହୋଇପଡୁଛି। ବିକ୍ଷୋଭକାରୀମାନେ ପ୍ରଥମେ ଗୁଡଭେଲା ବ୍ଲକ ମହକୁମାସ୍ଥିତ ଜଗନ୍ନାଥ ମନ୍ଦିରଠାରୁ ଏକ ଶୋଭାଯାତ୍ରାରେ ବାହାରି ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ କରିଥିଲେ। ଏସୟୁସିଆଇ(କମ୍ୟୁନିଷ୍ଟ)ର ଜିଲା ସମ୍ପାଦକ କମ୍ରେଡ ସୁନିଲ ଭୋଇ, ମଧୁସୂଦନ ବାଗ, ନିମାଇ କୁମ୍ଭାରଙ୍କ ସମେତ ଲଖାରପଦର, ଭଦ୍ରାପାଲି, ମଧୁପୁର, ବରପାଲିପଡା ଆଦି ଗ୍ରାମର ଲୋକେ ବିକ୍ଷୋଭରେ ସାମିଲ ଥିଲେ।

# ନିମ୍ନମାନର ମେଟାଲ ବ୍ୟବହାର ଅଭିଯୋଗ

ଖଡ଼ିଆଳ,୨୯।୨(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ଲୋୟର ଇନ୍ଦ୍ର ବିଭାଗ ପକ୍ଷରୁ ଲୋୟର ଇନ୍ଦ୍ର ଜଳ ପ୍ରକଳ୍ପରୁ ବାହାରିଥିବା ମଖ୍ୟ କେନାଲ ହୁଡାରେ ରାସ୍ତା ନିର୍ମାଣ ଏକ ଠିକା ସଂସ୍ଥା ଦ୍ୱାରା କରାଯାଉଛି। ଏହି ମଖ୍ୟ କେନାଲ ବାଦି ଗ୍ରାମ ଆଇଟିଆଇ କେନ୍ଦ୍ରଠାରୁ ଚନାବେଡା ଗ୍ରାମ ପର୍ଯ୍ୟନ୍ତ ମେଟାଲିଂ ଶହ ମୁରୁମ କାର୍ଯ୍ୟ ଚାଲିଛି। ଏହି କାର୍ଯ୍ୟରେ ବ୍ୟବହୃତ ହେଉଥିବା ମେଟାଲ ନିମ୍ନମାନର ଓ ନାମକୁ ମାତ୍ର ମୁରୁମ ପକାଯାଉଥିବା



ବେଳେ ବିଭାଗୀୟ ଅଧିକାରୀ ସବୁ ଜାଣି ନୀରବ ରହୁଥିବା ଅଭିଯୋଗ ହେଉଛି। କାର୍ଯ୍ୟରେ ବ୍ୟବହୃତ ମେଟାଲର ମାନ ନିର୍ଦ୍ଧାରଣ ବ୍ୟବସ୍ଥା ପରେ ମେଟାଲ ବ୍ୟବହାର ପାଇଁ ଉପଯୋଗୀ ବା ନୁହେଁ ବିଭାଗ ଜାଣିବା ପରିବର୍ତ୍ତେ ବିଭାଗୀୟ ଅଧିକାରୀ ଓ କାର୍ଯ୍ୟରତ ଠିକାଦାରଙ୍କ ଲାଭଖୋର ମନୋଭାବରେ କାର୍ଯ୍ୟ ଚାଲୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ନେଇ ଲୋୟର ଇନ୍ଦ୍ର କେନାଲ ବିଭାଗ ଏସ୍‌ଡିଓ କେଶବ ସିଂଙ୍କୁ ପଚାରିବାରୁ ଏହାର ତଦନ୍ତ କରାଯିବ ବୋଲି କହିଛନ୍ତି। ଲାଭଖୋର ମନୋଭାବ ରଖି ଠିକାଦାରଙ୍କ ଶହ ମିଶି କାର୍ଯ୍ୟ ସମାପ୍ତ କରୁଥିବାରୁ କୋଟି କୋଟି ଟଙ୍କା କାର୍ଯ୍ୟ କିଛି ମାସ ପରେ ନଷ୍ଟ ହେଉଛି। ସ୍ଥାନୀୟ ଲୋକଙ୍କ ସୁବିଧା ପାଇଁ ହେଉଥିବା କାର୍ଯ୍ୟ ଲୋକଙ୍କ ପାଇଁ ସମସ୍ୟା ହୋଇ ରହୁଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ମଧ୍ୟ ବିଭାଗ ବେଖାତିର କରୁଥିବା ଅଭିଯୋଗ ହୋଇଛି। ଫଳରେ ଜିଲା ପ୍ରଶାସନ ଏଥିପ୍ରତି ଶୀଘ୍ର ଦୃଷ୍ଟି ଦେବା ଜରୁରୀ ହୋଇପଡ଼ିଛି।

# ପୁରୀ, ଭୁବନେଶ୍ୱର, କଟକ ଲୋକ ସଭା ପ୍ରାର୍ଥୀ ବଦଳାଇପାରେ ବିଜେଡି

ଭୁବନେଶ୍ୱର,୨୯।୨(ସୁନିତ୍ ମିଶ୍ର)

## ଆଲୋଚନା ବଳୟରେ ଅରୂପ, ସନ୍ତୃପ୍ତ, ଶ୍ରୀମୟୀ

୨୦୨୪ ଲୋକ ସଭା ନିର୍ବାଚନ ପାଇଁ ଆସନ୍ତା ୧୫ ଦିନ ମଧ୍ୟରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଯାଇପାରେ। ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ଟିକେଟବଣ୍ଟା ଓ ଦଳବଦଳ ରାଜନୀତି ଜୋର୍ ଧରିବାରେ ଲାଗିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟରେ ଷଷ୍ଠଥର ଲାଗି ସରକାର ଗଢ଼ିବା ପାଇଁ ଏଥର ବିଜେଡି ଅଣ୍ଟା ଭିଡ଼ିଛି। ଦୀର୍ଘବର୍ଷ ସରକାରରେ ରହିସାରିଥିବା କାରଣରୁ ଶାସକ ଦଳରେ ଆଶାୟୀଙ୍କ ସଂଖ୍ୟା ବଢୁଛି। ସେହି କ୍ରମରେ ଦେଖିଲେ ପୁରୀ, ଭୁବନେଶ୍ୱର ଓ କଟକ ଲୋକ ସଭା ଆସନରେ ବିଜେଡି କେଉଁମାନଙ୍କୁ ପ୍ରାର୍ଥୀ କରୁଛି ଏବଂ ସେନେଇ ନାମ କେବେ ଘୋଷଣା ହେବ, ତା' ଉପରେ ସମସ୍ତଙ୍କ ନଜର। ଉପକୂଳ ଓଡ଼ିଶାର ଏହି ଚର୍ଚ୍ଚିତ ଲୋକ ସଭା ଆସନରେ ବିଜେଡି ନୂଆ ମୁହଁ ଦେଇପାରେ ବୋଲି ଆଲୋଚନା ହେଉଛି। ଏନେଇ ଶାସକ ଦଳର ଦ୍ୱିତୀୟ, ତୃତୀୟ ଧାଡ଼ିର ନେତା ଓ କର୍ମୀମାନେ ଜାଣିସାରିଥିବା ବେଳେ କେବଳ ବିଧିବଦ୍ଧ ଘୋଷଣାକୁ ସମସ୍ତଙ୍କ ଅପେକ୍ଷା।

ପୁରୀରୁ ବମ୍ବେର ପୂର୍ବତନ ପୋଲିସ କମିଶନର ଅରୂପ ପଟ୍ଟନାୟକ, ଭୁବନେଶ୍ୱରରେ ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ର ଏବଂ କଟକରୁ ଆଦିତ୍ୟ ବିର୍ଲା ଗ୍ରୁପ୍ ଏଚ୍ଆର୍ ହେଡ୍ ଭାବେ କାର୍ଯ୍ୟ କରିଥିବା ସନ୍ତୃପ୍ତ ମିଶ୍ରଙ୍କୁ ବିଜେଡି ଲୋକ ସଭା ଟିକେଟ ଦେବ ବୋଲି ଦଳ ଭିତରେ ଆଲୋଚନା ହେବା ଆରମ୍ଭ ହୋଇଗଲାଣି। ଏହିସବୁ ଲୋକ ସଭା ଅଧୀନ ବିଧାୟକମାନେ ଦଳରୁ କେଉଁମାନେ ଏମ୍‌ପି ହେବେ ସେନେଇ ଖୁଲମଖୁଲା ଗପିବା ଆରମ୍ଭ କରିଦେଲେଣି। ପୁରୀରୁ ପିନାକୀ ମିଶ୍ର ଏବେ ଏମ୍‌ପି ଅଛନ୍ତି। ଏଥର ତାଙ୍କ ସ୍ଥାନରେ ଶାସକ ଦଳ ପକ୍ଷରୁ ଅରୂପ ପଟ୍ଟନାୟକଙ୍କୁ ଟିକେଟ ମିଳିପାରେ। ପିନାକୀ ପୁରୀ ଲୋକ ସଭା ଆସନରୁ ୨୦୦୯, ୨୦୧୪ ଏବଂ ୨୦୧୯ରେ ବିଜେଡି ଟିକେଟରେ ଜିତିଥିଲେ। ହେଲେ ୨୦୧୯ ନିର୍ବାଚନରେ ସେ ଭାଜପା ପ୍ରାର୍ଥୀ ସମ୍ବିତ ପାତ୍ରଙ୍କଠାରୁ ୧୧,୭୧୪ ଖଣ୍ଡ ଭୋଟ ବ୍ୟବଧାନରେ ଜିତିଥିଲେ। ତେବେ ଅରୂପଙ୍କ ନିଜ ଗାଁ ପୁରୀ ଜିଲା ପିପିଲି ନିର୍ବାଚନମଣ୍ଡଳୀରେ। ଅନ୍ୟପଟେ ଅରୂପ ଗତଥର ଭୁବନେଶ୍ୱର ଲୋକ ସଭା ଆସନରୁ ବିଜେଡି ଟିକେଟରେ ପ୍ରାର୍ଥୀ ହୋଇଥିଲେ। ଭାଜପା ଏହି ଆସନରୁ ପୂର୍ବତନ ଆଇଏଏସ୍ ଅଧିକାରୀ ଅପରାଜିତା ଷଡ଼ଙ୍ଗୀଙ୍କୁ ପ୍ରାର୍ଥୀ କରିଥିଲା। ଅପରାଜିତା ୨୩,୮୩୯ ଖଣ୍ଡ ଭୋଟ ବ୍ୟବଧାନରେ ଅରୂପଙ୍କୁ ହରାଇଥିଲେ। ଗତଥର ଅରୂପ ଏବଂ ଅପରାଜିତା ସେମାନଙ୍କ ରାଜନୈତିକ କ୍ୟାରିୟରର ପ୍ରଥମ ଇଂନିସ୍ ଆରମ୍ଭ କରିଥିଲେ। ଏବେ ଏହି ଆସନରୁ ଦଳ ଅରୂପଙ୍କ ସ୍ଥାନରେ ଶ୍ରୀମୟୀ ମିଶ୍ରଙ୍କୁ ଟିକେଟ ଦେବ ବୋଲି ଯୋଜନା କରିଥିବା କୁହାଯାଉଛି। ଶ୍ରୀମୟୀ ମଧ୍ୟ ଦୁଇ ମାସରୁ ଅଧିକ ହେଲା ପ୍ରଚାର କାର୍ଯ୍ୟରେ ଲାଗିପଡ଼ିଲେଣି। ଅନୁରୂପ ଭାବେ କଟକ ଲୋକ ସଭା ଆସନରୁ ଭର୍ତ୍ତୃହରି ମହତାବ ୬ ଥର ନିର୍ବାଚନ ଲଢ଼ି ବିଜୟୀ ହୋଇଛନ୍ତି। ଲଗାତର ୨୬ ବର୍ଷ ହେଲା ସେ ଏହି ଆସନରୁ ଏମ୍‌ପି ଭାବେ ଅଛନ୍ତି। ଏଥର କିନ୍ତୁ ନିକଟରେ ବିଜେଡିରେ ସାମିଲ ହୋଇଥିବା ସନ୍ତୃପ୍ତ ମିଶ୍ର ଟିକେଟ ପାଇବା ନେଇ ଆଲୋଚନା ପ୍ରବଳ ମାତ୍ରାରେ ଚାଲିଛି। ଯଦି ଏଭଳି ଘଟେ, ତେବେ ଭର୍ତ୍ତୃହରିଙ୍କୁ ଦଳ ଟିକେଟ ଦେବ ନା ନାହିଁ ସେକଥା ମଧ୍ୟ ସ୍ପଷ୍ଟ ହୋଇଯିବ।

# ମିଳିଲେ ଏମ୍‌ଏଲ୍‌ଏ, ନ ମିଳିଲେ ଏମ୍‌ପି

ଜଗତ୍‌ସିଂହପୁର, ୨୯।୨
(ପ୍ରମୋଦ କୁମାର ନାୟକ)

## ଜଗତ୍‌ସିଂହପୁର ଲୋକ ସଭା ଆସନରେ ଆଶାୟୀ ଭାଜପା ପ୍ରାର୍ଥୀ

ଜଗତ୍‌ସିଂହପୁର ଲୋକ ସଭା ଆସନ ପାଇଁ କେଉଁ ଦଳ କାହାକୁ ପ୍ରାର୍ଥୀ କଲେ ଜିତିବା ସମ୍ଭାବନା ଅଧିକ ତା' ଉପରେ ତର୍ଜମା କରୁଛନ୍ତି। ଏଭଳି ସ୍ଥିତିରେ ଭାଜପା ଦୁଇ ପାଦ ଆଗକୁ ବଢ଼ିଛି। ଏହି ଦଳ ଦିନେ ଦୁଇ ଦିନ ଭିତରେ ଦେଶର ୧୦୦ଟି ଏମ୍‌ପି ପ୍ରାର୍ଥୀଙ୍କ ନାଁ ଘୋଷଣା କରିବାକୁ ଯାଉଥିବା ଆଲୋଚନା ହେଉଛି। ସେଥିରୁ ଓଡ଼ିଶାର ୨୧ଟି ଏମ୍‌ପି ସିଟ୍ ମଧ୍ୟରୁ କେତୋଟିର ନାଁ ଘୋଷଣା କରାଯିବ ତାହାକୁ ନେଇ ସସ୍ପେନ୍ସ ବଢୁଛି। ବଡ଼ କଥା ହେଲା ଅଧିକାଂଶ ନେତା ଏମ୍‌ପି ନୁହେଁ, ବିଧାୟକ ଟିକେଟ୍ ପାଇଁ ଆଶାୟୀ ଥିଲେ ସୁଦ୍ଧା ଲୋକ ସଭା ପାଇଁ ଟିକେଟ ମିଳିଲେ ଅଗ୍ରାହ୍ୟ କରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।

୨୦୧୪ ଓ ୨୦୧୯ ନିର୍ବାଚନ ଫଳାଫଳ ଅନୁଶୀଳନ କଲେ ଜଣାଯାଏ ବିଜେଡି ଭୋଟ ହାର ୫୫.୧୭ରୁ ୫୦.୪୪କୁ ଅର୍ଥାତ୍ ୪.୭୩ ପ୍ରତିଶତ କମିଛି। ୨୦୦୯ରେ କିନ୍ତୁ ବିଜେଡି ଏକାକୀ ପ୍ରାର୍ଥୀ ନ ଦେଇ ସିପିଆଇ ମେଣ୍ଟ ପ୍ରାର୍ଥୀଙ୍କୁ ସମର୍ଥନ କରିଥିଲା। ସିପିଆଇ ପ୍ରାର୍ଥୀ ଜିତିଥିଲେ ସୁଦ୍ଧା ଭୋଟ ହାର ସନ୍ତୋଷଜନକ ନ ଥିଲା, ଅର୍ଥାତ୍ ୩୧.୪୨% ଥିଲା। ଏହି ୩ଟି ନିର୍ବାଚନରେ ଜଣେ ନେତା ପୃଥକ୍ ନିର୍ବାଚନରେ ପୃଥକ୍ ଦଳରୁ ପ୍ରାର୍ଥୀ ହେବାର ଦେଖିବାକୁ ମିଳେ। ସେ ହେଲେ ବିଭୁପ୍ରସାଦ ତରାଇ। ତରାଇ ୨୦୦୯ରେ ବିଜେଡି ସମର୍ଥନରେ ସିପିଆଇରୁ ପ୍ରାର୍ଥୀ ହୋଇ ଏମ୍‌ପି ହୋଇଥିଲେ। ୨୦୧୪ରେ କିନ୍ତୁ ସେ ଦଳ ବଦଳାଇ କଂଗ୍ରେସ ଓ ୨୦୧୯ରେ ଭାଜପାରୁ ଟିକେଟ ପାଇ କ୍ରମାଗତ ପରାଜିତ ହୋଇଥିଲେ। ସେ ଏବେ ଭାଜପା ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ଥିବାବେଳେ ଆଗାମୀ ନିର୍ବାଚନରେ ପୁଣି ଭାଜପା ପ୍ରାର୍ଥୀ ହେବାକୁ ଆଶାୟୀ ଥିବା ଜଣାପଡ଼ିଛି। ଏହି ଦଳର ଅନ୍ୟତମ ଟିକେଟ ଆଶାୟୀ ହେଉଛନ୍ତି ସାଗର ମହାପାତ୍ର। ଏକଦା ବରିଷ୍ଠ ନେତା ଦାମ ରାଉତଙ୍କ ଏକାନ୍ତ ଅନୁଗତ କୁହାଯାଉଥିବା ମହାପାତ୍ର ଦୀର୍ଘ ୧୪ ବର୍ଷ କାଳ ବିଜେଡିରେ କାମ କରିଥିଲେ। ୨୦୧୯ରେ ରାଉତ ବିଜେଡି ଛାଡି ଭାଜପା ଟିକେଟ୍‌ରେ ବାଲିକୁଦା-ଏରସମା ଆସନରେ ପ୍ରାର୍ଥୀ ହେବାରୁ ସାଗର ଦଳବଦଳ କରିଥିଲେ। ରାଉତ ପୁଣି ବିଜେଡିକୁ ଫେରି ଯାଇଥିଲେ ସୁଦ୍ଧା ମହାପାତ୍ର ଭାଜପା ଛାଡ଼ିନାହାନ୍ତି। କଟକରେ ତାଙ୍କର ଏକ ନର୍ସିଂ କଲେଜ ଓ ହସ୍ପିଟାଲ ରହିଛି। ସେ ଟିକେଟ ପାଇବେ ବୋଲି ଆଶାବାଦୀ। ମହିଳା ହିସାବରେ ଦେଖିଲେ ସ୍ମିତା ପ୍ରଧାନଙ୍କ ନାମ ଆଗରେ ଅଛି। ତାଙ୍କ ଶ୍ୱଶୁର ଜଳ ସମ୍ପଦ ବିଭାଗ ଅବସରପ୍ରାପ୍ତ ଚିଫ୍ କନଷ୍ଟ୍ରକ୍ସନ ଇଞ୍ଜିନିୟର ନିର୍ମଳ ଚନ୍ଦ୍ର ପ୍ରଧାନ ଏବଂ ଶାଶୁ ପୂର୍ବତନ ଏରସମା ବ୍ଲକ ଅଧ୍ୟକ୍ଷା ବାସନ୍ତି ପ୍ରଧାନ। ଏବେ ଦଳ ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ଉପସଭାପତି ଅଛନ୍ତି। ୨୦୨୧ରୁ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀରେ ଦଳୀୟ କାର୍ଯ୍ୟ ଜାରି ରଖିଛନ୍ତି। ତିର୍ତ୍ତୋଲ ବିଧାନସଭା ଆସନରୁ ଦଳୀୟ ଟିକେଟ ପାଇଁ ସେ ଲବି କରୁଛନ୍ତି। ନ ମିଳିଲେ ଏମ୍‌ପି ଟିକେଟ ଖୁସିରେ ଗ୍ରହଣ କରିନେବେ ବୋଲି କହିଛନ୍ତି। ୨୦୦୯ ଓ ୨୦୧୪ରେ ଭାଜପା ଏମ୍‌ପି ପ୍ରାର୍ଥୀ ଥିବା ବାଇଧର ମଲ୍ଲିକଙ୍କ ନାଁ ଏଥର ମଧ୍ୟ ଆଲୋଚନା ପରିସରକୁ ଆସିଛି। ମଲ୍ଲିକ ୨୦୦୦ ଓ ୨୦୦୪ରେ ଭାଜପା ଟିକେଟରେ ନିମାପଡ଼ା ବିଧାୟକ ହୋଇଥିଲେ। କିନ୍ତୁ ସେ ଏଥର କାକଟପୁର ବିଧାୟକ ପ୍ରାର୍ଥୀ ହେବା ପାଇଁ ଆଶାବାଦୀ। କାରଣ ୨୦୧୯ ନିର୍ବାଚନ ପରେ ଦଳ ତାଙ୍କୁ ଏହି ଆସନରେ ସାଙ୍ଗଠନିକ କାର୍ଯ୍ୟ ବୁଝିବା ଦାୟିତ୍ୱ ଦେଇଛି। ଯଦି ବିଧାୟକ ପ୍ରାର୍ଥୀ କରା ନ ଯାଇ ତାଙ୍କୁ ଏମ୍‌ପି ଟିକେଟ୍ ଦିଆଯାଏ, ତେବେ ଦଳର ଜଣେ ଶୃଙ୍ଖଳିତ କର୍ମୀ ହିସାବରେ ଗ୍ରହଣ କରିବେ ବୋଲି ସେ କହିଛନ୍ତି। ନିଆଳି ବିଧାନସଭା ଅଞ୍ଚଳର ସୁଶାନ୍ତ ମଲ୍ଲିକଙ୍କ ନାଁ ମଧ୍ୟ ଚର୍ଚ୍ଚାକୁ ଆସୁଛି। ମଲ୍ଲିକ ୨୦୦୯, ୨୦୧୪ରେ ନିଆଳି ବିଧାନସଭା ଆସନରୁ ଭାଜପା ପ୍ରାର୍ଥୀ ହୋଇଥିଲେ। ସେ ପୂର୍ବତନ ରାଜ୍ୟ ଏସ୍‌ସି ମୋର୍ଚ୍ଚା ସଭାପତି, ବର୍ତ୍ତମାନର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଓ ଆନ୍ଧ୍ରପ୍ରଦେଶ ଏସ୍‌ସି ମୋର୍ଚ୍ଚା ପ୍ରଭାରୀ ଅଛନ୍ତି। ସେ ଏଥର ମଧ୍ୟ ନିଆଳି ବିଧାନସଭାରୁ ବିଧାୟକ ପ୍ରାର୍ଥୀ ହେବା ପାଇଁ ଆଶାୟୀ। ନ ମିଳିଲେ ଦଳ ନିଷ୍ପତ୍ତିକୁ ଗ୍ରହଣ କରିବେ। ଦଳ ଯଦି ଏମ୍‌ପି ପ୍ରାର୍ଥୀ କରେ, ତେବେ ସେ ଲଢିବେ ବୋଲି କହିଛନ୍ତି। ସେହିପରି କାକଟପୁର ଭାଜପା ନେତା ରବି ମଲ୍ଲିକଙ୍କ ନାଁ ଏମ୍‌ପି ଆଶାୟୀଙ୍କ ତାଲିକାରେ ଥିବା କୁହାଯାଉଛି। ମଲ୍ଲିକ ୨୦୦୯ରେ ବିଜେଡି ଟିକେଟ୍‌ରେ ଲଢ଼ି କାକଟପୁର ବିଧାୟକ ହୋଇଥିଲେ। ତା' ପରେ ଅର୍ଥାତ୍ ୨୦୧୯ରେ ଭାଜପାରୁ ଏହି ଆସନରୁ ପ୍ରାର୍ଥୀ ହୋଇ ହାରିଯାଇଥିଲେ। ଏଥର ସେ ବିଧାୟକ ନଚେତ ଏମ୍‌ପି ଟିକେଟ୍ ଯେଉଁଟା ମିଳିଲେ ଖୁସି ହେବେ ବୋଲି କୁହାଯାଉଛି।

# ବିଜେଡି ଲୋକଙ୍କ ଟଙ୍କା ଲୋକଙ୍କୁ ବାଣ୍ଟି ନିର୍ବାଚନୀ ଲଲିପପ୍ ଧରାଉଛି: କଂଗ୍ରେସ

ଭୁବନେଶ୍ୱର,୨୯।୨(ସୁନିତ୍ ମିଶ୍ର)

ରାଜ୍ୟରେ ଲୋକଙ୍କ ଆୟ ବଢୁ ନ ଥିବାବେଳେ ଖର୍ଚ୍ଚ ୩ ଗୁଣା ହେଲାଣି। ବିଭିନ୍ନ ବିଭାଗରେ ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ପଦବୀ ଖାଲି ପଡ଼ିଥିବାବେଳେ ରାଜ୍ୟ ସରକାର ସେଗୁଡ଼ିକ ପୂରଣ ନ କରି ଶିକ୍ଷିତ ଯୁବତୀଯୁବକଙ୍କୁ ନିର୍ବାଚନ ସମୟରେ ନୂଆ ଯୋଜନା ନାଁରେ ଭଣ୍ଡାଉଛନ୍ତି। ମହିଳାଙ୍କୁ ସ୍ୱାବଲମ୍ବୀ କରିବା ବଦଳରେ ସଶକ୍ତୀକରଣ ଆଳରେ ଦଳୀୟ କାର୍ଯ୍ୟକ୍ରମରେ ସାମିଲ କରୁଛନ୍ତି। ରାଜ୍ୟର ପ୍ରକୃତ ବିକାଶ କଥା ଚିନ୍ତା ନ କରି ଲୋକଙ୍କ ଟଙ୍କା ଲୋକଙ୍କୁ ବାଣ୍ଟି ନିର୍ବାଚନୀ ଲଲିପପ୍ ଧରାଉଛନ୍ତି। ଖାଲି ସେତିକି ନୁହେଁ, ବିଜେଡି ସରକାର ଦଳୀୟ ପ୍ରଚାର ପାଇଁ ରାଜ୍ୟ ରାଜକୋଷକୁ ଲୁଟୁଛନ୍ତି ବୋଲି କଂଗ୍ରେସ ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ଅଧ୍ୟକ୍ଷ ବିଶ୍ୱରଞ୍ଜନ ମହାନ୍ତି କହିଛନ୍ତି।

ଗୁରୁବାର କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଶ୍ୱରଞ୍ଜନ କହିଛନ୍ତି, ସରକାରୀ ଅର୍ଥରେ ବିଜେଡିର ପ୍ରଚାର କରାଯାଉଛି। ଜନସାଧାରଣଙ୍କ ଦ୍ୱାରା ପ୍ରଦତ୍ତ ବିଭିନ୍ନ ଟିକସ ଓ ସରକାରୀ ତହବିଲରୁ କୋଟି କୋଟି ଟଙ୍କା ନେଇ ନିର୍ବାଚନୀ ପ୍ରଚାରରେ ଖର୍ଚ୍ଚ କରାଯାଉଛି। ସରକାରୀ ଯୋଜନାରେ ଶଙ୍ଖଚିହ୍ନ ଲାଗୁଛି। ଏହାକୁ ନେଇ ନିର୍ବାଚନ କମିଶନ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ସ୍ପଷ୍ଟୀକରଣ ମାଗିଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କୃଷକଙ୍କ ଆୟ ୨ଗୁଣା କରିବାକୁ ଘୋଷଣା କରିଥିବାବେଳେ ବର୍ତ୍ତମାନ ସୁଦ୍ଧା ତାହା କରିପାରିନାହାନ୍ତି, ଅଥଚ ଖର୍ଚ୍ଚ ୩ ଗୁଣା ବଢ଼ିଗଲାଣି। ଉପା ସରକାର ସମୟରେ ଓଡ଼ିଶାକୁ ଯେତିକି ଅନୁଦାନ ଦିଆଯାଉଥିଲା ଭାଜପା ସେତିକି ଅନୁଦାନ ନ ଦେଇ କେବଳ ମିଛ ପ୍ରଚାର କରୁଥିବା ବିଶ୍ୱରଞ୍ଜନ କହିଛନ୍ତି।



କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ।

# ଭାଜପାରେ ପ୍ରଶାନ୍ତ, ନବୀନ, ଭାଦବ


ମିଶ୍ରଣ ପର୍ବରେ ବିଧାୟକ ପ୍ରଶାନ୍ତ ଜଗଦେବ, ପୂର୍ବତନ ବିଧାୟକ ନବୀନ ନନ୍ଦ ଓ ଭାଦବ ହାଁସଦାଙ୍କ ସହ ଅନ୍ୟ ଦଳର କର୍ମକର୍ତ୍ତା।

ଭୁବନେଶ୍ୱର,୨୯।୨(ସୁନିତ୍ ମିଶ୍ର)

ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ଭାଜପାରେ ଯୋଗଦେବା ନେଇ ଚାଲିଥିବା ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଜଗଦେବ ଗୁରୁବାର ବିଧିବଦ୍ଧ ଭାବେ ତାଙ୍କ ସମର୍ଥକମାନଙ୍କ ସହ ଭାଜପାରେ ଯୋଗଦେଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏହି ଅବସରରେ ଦଳର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ବରିଷ୍ଠ ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ, ଭୃଗୁ ବକ୍ସିପାତ୍ର ଏବଂ ଦଳର ରାଜ୍ୟ ନିର୍ବାଚନ ସହପ୍ରଭାରୀ ସୁଶ୍ରୀ ଲତା ଉସେଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

ଜଗଦେବ ଅପରାହ୍ନ ପ୍ରାୟ ୧ଟା ସମୟରେ ନିଜ ସମର୍ଥକମାନଙ୍କ ସହିତ ଆସି ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। କାର୍ଯ୍ୟାଳୟରେ ପହଞ୍ଚିବା ମାତ୍ରେ ଜୟ ଶ୍ରୀରାମ, ଭାରତ ମାତା କି ଜୟ ନାରା ଦେଇଥିଲେ। ନିର୍ବାଚନ ସହପ୍ରଭାରୀ ଲତା ଉସେଣ୍ଡି ଉତ୍ତରୀୟ ଏବଂ ଦଳୀୟ ଟୋପି ପିନ୍ଧାଇ ଜଗଦେବଙ୍କୁ ଦଳରେ ସ୍ୱାଗତ କରିଥିଲେ। ଏହି ଅବସରରେ ଜଗଦେବ କହିଥିଲେ, ଭାଜପାରେ ଯୋଗଦେବା ପରେ ସେ ବହୁତ ଖୁସି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ତାଙ୍କୁ ପ୍ରେରଣା ଦେଇଛି। ବିଜେଡିରେ ଥିବା ସମୟରୁ ମୋଦିଙ୍କୁ ସମ୍ମାନ କରନ୍ତି। ଏବେ ତାଙ୍କ ସୈନିକ ଭାବେ କାର୍ଯ୍ୟ କରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ବହୁତ ସମ୍ମାନ ଓ ସୁରକ୍ଷା ଦେଇଥିଲେ। ସେ ଏବେ ଆଉ ସୁରକ୍ଷା ଦେବା ଅବସ୍ଥାରେ ନାହାନ୍ତି। ବାସ୍ନା ହେଉଛି, ରାଜ୍ୟରେ ଡବଲ ଇଞ୍ଜିନ ସରକାର ହେବ। ଜନତା ଦଳ ସମୟରୁ ରାଜନୀତିକୁ ଆସିଥିଲେ। ବେଗୁନିଆ, ଚିଲିକାରୁ ବିଧାୟକ ଭାବେ ଜିତିଥିଲେ। ଏବେ ସେ ଜିରୋରୁ ପୁଣି ଥରେ ରାଜନୈତିକ କ୍ୟାରିୟର ଆରମ୍ଭ କରିବେ। ଜଣେ କର୍ମୀ ଭାବେ ଭାଜପା ପାଇଁ କାମ କରିବେ ବୋଲି ଜଗଦେବ କହିଛନ୍ତି। ଏଠି ସେ ସୈନିକ ଭାବେ କାମ କରିବେ ବୋଲି କହିଛନ୍ତି। ଏହି ଅବସରରେ ପୂର୍ବତନ ବିଧାୟକ ପ୍ରାର୍ଥୀ ଭବାନୀ ଜଗଦେବ ମହାପାତ୍ର ଆନୁଷ୍ଠାନିକ ଭାବେ ଭାଜପାରେ ମିଶିଲେ।

ସେହିପରି ଢେଙ୍କାନାଳ ଜିଲାର ପୂର୍ବତନ ବିଧାୟକ ନବୀନ ନନ୍ଦ ବିଧିବଦ୍ଧ ଭାବେ ତାଙ୍କ ସମର୍ଥକମାନଙ୍କ ସହ ଆସି ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଯୋଗଦେଇଛନ୍ତି। ରାଜ୍ୟ ନିର୍ବାଚନ ସହପ୍ରଭାରୀ ତାଙ୍କୁ ଟୋପି ଓ ଉତ୍ତରୀୟ ଦେଇ ସ୍ୱାଗତ କରିଛନ୍ତି। ମୟୂରଭଞ୍ଜ ଅନ୍ତର୍ଗତ ସାରସକଣାର ପୂର୍ବତନ ବିଧାୟକ ଭାଦବ ହାଁସଦା, ବିଜେଡିର ପୂର୍ବତନ ରାଜ୍ୟ ପରିଷଦ ସଦସ୍ୟ ସମୀର କୁମାର ରାଜ, କଟକ ଜିଲା କଂଗ୍ରେସର ବରିଷ୍ଠ ନେତା ଜିତେନ୍ଦ୍ର ହାତୀ, କେନ୍ଦୁଝର ଜିଲାର ଘସିପୁରା ନିର୍ବାଚନମଣ୍ଡଳୀର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୃଥ୍ୱୀରାଜ କୁଅଁର, ଆନନ୍ଦପୁର ନିର୍ବାଚନମଣ୍ଡଳୀର ଆଇନଜୀବୀ ଝିମ୍ବିରାଣୀ ଦାସ ପ୍ରମୁଖ ନିଜ ସମର୍ଥକମାନଙ୍କ ସହ ଭାଜପାରେ ସାମିଲ ହୋଇଛନ୍ତି।

# ଭାଜପା କର୍ମୀଙ୍କ ଉପରେ ଗାଡ଼ି ଚଢ଼ାଇଥିବା ପ୍ରଶାନ୍ତଙ୍କୁ କୋଳେଇ ନେଲା ଭାଜପା: ବିଜେଡି

ଭୁବନେଶ୍ୱର,୨୯।୨(ଅନିଲ ଦାସ)

ପ୍ରଶାନ୍ତ ଜଗଦେବ ଯିଏକି ଭାଜପା କର୍ମୀଙ୍କ ଉପରେ ଗାଡ଼ି ଚଢ଼ାଇ ମାରିବାକୁ ଉଦ୍ୟମ କରିବା ସହ ୨ଟି ଆପରାଧିକ ମାମଲାରେ ଜେଲ ଯାଇଥିଲେ, ଯାହାଙ୍କ ବିରୋଧରେ ଓଡ଼ିଶା ଭାଜପାର ନେତା ଓ କର୍ମୀ ଗଳାଫଟାଇ ଚିତ୍କାର କରୁଥିଲେ, ଆଜି କିଭଳି ତାଙ୍କ ଗଳାରେ ଦଳୀୟ ଉତ୍ତରୀୟ ପକାଇ ସ୍ୱାଗତ କଲେ। ଯେଉଁ ଭାଜପା କର୍ମୀଙ୍କୁ ଗଳାଧକ୍କା ମାରି ପ୍ରଶାନ୍ତ ଲହୁଲୁହାଣ କରିଥିଲେ ବୋଲି ଦଳୀୟ ନେତା ଓ କର୍ମୀ ପ୍ରତିବାଦ କରୁଥିଲେ, ଆଜି କିଭଳି ତାଙ୍କ ପିଠି ଥାପୁଡ଼ାଇଛନ୍ତି ବୋଲି ବିଜେଡି ମୁଖପାତ୍ର ଲେନିନ ମହାନ୍ତି ପ୍ରଶ୍ନ କରିଛନ୍ତି।

ଗୁରୁବାର ଶଙ୍ଖଭବନଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଲେନିନ କହିଛନ୍ତି ଯେ ଉଭୟ ଆପରାଧିକ କାର୍ଯ୍ୟକଳାପକୁ ଗୁରୁତ୍ୱର ସହ ଗ୍ରହଣ କରି ବିଜୁ ଜନତା ଦଳ ପ୍ରଶାନ୍ତ ଜଗଦେବଙ୍କୁ ଦଳରୁ ନିଲମ୍ବନ ସହ ବହିଷ୍କାର ମଧ୍ୟ କରିଥିଲା। ଜନବିରୋଧୀ କାର୍ଯ୍ୟ ପାଇଁ ଯାହାଙ୍କୁ ବିଜେଡି ଦଳରୁ ବାହାରର ରାସ୍ତା ଦେଖାଉଛି ସେମାନଙ୍କୁ ଓଡ଼ିଶା ଭାଜପା ସାଦରରେ ଗ୍ରହଣ କରିନେଉଛି। ଏବେ ଭାଜପା ନେତା ଖାସ୍ କରି ପୃଥ୍ୱୀରାଜ ହରିଚନ୍ଦନ ଓ ଅନ୍ୟମାନେ ଯିଏ ପ୍ରଶାନ୍ତଙ୍କ ବିରୋଧରେ ବିଷ ଓଗାଳୁ ଥିଲେ, ସେମାନେ ନିଜ କର୍ମୀଙ୍କୁ କ'ଣ ଉତ୍ତର ଦେବେ। ଯେଉଁ ଭାଜପା କର୍ମୀଙ୍କ ଉପରେ ପ୍ରଶାନ୍ତ ଗାଡ଼ି ଚଢ଼ାଇ ଦେଇଥିଲେ, ତାଙ୍କୁ କିଭଳି ମୁହଁ ଦେଖାଇବେ। ଯେଉଁ ପୃଥ୍ୱୀରାଜ ହରିଚନ୍ଦନଙ୍କ ପାଇଁ ଭାଜପା କର୍ମୀମାନେ ପ୍ରଶାନ୍ତ ଜଗଦେବଙ୍କ ସହ ଲଢ଼େଇ କରୁଥିଲେ ଏବେ ସେମାନେ କ'ଣ କରିବେ ବୋଲି ଲେନିନ ପ୍ରଶ୍ନ କରିଛନ୍ତି। ଯେଉଁ ପୃଥ୍ୱୀରାଜ ପ୍ରଶାନ୍ତଙ୍କଠାରୁ ଶୋଚନୀୟ ଭାବେ ପରାସ୍ତ ହୋଇ ରାଜ୍ୟ ରାଜନୀତିରେ ଲଜ୍ଜିତ ହୋଇଥିଲେ ସେ ମିଶ୍ରଣ ପର୍ବ ନେଇ ନିଜ କର୍ମୀଙ୍କୁ ଜବାବ ଦେଇପାରିବେ ତ। ନୂଆ ନେତା ସୃଷ୍ଟି କରିବାକୁ ଓଡ଼ିଶା ଭାଜପା ଯେହେତୁ ଅସମର୍ଥ ସେଥିପାଇଁ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତଥିବା ଗୁଣ୍ଡା, ବଦମାସ, ଆପରାଧିକ, ଜନବିରୋଧୀ ଓ ତଡ଼ାଖିଆ ଶ୍ରେଣୀର ଲୋକଙ୍କୁ ଭରସା କରିବା ଆରମ୍ଭ କରିଛି ବୋଲି ଲେନିନ କହିଛନ୍ତି।

# ଖଇରାରେ ସୁଦୃଢ଼ ହେଉଛି କଂଗ୍ରେସ


ମିଶ୍ରଣ ପର୍ବରେ କଂଗ୍ରେସ ନେତୃବୃନ୍ଦଙ୍କ ସହ ଯୋଗଦାନ କରିଥିବା ଅନ୍ୟ ଦଳର କର୍ମୀ।

ଖଇରା, ୨୯।୨(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକରେ କଂଗ୍ରେସର ୬ମାସ ମଧ୍ୟରେ ୩୦ରୁ ଊର୍ଦ୍ଧ୍ୱ ଛୋଟ ବଡ ମିଶ୍ରଣ ପର୍ବ ମାଧ୍ୟମରେ କଂଗ୍ରେସ ଧୀରେ ଧୀରେ ସୁଦୃଢ ହେବାରେ ଲାଗିଛି। ୨୦୧୯ରେ ଦଳ ଛାଡି ଭାଜପାକୁ ମୁହାଁଇଥିବା ବହୁ କଂଗ୍ରେସ କର୍ମୀ ତଥା ଦଳ ଆରମ୍ଭରୁ ସକ୍ରିୟ ଭୂମିକାରେ ରହିଥିବା ଅନ୍ୟ କିଛି କର୍ମୀ ଦଳ ଭିତରେ ଅଣନିଃଶ୍ୱାସୀ ହୋଇ ଦଳକୁ ପ୍ରତ୍ୟାବର୍ତ୍ତନ କରିବା ପରେ କଂଗ୍ରେସ ଶକ୍ତିଶାଳୀ ହୋଇପଡୁଥିବା କୁହାଯାଉଛି। ଗୁରୁବାର ଖଇରା କଂଗ୍ରେସ କାର୍ଯ୍ୟାଳୟରେ ପୁଣି ଏକ ମିଶ୍ରଣ ପର୍ବ ସିମୁଳିଆରେ ଦଳର ଲୋକପ୍ରିୟତା ବୃଦ୍ଧିକୁ ପ୍ରମାଣିତ କରିଛି। କଂଗ୍ରେସ ନେତା ଶରତ ଦାସ, କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା, ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡା, ପୂର୍ବତନ ସରପଞ୍ଚ ବସନ୍ତ ପାତ୍ରଙ୍କ ଉପସ୍ଥିତିରେ ଅନ୍ତରା ଜୋନ ଭାଜପାର ପୂର୍ବତନ ସଭାପତି ଭାଗିରଥି ମହାପାତ୍ର, ଲକ୍ଷ୍ମୀଧର ମହାପାତ୍ର, ଗଣେଶ ଶତପଥି, ଭଗବାନ କର, କୈଳାସ ମହାପାତ୍ର, ହରେକୃଷ୍ଣ ମହାପାତ୍ର ଓ କୁପାରୀ ଜୋନର ଟାଣୁଆ ନେତା ପରମେଶ୍ୱର ମହାପାତ୍ର ନିଜର ୭୦ରୁ ଊର୍ଦ୍ଧ୍ୱ ସମର୍ଥକଙ୍କ ସହ ଦଳ ଛାଡି କଂଗ୍ରେସ ପ୍ରାଥମିକ ସଦସ୍ୟ ପଦ ଗ୍ରହଣ କରିଛନ୍ତି।

# ବିଧାନସଭାକୁ ସୁରଙ୍କ ବାଏ ପରେ ଏମ୍‌ପି ପ୍ରାର୍ଥିତ୍ୱ ଚର୍ଚ୍ଚା

ଖୋର୍ଦ୍ଧା,୨୯।୨(ପ୍ରଭାତ ପାଣିଗ୍ରାହୀ)

ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରୁ ଦୀର୍ଘବର୍ଷ ଧରି ବିଜେଡି ପ୍ରାର୍ଥୀ ଜିତି ଆସୁଥିବା ବେଳେ ୨୦୧୯ ନିର୍ବାଚନରେ ଭାଜପାରୁ ଅପରାଜିତା ଷଡ଼ଙ୍ଗୀ ଏମ୍‌ପି ହୋଇଥିଲେ। ୨୦୨୪ ଲୋକ ସଭା ନିର୍ବାଚନରେ ଅପରାଜିତା ଭାଜପାରୁ ପୁଣି ପ୍ରାର୍ଥୀ ହେବେ ବୋଲି କୁହାଯାଉଛି। ଯଦି ସେ ପ୍ରତିଦ୍ୱନ୍ଦ୍ୱିତା କରନ୍ତି, ତାଙ୍କୁ କିଏ ଟକ୍କର ଦେବେ ତାହାକୁ ନେଇ ଚର୍ଚ୍ଚା ହେଉଛି। ଶୁଣିବାକୁ ମିଳୁଛି ବିଜେଡିରୁ କୋଠାବାଡ଼ି ଓ ନିର୍ମାଣ ଶ୍ରମିକ ବୋର୍ଡ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ପ୍ରାର୍ଥୀ ହୋଇପାରନ୍ତି। ସେପଟେ କଂଗ୍ରେସ କୁଆଡ଼େ ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ଉପରେ ନଜର ପକାଇଲାଣି। ଯଦିଓ ଆଗାମୀ ନିର୍ବାଚନରେ ଦଳ କାହାକୁ ଏଠାରୁ ପ୍ରାର୍ଥୀ କରିବ ସ୍ଥିର ହୋଇ ନାହିଁ, ତେବେ ବରିଷ୍ଠ ନେତା ସୁରେଶ ରାଉତରାୟଙ୍କୁ ପ୍ରୋଜେକ୍ଟ କରୁଥିବା ଆଲୋଚନା ହେଉଛି। ସେଥିଲାଗି ସୁରେଶ କୁଆଡ଼େ ବିଧାନସଭାକୁ ବାଏ କହି ଭାବବିହ୍ୱଳ ହୋଇଥିଲେ। ପାର୍ଲାମେଣ୍ଟକୁ ସୁରେଶଙ୍କୁ ପଠାଇବା ପାଇଁ ଦଳ ଭିତିରିଆ ପ୍ରସ୍ତୁତି ଆରମ୍ଭ କରିଥିବା ଜଣାପଡୁଛି। ସୁରେଶ ଜଟଣୀ ନିର୍ବାଚନମଣ୍ଡଳୀରୁ ୬ଥର ବିଧାୟକ ହୋଇଥିବା ବେଳେ ଥରେ ମନ୍ତ୍ରୀ ହୋଇଥିଲେ। ସୋସିଆଲ ମିଡିଆରେ ସେ ସର୍ବାଗ୍ରେ ଚର୍ଚ୍ଚାରେ ରହୁଥିବା ବେଳେ ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ସମାଲୋଚନା କରି ଗଣମାଧ୍ୟମର ଶିରୋନାମା ପାଲଟିଥାନ୍ତି।

ଅପରପକ୍ଷରେ ଚାରିଆଡ଼େ ଏବେ ବିଜେଡି ଏବଂ ଭାଜପାରେ ଦଳୀୟ ଟିକେଟକୁ ନେଇ ଗୋଷ୍ଠୀ କନ୍ଦଳ। ଖୋର୍ଦ୍ଧା, ବେଗୁନିଆ, ଜଟଣୀ, ଏକାମ୍ର ସବୁଠି ଏହା ଜଳଜଳ ଦେଖାଗଲାଣି। ଏହାକୁ ଦୃଷ୍ଟିରେ ରଖି ଭାଜପା ଓ ବିଜେଡିକୁ କଂଗ୍ରେସରୁ ଏକମାତ୍ର ସୁରେଶ ଟକ୍କର ଦେଇପାରିବେ ବୋଲି ଚର୍ଚ୍ଚା ହେଉଛି। ଏପରିକି ଅସନ୍ତୁଷ୍ଟ ବିରୋଧୀଙ୍କ ଭୋଟ ମଧ୍ୟ ତାଙ୍କୁ ମିଳିବା ସମ୍ଭାବନା ଅଧିକ। ପ୍ରାର୍ଥିତ୍ୱକୁ ନେଇ ଚାଲିଥିବା ଆଲୋଚନାକୁ ସୁର ଖଣ୍ଡନ କରିଥିବା ବେଳେ ଭାଜପାର ଅସନ୍ତୁଷ୍ଟ କର୍ମୀ କୁଆଡ଼େ ଅପରାଜିତାଙ୍କୁ ହରାଇବା ପାଇଁ ସୁରେଶଙ୍କୁ ସମର୍ଥନ କରିପାରନ୍ତି ବୋଲି କୁହାଯାଉଛି। ଅପରାଜିତାଙ୍କ ବିରୋଧରେ ଅସନ୍ତୁଷ୍ଟ ଦଳୀୟ କର୍ମୀ ସ୍ୱର ଉତ୍ତୋଳନ କରିବାରେ ଲାଗିଛନ୍ତି। ପୁଣି ଅତୀତରେ ଅପରାଜିତା ବିଭିନ୍ନ ପ୍ରସଙ୍ଗରେ ଶଣ୍ଢୁଆସି ଆକ୍ରମଣ କରି ରାଜ୍ୟ ସରକାରଙ୍କୁ ଅସ୍ତବ୍ୟସ୍ତ କରି ପକାଇଛନ୍ତି। କୌଣସି ପ୍ରକାରେ ବିଜେଡି ଏଥର ଅପରାଜିତାଙ୍କୁ ହରାଇବା ପାଇଁ କାଉଣ୍ଟଡାଉନ୍ ଆରମ୍ଭ କରିଦେଇଥିବା ଆଲୋଚନା ହେଉଛି।

# ମୁଁ ଦୁଇ କୁଳକୁ ହିତା: ଶ୍ରୀମୟୀ

ଖୋର୍ଦ୍ଧା,୨୯।୨(ପ୍ରଭାତ ପାଣିଗ୍ରାହୀ)

ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ବିଜେଡିରୁ ଆଶାୟୀ ଶ୍ରୀମୟୀ ମିଶ୍ର ଗୁରୁବାର ଖୋର୍ଦ୍ଧାରେ ବାଇକ୍ ଶୋଭାଯାତ୍ରା ମାଧ୍ୟମରେ ଶକ୍ତି ପ୍ରଦର୍ଶନ କରିଛନ୍ତି। ଶୋଭାଯାତ୍ରା ମୁକୁନ୍ଦପ୍ରସାଦ ମେଳଣ ପଡ଼ିଆଠାରୁ ବାହାରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପରିକ୍ରମା କରିଥିଲା। ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ପର୍ଯ୍ୟବେକ୍ଷକ କୈଳାସ ପାତ୍ର, ସହପର୍ଯ୍ୟବେକ୍ଷକ ଶୁଭ୍ରାଂଶୁ ମିଶ୍ର, ଜିଲାପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂହ, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଦଳୀୟ କର୍ମୀ, ନେତାଙ୍କ ସମେତ ବହୁ ମହିଳା ଶୋଭାଯାତ୍ରାରେ ସାମିଲ ଥିଲେ। ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ୭ ନମ୍ବର ୱାର୍ଡର କାଉନସିଲର ଅଜିତ ମହାପାତ୍ରଙ୍କ ନେତୃତ୍ୱରେ ଏହା ଆୟୋଜିତ ହୋଇଥିଲା। ଏହି ଅବସରରେ ଶ୍ରୀମୟୀ କହିଲେ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ସମୃଦ୍ଧି ପଥରେ ଆଗେଇ ଚାଲିଛି। ତେଣୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ନବୀନଙ୍କୁ ଷଷ୍ଠଥର ଲାଗି ମୁଖ୍ୟମନ୍ତ୍ରୀ କରିବା ପାଇଁ ସେ ଲୋକଙ୍କୁ ନିବେଦନ କରିଥିଲେ। ନିକଟରେ ଏକ ଓଡ଼ିଆ ଚଳଚ୍ଚିତ୍ର ରିଲିଜକୁ ନେଇ ପଶ୍ଚିମ ଓଡ଼ିଶା ଏବଂ ପୂର୍ବାଞ୍ଚଳ ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିଲା। ବଲାଙ୍ଗୀରରୁ ଏ ନେଇ ସ୍ୱର ଉଠିଥିଲା। ନିର୍ବାଚନରେ ଏହାର ପ୍ରଭାବ ପଡ଼ିପାରେ କି ପ୍ରଶ୍ନର ଉତ୍ତରରେ ଗଣମାଧ୍ୟମକୁ ଶ୍ରୀମୟୀ କହିଛନ୍ତି, ମୁଁ ଦୁହିତା, ଦୁଇକୁଳକୁ ହିତା। ମୋ' ଘର ବଲାଙ୍ଗୀର, କିନ୍ତୁ ମୁଁ ଭୁବନେଶ୍ୱରରେ ବିବାହ କରିଛି। ମୁଁ ଲୋକଙ୍କ ସହିତ ଥିବାରୁ ସେଭଳି ଚର୍ଚ୍ଚାର କୌଣସି ପ୍ରଭାବ ପଡ଼ିବ ନାହିଁ।


ଖୋର୍ଦ୍ଧାରେ ବାଇକ୍ ଶୋଭାଯାତ୍ରା କରି ଶ୍ରୀମୟୀ ମିଶ୍ର ଶକ୍ତି ପ୍ରଦର୍ଶନ କରୁଛନ୍ତି।

## ସଂକ୍ଷେପରେ

### ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ଟିଟିଲାଗଡ, ୨୯।୨(ଶରତ ମିଶ୍ର)

ଟିଟିଲାଗଡ ପୌର ପରିଷଦ ୱାର୍ଡ ନ ୧୧ରେ ବିଜେଡ଼ି ତରଫରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଟିଟିଲାଗଡ ପର୍ଯ୍ୟବେକ୍ଷକ ଅଜୟ ନାୟକ ଓ ସ୍ନେହାଞ୍ଜଳି ମହାନ୍ତି, ପୌରପରିଷଦ ଉପାଧ୍ୟକ୍ଷା ପୁଷ୍ପାମଞ୍ଜରୀ ଜାଲ ଯୋଗଦେଇ ସରକାରଙ୍କ ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ। ଆଗାମୀ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତକୁ ଟାଣ କରିବା ପାଇଁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉମା ଅଗ୍ରୱାଲ, ଅନିତା ଚନ୍ଦନ, ସନ୍ତୋଷିନୀ ସୁନାନୀ, ବୁଲୁ ଆଚାର୍ଯ୍ୟ, ଅଭି ବାଗ, ଶ୍ରବଣ ବାଗ ସାମିଲ ହୋଇଥିଲେ।

### ଆତ୍ମରକ୍ଷା ତାଲିମ ଶିବିର

ଗୁଡଭେଲା, ୨୯।୨(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ତୁଷୁଡା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆଠଦିନ ଧରି ଚାଲିଥିବା ଛାତ୍ରୀଙ୍କ ଆତ୍ମରକ୍ଷା ତାଲିମ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ଗିରିଜା ପ୍ରସାଦ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ତୁଷୁରା ଥାନାଧିକାରୀ ସଞ୍ଜୀବ କୁମାର ପ୍ରଧାନ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥିଭାବେ ସୁଧାକର ପ୍ରଧାନ ଓ ପୂର୍ବତନ କଲେଜ ଅଧକ୍ଷ ପ୍ରଦୀପ କୁମାର ସାହୁ ଯୋଗଦେଇଥିଲେ। ଶରତ ଭୋଇ, ପିତବାସ ଚନ୍ଦନ, ଦୁର୍ଲ୍ଲଭ ମାଝୀ, ଗୋକୁଳ ଥପ୍ପା ଓ ରାଜୀବ ଚନ୍ଦନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରୋଗ୍ରାମ ଅଧିକାରୀ କିଶୋର କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ବ୍ରାହ୍ମଣ ସମାଜ ଭବନ ପାଇଁ ଭୂମି ପୂଜନ

କଣ୍ଟାବାଞ୍ଜି, ୨୯।୨(ଗୁରୁଦୟାଲ ହଂସ)

କଣ୍ଟାବାଞ୍ଜି ବ୍ରାହ୍ମଣ ସମାଜର ଭୂମି ପୂଜନ ମହୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଯଜମାନଭାବେ ସମାଜର ଅଧକ୍ଷ ବ୍ରଜ ଶ୍ୟାମ ଗୁରୁ, ପୂଜକ ଶ୍ୟାମ ସୁନ୍ଦର ଗୁରୁ, ସଞ୍ଜୟ ମହାପାତ୍ରଙ୍କଦ୍ୱାରା ପୂଜନ ସମ୍ପାଦିତ ହୋଇଥିଲା। ଉକ୍ତ ଉତ୍ସବରେ ଭୂମିଦାତା ଘନଶ୍ୟାମ ଶର୍ମା, ସମାଜର କାହ୍ନୁ ଚରଣ ମିଶ୍ର, ପ୍ରେମ ପ୍ରକାଶ ପଣ୍ଡା, ସହସମ୍ପାଦକ ହରିହର ଠାକୁର, କୋଷାଧକ୍ଷ ମନୋଜ ଠାକୁର, ସହସ୍ରାଂଶୁ ହୋତା, ରମାକାନ୍ତ ମହାପାତ୍ର, ପର୍ଶୁରାମ ବାହିନ ସଭାପତି ନିଶିକାନ୍ତ ମହାପାତ୍ର, ସମ୍ପାଦକ ସଞ୍ଜୟ କୁମାର ପଣ୍ଡା କାର୍ଯ୍ୟକ୍ରମ ତଦାରଖ କରିଥିଲେ। ସମାଜ ଉପସଭାପତି ଡ଼.ସଞ୍ଜୟ ମିଶ୍ର, ସମ୍ପାଦକ ପ୍ରଫେସର ନରୋତ୍ତମ ପଣ୍ଡା, ପ୍ରଫେସର ଚିନ୍ମୟ ଯୋଶୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

### ଜାତୀୟ ବିଜ୍ଞାନ ଦିବସ ପାଳିତ

ଲୋଇସିଂହା, ୨୯।୨( ସୁଶାନ୍ତ ବାରିକ)

ଲୋଇସିଂହା ବ୍ଲକ ଛେଲବହାଲ ଗ୍ରାମର ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ପ୍ରଥମ ଓଡ଼ିଶା ଫାଉଣ୍ଡେସନ ତରଫରୁ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେରେ ଛାତ୍ରୀଛାତ୍ର ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏଥିରେ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରକଳ୍ପ ପରିଦର୍ଶନ କରିବା ସହ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ।

### ଗାଡ଼ି ସହ ଶାଗୁଆନ କାଠ ଜବତ

କଣ୍ଟାବାଞ୍ଜି, ୨୯।୨(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବନ ବିଭାଗ ବୁଧବାର ରାତରେ ପାଟ୍ରୋଲିଂ ସମୟରେ ୧୬ଟି ଶାଗୁଆନ ଗଣ୍ଡି ବୋଝେଇ ଏକ କମାଣ୍ଡର ଜିପ୍ ଜବତ କରିଛି। ଡ୍ରାଇଭର ଗାଡି ଛାଡି ଫେରାର ହୋଇ ଯାଇଛନ୍ତି। ରେଞ୍ଜ ଅଫିସର ସିଦ୍ଧାନ୍ତ କୁମାର ସାହୁ ପାଟ୍ରୋଲି କରୁଥିବାବେଳେ କୁକୁଡାହାଡ-ଚାଉଳସୁଖା ପ୍ରଧାନମନ୍ତ୍ରୀ ସଡକର କୁକୁଡାହାଡ ନିକଟରେ ଜିପ ନଂ. ଓଆର୦୩-୪୪୦କୁ ଅଟାକାଇଥିଲେ। ଯାଞ୍ଚବେଳେ ଗାଡିରେ ଶାଗୁଆନ ଗଣ୍ଡି ଚାଲାଣ ହେଉଥିବା ଜଣାପଡିଥିଲା।

# ୧୨ଘଣ୍ଟା ବନ୍ଦ ରହିଲା ଲାଠୋର

ଲାଠୋର, ୨୯।୨(ଭୁବନେଶ୍ୱର ବାରିକ)



କଲେଜ ଛକରେ ଆନ୍ଦୋଳନକାରୀ ଧାରଣାରେ ବସିଛନ୍ତି।

**ଏନଏସି ଘୋଷଣା ନ ହେବାର ପ୍ରତିବାଦ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋରକୁ ଏନଏସି ଘୋଷଣା କରା ନ ଯିବାର ଗୁରୁବାର ଯୋରଦାର ପ୍ରତିବାଦ ହୋଇଛି। ଏନଏସି କ୍ରିୟାନୁଷ୍ଠାନ କମିଟି ସଭାପତି ଭୋଜରାଜ ମେହେରଙ୍କ ନେତୃତ୍ୱରେ ଗୁରୁବାର ଆହୂତ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ଆନ୍ଦେଳନକାରୀ ଅଭିଯୋଗ କରିଛନ୍ତି ଯେ, ଲାଠୋର ଏନଏସି ହେବାର ସମସ୍ତ ପ୍ରକାର ଯୋଗ୍ୟତା ରଖିଛି। ଗତ ଦୁଇବର୍ଷ ହେବ ଏନଏସି କ୍ରିୟାନୁଷ୍ଠାନ କମିଟି ଏହି ଦାବି ଉଠାଇବା ସହ ବିଭିନ୍ନ ସମୟରେ ଆନ୍ଦୋଳନ କରି ଆସିଛି। ସରକାର ତତ୍ପରତା ପ୍ରକାଶ କରି ସରକାରୀ ଭାବେ ଲାଠୋରକୁ ଏନଏସି ମାନ୍ୟତା ପ୍ରଦାନ ପାଇଁ ପ୍ରକ୍ରିୟା ଆରମ୍ଭ କରି ଏକ ତାଲିକା ପ୍ରକାଶ କରିଥିଲେ। ସେହି ତାଲିକାର ୧୪ ନମ୍ବରରେ ଲାଠୋରର ନାମ ରହିଥିଲା। ହେଲେ ସରକାର ବୈମାତୃକ ମନୋଭାବ ରଖି ସଦ୍ୟ ଘୋଷିତ ତାଲିକାରେ ଲାଠୋରକୁ ବାଦ ଦେଇଛନ୍ତି। ଆମେ ଏହାର ବିରୋଧ କରି ପୁର୍ନବିଚାର କରିବାକୁ ଦାବି କରୁଛୁ। ଏନଏସି କ୍ରିୟାନୁଷ୍ଠାନ କମିଟି ଡାକରାକ୍ରମେ ଗ୍ରାମବାସୀଙ୍କ ସହ ଜୟ ମା ବାସ୍ତ୍ରେନ, ଓଡ଼ିଆ ବଣିକ ସଂଘ, ଦୁର୍ଗାପୂଜା କମିଟି, ସାବାସ ସଂଗଠନ, ଲିବେରାଲ ଡେମୋକ୍ରେଟିକ ଆସୋସିଏଶନ, ଚେମ୍ବର ଅଫ କମର୍ସ, ମାରୱାଡ଼ି ଯୁବା ମଞ୍ଚ, କୋଶଳ ମୁକ୍ତି ମୋର୍ଚ୍ଚା, କୋଶଳ ରାଜ୍ୟ ମୁକ୍ତି ମୋର୍ଚ୍ଚା, ଅନୁସୂଚିତ ଜନଜାତି ଯୁବ ମୋର୍ଚ୍ଚା ତଥା ବିଭିନ୍ନ ରାଜନୈତିକ ଦଳ ସକାଳ ୬ରୁ ସନ୍ଧ୍ୟା ୬ଟା ବନ୍ଦରେ ସାମିଲ ହୋଇଥିଲେ। ବନ୍ଦ ପ୍ରଭାବରେ ଲାଠୋରର ସମସ୍ତ ଦୋକାନ ବଜାର, ସ୍କୁଲ କଲେଜ, ସରକାରୀ ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଓ ଯାନବାହାନ ଚଳାଚଳ ବନ୍ଦ ଥିଲା। କଲେଜ ଛକଠାରେ ଆନ୍ଦୋଳନକାରୀ ବଲାଙ୍ଗୀର-ନୂଆପଡ଼ା ଓ ଲାଠୋର-କଣ୍ଟାବାଞ୍ଜି ରାସ୍ତା ଅବରୋଧ କରିଥିଲେ। ଆସନ୍ତା ସୋମବାର କଲେଜ ଛକଠାରେ ଲାଠୋର, ପିପଲବାହାଲ, ଜଲପାଙ୍କେଲ, କନ୍ହେଇଛାପର, ଫୁଲଝର ଆଦି ଗ୍ରାମର ଅଧିବାସୀଙ୍କୁ ନେଇ ପୁଣି ଆନ୍ଦୋଳନ କରାଯିବ। ଯେ ପର୍ଯ୍ୟନ୍ତ ସରକାର ଦାବି ପୂରଣ ନ କରିଛନ୍ତି ସେ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବା ବୋଲି ସେମାନେ କହିଛନ୍ତି। ଦରକାର ପଡିଲେଆସନ୍ତା ବିଧାନ ସଭା ନିର୍ବାଚନରେ ଭୋଟ ବର୍ଜନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଆନ୍ଦୋଳନରେ ପୂର୍ବତନ ସରପଞ୍ଚ ସନ୍ତୋଷ ଭଇଁସାଲ, ପ୍ରବୀଣ ଅଗ୍ରୱାଲ, ଦଶରଥ ପାଣିଗ୍ରାହୀ, ଲବ ସୁନା, ରାହୁଲ ସୋନି, ଜିଷ୍ଣୁନ୍ତ ମେହେର, କାଶୀନାଥ ମେହେର, ରୋହିତ ଶବର, ସୁବାସ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

# ଗ୍ରୁପ ଋଣ ନାଁରେ ଠକେଇ, ମହିଳା ଥାନାର ଦ୍ୱାରସ୍ଥ

ଲୋଇସିଂହା, ୨୯।୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଯୋଗୀସର୍ଡା ଗ୍ରାମରେ ଗ୍ରୁପ ଋଣ ନାଁରେ ଠକେଇ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଏକ ସପ୍ତାହ ବିତି ଗଲାଣି । ହେଲେ ଅଭିଯୋଗକାରୀଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେଉନାହିଁ । ଅପରପକ୍ଷେ ଅର୍ଥଲଗାଣ କାରୀ ସଂସ୍ଥା କର୍ମଚାରୀ ମହିଳାଙ୍କୁ ଟଙ୍କା ପରିଶୋଧ କରିବାକୁ ବାଧ୍ୟ କରୁଛନ୍ତି। ଠକେଇର ଶିକାର ମହିଳା ଗୁରୁବାର ପୁଣି ଥରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ ଗୋଟିଏ ପରିବାର ମା'ଝିଅ ଗ୍ରାମର ଅନେକ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ନାମରେ ବିଭିନ୍ନ ଅର୍ଥ ଲଗାଣକାରୀ ସଂସ୍ଥା ଓ କେତେକ ବ୍ୟାଙ୍କରୁ ଟଙ୍କା ଉଠାଇଛନ୍ତି। ଦସ୍ତାବିଜ ଦେଇଥିବା ମହିଳାଙ୍କୁ ଉଠାଣ ଟଙ୍କାରୁ କିଛି ଟଙ୍କା ଦେଇ ବଡଅଂଶ ସଂପୃକ୍ତ ମା'ଝିଅ କୁଆଡେ ରଖୁଥିଲେ । ମହିଳାଙ୍କ ନାମରେ ଉଠାଯାଇଥିବା ଟଙ୍କାର ମାସିକ ଏବଂ ସାପ୍ତାହିକ କିସ୍ତି କୁଆଡେ ସେହି ମା'ଝିଅ ପରିଶୋଧ କରି ଆସୁଥିଲେ । ଏପରିକି କେତେଜଣଙ୍କ କାଗଜପତ୍ର ଜାଲିଆତି କରି ଟଙ୍କା ଉଠାଇଛନ୍ତି। ଗତ କିଛି ମାସ ହେଲା ସମ୍ପୃକ୍ତ ମା'ଝିଅ ଅର୍ଥଲଗାଣକାରୀ ସଂସ୍ଥା ଏବଂ ବ୍ୟାଙ୍କକୁ ଟଙ୍କା ପରିଶୋଧ କରୁନାହାନ୍ତି। ଯେଉଁ ମହିଳାଙ୍କ ନାମରେ ଟଙ୍କା ଉଠାଣ ହୋଇଛି ସେମାନଙ୍କ ଘରକୁ ଯାଇ ଅର୍ଥ ଲଗାଣକାରୀ ସଂସ୍ଥାର କର୍ମଚାରୀ ଟଙ୍କା ଶୁଝିବାକୁ କହୁଛନ୍ତି। ଦୁଇ ସପ୍ତାହରୁ ଅଧିକ ସମୟ ହେଲା ଗାଁରେ ଏହାକୁ ନେଇ ଅସ୍ୱଭାବିକ ପରିସ୍ଥିତି ସୃଷ୍ଟି ହୋଇଛି। ଏହାପରେ ସମ୍ପୃକ୍ତ ମା' ଓ ଝିଅ ଗାଁରୁ ଫେରାର ହୋଇଯାଇଛନ୍ତି। ଠକେଇର ଶିକାର ମହିଳାମାନେ ଲୋଇସିଂହା ଥାନରେ ଫେରାଦ ହୋଇ ଅଭିଯୁକ୍ତଙ୍କୁ ଧରିବାକୁ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ ୯୯ ମହିଳାଙ୍କ ନାମରେ ୧ କୋଟିରୁ ଅଧିକ ଟଙ୍କା ଠକେଇ ହୋଇଛି।

# ସ୍ୱାମୀ, ଶାଶୁ ଓ ଶ୍ୱଶୁରଙ୍କୁ ୧୦ବର୍ଷ ଜେଲଦଣ୍ଡ

କଣ୍ଟାବାଞ୍ଜି, ୨୯।୨(ଗୁରୁଦୟାଲ ହଂସ)

**ଯୌତୁକଜନିତ ହତ୍ୟାକାଣ୍ଡ**

ଏକ ଯୌତୁକଜନିତ ହତ୍ୟା ମାମଲାର ବିଚାର କରି କଣ୍ଟାବାଞ୍ଜି ଅତିରିକ୍ତ ଜିଲା ଦୌରାଜଜ୍ ହିମାଂଶୁ ଶେଖର ମଲ୍ଲିକ ଗୁରୁବାର ମୃତାଙ୍କ ସ୍ୱାମୀ, ଶାଶୁ, ଶ୍ୱଶୁରଙ୍କୁ ଦୋଷୀ ସାବ୍ୟସ୍ଥ କରି ୧୦ବର୍ଷ ଜେଲ ଦଣ୍ଡାଦେଶ କରିଛନ୍ତି। ଏଥିସହିତ ପ୍ରତ୍ୟେକ ଅଭିଯୁକ୍ତଙ୍କୁ ୧୦ହଜାର ଟଙ୍କା ଲେଖାଏ ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ଏକ ବର୍ଷ ଲେଖାଏ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ କୁହାଯାଇଛି। ମାମଲାରୁ ପ୍ରକାଶ ଯେ, ବଲାଙ୍ଗୀର ଜିଲା ତୁରେକେଲା ଥାନା ରାମୋଡ ଗ୍ରାମର ଅନିମା ସାହୁ ସେହି ଗାଁର ନୃପ ସାହଙ୍କୁ ସାମାଜିକ ରୀତି ନୀତିରେ ବିବାହ କରିଥିଲେ। ବିବାହ ପରଠାରୁ ସ୍ୱାମୀ ନୃପ ସାହୁ, ଶ୍ୱଶୁର ଜିବର୍ଦ୍ଧନ ସାହୁ, ଶାଶୁ ମୋତି ସାହୁ ଯୌତୁକ ବାବଦକୁ ୫୦ହଜାର ଟଙ୍କା ଓ ସୁନା ଗହଣା ଦାବି କରି ତାଙ୍କୁ ନିର୍ଯାତନା ଦେଉଥିଲେ। ଏ ନେଇ ଅନିମା ତାଙ୍କ ମାତାପିତାଙ୍କୁ ଜଣାଇ ଆସୁଥିଲେ । ହେଲେ ତାଙ୍କ ଉପରେ ନିର୍ଯାତନା କମି ନ ଥିଲା। ୨୦୧୭ ଜାନୁଆରୀ ୬ତାରିଖରେ ଅନିମାଙ୍କ ମୃତ୍ୟୁ ହୋଇଯାଇଥିବା ନେଇ ତାଙ୍କ ବାପା ଜୟଦେବ ସାହୁ ଜାଣିବାକୁ ପାଇ ତୁରେକେଲା ଥାନାରେ ଏତଲା ଦେଇଥିଲେ। ଯୌତୁକଙ୍କ ପାଇଁ ଜ୍ୱାଇଁ ନୃପ ସାହୁ ଓ ତାଙ୍କ ମା' ମୋତି ସାହୁ ଓ ବାପା ଜିବର୍ଦ୍ଧନ ସାହୁ ଝିଅକୁ ମାରି ଦେଇଥିବା ଅଭିଯୋଗରେ ଦର୍ଶାଇଥିଲେ। ଅଭିଯୋଗକୁ ଭିତ୍ତି କରି ତୁରେକେଲା ଥାନାରେ ଦଫା ୪୯୮(ଏ), ୩୦୪(ବି), ୩୪ ଆଇପିସି, ଆର/ଡବ୍ଲ୍ୟୁ ଦଫା-ଡିପି ଆକ୍ଟରେ ଏକ ମାମଲା( ନଂ.୨/୧୭) ରୁଜୁ କରି ପୋଲିସ ନୃପ, ଜୀବର୍ଦ୍ଧନ ଓ ମୋତିଙ୍କୁ ଗିରଫ କରିଥିଲା। ଏହି ମାମଲାର ବିଚାର କରି ଅତିରିକ୍ତ ଜିଲା ଦୌରାଜଜ୍ ମଲ୍ଲିକ ୧୯ଜଣ ସାକ୍ଷ୍ୟ ପ୍ରମାଣ ପରେ ରାୟ ଶୁଣାଇଛନ୍ତି। ପୀଡିତାଙ୍କ ତରଫରୁ ସରକାରୀ ଓକିଲ କାନନ କିଶୋର ପଣ୍ଡା ଏବଂ ଅଭିଯୁକ୍ତମାନଙ୍କ ତରଫରୁ ଦୁଃଖିଶ୍ୟାମ ଗୁରୁ ମାମଲା ପରିଚାଳନା କରୁଥିଲେ।

## ଦାବି ପୂରଣ ନ ହେଲେ ମାର୍ଚ୍ଚ ୧୬ରୁ ଧାରଣା

ଗୁଡଭେଲା, ୨୯।୨
(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକର ୯ଜଣ ଅବସରପ୍ରାପ୍ତ ଶିକ୍ଷକ ସେମାନଙ୍କର କେତେକ ନାର୍ଯ୍ୟ ପ୍ରାପ୍ୟ ଏ ଯାଏ ପାଇ ନାହାନ୍ତି। ଦୀର୍ଘଦିନ ଧରି ଏ ନେଇ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଅବଗତ କଲେ ମଧ୍ୟ ସୁଫଳ ମିଳୁନି। ଏଣୁ ଆସନ୍ତା ୧୬ତାରିଖରୁ ସେମାନେ ତୁଷୁରା ଅବସରପ୍ରାପ୍ତ କର୍ମଚାରୀ ସଂଘ ନେତୃତ୍ୱରେ ଗୁଡଭେଲା କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ। ଏ ନେଇ ସଂଘ ପକ୍ଷରୁ ଗୁରୁବାର ବିଇଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ,ଗୁଡଭେଲା ବ୍ଲକରୁ ଅବସରଗ୍ରହଣ କରିବା ଦୀର୍ଘଦିନ ବିତି ଯାଇଥିଲେ ବି ଏସିପି ବକେୟା, ସଂଶୋଧିତ ଦରମା ସମୀକରଣ ବକେୟା ଏବଂ ଟିବିଏ ଟଙ୍କା ଫେରସ୍ତ କରାଯାଇନାହିଁ। ପରିଣତ ବୟସରେ ପ୍ରାପ୍ୟ ପାଇଁ ସେମାନେ କାର୍ଯ୍ୟାଳୟକୁ ଧାଇଁ ନିରାଶ ହେଲେଣି। ଏଣୁ ଆସନ୍ତା ମାର୍ଚ୍ଚ ୧୫ତାରିଖ ମଧ୍ୟରେ ସମସ୍ୟାର ସମାଧନ ନ ହେଲେ ୧୬ତାରିଖରୁ ଅବସରପ୍ରାପ୍ତ କର୍ମଚାରୀ ସଂଘ ତୁଷୁରା ପକ୍ଷରୁ ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତୀକ ଧାରଣା ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଆମରଣ ଅନଶନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# ସ୍ୱାମୀଙ୍କ ମୃତଦେହ ଧରି ଗାଁରେ ପହଞ୍ଚିଲେ ସ୍ତ୍ରୀ


୨ପିଲାଙ୍କ ସହ ମୀରା।

ବେଲପଡା, ୨୯।୨(ମନୋଜ କୁମାର ମିଶ୍ର)

**■ସରୁନି ଦାଦନ ଦୁଃଖ**
**■ତେଲଙ୍ଗାନାକୁ ଦାଦନ ଖଟିବାକୁ ଯାଇଥିଲେ**

ପରିବାର ପ୍ରତିପୋଷଣ ପାଇଁ ପରିବାର ଲୋକେ ତେଲଙ୍ଗାନାକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ କାମ କରିବା ସମୟରେ ସ୍ୱାମୀଙ୍କ ମୃତ୍ୟୁ ଘଟିଲା। ଶେଷରେ ସ୍ୱାମୀ ରୂପଧର ମାଝି(୩୦)ଙ୍କ ମୃତଦେହ ଓ ୨ଛୁଆଙ୍କୁ ଧରି ଗୁରୁବାର ନିଜ ଗାଁ ବଲାଙ୍ଗୀର ଜିଲା ବେଲପଡା ଥାନା ବେଛୁବାହାଲି ଗାଁରେ ପହଞ୍ଚିଛନ୍ତି ମୀରା ମାଝି। ମୃତଦେହ ଗାଁରେ ପହଞ୍ଚିବା ପରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା। ସମ୍ପର୍କୀୟଙ୍କ କାନ୍ଦବୋବାଳିରେ ଫାଟି ପଡିଥିଲା ଗାଁଦାଣ୍ଡ। ଖବର ପାଇ ବେଲପଡା ବିଡ଼ିଓ ରାଜେଶ ମେହେର, ସରପଞ୍ଚ ସୁଶୀଳା ବେହେର ଗାଁରେ ପହଞ୍ଚିଥିଲେ। ହରିଶ୍ଚନ୍ଦ୍ର ଯୋଜନାରେ ଅନ୍ତିମ ସତ୍କାର ପାଇଁ ସେ ପଞ୍ଚାୟତ ପ୍ରଶାସନ ପକ୍ଷରୁ ୩ହଜାର ଟଙ୍କା ପ୍ରଦାନ କରିଥିଲେ। ଏଥିସହ ରେଡକ୍ରସରୁ ୧୦ହଜାର ଟଙ୍କାର ସହାୟତା ପ୍ରଦାନ କରାଯିବ ବୋଲି କହିଥିଲେ। ଗତ ଦଶହରା ସମୟରେ ପଣ୍ଡରିଯୋର ପଞ୍ଚାୟତ ଅନ୍ତର୍ଗତ ବେଛୁବାହାଲି ଗାଁର ରୂପଧର କଣ୍ଟାବାଞ୍ଜିର ସର୍ଦ୍ଦାର ଚନ୍ଦନ ତାଣ୍ଡିଙ୍କଠାରୁ ୯୦ହଜାର ଟଙ୍କା ଅଗ୍ରୀମ ନେଇ ସ୍ତ୍ରୀ ମିରା ଓ ଦୁଇପୁଅ ପିଲାଙ୍କୁ ନେଇ ତେଲଙ୍ଗାନା ସାତନଗର ଅଞ୍ଚଳର ଏକ ଇଟାଭାଟିରେ କାମ କରିବାକୁ ଯାଇଥିଲେ। ସେଠାରେ କାମ କରୁଥିବା ବେଳେ ରୂପଧର ଅସୁସ୍ଥ ହୋଇପଡିଥିଲେ। ଅସୁସ୍ଥତା ସତ୍ତ୍ୱେ ଭାଟି ମାଲିକ ତାଙ୍କୁ କାମ କରାଉଥିଲେ।ସର୍ଦ୍ଦାରଙ୍କୁ ବହୁ ନିବେଦନ ପରେ ଗତ ସୋମବାର ରୂପଧରଙ୍କୁ ସାତନଗର ଡାକ୍ତରଖାନା ପଠାଯାଇଥିଲା। ହେଲେ ବୁଧବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ମୀରା ଅଭିଯୋଗ କରିଛନ୍ତି।

# ସହରାଞ୍ଚଳ ରୂପାନ୍ତରଣ କାର୍ଯ୍ୟକ୍ରମ

ପାଟଣାଗଡ, ୨୯।୨(ସଚ୍ଚିଦାନନ୍ଦ ମହାକୁର)


କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ ସରୋଜ ମେହେର ଓ ଅନ୍ୟମାନେ।

ବଲାଙ୍ଗୀର ଜିଲା ପାଟଣାଗଡସ୍ଥିତ ପାଟଣେଶ୍ୱରୀଉତ୍ସବ ହଲରେ ବୁଧବାର ୫-ଟି ଆଧାରରେ ସହରବାସୀଙ୍କ ନିମନ୍ତେ ରୂପାନ୍ତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭର୍ଚୁଆଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ଯୋଡି ହୋଇଥିଲେ। ପାଟଣାଗଡ ବିଧାୟକ ତଥା ସରକାରୀ ଦଳର ଉପମୁଖ୍ୟ ସଚେତକ ସରୋଜ କୁମାର ମେହେର, ଏନଏସି ଅଧକ୍ଷା ମାନସୀ ବିଶ୍ୱାଳ, ଉପାଧକ୍ଷ ପ୍ରଫୁଲ୍ଲ କୁମାର ମେହେର, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା ଓ ଏନଏସି କର୍ମଚାରୀମାନେ ଏଥିରେ ଉପସ୍ଥିତ ଥିଲେ। ଏହି ଅବସରରେ ଏନଏସିର ବିଭିନ୍ନ ୱାର୍ଡରେ ରାସ୍ତା, ମିଶନ ଶକ୍ତି ଗୃହ, ପରିଚୟ ଗୃହ ପ୍ରଭୃତିକୁ ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରିଥଇଲେ। ଏହି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ବସ୍ତିବାସିନ୍ଦା ଉପସ୍ଥିତ ଥିଲେ।

# ବିଜେଡି କର୍ମୀ ସମ୍ମିଳନୀ

ପାଟଣାଗଡ, ୨୯।୨(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ ସପ୍ତାହିକ ବଜାରସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟରେ ଗୁରୁବାର ବିଜେଡିର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଆଲୋକ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କିଛିଦିନ ତଳେ ବିଜେଡିରେ ଯୋଗଦେଇଥିବା ଶିବାନନ୍ଦ ପରିଛାଙ୍କ ସମର୍ଥକ, କେନ୍ଦୁପତ୍ର ତୋଳାଳି ଓ ସିଜିନାଲ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏଥିପୂର୍ବରୁ ବ୍ରହ୍ମପୁରାସ୍ଥିତ ରଥଭଟାଠାରୁ ଶିବାନନ୍ଦଙ୍କ ସମର୍ଥକମାନେ ପ୍ଲାକାର୍ଡ ଓ ପୋଷ୍ଟର ଧରି ଏକ ଶୋଭାଯାତ୍ରରେ ସଭାସ୍ଥଳ ଯାଏ ଆସିଥିଲେ। ସେଠାରେ ଆୟୋଜିତ ଏକ କର୍ମୀ ସମ୍ମୀଳନୀରେ ରାଜ୍ୟ ସାଧାରଣ ସମ୍ପାଦକ ପାଣିଗ୍ରାହୀ ଓ ବିଜେଡି ନେତା ପରିଛା ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ଅବତାରଣା କରିଥିଲେ। ଏଥିସହିତ ପାଟଣାଗଡ଼ର ଦ୍ରୁତ ବିକାଶ ପାଇଁ ଆହୁରି କାର୍ଯ୍ୟ କରିବାକୁ ହେବ ବୋଲି କହିଥିଲେ। ଏଥିପାଇଁ ନୂତନ ନେତୃତ୍ୱର ଆବଶ୍ୟକତା ରହିଥିବା କହିଥିଲେ। କର୍ମୀ ସମ୍ମିଳନୀରେ ବୈଜୟନ୍ତି ସରାଫ, ତନ୍ମୟ ପାଣିଗ୍ରାହୀ, ରିଙ୍କୁ ପୁରୋହିତ, ଶିବ ଛତର, ମକାରୁ ପଣ୍ଡା, ଜିତ ବେହେରା, ମାନସ ସାହୁ, ଧ୍ରୁବ ସରାଫ ପ୍ରମୁଖ ଉପସ୍ଥିତ ଥିଲେ। ଯୁବରାଜ ମେହେର ସଭା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଅସନ୍ତୁଷ୍ଟ ବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ।



କର୍ମୀ ସମ୍ମିଳନୀ ମଞ୍ଚରେ ଉପସ୍ଥିତ ନେତୃବର୍ଗ।

# ଏମ୍‌ଡିଏମ୍ ପାଚିକା, ସହାୟିକାଙ୍କ ଭତ୍ତା ବୃଦ୍ଧି କର

ବଲାଙ୍ଗୀର, ୨୯।୨(ବୀରେନ୍ଦ୍ର କୁମାର ଝାଙ୍କର)



ପାଚିକା ଓ ସହାୟିକା ସଂଘ ପକ୍ଷରୁ ଶୋଭାଯାତ୍ରାରେ ବଲାଙ୍ଗୀର ସହର ପରିକ୍ରମା କରାଯାଉଛି।

ଏମ୍‌ଡିଏମ୍ ପାଚିକା ସହାୟିକାମାନଙ୍କ ଭତ୍ତାବୃଦ୍ଧି ଦାବିରେ ଗୁରବାର ବଲାଙ୍ଗୀର ସହରରେ ଶୋଭାଯାତ୍ରା ଏବଂ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଆଇଟିୟୁସି ସହ ସହବନ୍ଧିତ ନିଖିଳ ଓଡିଶା ଏମ୍‌ଡିଏମ୍ ପାଚିକା ସହାୟିକା ସଂଘ ବଲାଙ୍ଗୀର ଜିଲା କମିଟି ସଭାପତି ପାଣ୍ଡବ ଭୋଇଙ୍କ ନେତୃତ୍ୱରେ ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆରୁ ଏକ ଶୋଭାଯାତ୍ରାରେ ଶତାଧିକ ପାଚିକା ଓ ସହାୟିକା ସହର ପରିକ୍ରମା କରି ଜିଲାପାଳ କାର୍ଯ୍ୟାଳୟ ଆସିଥିଲେ। ଜିଲାର ୧୪ଟି ବ୍ଲକରୁ ଆସିଥିବା ଶତାଧିକ ପାଚିକା ସହାୟିକା ଶୋଭାଯାତ୍ରାରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ବିରୋଧରେ ନାରାବାଜି କରିଥିଲେ।

ଏଆଇଟିୟୁସି ଜିଲା ସଭାପତି ତୀର୍ଥ ପଧାନ ପ୍ରତିବାଦ ସଭାରେ କହିଥିଲେ ଯେ, ଓଡିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ୧୭ ତାରିଖ ପାଚିକା ସହାୟିକାମାନଙ୍କୁ ୬୦୦ ଟଙ୍କା ଭତ୍ତା ବୃଦ୍ଧି କରିଥିଲେ। ଏହା ପାଚିକା ସହାୟିକାଙ୍କୁ ଭତ୍ତା ନୁହେଁ ଉପେକ୍ଷା ବୋଲି କହି ଗଭୀର କ୍ଷୋଭ ପ୍ରକାଶ କରିଥିଲେ। ଦରବୃଦ୍ଧିକୁ ନେଇ ସାଧାରଣ ଲୋକେ ଅତିଷ୍ଠ ହୋଇପଡିଛନ୍ତି। ପାଚିକା ସହାୟିକାମାନେ ସ୍ୱଳ୍ପ ବେତନରେ କିଭଳି ପରିବାର ଚଳାଉଛନ୍ତି ତାହା ସରକାର ଜାଣୁନାହାନ୍ତି। ସରକାର ପାଚିକା ସହାୟିକାମାନଙ୍କୁ ଯେତେ ଟଙ୍କା ବେତନ ଦେଉଛନ୍ତି ସେଥିରେ ଆଉ ୬୦୦ ଟଙ୍କା ବେତନ ମିଶିଲେ ସେମାନଙ୍କ ଦୈନିକ ୬୬ ଟଙ୍କା ହେଉଛି। ସରକାର ଅଶକୁଶଳୀ ଶ୍ରମିକଙ୍କୁ ସର୍ବନିମ୍ନ ମଜୁରି ଦେବାକୁ କହୁଥିଲେ ମଧ ପାଚିକା ଓ ସହାୟିକାଙ୍କ ପ୍ରତି କିଭଳି ପାତରଅନ୍ତର କରୁଛନ୍ତି ଏହି ଭତ୍ତାବୃଦ୍ଧି ଏବଂ ମଜୁରୀରୁ ସ୍ପଷ୍ଟ ବୋଲି ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର ବାସ୍ତବତାକୁ ବିଚାର କରି ପାଚିକା ସହାୟିକାମାନଙ୍କ ଭତ୍ତା ବୃଦ୍ଧି ଉପରେ ପୁର୍ନ ବିଚାର କରିବାକୁ ଦାବି କରାଯାଇଛି। ଏହା ସହିତ ସର୍ବନିମ୍ନ ମଜୁରି ମାସିକ ୨୬ ହଜାର ଟଙ୍କା ପ୍ରଦାନ କରିବାକୁ କୁହାଯାଇଛି। ଭାରତୀୟ ଶ୍ରମ ସମ୍ମିଳନୀର ସୁପାରିଶ ଅନୁଯାୟୀ ପାଚିକା ଓ ସହାୟିକାଙ୍କୁ ଶ୍ରମିକ ମାନ୍ୟତା ପ୍ରଦାନ କରିବା, ସର୍ବନିମ୍ନ ମଜୁରି ଦେବା ସହ ସାମାଜିକ ସୁରକ୍ଷାରେ ଅନ୍ତର୍ଭୁକ୍ତ କରିବ, କାମରୁ ଅବ୍ୟାହତି ନେଲା ପରେ ମାସିକ ୧୦ ହଜାର ଟଙ୍କା ପେନସନ ପ୍ରଦାନ କରାଯିବାକୁ ଦାବି କରିଥିଲେ। ପାଚିକା ସଂଘ ଜିଲା ସମ୍ପାଦିକା ମାଧବୀ କଲତା ୬ ଶହ ଟଙ୍କାର ଭତ୍ତାବୃଦ୍ଧି ସ୍ଥଗତି ରଖି ପାଚିକା ଏବଂ ସହାୟିକାଙ୍କ ଦାବି ପୁନର୍ବିଚାର କରି ସମାନ କାମକୁ ସମାନ ମଜୁରି ଲାଗୁ କରିବାକୁ ଦାବି କରିଥିଲେ। ଶ୍ରମିକ ନେତା ଗୋପାଳ ଭୋଇ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ନୀତିକୁ ସମାଲୋଚନା କରିଥିଲେ। ଏହି ରାଲିରେ ଉର୍ମିଳା ରଣା, ପିଙ୍କି ସାହୁ, ବେରେଣି ଖୁଟୁଲା, ଶୁକ କାଣ୍ଡ, ଭଏଁରି ଭୁଏ, ନମିତା ପ୍ରଧାନୀ, ରିନା ବିଶ୍ୱାଳ, ଅନ୍ତମୁଖୀ କର, ଶ୍ରୀୟା ଥନାପତି, ଅମୃତ ଭାଟି, ମଞ୍ଜୁ ଦାଶ, ଦଶ ବାଗ, ଅର୍ଜୁନ ଖର୍ସେଲ, ଜବଦୁ ରଣା, ସୁଦାମ ବୁଡେକ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ କାର୍ଯ୍ୟାଳୟରେ ପାଚିକା ଓ ସହାୟିକାଙ୍କ ଦାବିପତ୍ର ପ୍ରଦାନ କରାଯାଇଥବଲା। ଶେଷରେ ରାଜେଶ୍ୱରୀ ଖର୍ସେଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସଂକ୍ଷେପରେ

### ୨ ବାଇକ୍ ମୁହାଁମୁହିଁ, ଜଣେ ମୃତ

ସୋହେଲା,୨୯।୨(ଅଶ୍ୱିନୀ କୁମାର ପାତ୍ର): ସୋହେଲା-ବିଜେପୁର ରାସ୍ତାରେ ଗୁରୁବାର ଦୁଇଟି ବାଇକ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବରଗଡ଼ ସଦର ଥାନା ସର୍ଯ୍ୟାଁ ଗାଁର ନଳିନୀ ପଧାନ (୪୦)। ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଛି। ମୃତକଙ୍କ ପୁତୁରା ସତ୍ୟ ପଧାନଙ୍କ ଅଭିଯୋଗ ଅନୁସାରେ, ଗୁରୁବାର ନଳିନୀ ନିଜ ଗାଁର କୃଷ୍ଣଚନ୍ଦ୍ର ଦାସଙ୍କ ସହ ଏକ ବାଇକ୍ (ନଂ.ସିଜି୧୩ୟୁଏଫ୍୯୪୦୭) ଯୋଗେ ବାରୁପାଲି ଯାଉଥିଲେ। ଏହି ସମୟରେ ସାଧୁପାଲି ମେଟାକାନି ଛକରେ ବିଜେପୁର ପଟରୁ ଆସୁଥିବା ଏକ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ସମସ୍ତ ଗୁରୁତରଙ୍କୁ ଉଦ୍ଧାର କରି ସୋହେଲା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ନଳିନୀଙ୍କୁ ମୃତ ଘୋଷଣା କରିଥିଲେ।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଭେଡେନ,୨୯।୨(ସୁଦନ ମହାକୁର): ବରଗଡ଼ ଜିଲା ଭେଡେନ ଥାନା ଅନ୍ତର୍ଗତ ବ୍ଲକ ଛକ-ରେମଣ୍ଡା ରାସ୍ତାରେ ଥିବା ବେହେରା ହୋଟେଲରୁ ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ଗୁରୁବାର ଜବତ କରିଛି। ମୃତକ ହେଲେ ସୋନପୁର ଜିଲା ବିନିକା ଥାନା ଅଧୀନ ହୁଡୁମା ଗ୍ରାମର ଶ୍ରୀକାନ୍ତ ଭୁଏ (୨୧)। ସେ କିଛି ମାସ ହେଲା ଉକ୍ତ ହୋଟେଲରେ କାମ କରୁଥିଲେ ଏବଂ ସେଠାରେ ରାତିରେ ଶୋଉଥିଲେ। ତେବେ ଗୁରୁବାର ସକାଳେ ହୋଟେଲ ମାଲିକ ତାଙ୍କ ମୃତଦେହ ଝୁଲୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଯାଇଛି। ଏ ନେଇ ଭେଡେନ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୫/୨୪) ରୁଜୁ ହୋଇଛି।

### କ୍ରୀଡ଼ାବିତ୍‌ଙ୍କ ପରଲୋକ

ପଦ୍ମପୁର,୨୯।୨(ପ୍ରଦୀପ୍ତ ଦାଶ): ପଦ୍ମପୁର ଅଞ୍ଚଳର ବିଶିଷ୍ଟ କ୍ରୀଡ଼ାବିତ୍, ଶିକ୍ଷାବିତ୍ ତଥା କୃଷି ବିଭାଗର ଅବସରପ୍ରାପ୍ତ କର୍ମଚାରୀ ଶଶୀ ଭୂଷଣ ମାଝୀଙ୍କ ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟରେ ଗୁରୁବାର ପରଲୋକ ହୋଇଛି। ତାଙ୍କୁ ୯୨ ବର୍ଷ ବୟସ ହୋଇଥିଲା। ଫିରୁପାଲି ସ୍ଥିତ କୁମୁଡି ନାଳାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁଅ ଶୁଶାନ୍ତ ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

### ସିଆର୍‌ସିସିଙ୍କୁ ବିଦାୟ ସମ୍ବର୍ଦ୍ଧନା

ପାଇକମାଳ,୨୯।୨(ବଡ଼ ଶତପଥୀ): ବରଗଡ ଜିଲା ପାଇକମାଳ ବ୍ଲକ ମାଣ୍ଡିଆଢିପା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗୁରୁବାର ସିଆର୍‌ସିସି ଡୋଲାମଣି ମାହାରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପାଇକମାଳ ଗୋଷ୍ଠୀ ଶିକ୍ଷାଧିକାରୀ ଚୂଡ଼ାମଣି ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନନ୍ଦଲାଲ ନାୟକ ମୁଖ୍ୟ ଅତିଥି, ଯୁଧିଷ୍ଠିର ଭୋଇ, ପ୍ରତିମା ଭୋଇ, ବୈଷ୍ଣବ ପଣ୍ଡା, ଚକ୍ରଧର ଅଜଗର, କେଦାରନାଥ ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ।

# ଭାରତୀୟ ବୈଜ୍ଞାନିକଙ୍କ ଅବଦାନକୁ ଗୁରୁତ୍ୱ

ବରଗଡ଼,୨୯।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳନ ହୋଇଛି। ମହାବିଦ୍ୟାଳୟର ପଦାର୍ଥ, ରସାୟନ, ଉଦ୍ଭିଦ ଏବଂ ପ୍ରାଣୀ ବିଜ୍ଞାନ ବିଭାଗର ମିଳିତ ଆନୁକୂଲ୍ୟରେ ହୋଇଥିବା ଉକ୍ତ କାର୍ଯ୍ୟକ୍ରମରେ ଏକଦିବସୀୟ ଆଲୋଚନାଚକ୍ର ହୋଇଥିଲା। ଅଧ୍ୟକ୍ଷ ଦଧିବାମନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଉକ୍ତ ୪ ବିଭାଗର ଅଧ୍ୟାପକ ବିଶ୍ୱଜିତ ସାହୁ, ବଳିଷ୍ଠ ସାହୁ, ଅଧ୍ୟାପିକା ବବିତା ଷଡ଼ଙ୍ଗୀ, ମୌସୁମୀ ଲିଜା ନାୟକ ପ୍ରାରମ୍ଭିକ ଭାଷଣ ଦେଇଥିଲେ। ଡ. ପୁଷ୍ପାଞ୍ଜଳି ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିକଶିତ ଭାରତ ପାଇଁ ଭାରତୀୟ ବୈଜ୍ଞାନିକମାନଙ୍କ ଅବଦାନ ଶୀର୍ଷକ ଆଲୋଚନାଚକ୍ର ଏବଂ ବେଦାନ୍ତ



ଜାତୀୟ ବିଜ୍ଞାନ ଦିବସରେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି ।

ଦର୍ଶନ ଓ ଆଧୁନିକ ପଦାର୍ଥ ବିଜ୍ଞାନ ଭିତ୍ତି ପ୍ରବନ୍ଧ ପ୍ରସଙ୍ଗ ଉପରେ ଅଧ୍ୟାପକ ବିଶ୍ୱଜିତ ସାହୁ ଉପସ୍ଥାପନ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ବରିଷ୍ଠ ପ୍ରଫେସର ଡ. ରାଜୀବ ପାଢ଼ୀ ଆଲୋଚକ ଭାବେ ଯୋଗଦେଇ ରମଣ ପ୍ରଭାବ ଉପରେ ଆଲୋକପାତ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ପ୍ରଭାତ ସାହୁ ଉଚ୍ଚଶିକ୍ଷାରେ ଗବେଷଣା ଭିତ୍ତିକ ଅଧ୍ୟୟନ ପାଇଁ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଲାଇଫ ସାଇନ୍ସ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ବିନିତା ନାୟକ ସାମ୍ପ୍ରତିକ ଦୈନନ୍ଦିନ ଜୀବନ ଉପରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସକ ଡ. ଦିଲୀପ କୁମାର ପଣ୍ଡା ପଶୁପାଳନ ଏବଂ ମତ୍ସ୍ୟଚାଷ ଉପଯୋଗିତା ଉପରେ ବକ୍ତବ୍ୟ ରଖିଥିଲେ। ସେହିପରି ବରଗଡ଼ କ୍ୟାନସର ପ୍ରବଣ ଜିଲା ହୋଇଥିବାରୁ ଅର୍ଗାନିକ ଚାଷ ଉପରେ ସ୍ୱତନ୍ତ୍ର ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ମୌସୁମୀ ଲିଜା ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା ଏବଂ ଏଥିରେ ମହାବିଦ୍ୟାଳୟର ଛାତ୍ରୀମାନେ ଭାଗ ନେଇଥିଲେ। ପ୍ରାଧ୍ୟାପିକା ରଞ୍ଜିତା ନାୟକ, ଅନୁପମା ଚାନ୍ଦ, ରେଖା ନାୟକ, ଗୀତା ଷଡ଼ଙ୍ଗୀ, ଅର୍ପିତା ପଣ୍ଡା, ଡ. ସଂଘମିତ୍ରା ମିଶ୍ର, ଅଧ୍ୟାପକ ସତ୍ୟନାରାୟଣ ନନ୍ଦ ପ୍ରମୁଖ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ ।

# ସାମାନ୍ୟ କଳି: ବାପାଙ୍କୁ ହତ୍ୟା କଲା ପୁଅ

ସରଣ୍ଡା,୨୯।୨(ଯୁଧିଷ୍ଠିର ମହାପାତ୍ର)



ବରଗଡ଼ ଜିଲା ଅତାବିରା ଥାନା ପାହାଡ଼ଶ୍ରୀଗିଡା ପଞ୍ଚାୟତର ଲବାନଟିକ୍ରାରେ ସାମାନ୍ୟ ଝଗଡ଼ାକୁ ନେଇ ପୁଅ ବାଡିରେ ପିଟି ପିଟି ବାପାଙ୍କୁ ହତ୍ୟା କରିଛି। ମୃତକ ହେଲେ ଜୀବର୍ଦ୍ଧନ ଖଡ଼ିଆ(୫୫)। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଅଭିଯୁକ୍ତ ପୁଅ ସଞ୍ଜୀବ ଖଡ଼ିଆ(୨୪)ଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଏ ନେଇ ଅତାବିରା ଥାନାରେ ଏକ ମାମଲା (ନଂ.୮୯/୨୪) ରୁଜୁ ହୋଇଛି। ଅଭିଯୋଗ ଅନୁସାରେ, ଗତ ୭ ତାରିଖରେ ଲବାନଟିକ୍ରାର ଜୀବର୍ଦ୍ଧନଙ୍କ ବଡ଼ ଝିଅ ଦୀପାଙ୍କ ବାହାଘର ହୋଇଥିଲା। ବିବାହ ସମୟରେ ଲାଗିଥିବା ମଡୁଆକୁ ଖୋଲିଦେବା ପାଇଁ ବୁଧବାର ଅପରାହ୍ନ ପ୍ରାୟ ସାଢେ ୩ଟାରେ ଜୀବର୍ଦ୍ଧନ ସଞ୍ଜୀବଙ୍କୁ କହିଥିଲେ। କିନ୍ତୁ ସେ ମଡୁଆ ଖୋଲିବା ପାଇଁ ମନା କରିଦେବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ରାତିରେ ଉଭୟ ମଦ ପିଇ ନିଶାସକ୍ତ ଅବସ୍ଥାରେ ପୁଣି ପୂର୍ବ କଥାକୁ କେନ୍ଦ୍ର କରି ପରସ୍ପର ମଧ୍ୟରେ ଝଗଡା କରିଥିଲେ। ରାତି ପ୍ରାୟ ୧ଟାରେ ସଞ୍ଜୀବ ରାଗିଯାଇ ଜୀବର୍ଦ୍ଧନଙ୍କ ମୁଣ୍ଡରେ ବାଡ଼ିରେ ପିଟିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ଅତାବିରା ଥାନାଧିକାରୀ ସୁକୁମାର ତ୍ରିପାଠୀ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଛାତ୍ରୀମାନେ।

# ମାତୃନିକେତନରେ ବିଜୁ କନ୍ୟାରତ୍ନ ମେଳା

ପାଇକମାଳ,୨୯।୨(ବଡ ଶତପଥୀ)

ବରଗଡ଼ କସ୍ତୁରବା ଗାନ୍ଧୀ ମାତୃନିକେତନ ପରିସରରେ ଜିଲାସ୍ତରୀୟ ବିଜୁ କନ୍ୟାରତ୍ନ ମେଳା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଜିଲା ଶିଶୁ ମଙ୍ଗଳ ସମିତିର ରାଧା ଅଗ୍ରୱାଲ ମୁଖ୍ୟ ଅତିଥି, ମମତା ମେହେର ସମ୍ମାନିତ ଅତିଥି, ତରୁଣ କୁମାର ପୃଷେଠ, ଅନୁଷ୍ଠାନର ସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ପାଣିଗ୍ରାହୀ, ଭାରତୀ ପଟ୍ଟନାୟକ, ନିରୂପମା ମହାପାତ୍ର, ସୁପ୍ରଭା ଦାଶ, ଅନିତ ଛତର, ତପନ କୁମାର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ମେଳାରେ ସଙ୍ଗୀତ, ନୃତ୍ୟ, ଏକକ ଅଭିନୟ, ଫ୍ୟାନ୍ସି ଡ୍ରେସ, ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତାରେ ୯ବ୍ଲକରୁ ୬୮ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ସଞ୍ଜୀବ ଦାଶ, ଦୁର୍ଯ୍ୟୋଧନ ତ୍ରିପାଠୀ, ସୁରଭି ବାରିକ, ନୀଳିମା ଗିରି, ସୁଚରିତା ପଣ୍ଡା, ଯଶୋବନ୍ତୀ ଭୋଇ, ଶୁଭଙ୍କର ପୁରୋହିତ ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟକ୍ଷ ନିର୍ମଳ ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

# ଜଙ୍ଗଲ ନିଆଁ ନିରାକରଣ ସଚେତନତା କାର୍ଯ୍ୟକ୍ରମ

ପାଇକମାଳ,୨୯।୨(ବଡ ଶତପଥୀ)

ବରଗଡ ଜିଲା ପାଇକମାଳ ବ୍ଲକ ଅନ୍ତର୍ଗତ କେଛୋଦାଦର ଗ୍ରାମରେ ପାଇକମାଳ ବନାଞ୍ଚଳ ପକ୍ଷରୁ ବନାଗ୍ନି ପ୍ରତିକାର ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରକୃତି ବନ୍ଧୁ ବିଭୂତି ଭୂଷଣ ମୁଣ୍ଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଚିତ୍ତରଞ୍ଜନ ପ୍ରଧାନ ମୁଖ୍ୟଅତିଥି, ପ୍ରକୃତିବନ୍ଧୁ ମୀନକେତନ ସାହୁ ମୁଖ୍ୟ ବକ୍ତା, ସତ୍ୟମୟ ତ୍ରିପାଠୀ ଓ ନରୋତ୍ତମ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜଙ୍ଗଲ ନିଆଁ ନିରାକରଣ, ବିଶ୍ୱ ତାପନ, ଜଳବାୟୁ ପରିବର୍ତ୍ତନ, ବୃକ୍ଷରୋପଣ ଓ ସଂରକ୍ଷଣ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଫରେଷ୍ଟ ଗାର୍ଡ ବସନ୍ତ ବାଗ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଫରେଷ୍ଟର ରଜନୀକାନ୍ତ ବଡେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ନାଟ୍ୟକାର ରାଜକୁମାର ସାହୁଙ୍କ ନିର୍ଦ୍ଦେଶିତ ଜଙ୍ଗଲ ନିଆଁ ନିରାକରଣ ସମ୍ପର୍କିତ ନାଟକ 'ମାଙ୍କଡ଼ ବିହା' ସଚେତନ ହେମା ନାଟ୍ୟ ସଂସଦ ଢ଼ୋଲବନ୍ଧ ତରଫରୁ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମରେ ଫରେଷ୍ଟର ଗିରିରାଜ କୁମ୍ଭାର, ଫରେଷ୍ଟ ଗାର୍ଡ ସଙ୍ଗୀତା ଭଗତ, ସୌଦାମିନୀ ବରିହା, ଦୋଳଗୋବିନ୍ଦ ବରିହା, ବନ ସୁରକ୍ଷା ସମିତି ସଭ୍ୟାସଭ୍ୟ, ଏସ୍‌ଏଚ୍‌ଜି ସଦସ୍ୟା, ପାରା ଫରେଷ୍ଟ ସ୍କ୍ୱାଡ୍,ଏଲିଫ୍ୟାଣ୍ଟ ସ୍କ୍ୱାଡ୍ ଉପସ୍ଥିତ ଥିଲେ।

# ବୀର ସୁରେନ୍ଦ୍ର ସାଏଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

ବରଗଡ଼,୨୯।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅଧୀନ କର୍ଲା ଗ୍ରାମରେ ବୁଧବାର ବୀର ସୁରେନ୍ଦ୍ର ସାଏଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ସ୍ଥାନୀୟ ପ୍ରତିଭା ପରିପ୍ରକାଶ ସଂସଦ ପକ୍ଷରୁ ଉକ୍ତ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ପୂର୍ବତନ ଏମ୍‌ପି ଡ. ପ୍ରଭାସ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ବୀର ସୁରେନ୍ଦ୍ର ସାଏଙ୍କ ସ୍ମାରକୀ ଆଧାରିତ ସଂଗ୍ରହାଳୟ ନିର୍ମାଣ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଅଧ୍ୟାପକ ସୁଶାନ୍ତ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ବାରପାହାଡ଼, ଘେଁସ, ଭେଡ଼େନ, ଖିଣ୍ଡା ସମେତ ସମସ୍ତ ସ୍ଥାନକୁ ସଂଯୋଗ କରି ଶହୀଦ ପରିକ୍ରମା ପ୍ରକଳ୍ପ କରାଯାଉ ବୋଲି ମତପ୍ରକାଶ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଅମ୍ବାଭୋନା ବ୍ଲକ ଅଧ୍ୟକ୍ଷ କୀର୍ତ୍ତିଚନ୍ଦ୍ର ଦୁଆନ, ବିଡ଼ିଓ ଶଙ୍କର ବାଗ, ଗବେଷକ ଦୀପକ ପଣ୍ଡା, ଅଧ୍ୟାପକ ମୋହନ ସାହୁ, କବି ନୀତିଶ ଆଚାର୍ଯ୍ୟ, ଭୁବନ ଭୋଇ, ଅଜିତ ପତି ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ଶୋଭାଯାତ୍ରା, ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଶ୍ରାଦ୍ଧସଭା ଆଦି ହୋଇଥିବା ବେଳେ ବହୁ ଜନସମାଗମ ହୋଇଥିଲା।

# ବିଜ୍ଞାନ କେନ୍ଦ୍ରରେ ଜାତୀୟ ବିଜ୍ଞାନ ଦିବସ

ବରଗଡ଼,୨୯।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ଉପକଣ୍ଠ ଟୁକୁର୍ଲାସ୍ଥିତ ଜିଲା ବିଜ୍ଞାନ କେନ୍ଦ୍ରରେ ବୁଧବାର ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ ମୁଖ୍ୟ ଅତିଥି, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁ, ରାଧାକାନ୍ତ ଛତ୍ରୀ, ଜିଲା ବିଜ୍ଞାନ ନିରୀକ୍ଷକ ଧୀରୋଜ ପଟ୍ଟନାୟକ, ପୂର୍ବତନ ଜିଲା ବିଜ୍ଞାନ ନିରୀକ୍ଷକ ମନୋଜ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଜ୍ଞାନ ଶିକ୍ଷକ ସେମିନାର, କୁଇଜ ପ୍ରତିଯୋଗିତା, ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ବିଜ୍ଞାନ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ପ୍ରୟୋଗ ଶୀର୍ଷକ ଶିକ୍ଷକ ସେମିନାରରେ ବିଜ୍ଞାନ ଶିକ୍ଷୟିତ୍ରୀ ରୀନା ପ୍ରଧାନ, ପ୍ରୀତିରଶ୍ମୀ ସେଠ, ଶିକ୍ଷକ ଧର୍ମରାଜ ପ୍ରଧାନ, ସଞ୍ଜୟ ଖମାରୀ, ସଞ୍ଜୀବ ପ୍ରଧାନ, ବୈଲୋଚନ ପ୍ରଧାନ ଅଂଶଗ୍ରହଣ କରିଥିଲେ। କୁଇଜ ଏବଂ



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର ।

ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀରେ ଜିଲାର ୫୫ଜଣ ଶିଶୁ ବୈଜ୍ଞାନିକ ଅଂଶଗ୍ରହଣ କରିଥିଲେ। କୁଇଜ ପ୍ରତଯୋଗିତାକୁ ବିଜ୍ଞାନ ଶିକ୍ଷକ ଭବାନୀ ଗଡ଼ତିଆ ଏବଂ ସଞ୍ଜୟ ଖମାରୀ ପରିଚାଳନା କରିଥିଲେ। କୁଇଜ ପ୍ରତିଯୋଗିତାରେ ବରଗଡ଼ ଜର୍ଜ ହାଇସ୍କୁଲର ଶୁଭମ ବାରିକ, ତୁଳଣ୍ଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କମଳିନୀ ଭୁଏ, ଗାଇସିଲେଟ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଧନଞ୍ଜୟ ସାହୁ, ଲାଦେରପାଲି ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଆଶୁତୋଷ ଚାନ୍ଦ କୃତିତ୍ୱ ଅର୍ଜନ କରିଥିଲେ। ସେହିପରି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀରେ ସରକଣ୍ଡା ପ୍ରାଥମିକ ବିଦ୍ୟାଳୟର ଟିକେଶ୍ୱରୀ ଭୁଏ, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଶିକ୍ଷା ପ୍ରଧାନ, ଜର୍ଜ ହାଇସ୍କୁଲର ଶୁଭମ ବାରିକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ହୋଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଭବାନୀ ଶଙ୍କର ଗଡ଼ତିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ଜଗନ୍ନାଥଙ୍କ ପ୍ରତିଷ୍ଠା ମହୋତ୍ସବ

ଅତାବିରା,୨୯।୨(ହୃଷୀକେଶ ଖମାରୀ) ଅତାବିରା ବ୍ଲକ କୁଲୁଣ୍ଡା ଗ୍ରାମର ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ଦାରୁବ୍ରହ୍ମ ଜଗନ୍ନାଥ ମହାପ୍ରଭୁଙ୍କ ନବମ ପ୍ରତିଷ୍ଠା ମହୋତ୍ସବ ଏବଂ ନୂତନ ବିଗ୍ରହ ପ୍ରତିଷ୍ଠା ଯଜ୍ଞ ଗୁରୁବାର ସମାପନ ହୋଇଛି। ଏହି ଅବସରରେ କଳସ ଯାତ୍ରା ହୋଇଥିଲା। ସେହିପରି ଯଜ୍ଞ ମଣ୍ଡପରେ ଦେବଦେବୀଙ୍କ ପୂଜା, ଯଜ୍ଞ, ପୁରୁଣା ବିଗ୍ରହମାନଙ୍କ ବ୍ରହ୍ମ ପରିବର୍ତ୍ତନ କର୍ମ, ନୂତନ ବିଗ୍ରହ ପ୍ରାଣ ପ୍ରତିଷ୍ଠା କରାଯାଇଥିଲା। ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦେହେରୀପାଲିର ପାଲା, ଚନ୍ଦନଭାଟିର ମହିଳା ସଂକୀର୍ତ୍ତନ, ଭାଲୁପାଲିର ମହିଳା ସଂକୀର୍ତ୍ତନ ସହିତ କୁମ୍ଭାରୀର ବ୍ରଜେଶ୍ୱରୀ ନାଟ୍ୟ କଳା ପରିଷଦ ଯୋଗ ଦେଇଥିଲେ। ପଣ୍ଡିତ ନିରଞ୍ଜନ ପାଣିଗ୍ରାହୀ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ପଣ୍ଡିତ ଜଗଦୀଶ ପାଣିଗ୍ରାହୀ, ଭୀଷ୍ମଦେବ ପାଣିଗ୍ରାହୀ, ସୁଧାଂଶୁ ପୁରୋହିତ, ବାବୁଲାଲ ପାଣିଗ୍ରାହୀ ପ୍ରମୁଖ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ।

# ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା


କଳସ ଶୋଭାଯାତ୍ରାରେ ମହିଳା ଏବଂ ଗ୍ରାମବାସୀ।

ଭେଡେନ,୨୯।୨(ସୁଦନ ମହାକୁର)

ବରଗଡ଼ ଜିଲା ଭେଡେନ ବ୍ଲକ ଅନ୍ତର୍ଗତ ପପଙ୍ଗା ଗ୍ରାମରେ ବୁଢ଼ାରଜା ମନ୍ଦିର ନବୀକରଣ ପ୍ରତିଷ୍ଠା ଉତ୍ସବ ପାଇଁ ଗୁରୁବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଶତାଧିକ ମହିଳା ସ୍ଥାନୀୟ ପୋଖରୀରୁ ଜଳପୂର୍ଣ୍ଣ କଳସ ଆଣି ମନ୍ଦିରରେ ସ୍ଥାପନ କରିଥିଲେ। ଏଥିରେ ପଣ୍ଡିତ ପ୍ରେମରାଜ ପୁରୋହିତ, ପ୍ରମୋଦ ପଣ୍ଡା ପୌରୋହିତ୍ୟ କରିଥିଲେ। ଭବାନୀ ଦେହେରି ଓ ଅଜିତ ଦେହେରି ସସ୍ତ୍ରୀକ କର୍ତ୍ତା କାର୍ଯ୍ୟ ନିର୍ବାହ କରିଥିଲେ। କର୍ଲାବାହାଲିର ସବିତା କାଣ୍ଡ ଏବଂ ପପଙ୍ଗା କଲୋନୀର ପିଙ୍କି ଦାଶ ମହିଳା ସଙ୍କୀର୍ତ୍ତନ ଦଳ ବୈଠକୀ କୀର୍ତ୍ତନ ପରିବେଷଣ କରିଥିଲେ। ସନ୍ଧ୍ୟାରେ ଅତାବିରା ଜହ୍ନାପଡାର କ୍ଷେତ୍ର ଗଡତିଆ ପ୍ରବଚନ ଦେଇଥିଲେ। ପପଙ୍ଗା ବୁଢ଼ାରଜା କମିଟି ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।

# କୋଶଳ ସେନାର ବାର୍ଷିକ ସଭା

ବରଗଡ଼,୨୯।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ତୁରୁଙ୍ଗା ବୈଷ୍ଣୋଦେବୀ ମନ୍ଦିରରେ କୋଶଳ ସେନାର ବାର୍ଷିକ ସଭା ଅନୁଷ୍ଠିତ ହୋଇଯାଇଛି । ସଭାରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାର ସଂଗ୍ରାମୀ ଯୁବତୀ, ଯୁବକମାନେ ଯୋଗଦାନ କରିଥିଲେ। କୋଶଳ ସେନାର ରାଜ୍ୟ ସମ୍ପାଦକ ବୀରବଲ ମହାକୁର ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଭାପତି କୌସ୍ତୁଭ ସାହୁ ସଭା ପରିଚାଳନା କରିଥିଲେ। ସଭାରେ ବିଭିନ୍ନ ଜିଲା କମିଟି ଗଠନ କରାଯାଇଥିଲା। ଗାଁ ଗାଁକୁ ଯାଇ ଲୋକଙ୍କୁ କୋଶଳ ବାବଦରେ ସଚେତନ କରି ଲୋକଙ୍କୁ ଆନ୍ଦୋଳନରେ ଯୋଡ଼ିବାକୁ ଆହ୍ୱାନ କରାଯାଇଥିଲା। ଆସନ୍ତା ସାଧାରଣ ନିର୍ବାଚନରେ କୋଶଳ ସେନାର କିଭଳି ଭୂମିକା ରହିବ ଆଲୋଚନା ହୋଇଥିଲା। ସଭାରେ ଝାରସୁଗୁଡ଼ାରୁ ଗଣେଶ ମଟାରୀ, ଜ୍ଞାନେନ୍ଦ୍ର ବେହେରା, ସୁନ୍ଦରଗଡ଼ରୁ ତରଣୀ ଭୁଏ, ବଲାଙ୍ଗୀରରୁ ଇନ୍ଦ୍ରମଣି ସାହୁ, ଯୋଗେନ୍ଦ୍ର କର୍ମୀ, ସୋନପୁରରୁ ସରୋଜ ପ୍ରଧାନ, ଯଦୁମଣି କୁଦେଇ, ବୌଦ୍ଧରୁ ରମାକାନ୍ତ ବଘାର, ସମ୍ବଲପୁରରୁ ଜନାର୍ଦ୍ଦନ ବାବୁ, ବରଗଡ଼ରୁ କୁଶ ସାହୁ, ହିମାଂଶୁ ମହାକୁର, ଠାକୁର ବିଶ୍ୱାଳ, ନରେଶ ଦୀପ, ସରୋଜ ପ୍ରଧାନ, ସୁରଜ ମହାକୁର, ରୋହନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। କୋଷାଧ୍ୟକ୍ଷ ଅଶୋକ ଛତର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅନିନାଶ ବିଶି ଧନ୍ୟବାଦ ଅର୍ପଣ କରିଥିଲେ।


ସଭାରେ ସମବେତ କୋଶଳ ସଂଗ୍ରାମୀ ।

# ଝିଅପୁଅଙ୍କ ମଧ୍ୟରେ ବିଭେଦ ନ ରହୁ

ବରଗଡ଼,୨୯।୨(ପ୍ରେମାନନ୍ଦ ଖମାରୀ)]

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ଗୁରୁବାର କେନ୍ଦ୍ର ସରକାରଙ୍କ ପରିଚାଳିତ ବରଗଡ଼ ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ଜିଲାସ୍ତରୀୟ ପଡ଼ୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ଅମରେନ୍ଦ୍ର ନାରାୟଣ ଯାଦବ, ପ୍ରୀତମ ସିଂ, ସୁରେଶ୍ୱର ଶତପଥୀ, ଶ୍ୟାମସୁନ୍ଦର ଅଗ୍ରୱାଲ, ରତନ ଅଗ୍ରୱାଲ, ଅଧ୍ୟାପକ ସୁଷମା ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ପ୍ରାରମ୍ଭରେ ବୈଷ୍ଣବୀ ବିର୍ତ୍ତିଆ ନୃତ୍ୟ ପରିବେଷଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ମିଲେଟ୍ ମିଶନର ଜିଲା ସଂଯୋଜକ ନାରାୟଣ ପାଣିଗ୍ରାହୀ ମିଲେଟ୍ ଶସ୍ୟର ଉପକାରିତା ଉପରେ



ପଡ଼ୋଶୀ ଯୁବ ସଂସଦ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ ।

ବକ୍ତବ୍ୟ ରଖିଥିଲେ। ଜିଲା ଶିଶୁ ମଙ୍ଗଳ ବିଭାଗର କର୍ମକର୍ତ୍ତା ତରୁନସେନ ପୃଷେଠ ଶିଶୁ ଓ ମାତୃମାନଙ୍କ ଶାରୀରିକ, ମାନସିକ ବିକାଶରେ ସମାଜର ଭୂମିକା, ଝିଅପୁଅଙ୍କ ମଧ୍ୟରେ ବିଭେଦ ନ ରଖିବା ପାଇଁ ଆହ୍ୱାନ ଦେଇଥିଲେ। ତୃତୀୟ ପର୍ଯ୍ୟାୟରେ ଆଞ୍ଚଳିକ ମହାବିଦ୍ୟାଳୟର ପୂର୍ଣ୍ଣିମା ରଥ ଏବଂ ତାଙ୍କ ଦଳ ନାରୀ ନିର୍ଯାତନା ଉପରେ କ୍ଷୁଦ୍ର ନାଟିକା ପରିବେଷଣ କରିଥିଲେ। ଶେଷ ପର୍ଯ୍ୟାୟରେ ତର୍କ ପ୍ରତିଯୋଗିତାରେ ପୁରସ୍କୃତ ହୋଇଥବା ଯୁବ ପ୍ରତିଯୋଗୀମାନେ ଅନ୍ୱେଶ କୁମାର ସାହୁଙ୍କ ପରିଚାଳନାରେ ଏକ କୃତ୍ରିମ ସଂସଦର ଡେମୋ ପ୍ରଦର୍ଶନ କରିଥିଲେ। ଏଥିରେ ଅନ୍ୱେଷ ବାଚସ୍ପତି ଭୂମିକା ନିଭାଇଥିଲେ। ସେହିପରି ନିଧି ଅଗ୍ରୱାଲ, ରିତି କେଡ଼ିଆ, ସୃଷ୍ଟି ଅଗ୍ରୱାଲ, ପ୍ରିୟଙ୍କା ପ୍ରିୟଦର୍ଶିନୀ ବେହେରା, ବିପ୍ଳବ ବଜୟ ପ୍ରଧାନ, ରୋଜାଲିନ ମହାପାତ୍ର, ସୁପେନ୍ଦ୍ର ବିଶ୍ୱାଳ ଶାସକ ଦଳ ଏବଂ ହିରୋ ଇଣ୍ଡିଆ, ସୁମିତ ବାବୁ, ମଧୁସୂଦନ ବେହେର, ଆଦ୍ୟାଶା ମହାପାତ୍ର, ବିଦ୍ୟାଶା ମହାପାତ୍ର, ସୁଧାଂଶୁ ଦାଶ, ଆଲୋକ ବାବୁ, ଦୁର୍ଯ୍ୟୋଧନ ପାଣ୍ଡେ ପ୍ରମୁଖ ବିରୋଧୀ ଦଳ ସାଂସଦ ଭୂମିକାରେ ରହିଥିଲେ। ଜିଲା ଯୁବ ଅଧିକାରୀ ରୋଶନ ଟଣ୍ଡନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଉପଦେଷ୍ଟା ସଭ୍ୟ ତ୍ରିଲୋଚନ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### କିଞ୍ଜିରକେଲାରେ ବଢ଼ୁଛି ଅସାମାଜିକ କାର୍ଯ୍ୟ

ବାଲିଶଙ୍କରା,୨୯।୨( ହୃଦାନନ୍ଦ ବାରିକ): କିଞ୍ଜିରକେଲା ଥାନା ଅଞ୍ଚଳରେ ଦିନକୁ ଦିନ ଅସାମାଜିକ କାର୍ଯ୍ୟ ବୃଦ୍ଧି ପାଉଛି। କିଞ୍ଜିରକେଲା, ତିଲଡେଗା, ରଷ୍ଟି, ଗୁଣ୍ଡିଆଡିହି, ଶିକାଯୋର, ବନ୍ଧବାହାଲ ଅଞ୍ଚଳରେ ବେଧଡକ ମଦ କାରବାର ହେଉଛି। ଫଳରେ ଚୋରି ଭଳି ଅସାମାଜିକ କାର୍ଯ୍ୟ ବୃଦ୍ଧି ପାଉଛି। ଗତ କିଛି ଦିନତଳେ ବ୍ରାହ୍ମଣମରା ଗ୍ରାମର ଜଣଙ୍କ ଘରୁ ସୁନାଗହଣା, ଆସବାବପତ୍ର ଦୁର୍ବୃତ୍ତ ଚୋରି କରି ନେଇଯାଇଥିବାବେଳେ ଏପର୍ଯ୍ୟନ୍ତ ପୋଲିସ ତାର ଟେର ପାଉନି। ସେହିପରି ବନ୍ଧବାହାଲ ଗ୍ରାମରେ ମଧ ଛେଳି ଚୋରି ହୋଇଥିବାବେଳେ ପୋଲିସ ତାର କିଛି ସୁରାକ ପାଇନାହିଁ। ଏଥିସହ ମଦ ପିଇ ବେପରୁଆ ଗାଡି ଚାଳନା ଯୋଗୁ ଅନେକ ସମୟରେ ଦୁର୍ଘଟଣା ଘଟି ଅକାଳରେ ନୀରହ ଜବୀନ ଚାଲିଯାଉଛି। ଅଞ୍ଚଳରେ ମଦ କାରବାରକୁ ବନ୍ଦ କରାଗଲେ ଚୋରି ଦୁର୍ଘଟଣା ଭଳି ଅସାମାଜିକ କାର୍ଯ୍ୟକୁ ରୋକା ଯାଇ ପାରିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

# ନଦୀ ପ୍ରଦୂଷଣ, ସଙ୍କଟରେ ଜଳଜୀବ

ରାଉରକେଲା,୨୯।୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାର ଜୀବନରେଖା କୁହାଯାଉଥିବା ବ୍ରାହ୍ମଣୀ ନଦୀ ଦିନକୁ ଦିନ ପ୍ରଦୂଷିତ ହେବାରେ ଲାଗିଛି। ସହରର ବର୍ଜ୍ୟଜଳ ଓପନ ଡ୍ରେନ ମାଧ୍ୟମରେ ସିଧାସଳଖ ନଦୀରେ ମିଶିବା ଦ୍ୱାରା ପାଣି ଦୂଷିତ ହେଉଛି। ଫଳରେ ଏହାର ପ୍ରଭାବ ଜଳଜୀବଙ୍କ ଉପରେ ପଡୁଛି।

ସୂଚନା ଅନୁସାରେ, ରାଉରକେଲା ସହରର ମାତ୍ର ୭ଟି ହସ୍ପିଟାଲକୁ ଛାଡିଦେଲେ ଅନ୍ୟ ସବୁ ସଂସ୍ଥା ଓ ପ୍ରତିଷ୍ଠାନ ଆର୍‌ଏମ୍‌ସିର ଓପନ ଡ୍ରେନରେ ଅପଶିଷ୍ଟ ରାସାୟନିକ ଆବର୍ଜନା ପାଣି ସିଧାସଳଖ ନଦୀକୁ ଛାଡୁଛନ୍ତି। ଗଙ୍ଗାଧରପାଲ୍ଲୀ ଆଇଟିଆଇ କଲୋନି ଓପନ ଡ୍ରେନରୁ ସିଭିଲଟାଉନଶିପ୍ ଇପିଏଫ୍ କାର୍ଯ୍ୟାଳୟ ଓ ଗୁରୁଦ୍ୱାରା, ବାଲୁଘାଟ ତରକେରା ଦେଇ ବ୍ରାହ୍ମଣୀ ନଦୀରେ ଅଳିଆ ଓ ବିଷାକ୍ତ ଦ୍ରବ୍ୟ ମିଶ୍ରିତ ପାଣି ମିଶୁଛି।ଫଳରେ ନଦୀର ଜଳଜୀବ ଓ ସ୍ଥାନୀୟ ଲୋକଙ୍କ ଉପରେ ଏହାର


ଓପନ ଡ୍ରେନ ମାଧ୍ୟମରେ ପ୍ରଦୂଷିତ ପାଣି ନଦୀକୁ ଯାଉଛି।

କୁପ୍ରଭାବ ପଡୁଥିବା ଅଭିଯୋଗ ହେଉଛି।

ରାଉରକେଲା ସହରର ଅଳିଆ ପାଣି ସ୍ୱିରେଜ ଓ ଓପନ ଡ୍ରେନେଜ ସିଷ୍ଟମରେ ବ୍ରାହ୍ମଣୀ ନଦୀକୁ ନିଷ୍କାସନ ହୋଇଥାଏ। ସ୍ୱିରେଜ ସିଷ୍ଟମରେ ସିଭିଲ ଟାଉନଶିପ୍, ଛେଣ୍ଡ ଓ ପାନପୋଷ ଅଞ୍ଚଳର ପ୍ରତି ଘରର ଦୂଷିତ ପାଣିକୁ ବାଲୁଘାଟ ସ୍ଥିତ ୪୦ମିଲିୟନ ଲିଟର କ୍ଷମତା ବିଶିଷ୍ଟ ସ୍ୱିରେଜ ଟ୍ରିଟମେଣ୍ଟ ସିଷ୍ଟମ(ଏସଟିପି)ରେ ବିଶୋଧନ କରି ବ୍ରାହ୍ମଣୀ ନଦୀକୁ ଛଡଯାଏ। ମାତ୍ର ସିଭିଲ ଟାଉନଶିପ୍‌ରୁ ବାଲୁଘାଟ ତରକେରା ଯାଏ ଓପନ ଡ୍ରେନର ଅଳିଆ ପାଣି ବିନା ଟ୍ରିଟମେଣ୍ଟରେ ନଦୀ ଗର୍ଭକୁ ଛଡାଯାଉଛି। ସ୍ୱିରେଜ ସିଷ୍ଟମରେ କମ୍ ମାତ୍ରାରେ ଅଳିଆ ପାଣି ନିଷ୍କାସିତ ହେଉଥିବା ବେଳେ ଓପନ ଡ୍ରେନ ମାଧ୍ୟମରେ ବିପୁଳ ମାତ୍ରାରେ ବିଷଯୁକ୍ତ ପାଣି ନଦୀକୁ ଯାଉଛି। ୱାଟ୍‌କୋ ପ୍ରତ୍ୟହ ସିଭିଲ ଟାଉନଶିପ୍ ଅଞ୍ଚଳକୁ ୬୧ ମିଲିୟନ ଲିଟର ପାଣି ପ୍ରଦାନ କରୁଛି। ୫୦ ଭାଗ ପାଣି ବ୍ୟବହାର ପରେ ଅପହାର୍ଯ୍ୟ ହୋଇ ସିଧାସଳଖ ସ୍ୱିରେଜ ସିଷ୍ଟମ ମାଧ୍ୟମରେ ନଦୀରେ ମିଶୁଛି। ଏଥିସହିତ ସିଭିଲ ଟାଉନଶିପ୍‌ର ୩୦ଭାଗ ଲୋକ ଓ ବିଭିନ୍ନ ପ୍ରତିଷ୍ଠାନ ଓପନ ଡ୍ରେନରେ ଅଳିଆ, ଆବର୍ଜନା, ରାସାୟନିକ ଦ୍ରବ୍ୟ ମଧ ଛାଡୁଥିବା ଦେଖିବାକୁ ମିଳୁଛି। ଫଳରେ ବ୍ରାହ୍ମଣୀ ଅଧିକ ପ୍ରଦୂଷିତ ହେବାରେ ଲାଗିଛି। ଏଣୁ ଏହାର ପ୍ରତିକାର ପାଇଁ ବିହିତ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

ଏ ନେଇ ରାଉରକେଲା ସ୍ୱିରେଜ ସିଷ୍ଟମ ବିଭାଗ ଅଧିକାରୀ ବି. କେ. ଡାକୁଆଙ୍କୁ ପଚାରିବାରୁ ସେ କହିଥିଲେ, ଆମ ବିଭାଗର ପାଇପ୍ ଯୋଗେ ସିଭିଲ ଟାଉନଶିପ୍, ଛେଣ୍ଡ ଏବଂ ପାନପୋଷ ସହ ୭ଟି ହସ୍ପିଟାଲର ଅପହାର୍ଯ୍ୟ ପାଣି ଟ୍ରିଟମେଣ୍ଟ ସିଷ୍ଟମରେ ବିଶୋଧନ କରି ନଦୀଗର୍ଭକୁ ଛଡାଯାଉଛି। ଓପନ ଡ୍ରେନରେ ଅତ୍ୟଧିକ ପାଣି ଓ ସ୍ୱିରେଜ ପାଇପ୍‌ରେ କମ୍ ପାଣି ନିଷ୍କାସିତ ହେଉଛି। ଏହାର ପ୍ରତିକାର ପାଇଁ ବ୍ୟାପକ ଜନସଚେତନତା ଆବଶ୍ୟକ ବୋଲି ଡାକୁଆ କହିଥିଲେ।

## ଲାଞ୍ଚ ନେଲା ବେଳେ ଇଏସ୍‌ଆଇସି ବରିଷ୍ଠ କିରାଣି ଗିରଫ

ରାଉରକେଲା,୨୯।୨(ସଙ୍ଗୀତା ଜେନା)


ଗିରଫ ଅଭିଯୁକ୍ତ ଅଭିରାମ ସାହୁ।

୧୦ ହଜାର ଟଙ୍କା ଲାଞ୍ଚ ନେଲାବେଳେ ଗୁରୁବାର ରାଉରକେଲା ଇଏସ୍‌ଆଇସିର ବରିଷ୍ଠ କିରାଣୀ ଅଭିରାମ ସାହୁଙ୍କୁ ଭିଜିଲାନ୍ସ ଗିରଫ କରିଛି। ସେ ଦୁର୍ଘଟଣାଜନିତ ବିଲ୍ ପାସ୍ କରିବା ପାଇଁ ଲାଞ୍ଚ ନେବାଲାବେଳେ ଧରାପଡିଛନ୍ତି। ତାଙ୍କଠାରୁ ରାସାୟନିକ ପ୍ରଲେପ ଦିଆ ନୋଟ୍ ଜବତ କରାଯାଇଛି। ରାଉରକେଲା ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ମାମଲା (ନଂ.୪/୨୪) ରୁଜୁ କରି ଅଧିକ ତଦନ୍ତ ଚାଲିଛି। ସୂଚନା ଅନୁସାରେ, ୨୦୨୦ରେ ବିଶ୍ୱନାଥ ସିଂହ ନାମକ ଜଣେ ବ୍ୟକ୍ତି ସଡ଼କ ଦୁର୍ଘଟଣାରେ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେ ବାବଦକୁ ବିଶ୍ୱନାଥଙ୍କୁ ୯୬ ହଜାର ଟଙ୍କା ମିଳିବାର ଥିଲା। ବାରମ୍ବାର ପ୍ରୟାସ କରିବା ସତ୍ତ୍ୱେ ତାଙ୍କର ଇଏସ୍‌ଆଇସି ପକ୍ଷରୁ ବିଲ୍ ପାସ୍ ହେଉ ନ ଥିଲା। ଶେଷରେ ବିଶ୍ୱନାଥ ଇଏସ୍‌ଆଇସିର ବରିଷ୍ଠ କିରାଣୀ ଅଭିରାମ ସାହୁଙ୍କୁ ଭେଟିଥିଲେ। ଅଭିରାମ ବିଲ୍ ପାସ୍ କରିବାକୁ ୧୦ ହଜାର ଟଙ୍କା ଲାଞ୍ଚ ମାଗିବାରୁ ବିଶ୍ୱନାଥ ଅସହାୟତା ପ୍ରକାଶ କରିବା ସହ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ପୂର୍ବ ଯୋଜନା ମୁତାବକ ଗୁରୁବାର ସକାଳେ ବିଶ୍ୱନାଥ ଜେଲ୍ ରୋଡ୍ ୟୁଜିଆଇ ଗେଟ୍ ନିକଟକୁ ଅଭିରାମଙ୍କୁ ଡାକି ଲାଞ୍ଚ ଦେବାବେଳେ ସେଠାରେ ଛପି ରହିଥିବା ଭିଜିଲାନ୍ସ ଅଧିକାରୀ ତାଙ୍କୁ ଗିରଫ କରିଥିଲେ। ଏହାସହ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଅଭିରାମଙ୍କ ୨ଟି ଠିକଣାରେ ଚଢ଼ାଉ ଭିଜିଲାନ୍ସ କରିଥିଲା। ତେବେ ଏହି ଘଟଣାରେ ତଦନ୍ତ ଜାରି ରହିଛି ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

## ଆର୍‌ଏସ୍‌ପି ଠିକା ଶ୍ରମିକ ପୁରସ୍କୃତ

ରାଉରକେଲା,୨୯।୨(ବିପ୍ଳବ ରଞ୍ଜନ ଦାଶ)

ଆରଏସ୍‌ପିର କଣ୍ଟ୍ରାକ୍ଟ ସେଲ୍ ୱାର୍କର୍ସ (ସିସିଡବ୍ଲ୍ୟୁ) ବିଭାଗରେ ତତ୍କାଳ ସ୍ୱୀକୃତି ଯୋଜନା ଅଧୀନ ଏକ ଭିନ୍ନ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିସିଡବ୍ଲ୍ୟୁ ବିଭାଗର ଜିଏମ୍ ଇନ୍‌ଚାର୍ଜ ଦେବଦତ୍ତ ଶତପଥୀ ଅଧ୍ୟକ୍ଷତା କରି ମେସର୍ସ ଗିରିଶ ଇଣ୍ଟରପ୍ରାଇଜ୍‌ର ଠିକା କର୍ମଚାରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ କାର୍ମିକ ବିଭାଗର ସିନିୟର ମ୍ୟାନେଜର ସୁଶ୍ରୀ ସଙ୍ଗୀତା ମାରିୟା ସିନ୍ଦୁର, ବିଭାଗୀୟ ବରିଷ୍ଠ ଅଧିକାରୀ, କର୍ମଚାରୀ ଏବଂ ସମ୍ପୃକ୍ତ ସଂସ୍ଥାର ପ୍ରତିନିଧି ଉପସ୍ଥିତ ଥିଲେ। ଠିକା ଶ୍ରମିକମାନଙ୍କୁ ସେମାନଙ୍କ ଦକ୍ଷତା ଏବଂ ପ୍ରତିବଦ୍ଧତା ପାଇଁ ଶତପଥୀ ଅଭିନନ୍ଦନ ଜଣାଇବା ସହିତ କାରଖାନାର କାର୍ଯ୍ୟଦକ୍ଷତା ବଜାୟ ରଖିବା ପାଇଁ କାର୍ଯ୍ୟ ଜାରି ରଖିବାକୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ଫାଇଲଗୁଡିକର କ୍ରିୟାନ୍ୱୟନ କାର୍ଯ୍ୟଗୁଡିକ ଦକ୍ଷତାର ସହ ପରିଚାଳନା ପାଇଁ ଠିକା ଶ୍ରମିକମାନଙ୍କୁ ପୁରସ୍କୃତ କରାଯାଇଥିଲା।


କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଶ୍ରମିକ ।


ଅତିଥିଙ୍କ ସହ ଖେଳାଳିଗଣ।

## ସମ୍ବଲପୁର ୟୁନିଭର୍ସିଟି ଚାମ୍ପିୟନ

ରାଉରକେଲା,୨୯।୨(ଦିନେଶ ମିଶ୍ର)

ଗୌହାଟିରେ ଖେଲୋ ଇଣ୍ଡିଆ ପକ୍ଷରୁ ଅନୁଷ୍ଠିତ ହୋଇଥିବା ଇନଭରସିଟି ମହିଳା ହକି ମ୍ୟାଚରେ ସମ୍ବଲପୁର ସିଟି ଦଳ ଆଇଟିଏମ୍ ଇନଭରସିଟି ଗୋୱାଲିୟରକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ସମ୍ବଲପୁର ସିଟି ଓ ଆଇଟିଏମ୍ ଇନଭରସିଟି ଗୋୱାଲିୟର ମଧ୍ୟରେ ହୋଇଥିଲା। ମ୍ୟାଚ ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ପରସ୍ପରକୁ ଗୋଟିଏ ଲେଖାଏଁ ଗୋଲମାରି ଡ୍ର ରଖିଥିଲେ। ଶେଷରେ ସୁଟ୍‌ଆଉଟ୍‌ରେ ସମ୍ବଲପୁର ଇନଭରସିଟ୍ ୫-୩ ଗୋଲରେ ଆଇଟିଏମ୍ ଇନଭରସିଟିକୁ ପରାସ୍ତ କରି ବିଜୟୀ ହୋଇଥିଲା। ସମ୍ବଲପୁର ଇନଭରସିଟି ପକ୍ଷରୁ ସୁଜତା କୁଜୁର, ନେହା ଲାକ୍ରା, ମନିଷା ମିଞ୍ଜ, ନିତୁ ଲାକ୍ରା, ଫିଲସିଆ ଟୋପ୍ପୋ ଦଳ ପକ୍ଷରୁ ଗୋୱାଲିୟର ବିପକ୍ଷରେ ଗୋଲମାରି ଥିଲେ। ସୂଚନାଯୋଗ୍ୟ, ଖେଲୋ ଇଣ୍ଡିଆ ହକିର ଏହି ପ୍ରତିଯୋଗିତାରେ ଭାରତର ପ୍ରମୁଖ ୮ଟି ଇନ୍‌ଭରସିଟି ଦଳ ଅଂଶ ଗ୍ରହଣ କରିଥିଲେ। ଏହି ଦଳରେ କୋଚ ଭାବେ କ୍ୟାପଟେନ ସତ୍ୟନାରାୟଣ ରାଉତ, ସହ କୋଚ ଭାବେ ଅଜୟ ରାଉତ ଓ ସତ୍ୟରଞ୍ଜନ ପଣ୍ଡାଙ୍କ ସହ ମହିଳା ହକି ଦଳର ମ୍ୟାନେଜର ଭାବେ ସୁରଜ ତନ୍ତୀ ଓ କିରଣପେରିକା ଖାଲକୋ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ସନ୍ଦେଶଖାଲି ମାଷ୍ଟରମାଇଣ୍ଡର ମୁଖ୍ୟ ସହଯୋଗୀ ଗିରଫ

ରାଉରକେଲା,୨୯।୨(ସଙ୍ଗୀତା ଜେନା)

**ରାଉରକେଲାରୁ ଉଠାଇନେଲା ପଶ୍ଚିମବଙ୍ଗ ସିଆଇଡି**

ଗତ କିଛିଦିନ ହେଲା ଜାତୀୟ ଖବର ହୋଇଥିବା ପଶ୍ଚିମବଙ୍ଗର ସନ୍ଦେଶଖାଲି ମାମଲାର ମାଷ୍ଟରମାଇଣ୍ଡ ଶାହଜାନ ଶେଖ୍‌ଙ୍କ ମୁଖ୍ୟ ସହଯୋଗୀଙ୍କୁ ରାଉରକେଲାରୁ ଗିରଫ କରାଯାଇଛି। ପଶ୍ଚିମବଙ୍ଗ ସିଆଇଡ଼ିର ୪ଜଣିଆ ଟିମ୍ ତାଙ୍କୁ ଗୁରୁବାର ଉଠାଇ ନେଇଛି। ଏହି ମୋଷ୍ଟ ୱାଣ୍ଟେଡ ଅଭିଯୁକ୍ତ ହେଲେ ଆମିର୍ ଅଲ୍ଲୀ ଗାଜୀ(୫୦)। ଗାଜୀଙ୍କୁ ସେକ୍ଟର-୩ ଥାନା ଅନ୍ତର୍ଗତ ଆଇଜି ପାର୍କ ନିକଟରୁ ବୁଧବାର ରାତିରେ ଗିରଫ କରାଯାଇଥିବା ଥାନାଧିକାରୀ ପ୍ରତିଭା ମଞ୍ଜରୀ ସାହୁ ସୂଚନା ଦେଇଛନ୍ତି। ଥାନାଧିକାରୀ ସାହୁଙ୍କ କହିବା ଅନୁସାରେ, ପଶ୍ଚିମବଙ୍ଗ ସିଆଇଡି ଟିମ୍ ତାଙ୍କ ରାଜ୍ୟରେ ଏକ ଡକାୟତି ଯୋଜନାରେ ସମ୍ପୃକ୍ତି ନେଇ ଗାଜୀ ନାମକ ବ୍ୟକ୍ତିଙ୍କୁ ଗିରଫ ପାଇଁ ସେକ୍ଟର-୩ ଥାନା ପୋଲିସର ସହାୟତା ଲୋଡିଥିଲେ। ପରେ ସ୍ଥାନୀୟ ପୋଲିସ ସହାୟତାରେ ଗାଜୀଙ୍କୁ ଗିରଫ କରାଯାଇଥିଲା। ଗାଜୀଙ୍କୁ ସ୍ଥାନୀୟ ଅଦାଲତରେ ହାଜର ନ କରି ପଶ୍ଚିମବଙ୍ଗ ନିଆଯାଇଛି। ସେଠାକାର ଅଦାଲତରେ ତାଙ୍କୁ ହାଜର କରାଯିବ ବୋଲି ଥାନାଧିକାରୀ ସାହୁ ସୂଚନା ଦେଇଛନ୍ତି। ଉଲ୍ଲେଖନୀୟ, ଅଭିଯୁକ୍ତ ଗାଜୀଙ୍କୁ ରାଉରକେଲାର ଏକ ଜାତୀୟ ସ୍ତରର ଶିକ୍ଷାନୁଷ୍ଠାନରୁ ଗିରଫ କରାଯାଇଛି। ସେଠାରେ ତାଙ୍କ ପୁଅ ପାଠ ପଢୁଥିବା ଆଲୋଚନା ହେଉଛି।

## ଉର୍ଦ୍ଦୁ ପ୍ରାଥମିକ ସ୍କୁଲର ବାର୍ଷିକୋତ୍ସବ



ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି।

ରାଉରକେଲା,୨୯।୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ପ୍ଲାଣ୍ଟସାଇଡ ସରକାରୀ ଉର୍ଦ୍ଦୁ ପ୍ରାଥମିକ ସ୍କୁଲର ବାର୍ଷିକ ଉତ୍ସବ ଗୁରୁବାର ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ବିଶ୍ରା ବ୍ଲକ ଶିକ୍ଷାଧିକାରୀ ବେଣୁଧର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ରୋଟାରୀ କ୍ଲବ ଅଫ ରାଉରକେଲା (ସେଣ୍ଟ୍ରାଲ) ସଭାପତି ହାଜି ଅବଦୁସ ସଲାମ, ରୋଟାରୀ ଫ୍ରେଣ୍ଡଶିପ୍‌ର ଏକ୍ସଚେଞ୍ଜ ଅଧ୍ୟକ୍ଷ ବିଶ୍ୱଜିତ ପତି, ଜଶବିନ୍ଦର ସିଂ ଗୋଲ୍‌ଡି, ହାଜି ସକିଲ ଅହମ୍ମଦ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଉପଲକ୍ଷେ ପୂର୍ବରୁ ଅନୁଷ୍ଠିତ ବିଦ୍ୟାଳୟ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଯୋଗ ଦେଇଥିଲେ।

### ଆଜି ଜଗଦା, କୋଏଲନଗରରେ ବିଦ୍ୟୁତ୍ କାଟ୍

ରାଉରକେଲା,୨୯।୨(ସଙ୍ଗୀତା ଜେନା)

ଜଗଦା, କୋଏଲନଗର ଅଞ୍ଚଳରେ ଟିପିଡ଼ବ୍ଲ୍ୟୁଓଡ଼ିଏଲ୍ ପକ୍ଷରୁ ଶୁକ୍ରବାର ୧ ତାରିଖ ସକାଳ ୮ରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ କରାଯିବ। ସମ୍ପୃକ୍ତ ଅଞ୍ଚଳରେ ତାର ଓ ଯନ୍ତ୍ରାଂଶ ମରାମତି ପାଇଁ ବିଦ୍ୟୁତ୍ କାଟ କରାଯାଉଛି ବୋଲି ଏସ୍‌ଡ଼ିଓ ଡି. ମହାନ୍ତି ସୂଚନା ଦେଇଛନ୍ତି। ଆଗାମୀ ଗ୍ରୀଷ୍ମ ସମୟରେ ଟ୍ରାନ୍ସଫର୍ମର ଉପରେ ଅଧିକ ଚାପ ରହିବ। ସମୟ ପୂର୍ବରୁ ଏଗୁଡ଼ିକର ମରାମତି ଓ ରକ୍ଷଣାବେକ୍ଷଣ କରାଯାଉଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଆର୍‌ଏସ୍‌ପିରେ ବାଣିଜ୍ୟଗତ ବିଦ୍ୟୁତ୍ ରିହାତି ବୈଠକ

ରାଉରକେଲା,୨୯।୨(ବିପ୍ଳବ ରଞ୍ଜନ ଦାଶ)

ଆରଏସ୍‌ପି ସାମଗ୍ରୀ ପରିଚାଳନା ବିଭାଗ ସ୍ଥିତ ସମ୍ମିଳନୀ କକ୍ଷରେ ବାଣିଜ୍ୟଗତ ବିଦ୍ୟୁତ୍ ରିହାତି ଶୀର୍ଷକ ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସାମଗ୍ରୀ ପରିଚାଳନା ବିଭାର ଜିଏମ୍ ଇନଚାର୍ଜ କେ.ଏସ୍. ଭିର୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏ-ଟ୍ରେଡ୍ସର ବରିଷ୍ଠ ଗ୍ରାହକ ସମ୍ପର୍କ ପ୍ରବନ୍ଧନ ବିନୟ କୁମାର ମିଶ୍ର ଏବଂ ବିତ୍ତ ଓ ଲେଖା ବିଭାଗର ଡିଜିଏମ୍ କେ. କେ. ବର୍ମା ବିସ୍ତୃତ ତଥ୍ୟ ରଖିଥିଲେ। ରାଉରକେଲା ଓ ଏହାର ଆଖପାଖରେ ଥିବା ମୋଟ ୧୫ଜଣ ବିକ୍ରେତା ଏଥିରେ ଉପସ୍ଥିତ ଥିଲେ। ବୈଠକରେ ଭିର୍ଡି ଟ୍ରେଡ୍ସର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହିତ ମଞ୍ଚର ଶ୍ରେଷ୍ଠ ବିନିଯୋଗ ଲାଗି ଡିଜିଏମ୍ ବର୍ମା ଆହ୍ୱାନ ଦେଇଥିଲେ। ପରେ ବିନୟ କୁମାର ମିଶ୍ର ବାଣିଜ୍ୟିକ ଗ୍ରହଣ ଯୋଗ୍ୟ ବିଦ୍ୟୁତ ରିହାତି ପଦ୍ଧତିର ଦିଗ ଉପରେ ତଥ୍ୟ ଉପସ୍ଥାପନ


ବୈଠକରେ ଉପସ୍ଥିତ ଆର୍‌ଏସ୍‌ପି ଅଧିକାରୀ ଓ ଅନ୍ୟମାନେ।

କରିବା ସହ ସଦ୍ୟତମ ବିଦ୍ୟୁତ ବିଧେୟ ଓ ଏମ୍‌ଏସ୍‌ଏମ୍‌ଇ ବିକ୍ରେତାମାନଙ୍କ ବାଣିଜ୍ୟଗତ ବିଦ୍ୟୁତ ଗ୍ରହଣ ଯୋଗ୍ୟତା ପ୍ରଣାଳୀ ଉପରେ ବିବରଣୀ ରଖିଥିଲେ। ଡିଜିଏମ୍ ବର୍ମା ଇ-ଟ୍ରେଡରେ ପଞ୍ଜୀକୃତ ବିକ୍ରେତାଙ୍କ ଦେୟ ପାଇଁ ବିଲ ପ୍ରକ୍ରିୟାକରଣ ବିଷୟରେ ସୂଚନା ଦେଇଥିଲେ। ବୈଠକର ମତବିନିମୟ ଅଧିବେଶନରେ ବିଦ୍ୟୁତ ରିହାତି ସଂକ୍ରାନ୍ତ ବିଭିନ୍ନ ପ୍ରସଙ୍ଗ ଉପସ୍ଥାପିତ ହେବା ସହ ସମସ୍ତ ପ୍ରକାର ଦ୍ୱନ୍ଦ୍ୱର ସମୀକ୍ଷା ହୋଇଥିଲା। ପ୍ରାରମ୍ଭରେ ଏମ୍‌ଏମ୍‌ପିଆଇଭିଡି ବିଭାଗର ଡିଜିଏମ୍ ଅସୀମ ଅପୂର୍ବ ସ୍ୱାଗତ ଭାଷଣ ଦେଇଥିବା ବେଳେ ଭିର୍ଡି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଏମ୍‌ଏମ୍ ପିଆଇଭିଏସ ବିଭାଗର ମ୍ୟାନେଜର ସୁଶ୍ରୀ ଅର୍ଚ୍ଚନା ଲାକ୍ରା ସଂଯୋଜନା କରିଥିବା ବେଳେ ଏମ୍‌ଏମ୍ କ୍ରୟ ବିଭାଗର ଜିଏମ୍ ଅଜୟ ଶୁକ୍ଳା ସାମିଲ ହୋଇଥିଲେ।

### କରାଟେ ପ୍ରଶିକ୍ଷଣ ଶିବିରରେ ୩୨ ପ୍ରଶିକ୍ଷକଙ୍କ ଅଂଶଗ୍ରହଣ

ରାଉରକେଲା,୨୯।୨(ଦିନେଶ ମିଶ୍ର)

ଭୁବନେଶ୍ୱର ସ୍ଥିତ ଉତ୍କଳ କରାଟେ ସ୍କୁଲରେ ୨ଦିନ ଧରି ସୁକୋକାଇ ଶୈଳୀରେ କରାଟେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସୁକୋକାଇ କରାଟେର ସର୍ବଭାରତୀୟ ମୁଖ୍ୟ ପ୍ରଶିକ୍ଷକ ହାଂଶୀ ଡ. ହରିପ୍ରସାଦ ପଟ୍ଟନାୟକ ଏହି ଶିବିରକୁ ପରିଚାଳନା କରି ବ୍ୟାୟାମ ବିଜ୍ଞାନ, ଫିଟନେସ ସହ ସ୍ପୋର୍ଟ୍ସ କରାଟେର ଉତ୍କୃଷ୍ଟତା ପାଇଁ ଆବଶ୍ୟକୀୟ ଷ୍ଟାମ୍ନା, ସ୍ପୀଡ, ଟାଇମିଂ, ଶାରିରୀକ ସ୍ଥିତି ସହ ଆତ୍ମଭାବ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦେଇଥିଲେ। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୩୨ ଜଣ ପ୍ରଶିକ୍ଷକ ଏହି ଶିବିରରେ ଅଂଶ ଗ୍ରହଣ କରିଥିଲେ। ଏଥିରେ ରାଉରକେଲା ଉତ୍କଳ କରାଟେ ସ୍କୁଲର ମୁଖ୍ୟ ପ୍ରଶିକ୍ଷକ ତଥା ଆନ୍ତର୍ଜାତୀୟ ପଦକପ୍ରାପ୍ତ ରାଜୀବ କୁମାର ସିଂ ଅଂଶ ଗ୍ରହଣ କରିଥିଲେ। ଓଡିଶା ରାଜ୍ୟ କରାଟେ ଆସୋସିଏଶନର ବରିଷ୍ଠ କର୍ମକର୍ତ୍ତା ପ୍ରକାଶ ପଟ୍ଟନାୟକ ଓ ଆଇନଜୀବୀ କାଳିପ୍ରସାଦ ନନ୍ଦ ପ୍ରଶିକ୍ଷଣ ପ୍ରାପ୍ତ ଶିକ୍ଷକଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ।

## ମନୁଷ୍ୟ ଜୀବନର ବିକାଶ ଦିଗରେ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ

ରାଉରକେଲା,୨୯।୨(ଦିନେଶ ମିଶ୍ର)

ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ନିବାସର ତୃତୀୟ ବାର୍ଷିକ ଉତ୍ସବ ନିରୀକ୍ଷକ ଅଧ୍ୟାପକ ପ୍ରଦୀପ ଖେସ୍‌ଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଡ. ବିଜୟ କୁମାର ବେହେରାଙ୍କ ପୌରାହିତ୍ୟରେ ଆୟୋଜିତ ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ ତଥା ମ୍ୟୁନିସିପାଲ କଲେଜର ଅଧ୍ୟକ୍ଷ ଡ. ସନାତନ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। ମନୁଷ୍ୟ ଜୀବନର ବିକାଶ ଦିଗରେ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ତେଣୁ ଶିକ୍ଷାକୁ ଛାତ୍ର ଜୀବନରେ ଆହରଣ କରି ନିଷ୍ଠା ସହ ଜୀବନର ଲକ୍ଷ୍ୟନେଇ ପାଠ ପଢ଼ିବାକୁ ଅତିଥି ପ୍ରଧାନ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ପରିଚାଳନା ଅଧିକାରୀ ଅଧ୍ୟାପକ ମାୟାଧର ବାରିକ ଉପସ୍ଥିତ ଥିଲେ। ଉତ୍ସବରେ ଅଧ୍ୟାପକ ଖେସ୍ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ରୀନିବାସର ବିଭିନ୍ନ ବର୍ଗର ଅନ୍ତେବାସୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶେଷରେ ଛାତ୍ରୀନିବାସର ସହକାରୀ ନିରିକ୍ଷିକା ଅଧ୍ୟାପିକା ଅନିତା ଜୈନ ଧନ୍ୟବାଦ ଅର୍ପଣ କରିଥିଲେ।


କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

## ୪୭୪୭ ହିତାଧିକାରୀଙ୍କୁ ଜମିପଟ୍ଟା ବଣ୍ଟନ

ରାଉରକେଲା, ୨୯।୨(ସଙ୍ଗୀତା ଜେନା)

୫-ଟି ଆଧାରିତ ସହରାଞ୍ଚଳ ବିକାଶ ଧାରାକୁ ତ୍ୱରାନ୍ୱିତ କରିବା ପାଇଁ ଅର୍ବାନ ସ୍ଲମ୍ ହାଉସହୋଲ୍ଡ (ଉଷା) ସର୍ଭେ କରାଯାଇଥିଲା। ପ୍ରାୟ ୨ବର୍ଷର ସର୍ଭେ ପରେ ପ୍ରଥମ ପର୍ଯ୍ୟାୟରେ ଗୁରୁବାର ରାଉରକେଲା ଓ ରଘୁନାଥପାଲିର ୪୧ଟି ବସ୍ତିର ମୋଟ ୪୭୪୭ ଲୋକଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ଓ ଜାଗା ମିଶନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୁରୁବାର ପୂର୍ବାହ୍ନରେ ଏୟାରପୋର୍ଟ ବିପରୀତ ପଡ଼ିଆରେ ଜମିପଟ୍ଟା ଆବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ରଘୁନାଥପାଲି



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

ନିର୍ବାଚନ ମଣ୍ଡଳୀର ଭଞ୍ଜ କଲୋନୀ, ନବକୃଷ୍ଣନଗର, ତଳ ବାଲିଯୋଡି, ଗୋପବନ୍ଧୁନଗର ଆଦି ୪ଟି ବସ୍ତି ଏବଂ ରାଉରକେଲା ନିର୍ବାଚନ ମଣ୍ଡଳୀର ୩୭ଟି ବସ୍ତିର ହିତାଧିକାରୀଙ୍କୁ ଜମି ପଟ୍ଟା ବଣ୍ଟନ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଉଭୟ ନିର୍ବାଚନମଣ୍ଡଳୀର ୪୦ଟି ୱାର୍ଡର ୪୧ ବସ୍ତିର ୪୭୪୭ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆଭାସୀ ଜରିଆରେ ଭୂମି ଅଧିକାର ପ୍ରମାଣପତ୍ର ବା ଜମିପଟ୍ଟା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଜାଗା ମିଶନ ଜରିଆରେ ରାଉରକେଲାରେ ୩୬ ହଜାର ଲୋକଙ୍କୁ ଚିହ୍ନଟ କରାଯାଇଥିଲା। ଏଥିରୁ ପ୍ରଥମ ପର୍ଯ୍ୟାୟ ଜମି ପ୍ରମାଣପତ୍ର ବଣ୍ଟନ କରାଯାଇଛି ବୋଲି କହିଥିଲେ। ସେହିପରି ଜିଲାପାଳ ପରାଗ ହର୍ଷଦ ଗାଭାଲି ଯୋଗଦେଇ ଆଗାମୀ ଦିନରେ ଅନ୍ୟ ଚିହ୍ନଟ ବସ୍ତିବାସୀଙ୍କୁ ଏହି ପ୍ରମାଣପତ୍ର ବଣ୍ଟନ କରାଯିବ ବୋଲି କହିଥିଲେ। ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ଆର୍‌ଏମ୍‌ସି କମିଶନର ତଥା ଏଡିଏମ୍ ଆଶୁତୋଷ କୁଲକର୍ଣ୍ଣୀ, ଆର୍‌ଏମ୍‌ସି ଡେପୁଟି କମିଶନର ପଲ୍ଲବୀ ନାୟକ, ଯୁଗ୍ମ କମିଶନର ଅନୀତା ନାଏକ, ରାଉରକେଲା ତହସିଲଦାର ନିବେଦିତା ପ୍ରଧାନ, ପାନପୋଷ ଉପଜିଲାପାଳ ବିଜୟ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଜାଗା ମିଶନର (ଜୁଡା ଏକ୍ସପର୍ଟ) ରୋମା ମହାପାତ୍ର ଓ ସରସ୍ୱତୀ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜାଗା ମିଶନ ଟିମ୍ ଓ ଆର୍‌ଏମ୍‌ସି କର୍ମଚାରୀ ସହଯୋଗ କରିଥିଲେ।

## ସଂକ୍ଷେପରେ

### ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା

ସମ୍ବଲପୁର,୨୯।୨(ପ୍ରମୋଦ ବହିଦାର): ରାଷ୍ଟ୍ରପିତ ଦ୍ରୌପଦୀ ମୁର୍ମୁ ମାର୍ଚ୍ଚ ୨ରେ ସମ୍ବଲପୁର ଜିଲା ରେଢ଼ାଖୋଲ ଗସ୍ତ କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ଜିଲା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏ ସମ୍ପର୍କରେ ସୂଚନା ଦେଇ ଏସ୍‌ପି ମୁକେଶ ଭାମୁ କହିଛନ୍ତି, ରାଷ୍ଟ୍ରପିତଙ୍କ ପ୍ରୋଟୋକଲ ଅନୁସାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଏଥିପାଇଁ ରେଢ଼ାଖୋଲର ବିଭିନ୍ନ ସ୍ଥାନ ପରିଦର୍ଶନ କରି ଆଇନଶୃଙ୍ଖଳା ପରିସ୍ଥିତ ଅନୁଧ୍ୟାନ କରାଯାଇଛି। ରାଷ୍ଟ୍ରପିତଙ୍କ ଗସ୍ତ ସମୟରେ ଅବଶ୍ୟକ ସୁରକ୍ଷା ବ୍ୟବସ୍ଥା ପାଇଁ ୩୧ ପ୍ଲାଟୁନ୍ ପୋଲିସ ସୁରକ୍ଷା ବାହିନୀଙ୍କୁ ନିୟୋଜିତ କରାଯିବ। ସେମାନେ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବେ। ସେହିପରି ସୁରକ୍ଷା ବ୍ୟବସ୍ଥା ପରିଚାଳନା ପାଇଁ ୮ ଏସ୍‌ପି, ୫ ଏଏସ୍‌ପି, ୨୩ ଜଣ ଡିଏସ୍‌ପି ପାହ୍ୟା ଅଧିକାରୀ, ୪୨ ଇନ୍ସପେକ୍ଟର, ୧୭୩ ସବ୍‌ଇନ୍ସପେକ୍ଟରଙ୍କୁ ନିୟୋଜିତ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି।

### ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

ନାକଟିଦେଉଳ,୨୯।୨(ବୈକୁଣ୍ଠନାଥ ସାହୁ) ନାକଟିଦେଉଳ ବ୍ଲକ ଛତ୍ରପୁର ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପରମେଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ଉତ୍ସବ ହୋଇଥିଲା। ଡଇଁଚା ବାପୁଜୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କ୍ଷୀରୋଦ କୁମାର ପଣ୍ଡା ମୁଖ୍ୟ ଅତିଥି, ବାଟଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ପ୍ରଫୁଲ୍ଲ କୁମାର ପ୍ରଧାନ ମୁଖ୍ୟବକ୍ତା ଓ ବଲାସିଂଘା ସେବାଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଗଦୀଶ ପ୍ରସାଦ ଶତପଥୀ, ମୁଟୁମୁଣ୍ଡା ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଣବ କିଶୋର ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଶ୍ମିତା ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ କ୍ରୀଡା ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିବା କନିଷ୍ଠ ବିଭାଗ ବାଳିକା ବର୍ଗରେ ପଞ୍ଚମଶ୍ରେଣୀ ଛାତ୍ରୀ ଜସ୍ମିନ ପୂର୍ତ୍ତି, ବାଳକ ବର୍ଗରେ ଫାଗୁଆ ହାସା, ବରିଷ୍ଠ ବିଭାଗ ବାଳିକା ବର୍ଗରେ ଅଷ୍ଟମ ଶ୍ରେଣୀ ଛାତ୍ରୀ ରିଲେନ ସାମାଡ଼, ବାଳକ ବର୍ଗରେ ପାଣ୍ଡୁ ନାଗଙ୍କ ସମେତ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଟଙ୍କଧର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ଦୁର୍ଘଟଣାରେ ଆହତଙ୍କ ମୃତ୍ୟୁ

ଜମନକିରା,୨୯।୨(ରବୀନ୍ଦ୍ର ପ୍ରସାଦ ଦାନି) ୫୩ନଂ. ଜାତୀୟ ରାଜପଥର ଜମନକିରା ଥାନା ଆମ୍ବଲାଙ୍ଗ ଘାଟିରେ ଗତ ରାତିରେ ଘଟିଥିବା ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସିତ ହେଉଥିବା ଜଣେ ଯୁବକଙ୍କ ଗୁରୁବାର ମୃତ୍ୟୁ ଘଟିଛି। ସୂଚନା ଅନୁସାରେ ଏକ ଘରୋଇ ବସ୍ ସହ ଟ୍ରକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ବସ୍‌ରେ ଥିବା ୬ ଯାତ୍ରୀ ଗୁରୁତର ହୋଇଥିଲେ। ଥାନା ଅଧିକାରୀ ପଦ୍ମାଳୟା ସାହୁ ଆହତମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବୁର୍ଲା ମେଡିକାଲକୁ ପଠାଇଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ବସ୍ ହେଲପର ମୟୂରଭଞ୍ଜ ଜିଲାର ବିଶ୍ୱରଞ୍ଜନ ମହାନ୍ତି (୩୫)ଙ୍କ ମୃତ୍ୟୁ ହୋଇଯାଇଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ବଦ୍ରିପ୍ରସାଦ ଇନ୍‌ଷ୍ଟିଚ୍ୟୁଶନରେ ନିଯୁକ୍ତିମେଳା

ସମ୍ବଲପୁର,୨୯।୨(ବି.ଶଙ୍କର) ସମ୍ବଲପୁର ଜିଲା ଦେବେଇପାଲିସ୍ଥିତ ବଦ୍ରିପ୍ରସାଦ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ ପରିସରରେ ମେଗା ନିଯୁକ୍ତିମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୫ କମ୍ପାନୀ ଅଂଶଗ୍ରହଣ କରି ଛାତ୍ରୀଛାତ୍ରଙ୍କୁ ଚାକିରି ସୁଯୋଗ ପ୍ରଦାନ କରିଥିଲେ। ମେଳାରେ ବଜାଜ ଫାଇନାନ୍ସ, ଏନ୍‌ଏସ୍‌ଡିସି ଓ ବିଏଫ୍‌ଏସ୍‌ଆଇ ସହଯୋଗ କରିଥିଲେ। ପ୍ରାୟ ୧ଶହ ଛାତ୍ର ଉପସ୍ଥିତ ରହି ୧୫ଟି କମ୍ପାନୀରେ ସାକ୍ଷାତ୍‌କାରରେ ଯୋଗଦେବାର ସୁଯୋଗ ପାଇଥିଲେ। ବିଏଫ୍‌ଏସ୍‌ଆଇ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ସାମିଲ ହୋଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବଦ୍ରିପ୍ରସାଦ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନର ସମ୍ପାଦକ ସଞ୍ଜୀବ ଅଗ୍ରୱାଲ ସମସ୍ତ ଅଂଶଗ୍ରହଣକାରୀ କମ୍ପାନୀକୁ କୃତଜ୍ଞତା ଜଣାଇଥିଲେ। ଇନ୍‌ଷ୍ଟିଚ୍ୟୁଶନର ପ୍ରଶିକ୍ଷଣ ଓ ନିଯୁକ୍ତି ଅଧିକାରୀ ରାଜଶେଖର ସିହ୍ନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଜୁଳି କଟିଲେ ଅନ୍ଧାରରେ ଇନ୍‌ଡୋର ବ୍ୟାଡ୍‌ମିଣ୍ଟନ ହଲ୍

## ଦେୟ ବଢ଼ିବା ସତ୍ତ୍ୱେ ମରାମତି ହେଉନି ଡିଜେ

ସମ୍ବଲପୁର,୨୯।୨(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ ପରିସରରେ ରହିଥିବା ଇନ୍‌ଡୋର ବ୍ୟାଡ୍‌ମିଣ୍ଟନ ହଲ୍‌ରେ ସହରର ବହୁ ଯୁବ ଓ ପ୍ରତିଭାବାନ ବ୍ୟାଡ୍‌ମିଣ୍ଟନ ଖେଳାଳି ନିୟମିତ ଅଭ୍ୟାସ କରିଥାନ୍ତି। ହେଲେ ବ୍ୟାଡ୍‌ମିଣ୍ଟନ ହଲ୍ ଓ ଜିମ୍‌ନାସିୟମ ପାଇଁ ରହିଥିବା ଡିଜେ ୧ ବର୍ଷ ହେଲା ଅକାମୀ ହୋଇ ପଡ଼ିରହିଥିବାରୁ ବିଜୁଳି କାଟ ହେଲେ ଦୀର୍ଘ ସମୟ ପର୍ଯ୍ୟନ୍ତ ହଲ୍ ଅନ୍ଧାରରେ ରହୁଛି। ଏହାଦ୍ୱାରା ଖେଳ ପ୍ରଭାବିତ ହେଉଛି।


ସମ୍ବଲପୁର ଇନ୍‌ଡୋର ବ୍ୟାଡ୍‌ମିଣ୍ଟନ ହଲ୍।

ପ୍ରଶାସନ ପକ୍ଷରୁ ବ୍ୟାଡ୍‌ମିଣ୍ଟନର ପ୍ରସାର ପାଇଁ ବ୍ୟାଡ୍‌ମିଣ୍ଟନ ଅର୍ଗାନାଇଜେଶନ ସମ୍ବଲପୁର (ବୋସ୍) ଗଠନ କରାଯାଇଥିଲା। ଏଥିରେ ବର୍ତ୍ତମାନ ୩୫ ଜଣ ଯୁବତୀଯୁବକ ବ୍ୟାଡ୍‌ମିଣ୍ଟନ ପ୍ରଶିକ୍ଷଣ ନେଉଛନ୍ତି। ସେମାନଙ୍କ ପାଇଁ ସ୍ୱତନ୍ତ୍ର କୋଚ ମଧ୍ୟ ନିଯୁକ୍ତ ହୋଇଛନ୍ତି। ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଏଠାରେ ପେ ଆଣ୍ଡ ପ୍ଲେ ନିୟମ ଲାଗୁ କରାଯାଇଛି। ସରକାରଙ୍କ ଅଧୀନ ବିଭିନ୍ନ କ୍ରୀଡ଼ାଙ୍ଗନରେ ଖେଳିବା ପାଇଁ ଏହି ଯୋଜନା ଲାଗୁ କରାଯାଇଛି। ଏହି ନିୟମ ଆଧାରରେ ପ୍ରିପେଡ୍ ଆକାରରେ ଖେଳ ଫି ଦେବାକୁ ହେଉଛି। ପର୍ବରୁ ୫୦୦ ଟଙ୍କା ଥିଲାବେଳେ ନିୟମ ଲାଗୁହେବା ପରେ ଇନ୍‌ଡୋର ବ୍ୟାଡ୍‌ମିଣ୍ଟନ ହଲ୍‌ରେ ଖେଳିବା ପାଇଁ ୧୦୦୦ ଟଙ୍କା ଧାର୍ଯ୍ୟ କରାଯାଇଥିଲା। ଫି ହ୍ରାସ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲେଖା ଅଭିଯାନ ଆରମ୍ଭ ହେଲାପରେ ମାସିକ ଫି ହ୍ରାସ କରାଯାଇ ୮୦୦ ଟଙ୍କା ଧାର୍ଯ୍ୟ କରାଯାଇଥିଲା। ଫି ବୃଦ୍ଧି କରାହେବା ସତ୍ତ୍ୱେ ଡିଜେର ମରାମତି କି ଅନ୍ୟ ବିକଳ୍ପ ବ୍ୟବସ୍ଥା କରାଯାଉ ନ ଥିବା ନେଇ ଖେଳାଳିମାନେ ଅଭିଯୋଗ କରିଛନ୍ତି। ବିଦ୍ୟୁତ୍‌କାଟ ହେଲେ ପଇସା ଦେଇ ଅଭ୍ୟାସ କରୁଥିବା ବ୍ୟାଡ୍‌ମିଣ୍ଟନ ଖେଳାଳି ଖେଳ ବନ୍ଦ କରି ବିଜୁଳି ଆସିବା ପର୍ଯ୍ୟନ୍ତ ବାହାରେ ଅପେକ୍ଷା କରୁଛନ୍ତି। ବାହାରେ ଆଲୋକ ସୁବିଧା ନ ଥିବାରୁ ଇନ୍‌ଡୋର ହଲ୍ ସମ୍ପୂର୍ଣ୍ଣ ଅନ୍ଧାର ହୋଇଯାଉଛି। କ୍ରୀଡ଼ା ବିଭାଗ ତଥା ଜିଲା ପ୍ରଶାସନ ଏହି ସମସ୍ୟା ଶୀଘ୍ର ସମାଧାନ କରିବାକୁ ଆମର ବ୍ୟାଡ୍‌ମିଣ୍ଟନ କ୍ଲବ ପକ୍ଷରୁ ସୂର୍ଯ୍ୟ ପାଣିଗ୍ରାହୀ ଦାବି ଜଣାଇଛନ୍ତି। ଏ ସଂକ୍ରାନ୍ତରେ ସମ୍ବଲପୁର ଇନ୍‌ଡୋର ଷ୍ଟାଡିୟମର ବ୍ୟାଡ୍‌ମିଣ୍ଟନ ମୁଖ୍ୟ କୋଚ ସୁବ୍ରତ ପାଢ଼ୀଙ୍କୁ ପଚାରିବାରୁ ସେ କହିଛନ୍ତି, ପେ ଆଣ୍ଡ ପ୍ଲେ ନିୟମରେ ସାମିଲ ହେଉଥିବା ଖେଳାଳିମାନେ ଅନ୍‌ଲାଇନରେ ସେମାନଙ୍କ ଫି ଜମା କରୁଛନ୍ତି। ଖେଳାଳିଙ୍କ ଟଙ୍କା ଆମ ପାଖକୁ ଆସୁନାହିଁ। ଇନ୍‌ଡୋର ଷ୍ଟାଡିୟମର ରକ୍ଷଣାବେକ୍ଷଣ ପାଇଁ କ୍ରୀଡା ବିଭାଗ ପକ୍ଷରୁ ଯାହା ବ୍ୟବସ୍ଥା କରାଯାଉଛି। ତେଣୁ ଜେନେରେଟର ଖରାପ ହେଲେ ମଧ୍ୟ ଆମେ ସିଧାସଳଖ ମରାମତି କରିପାରୁନାହୁଁ ବୋଲି ପାଢ଼ୀ କହିଛନ୍ତି। ରାଜ୍ୟ କ୍ରୀଡ଼ା ବିଭାଗ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

# ଗୁଳି ଚଳାଇ ଲୁଟ୍ ଉଦ୍ୟମ ଘଟଣା: ୨ ଗିରଫ

## ବନ୍ଧୁକ, ଗୁଳି, ବାଇକ୍ ସହ ନଗଦ ରାଶି ଜବତ

ସମ୍ବଲପୁର,୨୯।୨(ପ୍ରମୋଦ ବହିଦାର): ସମ୍ବଲପୁର ସହରର ଏକ ଜୁଏଲେରି ଦୋକାନ ମାଲିକଙ୍କୁ ଗୁଳିକରି ଲୁଟ୍ ଉଦ୍ୟମ ଘଟଣାରେ ପୋଲିସ ଗୁରୁବାର ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ମୁକେଶ ଭାମୁ ସୂଚନା ଦେଇ କହିଛନ୍ତି, ଗତ ୧୬ ତାରିଖରେ ସହରର ପାୟଲ ଜୁଏଲେରି ଦୋକାନରେ ଘଟିଥିବା ଗୁଳିକାଣ୍ଡ ଘଟଣାକୁ ନେଇ ଧନୁପାଲି ଥାନାରେ ଏକ ମାମଲା (ନଂ.୭୫/୨୪) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ଘଟଣାରେ ୮ଜଣ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ସେମାନଙ୍କ ମଧ୍ୟରୁ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମାଷ୍ଟର ମାଇଣ୍ଡ ବିହାର ସମସ୍ତିପୁର ଜିଲା ଦଲସିଂସରାଇ ଥାନା ମଇପୁର ଗ୍ରାମର ମୂଳବାସିନ୍ଦା ତଥା ବର୍ତ୍ତମାନ ଧନୁପାଲି ଥାନା ଟାଙ୍ଗରପାଲିରେ ରହୁଥିବା ସଞ୍ଜୟ ସାହା ଓରଫ ସାହୁ(୪୫) ଓ ଅଇଁଠାପାଲି ଥାନା ଅନୁଗୁଳିଆ ପଡ଼ାରେ ରହୁଥିବା ବଲାଙ୍ଗୀର ଜିଲା ସଇଁତଲା ଥାନା ଗୁମସର ଗ୍ରାମର ମୂଳବାସିନ୍ଦା ଟିକେଶ୍ୱର ସାହୁ(୫୧)। ସେମାନଙ୍କ ନିକଟରୁ ୨ ବାଇକ୍, ୩ ବନ୍ଧୁକ, ୭ ଜୀବନ୍ତ ଗୁଳି, ୨ମୋବାଇଲ ଫୋନ, ୯ ହଜାର ଟଙ୍କା ଜବତ କରାଯାଇଛି। ଏମାନେ ସମ୍ବଲପୁର ଓ ବରଗଡ଼ ଜିଲାର ୭ଟି ସୁନା ଦୋକାନ ଲୁଟ୍ ଘଟଣାରେ ସମ୍ପୃକ୍ତି ନେଇ ବିଭିନ୍ନ ଥାନାରେ ମାମଲା ରୁଜୁ ହୋଇଛି। ଏଥିରେ ଆଉ କେଉଁମାନଙ୍କର ସମ୍ପୃକ୍ତି ରହିଛି ସେ ନେଇ ଅଧିକ ତଦନ୍ତ ପାଇଁ ଗିରଫଦ୍ୱୟଙ୍କୁ ରିମାଣ୍ଡରେ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଉକ୍ତଦିନ ସ୍ପଷ୍ଟ ଦିବାଲୋକରେ ଅଭିଯୁକ୍ତମାନେ ଗୋବିନ୍ଦତୋଲାସ୍ଥିତ ନ୍ୟୁପାୟଲ ଜୁଏଲେରିରେ ଡକାୟତି ଉଦ୍ୟମ କରିଥିଲେ। ମାତ୍ର ଦୋକାନ ମାଲିକ ସୁଜିତ ସ୍ୱର୍ଣ୍ଣକାର ବାଧାଦେବାରୁ ସେମାନେ ଲୁଟ୍ କରିବାରେ ବିଫଳ ହୋଇ ତାଙ୍କ ଉପରକୁ ଗୁଳି ଚାଳନାକରି ଫେରାର ହୋଇଯାଇଥିଲେ। ଗୁଳିମାଡ଼ରେ ଆହତ ସୁଜିତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ସେ ଚିକିତ୍ସାଧୀନ ଥିବା ଏସ୍‌ପି ଭାମୁ ସୂଚନା ଦେଇଛନ୍ତି।


ଖବରଦାତା ସମ୍ମିଳନୀରେ ଏସ୍‌ପି ମୁକେଶ ଭାମୁ।

# ସମ୍ବଲପୁରରେ ଜମି ଅଧିକାର ପ୍ରମାଣପତ୍ର ବଣ୍ଟନ

ସମ୍ବଲପୁର,୨୯।୨(ଭବାନୀ ଶଙ୍କର ଭୋଇ) ସହରାଞ୍ଚଳରେ ସରକାରୀ ଜାଗାରେ ରହୁଥିବା ବସ୍ତି ଅଞ୍ଚଳର ଲୋକଙ୍କୁ ଜାଗା ମିଶନ ଜରିଆରେ ଗୁରୁବାର ସମ୍ବଲପୁର ମନ୍ଦଲିଆ ପଡ଼ିଆରେ ଜମି ଅଧିକାର ପ୍ରମାଣପତ୍ର ବଣ୍ଟନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ଜରିଆରେ କାର୍ଯ୍ୟକ୍ରମରେ ସାମିଲ ହୋଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ବଲପୁର ମହାନଗର ଅଞ୍ଚଳର ହୀରାକୁଦ, ବୁର୍ଲା ଓ ସମ୍ବଲପୁରର ମୋଟ ୧୦ ହଜାର ୫ ଜଣ ହିତାଧିକାରୀଙ୍କୁ ଏଥିରେ ଜମି ଅଧିକାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ସମ୍ବଲପୁର ମହାନଗର ନିଗମ କମିଶନର ବେଦ ଭୂଷଣ ଓ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ୬ ଜଣ ହିତାଧିକାରୀ ସେଣ୍ଟର ଲାଇନର ଲିଲି ଖଡିଆ, ସାଲିହା ବଗିଚାର ବୃନ୍ଦା କାଣ୍ଡା, ଆମ୍ବେଡକର ନଗରର ନୁରି ଦାସ, ମାୟାବଗିଚାର ତରଣୀ ସୁନା, ମାଳି ବଗିଚାର ବିନୋଦିନୀ ପ୍ରଧାନ ଓ ରେମେଡ ହରିଜନପଡ଼ାର ଗୁଲା ଗର୍ଡିଆଙ୍କୁ ଜାଗା ମିଶନ ଜରିଆରେ ଜମି ଅଧିକାର ପ୍ରମାଣପତ୍ର ବଣ୍ଟନ କରାଯାଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ହିତାଧିକାରୀ ମିଥିଳା ପରିଡ଼ା ମଞ୍ଚରେ ନିଜର ଅନୁଭୂତି କହିଥିଲେ। ହିତାଧିକାରୀଙ୍କୁ ଜମି ଅଧିକାର ପ୍ରମାଣପତ୍ର ବଣ୍ଟନ ପାଇଁ ୩୨ଟି କାଉଣ୍ଟର ଖୋଲାଯାଇଥିଲା। ସମ୍ବଲପୁର ମହାନଗର ନିଗମ କମିଶନର ବେଦ ଭୂଷଣ ଓ ଡେପୁଟି କମିଶନର ତଥା ଜାଗା ମିଶନର ନୋଡାଲ ଅଧିକାରୀ ଶୁଭଦିପ୍ତା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏହି ଯୋଜନା ଜରିଆରେ ସହରକୁ ବସ୍ତିମୁକ୍ତ କରି ରାଜ୍ୟ ସରକାରଙ୍କ ପକ୍ଷରୁ ବସ୍ତିବାସିନ୍ଦାଙ୍କୁ ଉନ୍ନତ ସୁବିଧା ଯୋଗାଇଦେବାର ଲକ୍ଷ୍ୟ ରଖାଯାଇଥିବା ଅତିଥିମାନେ ମତ ଦେଇଥିଲେ।


ପ୍ରମାଣପତ୍ର ପାଇଥିବା ହିତାଧିକାରୀ।

## ମୁଖ୍ୟମନ୍ତ୍ରୀ, ୫-ଟି ଅଧ୍ୟକ୍ଷଙ୍କୁ କୃତଜ୍ଞତା

ସମ୍ବଲପୁର,୨୯।୨(ବି.ଶଙ୍କର)- ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ଭୂମିହୀନ ବସ୍ତି ବାସିନ୍ଦାମାନଙ୍କୁ ଜାଗା ମିଶନ ଅନ୍ତର୍ଗତ ଭୂମି ଅଧିକାର ସାର୍ଟିଫିକେଟ (ଏଲ୍‌ଆର୍‌ସି) ପ୍ରଦାନ ପ୍ରକ୍ରିୟା ଗୁରୁବାରଠାରୁ ଆରମ୍ଭ ହୋଇଛି। ଏଥିପାଇଁ ସମ୍ବଲପୁର ମହାନଗର ନିଗମ ବସ୍ତି ବାସିନ୍ଦା ମହାସଂଘ କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଛନ୍ତି। ଗୁରୁବାର ସମ୍ବଲପୁର କାଇଁଶିର ରୋଡସ୍ଥିତ କାର୍ଯ୍ୟାଳୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ମହାସଂଘ ଉପସଭାପତି ଲିଙ୍ଗରାଜ ତ୍ରିପାଠୀ, ନାସିର ଫରାଜ, ସାଧାରଣ ସମ୍ପାଦକ ଭରତ ସୁନା, ନରେଶ ଭରଦ୍ୱାଜ, ଧରତୀ ଛାତ୍ରପାଲ, ସମ୍ପାଦକ ବନମାଳୀ ନାଗ, ସୁଦେଶ ପାଲ, ସୂର୍ଯ୍ୟକାନ୍ତ ସ୍ୱାଇଁ, ଅଭିମନ୍ୟୁ ରାଉତ ପ୍ରମୁଖ ଯୋଗଦେଇଥିଲେ।

### ପ୍ରଦୀପ ପଣ୍ଡା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସାଧାରଣ ପରିଷଦ ସଭ୍ୟ ମନୋନୀତ

ସମ୍ବଲପୁର,୨୯।୨(ଭବାନୀ ଶଙ୍କର ଭୋଇ) ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅନୁମୋଦନ କ୍ରମେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁନର୍ଗଠିତ ହୋଇଛି। ଏକାଡେମୀ ସମ୍ବିଧାନର ପୂର୍ବ ନିୟମରେ ସଂଶୋଧନ କରାଯାଇ ପ୍ରଥମ ଥର ପାଇଁ ୩୦ ଜିଲାରୁ ୩୦ ଜଣ ସଦସ୍ୟଙ୍କୁ ସାଧାରଣ ପରିଷଦରେ ସ୍ଥାନ ଦିଆଯାଇଛି। ଏଥିରେ ସମ୍ବଲପୁର ଜିଲାର ନାଟ୍ୟକର୍ମୀ ପ୍ରଦୀପ ପଣ୍ଡା ୩ବର୍ଷ ପାଇଁ ସ୍ଥାନ ପାଇଛନ୍ତି। ଅଭିନୟ ପାଇଁ ସେ ୨୦୨୨ରେ ଏକାଡେମୀ ପୁରସ୍କାର ସହ ୨୦୧୨ରେ ବିଷୁବ ସମ୍ମାନ ଓ ୨୦୨୩ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନିତ କରାଯାଇଥିଲା। ସେ ଏକାଧାରାରେ ଜଣେ ନାଟ୍ୟ ଅଭିନେତା ଓ ନିର୍ଦ୍ଦେଶକ। ତାଙ୍କ ଅଭିନିତ ଓ ନିର୍ଦ୍ଦେଶିତ ସମ୍ବଲପୁରୀ ନାଟକ ରାମଦାସର କଥାନୀ, ତମ ଅଛ ବୋଲି, କେତେଦୂରେ ମୋର ଆକାଶ, ଭାର, ଦିନ, ଫୁଲ ଆଦି ବେଶ ଲୋକପ୍ରିୟ ହୋଇପାରିଛି। ସମ୍ବଲପୁରରେ ବହୁ ନାଟ୍ୟପ୍ରେମୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ

ସମ୍ବଲପୁର,୨୯।୨(ବି.ଶଙ୍କର) ମାନେଶ୍ୱର ମାନଧାତା ବାବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଗତ ୧୯ ତାରିଖରୁ ଶିବିର ହୋଇଥିଲା। ଏଥିରେ ୧୦୧ ଜଣ ଶିକ୍ଷାର୍ଥୀ ଯୋଗଦେଇ ଆତ୍ମରକ୍ଷା କୌଶଳ ଶିକ୍ଷା ଗ୍ରହଣ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଗଣ୍ଡାରାମ ଘଡିଏଲଙ୍କ ତତ୍ତ୍ୱାବଧାନ ଓ କ୍ରୀଡା ଶିକ୍ଷକ ପ୍ରଦୀପ ସାହୁଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ପ୍ରଶିକ୍ଷିକା ବୃନ୍ଦାବତୀ ମୁଣ୍ଡା ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଅଧ୍ୟାପକ ଡ. ସତ୍ୟ ନାରାୟଣ ଠାକୁର, ସତ୍ୟ ନାରାୟଣ ଚୌଧୁରୀ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ।

# ପାରମ୍ପରିକ ଫସଲର ବିବିଧତାକୁ ହତ୍ୟା କରିଛି ଆଧୁନିକ ବିଜ୍ଞାନ


ଜାତୀୟ ବିଜ୍ଞାନ ଦିବସ ଉପଲକ୍ଷେ ଜାତୀୟ ସମ୍ମିଳନୀରେ ଅତିଥିମାନେ।

ସମ୍ବଲପୁର,୨୯।୨(ବି.ଶଙ୍କର)- ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ରେ ଜାତୀୟ ବିଜ୍ଞାନ ଦିବସ ଉପଲକ୍ଷେ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପାରମ୍ପରିକ ଜ୍ଞାନ ଓ ପରମ୍ପରାର ନବଉନ୍ମେଷକୁ ଭିସୁଟ କୁଳପତି ପ୍ରଫେସର ବଂଶୀଧର ମାଝି ଉଦ୍‌ଘାଟନ କରିଥିଲେ। ସି. ଭି. ରମଣଙ୍କ ଯୁଗାନ୍ତକାରୀ ଆବିଷ୍କାରରୁ ପ୍ରେରଣା ନେଇ ଗବେଷକମାନେ ଲୋକଙ୍କ କଲ୍ୟାଣ ପାଇଁ ଗବେଷଣା କରିବାକୁ ପ୍ରେରିତ କରିଥିଲା ବୋଲି କୁଳପତି ତାଙ୍କ ବକ୍ତବ୍ୟରେ କହିଥିଲେ। ସମ୍ବଲପୁର ମହାନଗର ନିଗମ କମିଶନର ବେଦ ଭୂଷଣ ମୁଖ୍ୟଅତିଥି ଭାବେ ଯୋଗଦେଇ ସରକାରୀ ଗବେଷଣା ଉପକରଣ ଗବେଷକ, ଅଧ୍ୟାପକଙ୍କ ପାଇଁ କିପରି ବ୍ୟବହାର ହୋଇପାରିବ ସେଥିପାଇଁ ଶିକ୍ଷାବିତ୍ ଓ ଗବେଷକ ଏକାଠି ବସି ସମାଧାନର ବାଟ ବାହାର କରିବା ଉଚିତ ବୋଲି କହିଥିଲେ। କାର୍ଯ୍ୟକ୍ରମ ସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତି ରମଣଙ୍କ ଗବେଷଣାର ବିଭିନ୍ନ ଦିଗ କିପରି ସାମ୍ପ୍ରତିକ ବିଜ୍ଞାନକୁ ଉଦ୍ଦିମନ୍ତ କରିଛି ତାହା କହିଥିଲେ। ସମ୍ମାନିତ ବକ୍ତା ପ୍ରଫେସର ପ୍ରଶାନ୍ତ କୁମାର ପାଣିଗ୍ରାହୀ କହିଥିଲେ, ଚନ୍ଦ୍ରଶେଖର ଭେଙ୍କଟ ରମଣ ବାସ୍ତବରେ ଭାରତର ରତ୍ନ ଥିଲେ। ଭାରତର ପୁରପଲ୍ଲୀରେ ବହୁଳ ବ୍ୟବହୃତ ବାଦ୍ୟଯନ୍ତ୍ରରେ ଶବ୍ଦ କିପରି ସୃଷ୍ଟି ହେଉଛି ତା'ର ଗାଣିତିକ ସୂତ୍ର ରମଣ ହିଁ ଜଣାଇଥିଲେ। ସମ୍ମାନିତ ବକ୍ତା ମୋହିନୀ ମୋହନ ମିଶ୍ର ଆଧୁନିକ ବିଜ୍ଞାନ ପାରମ୍ପରିକ ଫସଲର ବିବିଧତା ହତ୍ୟା କରିଛି ବୋଲି କହିଥିଲେ। ଜୀବନବ୍ୟାପୀ ସାଧନା ପାଇଁ ଓଡିଶା ବିଜ୍ଞାନ ମଣ୍ଡଳ ସମ୍ବଲପୁର ପକ୍ଷରୁ ଆଇଜର, କଲିକତାର ପ୍ରାକ୍ତନ ନିର୍ଦ୍ଦେଶକ ଓ ବିଶିଷ୍ଟ କ୍ୱାଣ୍ଟମ ଗବେଷକ ପ୍ରଫେସର ପ୍ରଶାନ୍ତ କୁମାର ପାଣିଗ୍ରାହୀଙ୍କୁ ଭାରତରତ୍ନ ଭେଙ୍କଟରମଣ ଗବେଷକ ସମ୍ମାନ -୨୦୨୪ ଓ ମାଧ୍ୟମିକ ଶିକ୍ଷା ବୋର୍ଡର ଅବସରପ୍ରାପ୍ତ ବିଜ୍ଞାନ ବିଶେଷଜ୍ଞ କିଶୋର ଚନ୍ଦ୍ର ମହାନ୍ତିଙ୍କୁ ଭାରତରତ୍ନ ଭେଙ୍କଟରମଣ ଶିକ୍ଷା ସମ୍ମାନ -୨୦୨୪ ପ୍ରଦାନ ପୂର୍ବକ ସ୍ମୃତି ଚିହ୍ନ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ପଦାର୍ଥ ବିଜ୍ଞାନର ବରିଷ୍ଠ ପ୍ରାଧ୍ୟାପିକା ଡ. ସୁନନ୍ଦା କୁମାରୀ ପତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ବଲପୁରୀ ଧନୁଯାତ୍ରାର ଶୁଭସ୍ତମ୍ଭ ସ୍ଥାପନ

ସମ୍ବଲପୁର,୨୯।୨(ପ୍ରମୋଦ ବହିଦାର): ସମ୍ବଲପୁର ଗଙ୍ଗାଧର ମଣ୍ଡପରେ ଆସନ୍ତା ମାର୍ଚ୍ଚ ୬ରୁ ୧୦ ତାରିଖ ପର୍ଯ୍ୟନ୍ତ ସମ୍ବଲପୁରୀ ଧନୁଯାତ୍ରା ଅନୁଷ୍ଠିତ ହେବ। ଏଥିପାଇଁ ଶ୍ରୀ ବ୍ରହ୍ମପଣ୍ଡିତ ମହାସଭା, ସମ୍ବଲପୁର ପଣ୍ଡିତ ସଚ୍ଚିଦାନନ୍ଦ ପ୍ରସାଦ ମିଶ୍ରଙ୍କ ଦ୍ୱାରା ଯଥାବିଧି ପୂଜାର୍ଚ୍ଚନା ପୂର୍ବକ ଗଙ୍ଗାଧର ମଣ୍ଡପରେ ଶୁଭସ୍ତମ୍ଭ ସ୍ଥାପିତ ହୋଇଛି। ଏଥିରେ ସମ୍ବଲପୁରୀ ଧନୁଯାତ୍ରା କମିଟି ସଭାପତି ସଞ୍ଜୟ ବାବୁ, ସମ୍ପାଦକ ଗୁଣରଞ୍ଜନ ସାଲିମା କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟି ଉପସଭାପତି ଜୟକୃଷ୍ଣ ବେହେରା, ରାମଦାଶ ପଣ୍ଡା, ସହସମ୍ପାଦକ କୃଷ୍ଣଚନ୍ଦ୍ର ବାଗ୍, କୋଷାଧ୍ୟକ୍ଷ ନିଶିକାନ୍ତ ବିଶ୍ୱାଳ, ଚୈତନ୍ୟ ନାୟକଙ୍କ ସମେତ ସମ୍ବଲପୁରୀ ଧନୁଯାତ୍ରାର ଲେଖକ ଓ ନିର୍ଦ୍ଦେଶକ ବାବଲୁ ବାଗ, ବ୍ରହ୍ମପଣ୍ଡିତ ମହାସଭାର ପଣ୍ଡିତ ଅମରନାଥ ମିଶ୍ର, ରବିନାରାୟଣ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ବୈଠକ

ଜମନକିରା,୨୯।୨(ରବୀନ୍ଦ୍ର ପ୍ରସାଦ ଦାନି) ସମ୍ବଲପୁର ଜିଲା ପ୍ରଶାସନ ଓ ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜମନକିରା ବ୍ଲକ ସିରିଡ଼ ପଞ୍ଚାୟତ ସିରିଡ଼ ଗ୍ରାମରେ ରୋପ ଅନୁଷ୍ଠାନ ତରଫରୁ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିରିଡ଼ ସରପଞ୍ଚ ଗଜେନ୍ଦ୍ର ନାଏକ ଅଧ୍ୟକ୍ଷତା କରିଥିବା ବେଳେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନୟନ କୁମାର ପଟେଲ ଓ ସମିତିସଭ୍ୟ ଯଶିନ୍ତା କିଷାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀ ଅବଗତ କରିଥିଲେ। ଏହାପରେ ରୋପ ଅନୁଷ୍ଠାନର ବ୍ଲକ ସଂଯୋଜିକା ତୃପ୍ତିମୟୀ ଦାଶ ଗ୍ରାମ ସ୍ତରରେ କିପରି ବିପର୍ଯ୍ୟୟ ପ୍ରଶମନ ଯୋଜନା ପ୍ରସ୍ତୁତ କରାଯିବ ଓ ଏଥିପାଇଁ ରହିଥିବା ବିଭିନ୍ନ କମିଟି ସମ୍ପର୍କରେ ଅବଗତ କରିଥିଲେ। ପଞ୍ଚାୟତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ସ୍ଥାନୀୟ ୱାର୍ଡମେମ୍ବର, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ସିଆର୍‌ପି, ସ୍ୱୟଂସହାୟକ ଗୋଷ୍ଠୀ ମହିଳା, ବିଭିନ୍ନ କମିଟିର ସଭାପତି, ଆଦିବାସୀ ଓ ହରିଜନ ସମ୍ପ୍ରଦାୟର ସଭାପତି, ପ୍ରାଣୀମିତ୍ର, ଗ୍ରାମ ସାଥି ଅଂଶଗ୍ରହଣ କରିଥିଲେ। ବୈଠକରେ ଗ୍ରାମ୍ୟ ସ୍ତରୀୟ ବିପର୍ଯ୍ୟୟ ପରିଚାଳନା କମିଟି ଗଠନ ପାଇଁ ଚେୟାରମ୍ୟାନ, ସମ୍ପାଦିକା ଓ ସଭ୍ୟାସଭ୍ୟଙ୍କ ନାମ ଚୟନ କରାଯାଇଥିଲା। ଶେଷରେ ମିଲି ବାଦୀ ଧନ୍ୟବାଦ ଅର୍ପଣ କରିଥିଲେ।


ବୈଠକରେ ମଞ୍ଚାସୀନ ଅତିଥିମାନେ।

# ପାଣିଟାଙ୍କି ନିର୍ମାଣ ନ କରି ୨୯ଲକ୍ଷ ଚଳୁ ଅଭିଯୋଗ

କୁଚିଣ୍ଡା,୨୯।୨(ବିରଞ୍ଚି ଦର୍ଶୀ) କୁଚିଣ୍ଡା ବ୍ଲକରେ ଆମ ଓଡ଼ିଶା ନବୀନ ଓଡ଼ିଶା ମାଧ୍ୟମରେ ବିକାଶମୂଳକ ଯୋଜନା ନେଇ ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ମାତ୍ର ବାଉରିଗୋଡା ପଞ୍ଚାୟତ ଭାଲୁବାହାଲ ଗ୍ରାମରେ ଆଦୌ କାମ ନ ହୋଇ ବସୁଧା ଯୋଜନାରେ କାମ ହୋଇଥିବା ଅନ୍ୟ ଅଞ୍ଚଳର ଏକ ଫଟୋ ଲଗାଇ ବିକାଶ ହୋଇଛି ବୋଲି ଦର୍ଶାଯାଇଛି। ଏଭଳି ମିଥ୍ୟା ତଥ୍ୟ ସାମ୍ନାକୁ ଆସିବା ପରେ ଭାଲୁବାହାଲ ଗ୍ରାମବାସୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏହାର ପ୍ରତିବାଦରେ ସେମାନେ ଗୁରୁବାର କୁଚିଣ୍ଡା ବିଡିଓ ଓ ଉପଜିଲାପାଳ ଅଫିସ ଘେରାଉ କରି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଜଣାଇଛନ୍ତି।

ଅଭିଯୋଗ ଅନୁସାରେ, ବସୁଧା ଯୋଜନା (ଆର୍‌ଆଇଏଫ୍‌ଡି)ରେ ୨୯ଲକ୍ଷ ୧୦ହଜାର ଟଙ୍କା ବ୍ୟୟରେ ଭାଲୁବାହାଲ ଗ୍ରାମରେ ଏକ ପାନୀୟଜଳ ପ୍ରକଳ୍ପ ମାଧ୍ୟମରେ ଲୋକଙ୍କୁ ପିଇବା ପାଣି ଯୋଗାଇ ଦିଆଯାଇଥିବା ବିକାଶ ପୁସ୍ତିକାରେ କୁହାଯାଇଛି। ମାତ୍ର ଭାଲୁବାହାଲ ଗ୍ରାମରେ ପିଇବା ପାଣି ସଙ୍କଟ ରହିଥିବା ବେଳେ ଆଦୌ ପ୍ରକଳ୍ପ ନିର୍ମାଣ ନ କରି ଉଦ୍ଦିଷ୍ଟ ଅର୍ଥକୁ ଆତ୍ମସାତ୍ କରାଯାଇଥିବା ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି। ବିକାଶ ପୁସ୍ତିକା ପହଞ୍ଚିବା ପରେ ଏହାକୁ ନେଇ ଗ୍ରାମରେ ଏକ ସଭା କରି ଗ୍ରାମବାସୀ ବିଡିଓ, ଉପଜିଲାପାଳ ଓ ଜିଲାପାଳଙ୍କୁ ଅଭିଯୋଗ ପତ୍ର ପ୍ରଦାନକରି ଏହାର ତଦନ୍ତ ଦାବି କରିଛନ୍ତି। ବିକାଶ ପୁସ୍ତିକାରେ ପ୍ରକାଶିତ ଫଟୋଟି ଅନ୍ୟ ଅଞ୍ଚଳର ହୋଇଥିବା ବେଳେ ଏହି ଯୋଜନାର ଉଦ୍ଦିଷ୍ଟ ଅର୍ଥକୁ ବାଟ ମାରଣା କରାଯାଇଥିବା ଗ୍ରାମବାସୀ ଏଥିରେ ଉଲ୍ଲେଖ କରିଛନ୍ତି। ଏହାଛଡା ବାଉରିଗୋଡା ପଞ୍ଚାୟତରେ ବିଏସ୍‌କେୱାଇ କାର୍ଡରେ ସେବତୀ ସାହୁ ନାମ୍ନୀ ଜଣେ ମହିଳା ସୁବିଧା ପାଇଥିବା ବିକାଶ ପୁସ୍ତିକାରେ ଉଲ୍ଲେଖ କରାଯାଇଛି। ମାତ୍ର ମହିଳା ଜଣକ ମେଡିକାଲ ଯାଇ ଏଥିରୁ ଲାଭବାନ ହୋଇ ନ ଥିବା ବେଳେ ପୁସ୍ତିକାରେ କିନ୍ତୁ ଲଗାଯାଇଥିବା ଫଟୋଟି ଭାଲୁବାହାଲ ଗ୍ରାମର ବିନୋଦିନୀ କଣ୍ଟାଙ୍କ ବୋଲି ଗ୍ରାମବାସୀ କହିଛନ୍ତି। ଏଭଳି ଅନିଚ୍ଛାକୃତ ତ୍ରୁଟି ଯୋଗୁ ଗ୍ରାମବାସୀ ଭବିଷ୍ୟତରେ ବସୁଧା ଓ ବିଏସ୍‌କେୱାଇ ଯୋଜନାରେ ବଞ୍ଚିତ ହେବେ ବୋଲି ଏଥିରେ ଦର୍ଶାଇଛନ୍ତି। ଏହି ଘେରାଉ କାର୍ଯ୍ୟକ୍ରମରେ ପଞ୍ଚାୟତ ସରପଞ୍ଚ ଗୋବର୍ଦ୍ଧନ ବାଘ, ସମିତି ସଭ୍ୟ ପରେଶ ପଟେଲ, ୱାର୍ଡମେମ୍ବର ପୌଲସ୍ତି ମନୋହରୀ, ଏମ୍‌ବିକେ କ୍ଷୀରୋଦିନୀ କଣ୍ଟା, ସିଆର୍‌ପି କମଳା ନାୟକ, ଝୁନୁ ପଟେଲ, ମଞ୍ଜୁଲତା କିଷାନ, ଆରତୀ ପଧାନ, ବିନୋଦିନୀ କଣ୍ଟା, ଗୋଲପି ଅଟି, ପଙ୍କଜିନୀ ଭଇଁଷାଙ୍କ ସମେତ ଶତାଧିକ ମହିଳାପୁରୁଷ ସାମିଲ ହୋଇଥିଲେ। ଏ ସମ୍ପର୍କରେ କୁଚିଣ୍ଡା ବିଡିଓ ନିରଞ୍ଜନ ସାଙ୍କୁ ପଚାରିବାରେ ଭୁଲବଶତଃ ବିକାଶ ପୁସ୍ତିକାରେ ତ୍ରୁଟିପୂର୍ଣ୍ଣ ତଥ୍ୟ ପ୍ରକାଶ ପାଇଛି। ଏହାର ସଂଶୋଧନ କରାଯାଇ ପୁନଃ ପ୍ରକାଶ କରାଯିବ ବୋଲି ସେ କହିଛନ୍ତି।


ଉପଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ମହିଳା ପୁରୁଷ।

# ଏଲିନାଙ୍କୁ ଦିଲୀପଙ୍କ ପ୍ରଶଂସା

ରାଉରକେଲା,୨୯।୨(ପି.ଟି.)

ହକି ଇଣ୍ଡିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଏଲିନା ନର୍ମାନ ମଙ୍ଗଳବାର ଇସ୍ତଫା ପ୍ରଦାନ କରିବା ପରେ ସଭାପତି ଦିଲୀପ ତିର୍କୀ ମୁହଁ ଖୋଲିଛନ୍ତି। ଜଣେ ସିଇଓ ଭାବରେ ଏଲିନା ଉଲ୍ଲେଖନୀୟ କାମ କରିବା ସହ ଭାରତରେ ହକିର ବିକାଶ କରିଛନ୍ତି ବୋଲି ସେ କହିଛନ୍ତି। ତେବେ ହକି ଇଣ୍ଡିଆରେ ଗୋଷ୍ଠୀ ବିବାଦ ଚାଲିଥିବା ନେଇ ଏଲିନା କରିଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି ପୂର୍ବତନ ଭାରତୀୟ ଅଧିନାୟକ। ଗୁରୁବାର ଗଣମାଧ୍ୟମ ପ୍ରତିନିଧିଙ୍କ ସହ ବାର୍ତ୍ତାଳାପ ସମୟରେ ସେ ଏହି ବୟାନ ଦେଇଛନ୍ତି। ତେବେ ଭାରତୀୟ ହକିର ବିକାଶରେ ଏଲିନାଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି ଦିଲୀପ। ସେ ଦାୟିତ୍ୱ ନେବା ପରଠାରୁ ଭାରତୀୟ ହକି ନିୟମିତ ସଫଳ ହୋଇଥିଲା ବୋଲି କହିଥିଲେ। ଏହା ସହ ଭାରତୀୟ ହକି ପ୍ରତି ଏଲିନାଙ୍କ ଅବଦାନକୁ


ଦିଲୀପ ତିର୍କୀ

ଆମେ ସମ୍ମାନ କରୁଛୁ ବୋଲି ସେ କହିଛନ୍ତି। ମଙ୍ଗଳବାର ଇସ୍ତଫା ପ୍ରଦାନ କରିବା ସହ ଗୋଷ୍ଠୀ ବିବାଦର ଅଭିଯୋଗ ଆଣିଥିଲେ ଏଲିନା। ସେ କହିଥିଲେ, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଓ ମୁଁ ଗୋଟିଏ ଗୋଷ୍ଠୀରେ ଥିବାବେଳେ ମହାସଚିବ ଭୋଳାନାଥ ସିଂ, କାର୍ଯ୍ୟକାରୀ ନିର୍ଦ୍ଦେଶକ କମୋଡର ଆର୍. କେ. ଶ୍ରୀବାସ୍ତବ ଓ କୋଷାଧ୍ୟକ୍ଷ ଜେ. ମନୋହରନ ଅନ୍ୟ ଏକ ଗୋଷ୍ଠୀରେ ରହିଥିଲେ। ଦୁଇଟି ଗୋଷ୍ଠୀ ମଧ୍ୟରେ ଦ୍ୱନ୍ଦ୍ୱ ରହିଥିବା ବେଳେ ଆବଶ୍ୟକ ଫଳାଫଳ ମିଳିବା କଷ୍ଟକର ବୋଲି ସେ କହିଥିଲେ। ତେବେ ବୁଧବାର ଉଭୟ ଦିଲୀପ ଓ ଭୋଳାନାଥ ସିଂ ଏହି ଅଭିଯୋଗକୁ ଖଣ୍ଡନ କରିଥିଲେ। ଏଲିନା ନିଜ ବୟାନରେ ଦିଲୀପ ଭାରତୀୟ ହକିର ବିକାଶ ପାଇଁ କାର୍ଯ୍ୟ କରୁଥିବା ନେଇ କହିଥିବା ବେଳେ ଭୋଳାନାଥ କେବଳ କ୍ଷମତା ହାସଲ ପାଇଁ ଚାହାନ୍ତି ବୋଲି କହିଥିଲେ।

ଏହା ସହ ଭାରତୀୟ ମହିଳା ଦଳର ଖରାପ ପ୍ରଦର୍ଶନକୁ ନେଇ ଆଲୋଚନା ହେଉଥିବା ବେଳେ ଏହା ଉପରେ ମଧ୍ୟ ବୟାନ ଦେଇଛନ୍ତି ହକି ଇଣ୍ଡିଆ ସଭାପତି। ସେ କହିଛନ୍ତି ୨୦୨୩ରେ ଭାରତୀୟ ମହିଳା ହକି ଦଳ ଚମତ୍କାର ପ୍ରଦର୍ଶନ କରିଥିଲା। ତେବେ ଭାଗ୍ୟ ଭାରତର ସାଥ୍ ନ ଦେବା କାରଣରୁ ଆମେ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲରେ ବିଫଳ ହୋଇଥିଲୁ। ଏଫ୍ଆଇଏଚ୍ ନେସନ୍ସ କପ୍, ଏସିଆନ୍ ଗେମ୍ସ ଓ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟରେ ଭାରତୀୟ ଦଳ ଚମତ୍କାର ପ୍ରଦର୍ଶନ କରିଥିଲେ ହେଁ ଯୋଗ୍ୟତା ହାସଲରେ ବିଫଳ ହୋଇଥିଲା। ଏହା ସହିତ ମହିଳା ହକି ଦଳର ବିଦାୟୀ କୋଚ୍ ଜାନେକ୍ ସ୍କୁପମାନଙ୍କୁ ମଧ୍ୟ ଦିଲୀପ ପ୍ରଶଂସା କରିଥିଲେ। ଭାରତୀୟ ଦଳ କାହିଁକି ବିଫଳ ହେଲା ଏହାର ବିଶ୍ଳେଷଣ ମଧ୍ୟ କରିଛୁ। ଆଉଥରେ ଆରମ୍ଭ କରିବା ପାଇଁ ଏହା ଲାଭଦାୟକ ହେବ। ମହିଳା ଦଳ ପାଇଁ ସମସ୍ତ ପ୍ରକାର ଆବଶ୍ୟକ ସୁବିଧା ଯୋଗାଇ ଦିଆଯିବ ବୋଲି କହିଛନ୍ତି ଦିଲୀପ। ପୁରୁଷ ଦଳ ପ୍ୟାରିସ୍ ୨୦୨୪ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିସାରିଥିବା ବେଳେ ଭଲ ପ୍ରଦର୍ଶନ କରିବା ନେଇ ଆଶାବାଦୀ ବୋଲି ସେ କହିଛନ୍ତି।

# ସିଲେକ୍ସନ ଟ୍ରାଏଲ୍ସରେ ସାମିଲ ହେବେନି ବଜରଙ୍ଗ

ନୂଆଦିଲ୍ଲୀ, ୨୯।୨(ପି.ଟି.)

ଆଗାମୀ ନ୍ୟାଶନାଲ ସିଲେକ୍ସନ ଟ୍ରାଏଲ୍ସରେ ଭାଗ ନେବେ ନାହିଁ ଅଗ୍ରଣୀ ଭାରତୀୟ କୁସ୍ତିଯୋଦ୍ଧା ବଜରଙ୍ଗ ପୁନିଆ। ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍ଆଇ) ତରଫରୁ ତାଙ୍କୁ କରାଯାଇଥିବା ଆମନ୍ତ୍ରଣକୁ ସେ ପ୍ରତ୍ୟାଖ୍ୟାନ କରିଛନ୍ତି। ଅନ୍ୟପକ୍ଷରେ ମାର୍ଚ୍ଚ ୧୦-୧୧ରେ ଡବ୍ଲ୍ୟୁଏଫ୍ଆଇ ତରଫରୁ ଆୟୋଜିତ ଏହି ସିଲେକ୍ସନ ଟ୍ରାଏଲ୍ସ ଉପରେ ରହିତାଦେଶ ପାଇଁ ସେ ଦିଲ୍ଲୀ ହାଇକୋର୍ଟରେ ଏକ ମିଳିତ ପିଟିଶନ ଦାଖଲ କରିଛନ୍ତି। ଖବର ଅନୁସାରେ ବଜରଙ୍ଗ, ଭିନେଶ ଫୋଗଟ, ସାକ୍ଷୀ ମଲିକ ଏବଂ ତାଙ୍କ ସ୍ୱାମୀ ସାତ୍ୟିର୍ତ୍ତ କାଡିୟାନ ବୁଧବାର କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମାମଲାର ଶୁଣାଣି ଶୁକ୍ରବାର ହେବ। ତେବେ ବଜରଙ୍ଗ ପିଟିଶନ ଦାଖଲ କରିଥିବା ବିଷୟ ସ୍ପଷ୍ଟ କରିନାହାନ୍ତି। ଭାରତର କୁସ୍ତି ବ୍ୟାପାରରେ ସରକାର କାହିଁକି ନୀରବତା ଅବଲମ୍ବନ କରୁଛନ୍ତି ସେ ନେଇ ପ୍ରଶ୍ନ ଉଠାଇଛନ୍ତି। ଦିଲ୍ଲୀର ଆଇଜି ଷ୍ଟାଡିୟମରେ ଟ୍ରାଏଲ୍ସ ଭିତ୍ତିରେ ମନୋନୀତ କୁସ୍ତିଯୋଦ୍ଧାମାନେ ଆସନ୍ତା ମାସରେ କିରଗିଜସ୍ତାନରେ


ବଜରଙ୍ଗ ପୁନିଆ

ଅନୁଷ୍ଠିତ ହେଉଥିବା ଏସିଆନ ରେସ୍ଲିଂ ଚାମ୍ପିୟନଶିପ୍ ଅଲିମ୍ପିକ କ୍ୱାଲିଫାୟର ଲାଗି ଭାରତୀୟ ଦଳ ମନୋନୟନ ହେବ। ବଜରଙ୍ଗ ଦୁଇମାସ ହେଲା ରୁଷିଆରେ ଟ୍ରେନିଂ ନେଇ ଆସୁଛନ୍ତି। ସଞ୍ଜୟ ସିଂଙ୍କ ନେତୃତ୍ୱାଧୀନ ଡବ୍ଲ୍ୟୁଏଫ୍ଆଇ ଦ୍ୱାରା ଆୟୋଜିତ ଟ୍ରାଏଲ୍ସରେ ଅଂଶଗ୍ରହଣ କରିବେ ନାହିଁ ବୋଲି ସେ କହିଛନ୍ତି। ବଜରଙ୍ଗ କହିଛନ୍ତି, ଟ୍ରାଏଲ୍ସରେ ଯଦି ତାଙ୍କର ଅଂଶଗ୍ରହଣ କରିବାର ନ ଥିଲା ତେବେ ସେ ଟ୍ରେନିଂରେ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ କରି ନ ଥାନ୍ତେ। ହେଲେ ସସ୍‌ପେଣ୍ଡ ହୋଇଥିବା ଡବ୍ଲ୍ୟୁଏଫ୍ଆଇ ଦ୍ୱାରା ଆୟୋଜିତ ଟ୍ରାଏଲ୍ସରେ ସେ ଭାଗ ନେବେ ନାହିଁ। ସରକାର କିପରି ଅବା ଡବ୍ଲ୍ୟୁଏଫ୍ଆଇକୁ ଅନୁମତି ପ୍ରଦାନ କଲେ ସେ ନେଇ ତାଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦି ସରକାରଙ୍କ ପକ୍ଷରୁ ଗଠିତ ଆଡହକ ପ୍ୟାନେଲ ଦ୍ୱାରା ଟ୍ରାଏଲ୍ସ ଆୟୋଜନ କରାଯାଏ ତେବେ ସେଥିରେ ଆମେ ଅଂଶଗ୍ରହଣ କରିବାରେ କୌଣସି ଅସୁବିଧା ନାହିଁ। ଅତୀତ କଥା ଭୁଲିଯାଇ ଟ୍ରାଏଲ୍ସରେ ଭାଗ ନେବା ଲାଗି ଡବ୍ଲ୍ୟୁଏଫ୍ଆଇ ସଭାପତି ସଞ୍ଜୟ ସିଂ ଆନ୍ଦୋଳନକାରୀ କୁସ୍ତିଯୋଦ୍ଧାମାନଙ୍କୁ ଅନୁରୋଧ କରିଥିଲେ। ସୂଚନାଯୋଗ୍ୟ, ଯୌନନିର୍ଯ୍ୟାତନା ଅଭିଯୋଗରେ ତତ୍କାଳୀନ ଡବ୍ଲ୍ୟୁଏଫ୍ଆଇ ସଭାପତି ବ୍ରିଜଭୂଷଣ ଶରଣଙ୍କ ଗିରଫ ଦାବିରେ ବଜରଙ୍ଗ, ଭିନେଶ ଓ ସାକ୍ଷୀଙ୍କ ନେତୃତ୍ୱରେ ଯନ୍ତରମନ୍ତରଠାରେ ଦୀର୍ଘ ଦିନ ଧରି ବିକ୍ଷୋଭ ପ୍ରଦର୍ଶନ ଚାଲିଥିଲା। ଟୋକିଓ ଅଲିମ୍ପିକ୍ସ ବ୍ରୋଞ୍ଜ ବିଜେତା ବଜରଙ୍ଗ କହିଛନ୍ତି, କେବଳ ସେ ନୁହନ୍ତି ସାକ୍ଷୀ ମଲିକ ଓ ଭିନେଶ ଫୋଗଟ ମଧ୍ୟ ଟ୍ରାଏଲ୍ସରୁ ଓହରିଯିବେ। ଟ୍ରାଏଲ୍ସରୁ ଓହରିଯିବା ଲାଗି ଆମେ ମିଳିତ ଭାବେ ନିଷ୍ପତ୍ତି ନେଇଛୁ।

## ଆଥଲେଟଙ୍କୁ ମିଳିବ ଡିଜିଟାଲ ସାର୍ଟିଫିକେଟ

ନୂଆଦିଲ୍ଲୀ,୨୯।୨(ପି.ଟି.): ଦେଶର ସମସ୍ତ ଆଥଲେଟ ମାନଙ୍କୁ ଏଣିକି ଡିଜିଟାଲ ସାର୍ଟିଫିକେଟ ପ୍ରଦାନ କରାଯିବ ବୋଲି କହିଛନ୍ତି କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ଅନୁରାଗ ଠାକୁର। ଏହା ଦ୍ୱାରା ବିଭିନ୍ନ ଟୁର୍ନାମେଣ୍ଟ ଗୁଡିକରେ ଅଂଶଗ୍ରହଣରେ ଅଧିକ ସ୍ୱଚ୍ଛତା ଆସିବ ବୋଲି ସେ କହିଥିଲେ। ଏହି ପ୍ରମାଣପତ୍ରରେ ଆଥଲେଟ କେଉଁ ତାରିଖରେ କେଉଁ ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ ଓ କେଉଁ ସ୍ଥାନ ହାସଲ କରିଥିଲେ ତାହା ଗୋଟିଏ କ୍ଲିକରେ ଜଣା ପଡିବ। ଫଳରେ ଏହା ବିଭିନ୍ନ ପ୍ରତିଯୋଗିତାରେ ସ୍ୱଚ୍ଛତା ଆଣିବାରେ ସାହାଯ୍ୟ କରିବ। ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏହି ଘୋଷଣା କରିଛନ୍ତି ଅନୁରାଗ ଠାକୁର। ଚଳିତ ବର୍ଷ ଜୁନ୍ ୧ ତାରିଖରୁ ଏହି ସାର୍ଟିଫିକେଟ ପ୍ରଦାନ କରାଯିବ। ଏହା ଡିଜି ଲକରରେ ଉପଲବ୍ଧ ହେବାକୁ ଥିବା ବେଳେ ଏହାକୁ ସମସ୍ତ ସ୍ଥାନରେ ବ୍ୟବହାର କରାଯାଇପାରିବ।

## କୁଶପଲ୍ଲା ଫୁଟବଲ: କଟକ ଚାମ୍ପିୟନ

ବେଗୁନିଆ,୨୯।୨
(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅଧୀନ କୁଶପଲ୍ଲା ଆଥ୍ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୪୪ତମ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ କୋଲକାତାର ହାୱଡା ଫ୍ରେଣ୍ଡ୍ସ କ୍ଲବକୁ ୩-୦ ଗୋଲରେ ହରାଇ କଟକର ୟଙ୍ଗ ଉତ୍କଳ ଫୁଟବଲ କ୍ଲବ ଚାମ୍ପିୟନ ହୋଇଛି। ବିଜୟୀ ଦଳ ମ୍ୟାଚର ପ୍ରଥମାର୍ଦ୍ଧରେ ଦୁଇଟି ଏବଂ ଦ୍ୱିତୀୟାର୍ଦ୍ଧରେ ଗୋଟିଏ ଗୋଲ ସ୍କୋର କରିଥିଲା। ରେଫରି ରାଜୁ ମହାନ୍ତି ମ୍ୟାଚପରିଚାଳନା କରିଥିଲେ। ବିଦେଶୀ ନାୟକ, ସାଗିର ଅହମ୍ମଦ ଓ ପ୍ରିୟବ୍ରତ ବାହିନୀପତି ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ରମାକାନ୍ତ ପାତ୍ର, ଫୈଜଲ ହୁସେନ ଖାଁ ଓ ମିହିର ରଞ୍ଜନ ମହାପାତ୍ର ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ସମିତି ସଭ୍ୟ ପ୍ରକାଶ ଚନ୍ଦ୍ର ବଳିୟାରସିଂ, ସିମୋର ସରପଞ୍ଚ ହାଡିବନ୍ଧୁ ମହାପାତ୍ର, ବାଘମାରି ସରପଞ୍ଚ ମାନସ ରଞ୍ଜନ ବିଶାଳ, ବଡବେରଣା ସରପଞ୍ଚ ଅସିତ୍ ତ୍ରିପାଠୀ, ପୂର୍ବତନ ସରପଞ୍ଚ ନବକିଶୋର ସ୍ୱାଇଁ, ଜିଲା ବିଜେଡି ଉପସଭାପତି ଶ୍ରୀନିବାସ ପାଇକରାୟ, ସର୍ବ ଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ନୟାଗଡ଼ ଜିଲା ସାଧାରଣ ସମ୍ପାଦକ ହଜରତ ଅଲ୍ଲୀ ଖାଁ, ସାମାଜିକ କର୍ମୀ ସୁଶାନ୍ତ ମହାପାତ୍ର, ଲକ୍ଷ୍ମୀଧର ମହାପାତ୍ର, ଅବସରପ୍ରାପ୍ତ ରାଜସ୍ୱ ନିରୀକ୍ଷକ ପୀତବାସ ମହାପାତ୍ର, ମହିଳା ଆଇନଜୀବୀ ମନିରା ବେଗମ ଓ ପୂର୍ବତନ ଗ୍ରାମ୍ୟ କମିଟି ସଭାପତି ଏସ୍ କେ ଜବାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହିତ ନଗଦ ୧୫ ହଜାର ଟଙ୍କା ଏବଂ ଉପବିଜେତା ଦଳକୁ ଟ୍ରଫି ସହିତ ନଗଦ ୧୦ ହଜାର ଟଙ୍କା ପୁରସ୍କୃତ କରାଯାଇଥିଲା।

## ଡୋପିଂ ପାଇଁ ପୋଗ୍‌ବା ୪ ବର୍ଷ ବାସନ୍ଦ

ରୋମ୍, ୨୯।୨ (ପି.ଟି.): ଫ୍ରାନ୍ସ ତଥା ଜୁଭେଣ୍ଟସ୍ ମିଡଫିଲ୍ଡର ପଲ ପୋଗ୍‌ବାଙ୍କୁ ୪ ବର୍ଷ ବାସନ୍ଦ କରାଯାଇଛି। ଫ୍ରାନ୍ସର ଏହି ବିଶ୍ୱକପ ବିଜୟୀ ଖେଳାଳ ଜଣଙ୍କ ଟେଷ୍ଟୋଷ୍ଟେରନ ସେବନ କରିଥିବା କାରଣରୁ ଗୁରୁବାର ଇଟାଲୀର ଏକ ଆଣ୍ଟି ଡୋପିଂ କୋର୍ଟ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ଅଗଷ୍ଟ ୨୦ ତାରିଖରେ ପୋଗ୍‌ବାଙ୍କ ନମୁନା ପଜିଟିଭ୍ ଆସିଥିବା କୁହାଯାଇଛି। ସେଦିନ ପୋଗ୍‌ବା ମ୍ୟାଚ୍ ଖେଳୁ ନ ଥିବା ବେଳେ ତାଙ୍କର ନମୁନା ସଂଗ୍ରହ କରାଯାଇଥିଲା। ସେପ୍ଟେମ୍ବର ମାସରେ ନମୁନା ରିପୋର୍ଟ ପଜିଟିଭ ଆସିବା ପରେ କୋର୍ଟରେ ମାମଲାର ବିଚାର ଚାଲିଥିଲା। ଦଣ୍ଡାଦେଶ ସମ୍ପର୍କରେ କୌଣସି ଆନୁଷ୍ଠାନିକ ଘୋଷଣା ହୋଇନାହିଁ। ଇଟାଲୀର ଆଇନ ଅନୁସାରେ ବ୍ୟକ୍ତିଗତ ଗୋପନୀୟତା କ୍ଷୁର୍ଣ୍ଣ ହେଉଥିବାରୁ ଏଭଳି କରା ଯାଇଥାଏ। ତେବେ ଯଦି ପୋଗ୍‌ବା ୪ ବର୍ଷ ବାସନ୍ଦ ହୋଇଥାନ୍ତି ତେବେ ତାଙ୍କ କ୍ୟାରିୟର ଶେଷ ବୋଲି ଗ୍ରହଣ କରାଯିବ। ଆସନ୍ତା ମାସରେ ପୋଗ୍‌ବା ୩୧ ବର୍ଷରେ ପଦାର୍ପଣ କରିବେ। ତେଣୁ ୪ ବର୍ଷ ପରେ ସେ ଆଉ ଫୁଟବଲ ଖେଳିବାର ସମ୍ଭାବନା କମ୍। ତେବେ ସେ ଚାହିଁଲେ ସୁଇଜରଲାଣ୍ଡର କୋର୍ଟ ଅଫ୍ ଆର୍ବିଟ୍ରେସନ୍ ଫର ସ୍ପୋର୍ଟରେ ଏହି ଦଣ୍ଡାଦେଶ ବିରୋଧରେ ଆବେଦନ କରିପାରିବେ।


ପ୍ରୋ-କବାଡ଼ି ଲିଗ୍ ଫାଇନାଲ ପୂର୍ବରୁ ଟ୍ରଫି ସହ ହରିୟାଣା ଷ୍ଟିଲର୍ସ ଅଧିନାୟକ ଜୟଦୀପ ଦହିୟା ଓ ପୁନେରୀ ପଲ୍‌ଟନ ଅଧିନାୟକ ଅସଲାମ ଇନାମଦାର।

## ସନ୍ତୋଷ ଟ୍ରଫି ଫୁଟ୍‌ବଲ: ମଣିପୁର କ୍ୱାର୍ଟରଫାଇନାଲରେ

ୟୁପିଆ, ୨୯।୨ (ପି.ଟି.)

ମିଜୋରାମ ବିପକ୍ଷରେ ୪-୧ ଗୋଲ୍‌ରେ ବିଜୟ ହାସଲ କରି ମଣିପୁର ଜାତୀୟ ଫୁଟ୍‌ବଲ ଚାମ୍ପିୟନଶିପ୍ ସନ୍ତୋଷ ଟ୍ରଫିର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଖେଳାଯାଇଥିବା ଏହି ମ୍ୟାଚରେ ବିଜୟୀ ଦଳ ପକ୍ଷରୁ ଫିଲାମ ସାନାଥୋଇ ମିତେଇ(୩୫ତମ, ୯୦ତମ ମିନିଟ୍), ଲିମାଜାମ ସଙ୍ଗକାର ସିଂ(୮ମ) ଏବଂ ବଦଳ ଖେଳାଳି ପେବାମ୍ ରେନେଡି ସିଂ (୫୬ତମ) ପ୍ରମୁଖ ଗୋଲ ସ୍କୋର କରିଥିବା ବେଳେ ମିଜୋରାମ ପକ୍ଷରୁ ମାଲସାମଜୁଆଲା ଟିଲାଙ୍ଗଟେ (୮୪ତମ) ଏକମାତ୍ର ଗୋଲ ଦେଇଥିଲେ। ମଣିପୁର ୪ଟି ମ୍ୟାଚରୁ ୧୦ ପଏଣ୍ଟ ଅର୍ଜନ କରି ବର୍ତ୍ତମାନ ଗ୍ରୁପ୍ 'ବି' ଷ୍ଟାଣ୍ଡିଂର ଶୀର୍ଷରେ ରହିଛି। ତେଣୁ ଦଳ ଶ୍ରେଷ୍ଠ ୪ ଦଳରେ ରହିବା ନିଶ୍ଚିତ କରିଛି। ଗ୍ରୁପ୍ 'ବି'ରେ ଦଳ ଏହାର ଅନ୍ତିମ ମ୍ୟାଚ ଦିଲ୍ଲୀ ବିପକ୍ଷରେ ଖେଳିବ। ଶୀର୍ଷ ସ୍ଥାନ ବଜାୟ ରଖିବାକୁ ହେଲେ ଦଳକୁ ଏହି ମ୍ୟାଚରେ ଅତି କମ୍‌ରେ ଏକ ଡ୍ର ଆବଶ୍ୟକ ପଡୁଛି। ଅନ୍ୟପକ୍ଷରେ ମଣିପୁର ମାର୍ଚ୍ଚ ୨ରେ ରେଲୱେ ବିପକ୍ଷରେ ଖେଳିବ। ଗ୍ରୁପ୍ ଷ୍ଟାଣ୍ଡିଂରେ ନିଜ ସ୍ଥିତିରେ ସୁଧାର ଆଣିବା ଲାଗି ଏହି ଦଳ ସଂଘର୍ଷ ଚଳାଇଛି। ଏହି ମ୍ୟାଚ ପୂର୍ବରୁ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ରେଲୱେ ୧-୦ ଗୋଲ୍‌ରେ କର୍ଣ୍ଣାଟକକୁ ପରାସ୍ତ କରିଛି। ସୁବ୍ରତ ମୁର୍ମୁ ୫୩ତମ ମିନିଟ୍‌ରେ ଏକମାତ୍ର ବିଜୟସୂଚକ ଗୋଲ୍‌ଟିକୁ ସ୍କୋର କରିଥିଲେ। ଏହି ପରାଜୟ ଦ୍ୱାରା କର୍ଣ୍ଣାଟକର କ୍ୱାର୍ଟରଫାଇନାଲ ଆଶା ମଉଳିଯାଇଛି। ରେଲୱେ ୪ଟି ମ୍ୟାଚରୁ ୭ ପଏଣ୍ଟ ଅର୍ଜନ କରି ଗ୍ରୁପ୍ 'ବି'ରେ ଏହାର ସ୍ଥିତି ସୁଦୃଢ଼ କରିଛି। ମିଜୋରାମ ବିପକ୍ଷରେ ଶେଷ ମ୍ୟାଚ ଅତିକମ୍‌ରେ ଡ୍ର ରଖିପାରିଲେ ରେଲଓ୍ୱେର କ୍ୱାର୍ଟରଫାଇନାଲ ସ୍ଥାନ ପକ୍କା ହୋଇଯିବ।

# ରୋନାଲ୍ଡୋ ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ

ରିୟାଧ,୨୯।୨(ପି.ଟି.)

ଫ୍ୟାନ୍‌ଙ୍କ ଉଦ୍ଦେଶ୍ୟରେ ଆପତ୍ତିଜନକ ଭଙ୍ଗୀ ପ୍ରଦର୍ଶନ କରିବା କାରଣରୁ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କୁ ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ କରାଯାଇଛି। ସାଉଦି ଆରବ ଲିଗ୍‌ର ଏକ ମ୍ୟାଚ୍ ସମୟରେ ଅଲ୍ ନାସର ଖେଳାଳି ରୋନାଲ୍ଡୋ ଦର୍ଶକ ଗ୍ୟାଲେରିରେ ଥିବା ଅଲ ଶବାବ ଫ୍ୟାନ୍‌ଙ୍କୁ ଏଭଳି ଇଙ୍ଗିତ କରିଥିଲେ। ରବିବାର ରିୟାଧରେ ଖେଳାଯାଇଥିବା ମ୍ୟାଚ୍‌ରେ ଅଲ ଶବାବକୁ ୩-୨ରେ ପରାସ୍ତ କରିବା ପରେ ସେ ଏଭଳି ପ୍ରତିକ୍ରିୟାଶୀଳ ହୋଇଥିଲେ। ମ୍ୟାଚ୍ ପରର ଏକ ଭିଡିଓ ଫୁଟେଜ୍ ଭାଇରାଲ

**ଦର୍ଶକଙ୍କୁ ଆପତ୍ତିଜନକ ଭଙ୍ଗୀ**

ହୋଇଥିଲା। ଯେଉଁଥିରେ ପ୍ରଶଂସକମାନେ ମେସି ମେସି ଚିତ୍କାର କରୁଥିଲେ। ଆର୍ଜେଣ୍ଟିନା ଅଧିନାୟକ ଲିଓନେଲ ମେସିଙ୍କୁ ତାଙ୍କର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଭାବରେ ବିବେଚନା କରାଯାଉଥିବା ବେଳେ ଏଥିରେ ଉତ୍କ୍ଷିପ୍ତ ହୋଇ ପଡିଥିଲେ ରୋନାଲ୍ଡୋ। ମ୍ୟାଚ୍ ଜିତିବା ପରେ କାନ ବନ୍ଦ କରିବା ସହ ନିଜ ଜଙ୍ଘ ଆଡକୁ ଇସାରା କରିଥିଲେ। ଏହାକୁ ନେଇ ଅଭିଯୋଗ ହେବା ପରେ ସାଉଦି ଆରବ ଫୁଟବଲ ଫେଡେରେଶନ(ସାଫ୍) ଶୃଙ୍ଖଳାଗତ କମିଟି ଏହାର ବିଚାର କରିଥିଲା। କମିଟି ତାଙ୍କୁ ଗୋଟିଏ ମ୍ୟାଚରୁ ବାସନ୍ଦ କରିବା ସହ ୨୦ ହଜାର ସାଉଦି ରିୟାଲ(୫୩୩୩ ଡଲାର) ଅର୍ଥଦଣ୍ଡ ଘୋଷଣା କରିଥିଲା। ଏହି ଅର୍ଥରାଶି ଅଲ୍


ଦର୍ଶକଙ୍କ ଉଦ୍ଦେଶ୍ୟରେ ରୋନାଲ୍ଡୋଙ୍କ ଆପତ୍ତିଜନକ ଭଙ୍ଗୀ।

ଶବାବ କ୍ଲବକୁ ପ୍ରଦାନ କରାଯିବ। ଏହା ସହ ଅଲ୍ ହାଜମ ବିପକ୍ଷରେ ଖେଳାଯିବାକୁ ଥିବା ପରବର୍ତ୍ତୀ ମ୍ୟାଚ୍‌ରୁ ବାଦ୍‌ପଡିବେ ରୋନାଲ୍ଡୋ। ଏହି ନିଷ୍ପତ୍ତିକୁ ସେ ଚ୍ୟାଲେଞ୍ଜ କରିପାରିବେ ନାହିଁ ବୋଲି ସାଫ୍ ଶୃଙ୍ଖଳାଗତ କମିଟି ନିଷ୍ପତ୍ତି ନେଇଛି। ସାଉଦି ମିଡିଆ ରିପୋର୍ଟ ଅନୁଯାୟୀ ୟୁରୋପରେ ଏଭଳି ସେଲିବ୍ରେଶନ ଅତି ସାଧାରଣ ବୋଲି କହିଛନ୍ତି ରୋନାଲ୍ଡୋ। ପୂର୍ବରୁ ମଧ୍ୟ ଫ୍ୟାନ୍‌ମାନଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। ଡିସେମ୍ବର ୨୦୨୨ରେ ଅଲ ନାସରରେ ଯୋଗ ଦେଇଥିବା ରୋନାଲ୍ଡୋ ଦଳ ପକ୍ଷରୁ ସର୍ବାଧିକ ୨୨ ଗୋଲ ସ୍କୋର କରିଛନ୍ତି। ପ୍ରଥମ ଥର ପାଇଁ ଅଲ ନାସର ଏସିଆନ୍ ଚାମ୍ପିୟନ୍ସ ଲିଗ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି।

# ଶେଫାଳି ବର୍ମାଙ୍କ ପ୍ରଭାବୀ ବ୍ୟାଟିଂ

ବେଙ୍ଗାଲୁରୁ ୨୯।୨ (ପି.ଟି.)

ଓପନ ଶେଫାଳି ବର୍ମାଙ୍କ ଚମତ୍କାର ଅର୍ଦ୍ଧଶତକ ସହାୟତାରେ ଦିଲ୍ଲୀ କ୍ୟାପିଟାଲ୍ସ ଏଠାରେ ଗୁରୁବାର ଖେଳାଯାଇଥିବା ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗୋଲୋର ବିପକ୍ଷ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ନିର୍ଦ୍ଧାରିତ ଓଭରରେ ୫ ଉଇକେଟରେ ୧୯୪ ରନ ସଂଗ୍ରହ କରିଛି। କ୍ୟାପିଟାଲ୍ସ ଦଳ ଶୀଘ୍ର ଅଧିନାୟିକା ମେଗ୍ ଲାନିଙ୍ଗଙ୍କ ଉଇକେଟ ହରାଇ ବା ପରେ ବର୍ମା (୫୦ରନ, ୩୧ ବଲ୍, ୩ଚୌକା ଓ ୪ ଛକା) ଏବଂ ଏଲିସ୍ କାପ୍‌ସି (୪୬ରନ, ୩୩ ବଲ୍, ୪ ଚୌକା ଓ ୨ ଛକା) ଦ୍ୱିତୀୟ ଉଇକେଟରେ ୮୮ରନ ଯୋଗ କରିଥିଲେ। ମାରିଜାନେ କାପ୍ (୩୨, ୧୬ ବଲ୍, ୨ ଚୌକା ଓ ୩ ଛକା) ଓ ଜେସ୍ ଜୋନାସେନ୍ (୩୬*, ୧୬ ବଲ୍, ୪ ଚୌକା ଓ ୨ ଛକା) ୫ମ ଉଇକେଟରେ ମହତ୍ତ୍ୱପୂର୍ଣ୍ଣ ୫୮ ରନ ଯୋଗ କରିଥିଲେ। ଫଳରେ ଦଳ ଏକ ବଡ଼ ସ୍କୋର ଛିଡ଼ା କରିପାରିଥିଲା। ଅସୁସ୍ଥ ଥିବାରୁ ରୟାଲ ଚ୍ୟାଲେଞ୍ଜର୍ସ ଏହି ମ୍ୟାଚରୁ ଏଲିସ୍ ପେରୀଙ୍କୁ ବିଶ୍ରାମ ଦେଇଥିଲା ଏବଂ ତାଙ୍କ ସ୍ଥାନରେ ନାଡିନ୍ ଡି' କ୍ଲର୍କଙ୍କୁ ସାମିଲ କରିଥିଲା। ଶେଫାଳି ୨ ରନ କରି ଖେଳୁଥିବା ବେଳେ ଏକ ଜୀବନଦାନ ପାଇଥିଲେ। ପେସର ରେଣୁକା ସିଂଙ୍କ ବଲ୍‌ରେ ଶ୍ରେୟଙ୍କା ପାଟିଲ ଏକ କ୍ୟାଚ ହାତଛଡ଼ା କରିଥିଲେ। ପରେ ସେ ଓ କାପ୍‌ସି ଦ୍ରୁତ ହାରରେ ରନ ସଂଗ୍ରହ କରିବାରେ ଲାଗିଥିଲେ। ବର୍ମା ଅଫ୍ ସ୍ପିନର ଶ୍ରେୟଙ୍କାଙ୍କ ବଲ୍‌ରେ ମିଡ୍ ଉଇକେଟ ଅଞ୍ଚଳକୁ

**ଓମେନ୍ସ ପ୍ରିମିୟର ଲିଗ୍**

ଏକ ଛକା ଲଗାଇ ତାଙ୍କ ଅର୍ଦ୍ଧ ଶତକ ହାସଲ କରିଥିଲେ। ମାତ୍ର ପରବର୍ତ୍ତୀ ବଲ୍‌ରେ ଷ୍ଟ୍ରେଟ୍ ଡ୍ରାଇଭ ଶଟ୍ ଖେଳିବାକୁ ଯାଇ ସେ ମିଡ୍ ଉଇକେଟରେ ଜର୍ଜିଆ ୱାରେହାମ୍‌ଙ୍କ ହାତରେ ଧରାପଡ଼ିଯାଇଥିଲେ। ଖବର ପ୍ରସ୍ତୁତ ବେଳକୁ ଆର୍‌ସିବି ୧୨ ଓଭରରେ ୨ ଉଇକେଟ ହରାଇ ୧୧୪ ରନ୍ କରିଛି।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ ଇନିଂସ: ୨୦ ଓଭରରେ ୧୯୪/୫ (ଶେଫାଳୀ ବର୍ମା-୫୦, ଏଲିସ୍ କାପ୍‌ସି-୪୬, ଜେସ୍ ଜୋନାସେନ୍-୩୬, ମାରିଜାନେ କାପ୍-୩୨; ସୋଫି ଡିଭାଇନ୍-୨/୨୩, ନାଡିନ୍ ଡି' କ୍ଲର୍କ-୨/୩୫)।


ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ଶେଫାଳି ବର୍ମା।

## ଅନ୍ତିମ ଟେଷ୍ଟରୁ ରାହୁଲ ବାଦ୍, ଫେରିବେ ବୁମ୍‌ରା

ନୂଆଦିଲ୍ଲୀ,୨୯।୨(ପି.ଟି.): ଧର୍ମଶାଳାରେ ଇଂଲଣ୍ଡ ବିପକ୍ଷ ଅନ୍ତିମ ଟେଷ୍ଟରୁ ବାଦ୍ ପଡିଛନ୍ତି ଲୋକେଶ ରାହୁଲ। ଗୁରୁବାର ବିସିସିଆଇ ପକ୍ଷରୁ ଏହା ସ୍ପଷ୍ଟ କରାଯାଇଛି। ତେବେ ଚତୁର୍ଥ ଟେଷ୍ଟରେ ବିଶ୍ରାମ ନେଇଥିବା ଯଶପ୍ରୀତ୍ ବୁମ୍‌ରା ଏହି ମ୍ୟାଚରେ ପ୍ରତ୍ୟାବର୍ତ୍ତନ କରୁଥିବା ସ୍ପଷ୍ଟ ହୋଇଛି। ହାଇଦ୍ରାବାଦ ଟେଷ୍ଟରେ ଜଙ୍ଘରେ ଆଘାତ କାରଣରୁ ରାହୁଲ ବାଦ୍ ପଡିଥିଲେ। ତେବେ ସେ ୯୦ ପ୍ରତିଶତ ଫିଟ୍ ଅଛନ୍ତି ଓ ରାଜକୋଟ ଟେଷ୍ଟ ପାଇଁ ଫିଟ ଥିବେ ବୋଲି ବିସିସିଆଇ ପକ୍ଷରୁ କୁହାଯାଇଥିଲା। ହେଲେ ନେଟ୍ସରେ ଅଭ୍ୟାସ କରିବା ସମୟରେ ରାହୁଲ ଜଙ୍ଘରେ ଦରଜ ଅନୁଭବ କରିଥିଲେ। ଫଳରେ ଅଧିକ ଚିକିତ୍ସା ପାଇଁ ସେ ବର୍ତ୍ତମାନ ଲଣ୍ଡନ ଗସ୍ତ କରିଛନ୍ତି। ତେଣୁ ସେ ଅନ୍ତିମ ଟେଷ୍ଟ ଖେଳିପାରିବେ ନାହିଁ ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି। ବିସିସିଆଇର ମେଡିକାଲ ଟିମ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିଥିବା ମଧ୍ୟ କୁହାଯାଇଛି। ଟି୨୦ ବିଶ୍ୱକପକୁ ଦୃଷ୍ଟିରେ ରଖିଥିବାରୁ ୭ ତାରିଖରେ ହେବାକୁ ଥିବା ଅନ୍ତିମ ଟେଷ୍ଟରେ ରାହୁଲଙ୍କ ଖେଳିବା ସମ୍ଭାବନା କ୍ଷୀଣ ବୋଲି କୁହାଯାଉଛି। ରାହୁଲଙ୍କ ଅନୁପସ୍ଥିତିରେ ରଜତ ପଟିଦାରଙ୍କୁ ଆଉ ଏକ ସୁଯୋଗ ମିଳିବାର ସମ୍ଭାବନା ରହିଛି।

## ସଂକ୍ଷେପରେ

### ଗାମୁଛାରେ ଫାଶି ଦେଇ ଯୁବକ ମୃତ

ରାଉରକେଲା,୨୯।୨(ସଙ୍ଗୀତା ଜେନା): ପ୍ଲାଣ୍ଟସାଇଟ୍ ଥାନା ରେଳବାଇ କଲୋନିରେ ଜଣେ ଯୁବକ ଗାମୁଛାରେ ଫାଶି ଦେଇ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ମୃତକ ହେଲେ ସନ୍ତୋଷ ସାଓ(୪୪)। ଘରେ ପରିବାର ଲୋକେ ନ ଥିବା ବେଳେ ସନ୍ତୋଷ ଘରର ଆଜବେଷ୍ଟସ ରଡ୍‌ରେ ଗାମୁଛା ବାନ୍ଧି ଝୁଲିପଡିଥିଲେ। ପଡୋଶୀମାନେ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ଥାନାକୁ ସୂଚନା ଦେଇଥିଲେ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୮/୨୪) ରୁଜୁ କରି ତଦନ୍ତ କରୁଛି।

### ବିଜୁ ଏକ୍ସପ୍ରେସ୍ ୱେ କଡ଼ରୁ ଅଜଣା ମୃତଦେହ ଜବତ

ନୂଆପଡ଼ା,୨୯।୨(ମକାରୁ ବେମାଲ)

ନୂଆପଡା ସଦର ମହକୁମାଠାରୁ ପଦ୍ମପୁର ରାସ୍ତା ବିଜୁ ଏକପ୍ରେକ୍ସ ଫୋର ୱେ ମାରାଗୁଡା ପେଟ୍ରୋଲ ପମ୍ପ ନିକଟ ଏକ ଜମିରୁ ଗୁରୁବାର ଜଣେ ଅଚିହ୍ନା ମୃତଦେହ ସଦର ପୋଲିସ ଜବତ କରିଛି। ଖବର ପ୍ରଚାରିତ ହେବା ପରେ ଦେଖିବା ପାଇଁ ଲୋକଙ୍କ ଭିଡ ଲାଗି ରହିଥିଲା। ମୃତଦେହ ସମ୍ପୂର୍ଣ୍ଣ ଉଲଗ୍ନ ଅବସ୍ଥାରେ ପଡିରହିଥିଲା। ତାହା ହତ୍ୟା କି ଆତ୍ମହତ୍ୟା ଅସ୍ପଷ୍ଟ ରହିଛି। ବର୍ତ୍ତମାନ ପର୍ଯ୍ୟନ୍ତ ତାଙ୍କର ପରିଚୟ ଜଣାପଡି ନାହିଁ। ମୃତଦେହ ପଡିଥିବା ଦେଖି ଲୋକେ ସଦର ଥାନାକୁ ଖବର ଦେଇଥିଲେ। ପୋଲିସ ଓ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। କୌଣସି ଦାବିଦାର ଆସି ନ ଥିବାରୁ ମୃତଦେହ ଜିଲା ମୁଖ୍ୟ ଚିକିତ୍ସାଳୟ ଶବଗାରରେ ରଖାଯାଇଛି। ୪୮ ଘଣ୍ଟା ଭିତରେ କୌଣସି ଦାବିଦାର ବା ସମ୍ପର୍କୀୟ ନ ଆସିଲେ ସତ୍କାର କରି ଦିଆଯିବ ବୋଲି ସଦର ଥାନା ଅଧିକାରୀ ଦିଲୀପ ସାହୁ ସୂଚନା ଦେଇଛନ୍ତି।

### ଶ୍ରୀମଦ୍ ଭଗବଦ୍ କଥା ଜ୍ଞାନଯଜ୍ଞ ପାଇଁ କଳସ ଯାତ୍ରା

ରୁପ୍ରାରୋଡ୍,୨୯।୨(ସଞ୍ଜୀବ ଦାସ)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ରୁପ୍ରାରୋଡରେ ଶ୍ରୀମଦ୍ ଭଗବଦ୍ କଥା ଜ୍ଞାନଯଜ୍ଞ ଗୁରୁବାରଠାରୁ ଆରମ୍ଭ ହୋଇ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଉପଲକ୍ଷେ ସ୍ଥାନୀୟ ଓ ଆଖପାଖ ଅଞ୍ଚଳର ଶତାଧିକ ମହିଳା ଭକ୍ତମାନେ ରୁପ୍ରାରୋଡ ନିକଟସ୍ଥ ବଲବସପୁର ପୋଖରୀରୁ ପାଣି ଆଣି କଳସ ଯାତ୍ରା ମହାସମାରୋହରେ ସମ୍ପନ୍ନ ହୋଇଛି। ଭଗବତ କଥା ଜ୍ଞାନଯଜ୍ଞ ଉତ୍ତରାଖଣ୍ଡର ପରମ ପୂଜ୍ୟ ଜଗତଗୁରୁ ରାମାନୁଜାଚାର୍ଯ୍ୟ ସ୍ୱାମୀ କୃଷ୍ଣାଚାର୍ଯ୍ୟ ଜି ମହାରାଜାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଥିବା ବେଳେ ପରମପୂଜ୍ୟ ସ୍ୱାମୀ ଗୋପାଳାଚାର୍ଯ୍ୟ ଜି ମହାରାଜ କଥା ପାଠ କରିବେ। କରତା ରୂପେ ଦେବେନ୍ଦ୍ର ଖେତାନ ଓ ଲକ୍ଷ୍ମୀ ଖେତାନ କାର୍ଯ୍ୟ ତୁଲାଇଥିଲେ। ପୂଜକ ଭାବେ ବଲ୍ଲଭ ଜି ମହାରାଜ ପୂଜା କାର୍ଯ୍ୟ ତୁଲାଇଥିଲେ। ଶ୍ରିମଦଭଗବତ ଜ୍ଞାନଯଜ୍ଞ ଖେତାନ ପରିବାର ଦ୍ୱାରା ଆୟୋଜନ କରାଯାଇଥିଲା। ପାଖଆଖ ଅଞ୍ଚଳର ଶ୍ରଦ୍ଧାଳୁ ଓ ଜନସାଧାରଣ ସହଯୋଗ କରିଥିଲେ।

# ସୀମାନ୍ତରେ ୭ ମାଓବାଦୀ ବଙ୍କର ଠାବ

## ବିପୁଳ ବିସ୍ଫୋରକ ନଷ୍ଟ କଲା ସୁରକ୍ଷାବଳ

ରାଉରକେଲା,୨୯।୨(ସଙ୍ଗୀତା ଜେନା)

ସୀମାନ୍ତ ଟୋଣ୍ଟୋ ଥାନା ବନଗ୍ରାମ ଜିମକି ଇକ୍ରୀ ନିକଟସ୍ଥ ଜଙ୍ଗଲ ଅଞ୍ଚଳରେ ଗୁରୁବାର ଭୋର ସମୟରେ ୭ଟି ମାଓବାଦୀ ବଙ୍କର ଠାବ କରାଯାଇଛି। ଏଥିରେ ପ୍ରାୟ ୭୦ରୁ ୮୦ ଜଣ ରହିବା ବ୍ୟବସ୍ଥା ରହିଛି। ଉକ୍ତ ବଙ୍କରରୁ ମାଓବାଦୀ ପୋଷାକ, ଫୁଲ ପ୍ରେଶର ଆଇଇଡ଼ି ମେକାନିଜିମ୍, କେନ୍ ବମ୍, ସିରିଞ୍ଜ ଆଇଇଡ଼ି, କମାଣ୍ଡ ଆଇଇଡ଼ି ସୁଇଚ୍, ବ୍ୟାପକ ବିସ୍ଫୋରକ, ଦୈନନ୍ଦିନ ବ୍ୟବହାର ସାମଗ୍ରୀ ଏବଂ ଖାଦ୍ୟ ପାନୀୟ ଜବତ କରାଯାଇଥିଲା। ଘଟଣାସ୍ଥଳରେ ବମ୍‌ସ୍କ୍ୱାଡ୍‌ପହଞ୍ଚିଯାଞ୍ଚ କରିବା ପରେ ଜବତ ସାମଗ୍ରୀଗୁଡ଼ିକୁ ନଷ୍ଟ କରାଯାଇଥିଲା। ସୂଚନାଯୋଗ୍ୟ, ସୀମାନ୍ତ ଗୋଇଲକେରା ଥାନା ଅଧୀନ କୁଇଡ଼ା, ମାରାଦିରି, ମେରାଲଗଡ଼, ହାତୀବୁରୁ, ତିଲାୟାଗଡ଼ା ସମେତ ଅନ୍ୟ ସ୍ଥାନଗୁଡ଼ିକରେ ସର୍ଚ୍ଚ ଅପରେଶନ ବେଳେ ସୁରକ୍ଷାବଳ ଉକ୍ତ ବଙ୍କର ଦେଖିବାକୁ ପାଇଥିଲା।


ଟୋଣ୍ଟୋ ଅଞ୍ଚଳରେ ଜବତ ମାଓବାଦୀ ସାମଗ୍ରୀ।

# ଅବସରପ୍ରାପ୍ତ ଫରେଷ୍ଟ ରେଞ୍ଜ ଅଫିସରଙ୍କୁ ୨ ବର୍ଷ ଜେଲଦଣ୍ଡ

ସୁନ୍ଦରଗଡ଼,୨୯।୨(ଜୟ ନାରାୟଣ ମେଣ୍ଡୁଲି)

ଏକ ଲାଞ୍ଚ ଘଟଣାରେ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିବା ପାଇଁ ମିଥ୍ୟା କାଗଜପତ୍ର ପ୍ରସ୍ତୁତ ମାମଲାର ଶୁଣାଣି କରି ସୁନ୍ଦରଗଡ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ଜଜ୍ ରାଜଲକ୍ଷ୍ମୀ ପଟ୍ଟନାୟକ ବିଶ୍ରା ଫରେଷ୍ଟ ରେଞ୍ଜ୍‌ର ରେଞ୍ଜର ଅଶୋକ କୁମାର ତ୍ରିପାଠୀ(୬୬)ଙ୍କୁ ୨ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ହଜାର ଟଙ୍କା ଜରିମାନା ଓ ଅନାଦାୟ ଅଧିକ ୩ମାସ ଜେଲଦଣ୍ଡ ପାଇଁ ଜଜ୍ ତାଙ୍କ ରାୟରେ ପ୍ରକାଶ କରିଛନ୍ତି। ମାମଲା ରାୟର ବିବରଣୀରୁ ପ୍ରକାଶ ଯେ,ବିଶ୍ରା ରେଞ୍ଜ୍‌ର ଜଣେ ଫରେଷ୍ଟର ଅଭିଯୋଗକାରୀ ଜରେଇକଲାର ପାର୍ଥକ୍ୟ ବେହେରାଙ୍କଠାରୁ ଦେଢହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡିଥିଲେ। ଭିଜିଲାନ୍ସ ବିଭାଗ ପକ୍ଷରୁ ଏନେଇ ସମ୍ବଲପୁର ଭିଜିଲାନ୍ସ ଥାନାରେ କେଶ ନଂ. ୪୫/୯୪ରେ ଫରେଷ୍ଟରଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ହେଲେ ରେଞ୍ଜ ଅଫିସର ତ୍ରିପାଠୀ ଫରେଷ୍ଟରଙ୍କୁ ଭିଜିଲାନ୍ସ ମାମଲାରୁ ଖସାଇବା ପାଇଁ ଏହି ଲାଞ୍ଚ ଟଙ୍କାକୁ ଅଭିଯୋଗକାରୀଙ୍କ ଠାରୁ ଜଙ୍ଗଲରୁ କାଠଚୋରି ବାବଦରେ ଜରିମାନା ଆଦାୟ କରାଯାଇଥିବା ନେଇ କାଗଜପତ୍ର ପ୍ରସ୍ତୁତ କରିଥିଲେ। ଏ ସମ୍ପର୍କରେ ଭିଜିଲାନ୍ସ ବିଭାଗ ପକ୍ଷରୁ ତଦନ୍ତ କରାଯାଇଥିଲା। ଜଣାପଡିବାପରେ ରେଞ୍ଜରଙ୍କ ବିରୋଧରେ ଭିଜିଲାନ୍ସ ମାମଲା ରୁଜୁ କରିଥିଲା। ଜଜ୍ ଏହି ମାମଲାର ଶୁଣାଣି କରି ଅଭିଯୁକ୍ତଙ୍କୁ ୨ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିବାସହ ତାଙ୍କର ପେନସନ ବନ୍ଦ କରିବାକୁ ସରକାରଙ୍କୁ ସୁପାରିସ କରିଛନ୍ତି। ରାଉରକେଲା ଭିଜିଲାନ୍ସ ୟୁନିଟର ଇନ୍ସପେକ୍ଟର ବିଷ୍ଣୁ ଚରଣ ଦାଶ ଏହି ମାମଲାର ତଦନ୍ତକାରୀ ଅଫିସର ଥିଲାବେଳେ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଶ୍ୟାମ ସୁନ୍ଦର ମିଶ୍ର ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିଲେ।


ଅଶୋକ କୁମାର ତ୍ରିପାଠୀ।

# ଥାନା ଘେରିଲେ ବିଧାୟିକା କୁସୁମ


ପୋଲିସ ଅଧିକାରୀଙ୍କ ସହ ବିଧାୟିକା କୁସୁମ।

## ଭାଜପା ମଣ୍ଡଳ ସଭାପତିଙ୍କୁ ଖଲାସ ଦାବି

ହେମଗିର,୨୯।୨(ଚୈତନ୍ୟ ପଟେଲ)

ଭାଜପା ମଣ୍ଡଳ ସଭାପତି ମାଧବ ବାରିକଙ୍କ ଗିରଫ ଘଟଣାକୁ ନେଇ ଗୁରୁବାର ସଦର ବିଧାୟିକା କୁସୁମ ଟେଟେ ହେମଗିର ଥାନା ଘେରାଉ କରିଥିଲେ। ହେମଗିର ଥାନା ଅନ୍ତର୍ଗତ ରତନପୁରର ପ୍ରେମ କାଲୋଙ୍କୁ ଆକ୍ରମଣ ମାମଲାରେ ବୁଧବାର ଭାଜପା ମଣ୍ଡଳ ସଭାପତି ଘୋଘରପାଲି ଗ୍ରାମର ମାଧବ ବାରିକଙ୍କୁ ପୋଲିସ ଗିରଫ କରିଥିଲା। ଏହାର ପ୍ରତିବାଦରେ ବିଧାୟିକା ଟେଟେ ଥାନା ଘେରାଉ କରିଥିଲେ। ହେମଗିର ସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରୁ ବିଧାୟିକାଙ୍କ ସହ ଶତାଧିକ ଭାଜପା କର୍ମକର୍ତ୍ତା ଓ କର୍ମୀ ଏକ ଶୋଭାଯାତ୍ରାରେ ଆସି ଥାନା ଘେରାଉ କରି ଧାରଣା ଦେଇଥିଲେ। ଚାପରେ ପୋଲିସ ତଦନ୍ତ ନ କରି ଜଣେ ଭାଜପା ନେତାଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଗିରଫ କରିଛି ବୋଲି ବିଧାୟିକା କହିଛନ୍ତି। ରାଜନୈତିକ ଉଦ୍ଦେଶ୍ୟରେ ତାଙ୍କୁ ଗିରଫ କରାଯାଇଥିବା ବିଧାୟିକା ଅଭିଯୋଗ କରିଛନ୍ତି। ଏଭଳି ହୀନ ରାଜନୀତିକୁ କୌଣସି ସ୍ଥିତିରେ ବରଦାସ୍ତ କରାଯିବ ନାହିଁ। ଏହାର ଉଚିତ୍ ଜବାବ ଦିଆଯିବ ବୋଲି ସେ କହିଛନ୍ତି। ପରେ ବିଧାୟିକା ଟେଟେ ଓ ଏକ ପ୍ରତିନିଧି ଦଳ ସହ ବରିଷ୍ଠ ପୋଲିସ ଅଧିକାରୀ ଆଲୋଚନା କରିଛନ୍ତି। ଭାଜପା ନେତାଙ୍କ ଗିରଫଦାରୀ ବେଆଇନ ବୋଲି ଟେଟେ ପୋଲିସ ଅଧିକାରୀଙ୍କ ସହ ଯୁକ୍ତି କରିଥିଲେ। ମାଧବଙ୍କୁ ତୁରନ୍ତ ଛାଡି ଦେବାକୁ ସେ ଦାବି କରିଛନ୍ତି। ଏହି ସମୟରେ ଭାଜପାର ବରିଷ୍ଠ ନେତା ସରୋଜ ପାଣିଗ୍ରାହୀ, ବିଧାୟିକା ପ୍ରତିନିଧି ମହେଶ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପଟେ ଗିରଫ ମାଧବଙ୍କ ପୁଅ ପାଲଟା ଥାନାରେ ଏତଲା ଦେଇଛନ୍ତି।

### ବଡ଼ଗାଁର ୮ ପଞ୍ଚାୟତରେ ପିଏନ୍‌ବି ଶାଖା ଉଦ୍‌ଘାଟିତ

ବଡ଼ଗାଁ,୨୯।୨(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକର ୮ଟି ପଞ୍ଚାୟତରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଶାଖା ଗୁଡିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିସି ମାଧ୍ୟମରେ ଗୁରୁବାର ଉଦ୍‌ଘାଟନ କରିଛନ୍ତି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପଞ୍ଚାୟତ କାର୍ଯ୍ୟାଳୟରେ ଏଲସିଡି ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା। ବ୍ଲକ କର୍ମଚାରୀ କାର୍ଯ୍ୟକ୍ରମ ଗୁଡ଼ିକୁ ପରିଚାଳନା କରିଥିଲେ। ରୁନଗା ପଞ୍ଚାୟତରେ ସରପଞ୍ଚ ଆସିସାନ କେରକେଟା, ଏକମା ପଞ୍ଚାୟତରେ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ଦାଣ୍ଡଜମରା ପଞ୍ଚାୟତରେ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ, ଫୁଲବାରୀ ପଞ୍ଚାୟତରେ ଯୋଗିନ୍ଦ୍ର କିଷାନ, ତୁଡାଲଗା ପଞ୍ଚାୟତରେ ସୁଦୀପ ବାଡା, ଟିକିଲିପଡା ପଞ୍ଚାୟତରେ ସାବିତ୍ରୀ ମାଝି ବ୍ୟାଙ୍କ ଶାଖା କାର୍ଯ୍ୟାଳୟ ଶୁଭାରମ୍ଭ କରିଥିଲେ। ପଞ୍ଚାୟତ ଗୁଡିକରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ବିଡିଓ ସୁମତି ପଣ୍ଡା,ସହକାରୀ ଯନ୍ତ୍ରୀ ସୁନିଲ ମୁର୍ମୁ, ଗ୍ରାମ ପଞ୍ଚାୟତ ଅଧିକାରୀ ସୁଜିତ ଦାସ, କନିଷ୍ଠ ଯନ୍ତ୍ରୀ କବିତା ପ୍ରଧାନଙ୍କ ତତ୍ତ୍ୱାଧାନରେ ଅନୁଷ୍ଠିତ ହୋଇଥିଲା। ତେବେ ବ୍ୟାଙ୍କ ଶାଖା ଖୋଲିବା ଦ୍ୱାରା ୨୦ ରୁ ୨୫ କିଲୋମିଟର ଦୂର ଗ୍ରାମାଞ୍ଚଳର ଲୋକଙ୍କୁ ଏଣିକି ବଡ଼ଗାଁ ଆସିବାକୁ ପଡ଼ିବ ନାହିଁ। ଏହାକୁ ନେଇ ଗ୍ରାମାଞ୍ଚଳର ଲୋକେ ଖୁସି ପ୍ରକଟ କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଏହି ପଦକ୍ଷେପ ଐତିହାସିକ ହେବ ବୋଲି କହିଛନ୍ତି।

# କୃଷି କାର୍ଯ୍ୟାଳୟରେ ପରାମର୍ଶ କର୍ମଶାଳା

ବଡ଼ଗାଁ,୨୯।୨( ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ସ୍ଥିତ କୃଷି କାର୍ଯ୍ୟାଳୟରେ ସାମାଜିକ ସେବା ସଦନ ପକ୍ଷରୁ ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ପରାମର୍ଶ କର୍ମଶାଳାରେ ଟିଡିସିସି ଅଧ୍ୟକ୍ଷା ଚାମେଲି ଓରାମ ମୁଖ୍ୟ ଅତିଥି ଓ ସମ୍ମାନୀତ ଅତିଥିଭାବେ କୃଷି ଅଧିକାରୀ ପ୍ରଫୁଲ୍ଲ ନାଏକ, ରିତୁ ରାଣୀ କାଲୋ, ସାମାଜିକ ସେବା ସଦନର ଇମାନୁଏଲ ପାଥିଲ, କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଆଲେକଜାଣ୍ଡାର କେରକେଟା, ସମବାୟ ସମିତି ନିର୍ଦ୍ଦେଶକ ଭୋଳନାଥ ପଟେଲ, ସିଡିପିଓ ସୁଜାତା ବେକ, ଓର୍ମସ ବ୍ୟବସାୟ ପରିଚାଳକ ସୀମାନ୍ତ ଶେଖର ଦାସ, ଜଳ ବିଭାଜିକାର ଧନେଶର ମୁଣ୍ଡା, ପ୍ରାଣୀ ଚିକିତ୍ସକ ସ୍ୱେତା ଦାସ, ଆଇଟିଡିର ବିଜୟ ନନ୍ଦ, ଏଫଆଇଏସି ଅଧ୍ୟକ୍ଷା ରେବତୀ ଗନ୍ଧ ଯୋଗଦେଇଥିଲେ। ବିଭିନ୍ନ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନା ଉପରେ ସଚେତନତା ସୃଷ୍ଟି କରିବା ଓ ସଫଳ ରୂପାୟନ ପାଇଁ ଅଧିକାରୀ ମାନେ ବୁଝାଇବା ସହିତ ପରାମର୍ଶ ଦେଇଥିଲେ। ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଗୁଡିକ ଉପରେ ଆଲୋଚନା ହୋଇଥିଲା। ସାମାଜିକ ସେବା ସଦନର କର୍ମକର୍ତ୍ତା ଜନ ତିର୍କୀ ଓ ମନୀଷା କୁଜୁର ପରିଚାଳନା କରିଥିଲେ। କର୍ମଶାଳାରେ ବିଭିନ୍ନ ଗ୍ରାମର ଲୋକେ ଯୋଗଦେଇଥିଲେ।

# ଆମ ବ୍ୟାଙ୍କ ଉଦ୍‌ଘାଟନ



ନୂଆଗାଁ,୨୯।୨(ବିଜୟ ତ୍ରିପାଠୀ )

ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକ ବାରିଲେପଟା ପଞ୍ଚାୟତରେ ଗୁରୁବାର ଆମ ବ୍ୟାଙ୍କ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଡ. ଦିଲୀପ ତୀର୍କୀ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥିଭାବେ ସମ୍ବଲପୁର ଜୋନ କାର୍ଯ୍ୟକାରୀ ସଭାପତି ସନ୍ଧ୍ୟାରାଣୀ ଲାକ୍ରା ଉପସ୍ଥିତ ହୋଇ ଏହାକୁ ଉଦ୍‌ଘାଟନ କରିଥିଲେ। ତାଙ୍କ ସହିତ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ଏମ୍ମା ଏକ୍କା, ବ୍ଲକ ଅଧ୍ୟକ୍ଷା ବିଶ୍ୱାସୀ ଟପ୍ପୋ, ହାତୀବତୀ ସମିତି ସଭ୍ୟ ଦିଗାମ୍ବର ଦାସ,ସରପଞ୍ଚ ରଜନୀ ଟପ୍ପୋ,ମହେନ୍ଦ୍ର ବଡ଼ାଇକ ଉପସ୍ଥିତ ଥିଲେ। ପଞ୍ଚାୟତରେ ବ୍ୟାଙ୍କ ଖୋଲିବା ଦ୍ୱାରା ଜନସାଧାରଣ ଉପକୃତ ହେବେ ବୋଲି ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ୫୦୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଉପସ୍ଥିତ ଥିଲେ। ନୂଆଗାଁ ବ୍ଲକର ଅନ୍ୟାନ୍ୟ ପଞ୍ଚାୟତରେ ଆମ ବ୍ୟାଙ୍କ ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ମଖଲୁ ଏକ୍କା, ଜିଲା ପରିଷଦ ଜ୍ୟୋତି ଟେଟେ, ବିରମିତ୍ରପୁର ମ୍ୟୁନିସିପାଲିଟି ଉପାଧ୍ୟକ୍ଷା ନିବେଦିତା ବାଗେ, ସେବିୟାନ ଆଇନ୍ଦ ଅତିଥିଭାବେ ଯୋଗ ଦେଇଥିଲେ।

# କୃଷି ବିନା ମନୁଷ୍ୟ ଜୀବନ ଅସମ୍ଭବ

ସୁନ୍ଦରଗଡ,୨୯।୨(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ମହିଳା ମହାବିଦ୍ୟାଳୟ ଆନୁକୂଲ୍ୟରେ ଜାତୀୟ ବିଜ୍ଞାନ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଜିଲା ମୁଖ୍ୟ କୃଷି ଅଧିକାରୀ ହରିହର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ କୃଷି ବିନା ମନୁଷ୍ୟ ଜୀବନ ଅସମ୍ଭବ ବୋଲି କହିଥିଲେ। ବୈଜ୍ଞାନିକ ଜ୍ଞାନ କୌଶଳ ଆପଣେଇ କୃଷି କ୍ଷେତ୍ରକୁ ବିକଶିତ କରି ଲାଭବାନ ହେବାକୁ ଛାତ୍ରୀଙ୍କୁ ସେ ପ୍ରେରଣା ଦେଇଥିଲେ। ସମ୍ମାନିତ ଅତିଥିଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଇନ୍ଦିରା ଗଡନାୟକ ଯୋଗଦେଇ ବିଜ୍ଞାନଦ୍ୱାରା ମାନବ ସମାଜର କିଭଳି କଲ୍ୟାଣ ସାଧିତ ହେବ ସେ ଦିଗରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ଜାତୀୟ ବିଜ୍ଞାନ ଦିବସ ପାଳିତ

ଏହି ଅବସରରେ ମହାବିଦ୍ୟାଳୟର ବିଭିନ୍ନ ବିଜ୍ଞାନ ବିଭାଗର ମୁଖ୍ୟ ନିଜ ବିଷୟର ବୈଜ୍ଞାନିକଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ସଞ୍ଜିତା ଅଭିଜିତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ବିଜ୍ଞାନ ସଂସଦର ସଭାପତି ଡ. ସଞ୍ଜୟ କୁମାର ବେହେରା ଅତିଥି ପରିଚୟ ଓ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇ ଥିଲା।

# ଭାଲୁଲତାରେ ହକି ଖେଳାଳି ସମ୍ମାନିତ

ବନ୍ଧମୁଣ୍ଡା,୨୯।୨(ସୁବ୍ରତ ଦେ)

ହକିଇଣ୍ଡିଆର ଅଧ୍ୟକ୍ଷ ଦିଲୀପ ତିର୍କୀ ଗୁରୁବାର ବିଶ୍ରା ବ୍ଲକ ଭାଲୁଲତା ସ୍ଥିତ ହକି ଷ୍ଟାଡିୟମ ପରିଦର୍ଶନ କରିଛନ୍ତି। ଏହି ସମୟରେ ସେ ଷ୍ଟାଡିୟମରେ ଉପସ୍ଥିତ ଥିବା ହକି ଖେଳାଳି ଏବଂ ଅଞ୍ଚଳର ସ୍ଥାନୀୟ ଲୋକଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ଦିଲୀପ ତିର୍କୀ ଖେଳାଳିଙ୍କୁ ନିଶାଠାରୁ ଦୂରେଇ ରହିବାକୁ ଏବଂ ନିୟମିତ ଭାବେ ପାଠ ପଢିବା ପାଇଁ କହିଥିଲେ। ଏହା ବ୍ୟତୀତ ସେ ବିଶ୍ରା ବ୍ଲକର ଠେଠେଇପୋଶ, ଜରାଇକେଲା, ଭାଲୁଲତା ଏବଂ ବିଶ୍ରା ଅଞ୍ଚଳରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଉପସ୍ଥିତ ଲୋକଙ୍କୁ ରାଜ୍ୟ ସରକାରଙ୍କ ଦ୍ୱାରା ଜାରି ଜନ କଲ୍ୟାଣ ଯୋଜନା ବିଷୟରେ ଅବଗତ କରାଇଥିଲେ। ଏହି ଅବସରରେ ତାଙ୍କ ସହ ବିଜେଡିର ସୋମନାଥ ରାହା, ଫୁଲମନି କେରକେଟ୍ଟା, ତାରିକ ଅଜିଜ ଅନସାରୀ, ମହମ୍ମଦ ରାଜା, ଦଶମୀ ମିଞ୍ଜ, ବିଟା ମିଞ୍ଜ, ସୁନୀତା ମିଞ୍ଜ, ସୁରେଶ ଓରାମ, ସନ୍ଧ୍ୟା ଲାକ୍ରା, ଶେଖର ସେନ ସମେତ ବିଜେଡିର ଯୁବ ଓ ମହିଳା ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।


ଅତିଥିଙ୍କ ଗହଣରେ ହକି ଖେଳାଳି।

# ଯାହା ପାଖରେ ଯେତେ ସୂଚନା ସେ ସେତେ ଶକ୍ତିଶାଳୀ

ବଡ଼ଗାଁ,୨୯।୨(ଅଶୋକ ଷଡ଼ଙ୍ଗୀ)

ଯାହା ପାଖରେ ଯେତେ ସୂଚନା ସେ ସେତେ ଶକ୍ତିଶାଳୀ। ତେଣୁ ଲୋକେ ସଚେତନ ହେଲେ ସମସ୍ୟାକୁ ସହଜରେ ସମାଧାନ କରିପାରିବେ ବୋଲି ସୁନ୍ଦରଗଡ ଜିଲା ବଡ଼ଗାଁ ତହସିଲ କାର୍ଯ୍ୟାଳୟ ପରିସରରେ ଆୟୋଜିତ ରାଜସ୍ୱ ମେଳାରେ ବଡ଼ଗାଁ ତହସିଲଦାର ଝରଣା ପ୍ରଧାନ ଯୋଗ ଦେଇ ଏହି ବକ୍ତବ୍ୟ ରଖିଥିଲେ। ସ୍ୱାସ୍ଥ୍ୟ ପରେ ଜମି ହିଁ ମୂଲ୍ୟବାନ ବୋଲି ସେ କହିଥିଲେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ମିଳୁଥିବା ସେବା, ସହାୟତା ଓ ଅନୁକମ୍ପା ଉପରେ ବୁଝାଇବା ସହ ଜାତୀୟ ସ୍ତରରେ ୧୪ ଟି ଓ ରାଜ୍ୟ ସ୍ତରରେ ୮ ଟି ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ କିପରି ଅନୁକମ୍ପା ପାଇବେ ସେ ନେଇ ବିସ୍ତୃତଭାବେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥିଭାବେ ବିଡିଓ ସୁମତି ପଣ୍ଡା ଯୋଗଦେଇ କହିଥିଲେ, ପ୍ରତି ଘରେ ଜମି ସମସ୍ୟା ରହିଛି। ସରକାର ମୋ ଘର ଦେଲାବେଳେ ଜମି ଭାଗ ହୋଇ ନ ଥିବା କିମ୍ବା ଆବଶ୍ୟକ କାଗଜପତ୍ର ନ ଥିବାରୁ ବିଭିନ୍ନ କ୍ଷେତ୍ରରେ ଦେଖା ଯାଉଥିବା ଅସୁବିଧା ଉପରେ ବୁଝାଇଥିଲେ। ଜମି ସମସ୍ତଙ୍କ ଆତ୍ମା ବୋଲି ସେ କହିଥିଲେ। ଜମିହୀନ କିପରି ଜମି ପାଇବେ ଓ ଜମି କିପରି କଲେ ସୁରକ୍ଷିତ ରହିବ ସେ ନେଇ ବୁଝାଇବା ସହିତ ଜମିବାଡ଼ି ସମ୍ବନ୍ଧୀୟ ଜ୍ଞାନ ଆହରଣ କରି ନିଜେ ସଚେତନ ହୋଇ ଅନ୍ୟକୁ ସଚେତନ କରିବାକୁ ପରାମର୍ଶ ଦେଇଥିଲେ। ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ଓ ବ୍ଲକ ଉପାଧ୍ୟକ୍ଷା ରଶ୍ମିତା ପଟେଲ କହିଥିଲେ, ତହସିଲ କାର୍ଯ୍ୟାଳୟରେ କେଉଁ କାମ କେତେ ଦିନ ମଧ୍ୟରେ ହୋଇଥାଏ ଜାଣିବା ଦରକାର। ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ ସରକାରଙ୍କ ପକ୍ଷରୁ ହେଉଥିବା ଏହି ରାଜସ୍ୱ ମେଳା ସ୍ୱାଗତଯୋଗ୍ୟ ବୋଲି କହିଥିଲେ। ଏହିପରି କାର୍ଯ୍ୟକ୍ରମ ଆଗରୁ ହେବା ଆବଶ୍ୟକ ଥିଲା। ପଞ୍ଚାୟତର ପଲ୍ଲୀସଭା ଓ ଗ୍ରାମସଭାରେ ଜଣେ ରାଜସ୍ୱ ବିଭାଗ କର୍ମଚାରୀ ଗ୍ରାମବାସୀଙ୍କୁ ସଚେତନ କଲେ ବ୍ୟାପକ ପ୍ରଚାର ପ୍ରସାର ହୋଇପାରିବ ବୋଲି ମତ ରଖିଥିଲେ। କାର୍ଯ୍ୟକ୍ରମରେ ରାଜସ୍ୱ ପର୍ଯ୍ୟବେକ୍ଷକ ତୃପ୍ତିମୟୀ ପଟେଲ ରାଜସ୍ୱ ବିଭାଗ ଦ୍ୱାରା ହେଉଥିବା କାର୍ଯ୍ୟ କିପରି କରାଯାଇଥାଏ ଓ ଏଥିପାଇଁ କ'ଣ ଆବଶ୍ୟକ ହୋଇଥାଏ ବୁଝାଇବା ସହିତ ବିପର୍ଯ୍ୟୟ ପରିଚାଳନା ଉପରେ ଆଲୋଚନା କରିଥିଲେ। ଏହି ମେଳାରେ ଛାତ୍ରୀଛାତ୍ର, ଜନ ପ୍ରତିନିଧି ଓ ଗ୍ରାମବାସୀ ଯୋଗଦେଇଥିଲେ। ତହସିଲ କାର୍ଯ୍ୟାଳୟର ମୁଖ୍ୟ କିରାଣୀ ମିଲଟନ ସୋରେଙ୍ଗ ମଞ୍ଚ ପରିଚାଳନା କରିଥିଲାବେଳେ କର୍ମଚାରୀମାନେ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ।


ରାଜସ୍ୱ ମେଳାରେ ମଞ୍ଚାସୀନ ଅତିଥିବୃନ୍ଦ।

## ବଡ଼ଗାଁ ତହସିଲରେ ରାଜସ୍ୱ ମେଳା

**ସଂକ୍ଷେପରେ**

## ବାଇକ୍ ଧକ୍କାରେ ଗୁରୁତର ବୃଦ୍ଧଙ୍କ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ

କୋକସରା,୨୯।୨(ପୁଷ୍ପକ କୁମାର ପାଢ଼ୀଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଦୁଗାଁ ମାଝିପଡା ଠାକୁରାଣୀ ମନ୍ଦିର ସମ୍ମୁଖରେ



ବୁଧବାର ସକାଳେ ଏକ ଅଜଣା ବାଇକ ଧକ୍କାରେ ଗୁରୁତର ବୃଦ୍ଧଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ଲଦୁଗାଁର ଫକୀର ମୋହନ ଯୋଷୀ (୭୯)। ସୂଚନା ଯେ, ଫକୀର ମୋହନ ରାସ୍ତା କଡରେ ଠିଆ ହୋଇଥିବା ବେଳେ ଏକ ଅଜଣା ବାଇକ ଦ୍ରୁତ ଗତିରେ ଆସି ଧକ୍କା ଦେଇ ମୁରୁଗାବାହିଲି ରାସ୍ତା ଆଡକୁ ଫେରାର ହୋଇଯାଇଥିଲା। ପରିବାର ଲୋକେ ଗୁରୁତର ଫକୀରଙ୍କୁ ଉଦ୍ଧାର କରି ଲଦୁଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଜଟିଳ ହେବାରୁ ଭବାନୀପାଟଣା ଜିଲା ମୁଖ୍ୟ ଡାକ୍ତରଖାନାରେ ସ୍ଥାନାନ୍ତର କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ବୁଧବାର ଅପରାହ୍ନରେ ମୃତ୍ୟୁ ଘଟିଛି। ଏ ନେଇ ପରିବାର ଲୋକେ କୋକସରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ ଜାରି ରଖିବା ସହ ଗୁରୁବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ସୂଚନା ମିଳିଛି। ପୋଲିସ ଦୁର୍ଘଟଣା ଘଟାଇଥିବା ବାଇକ୍ ଜବତ କରି ଚାଳକଙ୍କୁ ଗିରଫ କରିବା ପାଇଁ ପରିବାର ଲୋକେ ଦାବି କରିଛନ୍ତି।

## ବିଜୁ ଏକ୍ସପ୍ରେସ୍ ୱେ କଡ଼ରୁ ଅଜଣା ମୃତଦେହ ଜବତ

ନୂଆପଡ଼ା,୨୯।୨(ମକାରୁ ବେମାଲ)

ନୂଆପଡା ସଦର ମହକୁମାଠାରୁ ପଦ୍ମପୁର ରାସ୍ତା ବିଜୁ ଏକପ୍ରେକ୍ସ ଫୋର ୱେ ମାରାଗୁଡା ପେଟ୍ରୋଲ ପମ୍ପ ନିକଟ ଏକ ଜମିରୁ ଗୁରୁବାର ଜଣେ ଅଚିହ୍ନା ମୃତଦେହ ସଦର ପୋଲିସ ଜବତ କରିଛି। ଖବର ପ୍ରଚାରିତ ହେବା ପରେ ଦେଖିବା ପାଇଁ ଲୋକଙ୍କ ଭିଡ ଲାଗି ରହିଥିଲା। ମୃତଦେହ ସମ୍ପୂର୍ଣ୍ଣ ଉଲଗ୍ନ ଅବସ୍ଥାରେ ପଡିରହିଥିଲା। ତାହା ହତ୍ୟା କି ଆତ୍ମହତ୍ୟା ଅସ୍ପଷ୍ଟ ରହିଛି। ବର୍ତ୍ତମାନ ପର୍ଯ୍ୟନ୍ତ ତାଙ୍କର ପରିଚୟ ଜଣାପଡି ନାହିଁ। ମୃତଦେହ ପଡିଥିବା ଦେଖି ଲୋକେ ସଦର ଥାନାକୁ ଖବର ଦେଇଥିଲେ। ପୋଲିସ ଓ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। କୌଣସି ଦାବିଦାର ଆସି ନ ଥିବାରୁ ମୃତଦେହ ଜିଲା ମୁଖ୍ୟ ଚିକିତ୍ସାଳୟ ଶବଗାରରେ ରଖାଯାଇଛି। ୪୮ ଘଣ୍ଟା ଭିତରେ କୌଣସି ଦାବିଦାର ବା ସମ୍ପର୍କୀୟ ନ ଆସିଲେ ସତ୍କାର କରି ଦିଆଯିବ ବୋଲି ସଦର ଥାନା ଅଧିକାରୀ ଦିଲୀପ ସାହୁ ସୂଚନା ଦେଇଛନ୍ତି।

## ଶ୍ରୀମଦ୍ ଭଗବଦ୍ କଥା ଜ୍ଞାନଯଜ୍ଞ ପାଇଁ କଳସ ଯାତ୍ରା

ରୁପ୍ରାରୋଡ୍,୨୯।୨(ସଞ୍ଜୀବ ଦାସ)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ରୁପ୍ରାରୋଡରେ ଶ୍ରୀମଦ୍ ଭଗବଦ୍ କଥା ଜ୍ଞାନଯଜ୍ଞ ଗୁରୁବାରଠାରୁ ଆରମ୍ଭ ହୋଇ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଉପଲକ୍ଷେ ସ୍ଥାନୀୟ ଓ ଆଖପାଖ ଅଞ୍ଚଳର ଶତାଧିକ ମହିଳା ଭକ୍ତମାନେ ରୁପ୍ରାରୋଡ ନିକଟସ୍ଥ ବଲବସପୁର ପୋଖରୀରୁ ପାଣି ଆଣି କଳସ ଯାତ୍ରା ମହାସମାରୋହରେ ସମ୍ପନ୍ନ ହୋଇଛି। ଭଗବତ କଥା ଜ୍ଞାନଯଜ୍ଞ ଉତ୍ତରାଖଣ୍ଡର ପରମ ପୂଜ୍ୟ ଜଗତଗୁରୁ ରାମାନୁଜାଚାର୍ଯ୍ୟ ସ୍ୱାମୀ କୃଷ୍ଣାଚାର୍ଯ୍ୟ ଜି ମହାରାଜାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଥିବା ବେଳେ ପରମପୂଜ୍ୟ ସ୍ୱାମୀ ଗୋପାଲାଚାଯ୍ୟ ଜି ମହାରାଜ କଥା ପାଠ କରିବେ। କରତା ରୂପେ ଦେବେନ୍ଦ୍ର ଖେତାନ ଓ ଲକ୍ଷ୍ମୀ ଖେତାନ କାର୍ଯ୍ୟ ତୁଲାଇଥିଲେ। ପୂଜକ ଭାବେ ବଲ୍ଲଭ ଜି ମହାରାଜ ପୂଜା କାର୍ଯ୍ୟ ତୁଲାଇଥିଲେ। ଶ୍ରିମଦଭଗବତ ଜ୍ଞାନଯଜ୍ଞ ଖେତାନ ପରିବାର ଦ୍ୱାରା ଆୟୋଜନ କରାଯାଇଥିଲା। ପାଖଆଖ ଅଞ୍ଚଳର ଶ୍ରଦ୍ଧାଳୁ ଓ ଜନସାଧାରଣ ସହଯୋଗ କରିଥିଲେ।

# ବାଲ୍ୟ ବିବାହ ନିରାକରଣ, ବେଟି ବଚାଓ ବେଟି ପଢ଼ାଓ

ଭବାନୀପାଟଣା,୨୯।୨(ଉତ୍ତମ କୁମାର ଦାଶ)



ଜିଲାସ୍ତରୀୟ ଟାସ୍କ ଫୋର୍ସ ବୈଠକ।

**ଜିଲାସ୍ତରୀୟ ଟାସ୍କ ଫୋର୍ସ ବୈଠକ**

**■ଚଳିତବର୍ଷ ୧୭ ବାଲ୍ୟ ବିବାହ ରୋକାଯାଇଛି**

ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ବାଲ୍ୟବିବାହ ନିରାକରଣ ଓ ବେଟି ବଚାଓ ବେଟି ପଢାଓ ସମ୍ପର୍କିତ ଟାସ୍କଫୋର୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଜିଲା ସମାଜ କଲ୍ୟାଣ ଅଧିକାରିଣୀ ପୁଞ୍ଜିରୁନ୍ ନିଶା, ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଗୋପଦାର, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନିହାରେନ୍ଦ୍ର ପଣ୍ଡା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା, ନେହେରୁ ଯୁବ କେନ୍ଦ୍ରର ଜିଲା ସଂଯୋଜକ ପ୍ରସନ୍ନ ମେହେର, ଜିଲା କ୍ରୀଡ଼ା ଅଧିକାରୀ ରମେଶ ପାଢ଼ୀ, ପୋଲିସ ବିଭାଗ ଅଧିକାରୀ ତଥା ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ଓ ଶିଶୁ ସୁରକ୍ଷା ୟୁନିଟ କର୍ମକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ମହାପାତ୍ର ସ୍ୱାଗତ କରିବା ପରେ ଗତ ବୈଠକର ବିବରଣୀ ପାଠ କରିଥିଲେ। ଜିଲାପାଳ ରେଡ୍ଡୀ ସମସ୍ତ ସଦସ୍ୟ ସଦସ୍ୟା ଓ ବିଭାଗୀୟ ଅଧିକାରୀମାନଙ୍କୁ ଗତ ବୈଠକର ନିଷ୍ପତ୍ତି ସମ୍ପର୍କୀୟ କାର୍ଯ୍ୟକାରି ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ ବାଲ୍ୟ ବିବାହକୁ ରୋକିବା ଦିଗରେ ବିଭିନ୍ନ କାର୍ଯ୍ୟଧାରା ଆଗାମୀ ଦିନରେ କରିବା ପାଇଁ ସ୍ଥିରୀକୃତ ହୋଇଥିଲା। ବୈଠକରେ ବାଲ୍ୟ ବିବାହ ରୋକିବା ଓ ନିରୁତ୍ସାହିତ କରିବାକୁ ବିଭିନ୍ନ ସ୍କୁଲରେ ସଚେତନତା କାର୍ଯ୍ୟକ୍ରମ, ବାଲ୍ୟ ବିବାହରେ ସାମିଲ ନ ହେବା ପାଇଁ ମ୍ୟୁନିସିପାଲଟି, ଏନଏସି, ଗ୍ରାମାଞ୍ଚଳରେ ଅବସ୍ଥିତ ବାଣ୍ଡ ପାର୍ଟି, ଟେଣ୍ଟ, ଡିଯେ, ମନ୍ଦିର, ପୁରୋହିତ ସଂଘକୁ ଜିଲାପାଳଙ୍କ ଦ୍ୱାରା ନିର୍ଦ୍ଦେଶନାମା ଚିଠି, ଡ୍ରପ ଆଉଟ ଝିଅପିଲାମାନଙ୍କ ପାଇଁ ସ୍କୁଲ ଭର୍ତ୍ତି, ସଚେତନତା, ସ୍ୱଂୟ ଆର୍ଥିକ ସ୍ୱଧୀନତା ଉପରେ ଆଲୋଚନା ହୋଇଥିଲା। ସେ ଦିଗରେ ଆଗାମୀ ଦିନରେ ବିଭିନ୍ନ କାର୍ଯ୍ୟକ୍ରମମାନ ଗ୍ରହଣ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଯେ କୌଣସି ବ୍ୟକ୍ତି କିମ୍ବା ଅଙ୍ଗନୱାଡି କର୍ମୀ ଗ୍ରାମ କିମ୍ବା ସହରରେ ବାଲ୍ୟ ବିବାହ ହେଉଥିବା ପ୍ରସ୍ତୁତି ହେଉଥିଲେ ଏ ସମ୍ପର୍କୀୟ ନିର୍ଦ୍ଦିଷ୍ଟ ପ୍ରମାଣ ସହ ଜଣାଇଲେ ତାଙ୍କୁ ପୁରସ୍କାର ପ୍ରୋତ୍ସାହନ ଦିଆଯିବ ବୋଲି ସଭାରେ ଗୃହୀତ ହେଲା। ପ୍ରକାଶ ଥାଉକି, ଚଳିତବର୍ଷ ଜିଲାରେ ଏ ପର୍ଯ୍ୟନ୍ତ ୧୭ଟି ବାଲ୍ୟ ବିବାହ ରୋକା ଯାଇପାରିଛି। ଏହି ସଂଖ୍ୟା ଆହୁରି ଅଧିକ ଥାଇପାରେ, ଯାହା ଲୋକଲୋଚନକୁ ଆସୁନାହିଁ, ଏଣୁ ଏ ସମ୍ବନ୍ଧିୟ ସୂଚନା ଦେବାକୁ ସଭାରେ ଜନସାଧାରଣଙ୍କୁ ଅନୁରୋଧ କରାଯାଇଥିଲା। ବୈଠକରେ ବେଟି ବଚାଓ ବେଟି ପଢାଓ ସମ୍ପର୍କିତ ବରାଦ ହୋଇଥିବା ଅର୍ଥର ଖର୍ଚ୍ଚ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ଆଗାମୀ ଦିନରେ କେଉଁ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ। କନ୍ୟା ସନ୍ତାନମାନଙ୍କୁ କିପରି ପ୍ରୋତ୍ସାହିତ କରାଯାଇପାରିବ ସେ ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲ।

# ଅଦିନିଆ ଝଡ଼ବର୍ଷା: ଉଜୁଡ଼ିଲା ପନିପରିବା ଚାଷ

ଭବାନୀପାଟଣା,୨୯।୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାର ବିଭିନ୍ନ ସ୍ଥାନରେ ବୁଧବାର ଅଦିନିଆ ବର୍ଷା ସହ ଝଡ଼ ତୋଫାନ ହୋଇଛି। ଏହାର ପ୍ରଭାବରେ ପନିପରିବା ଚାଷ ଉଜୁଡି ଯାଇଥିବା ଚାଷୀଙ୍କଠୁ ଜଣାପଡିଛି। ଚାଷୀମାନେ ବହୁ ପରିଶ୍ରମ କରି ଚାଷ କରିଥିବା ବେଳେ ଅମଳ ସମୟରେ ଅଦିନିଆ ବର୍ଷା ଚାଷୀଙ୍କ ପାଇ ଦାଉ ସାଜିଥିଲା। ଜିଲାର ଜୁନାଗଡ଼ ବ୍ଲକର କେଳିଆ, ବୋରଗୁଡା, ଧର୍ମଗଡ ବ୍ଲକ ଗଡିଆଜୋର୍ ପଞ୍ଚାୟତ ଚୁରି ହଳଦୀ, ଗଡିଆଜୋର୍, ଗୋଲାମୁଣ୍ଡା ବ୍ଲକର ଧାମନପୁର, ମହାଲିଙ୍ଗ, କେଗାଁ, କୋକସରା ବ୍ଲକର ଫୁପଗାଁ, ମାଟିଆ ସମେତ ଆଖପାଖ ଅଞ୍ଚଳରେ ଚାଷୀମାନେ ବ୍ୟାପକ ପରିମାଣରେ ପନିପରିବା ଚାଷ କରିଥିଲେ। ତେବେ ଅଦିନିଆ ବର୍ଷା ଯୋଗୁ ପରିବା ଚାଷ ସବୁ ନଷ୍ଟ ହୋଇଯାଇଛି। ଯାହାକୁ ନେଇ ବର୍ତ୍ତମାନ ଚାଷୀମାନେ ଚିନ୍ତାରେ ପଡ଼ି ଯାଇଛନ୍ତି। ବର୍ଷାରେ ଟମାଟୋ, ବାଇଗଣ, କଞ୍ଚା ଲଙ୍କା ସମେତ ବିଭିନ୍ନ ପ୍ରକାର ପନିପରିବା ଚାଷ ନଷ୍ଟ ହୋଇଯାଇଛି। ବର୍ଷା ପାଣି ଜମିରେ ପଶି ଯିବାରୁ ଏହି ସମସ୍ୟା ସୃଷ୍ଟି ହୋଇଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ଏହା ସହିତ ଛିଲିପା ପଞ୍ଚାୟତ ଓ ବ୍ରାହ୍ମଣଛେଣ୍ଡିଆ ପଞ୍ଚାୟତରେ ବହୁ ଘରଦ୍ୱାର ମଧ୍ୟ ନଷ୍ଟ ହୋଇଥିବା ଜଣାପଡିଛି। ଏ ନେଇ ଜିଲା ଉଦ୍ୟାନ ଅଧିକାରୀ କିଶୋର ମହାଲିଙ୍ଗଙ୍କୁ ପଚାରିବରୁ କ୍ଷେତ୍ର ପରିଦର୍ଶନ ପରେ କ୍ଷୟକ୍ଷତି ଜଣାପଡିବ ବୋଲି କହିଥିଲେ।



ଜଣେ ଚାଷୀଙ୍କ ଟମାଟୋ ନଷ୍ଟ ହୋଇଯାଇଛି।

# ରାଜ୍ୟ ସଭା ସଦସ୍ୟଙ୍କ ଲାଞ୍ଜିଗଡ଼ ବ୍ଲକ ଗସ୍ତ



ରାଜ୍ୟ ସଭା ସଦସ୍ୟ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

ଲାଞ୍ଜିଗଡ଼,୨୮।୨(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକକୁ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର ଗୁରୁବାର ଦିନିକିଆ ଗସ୍ତ କରି ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର ନିଜ ପୋଷ୍ୟ ଗ୍ରାମପଞ୍ଚାୟତ ଭଟାଙ୍ଗପଦର ଗସ୍ତ କରିବା ସହିତ ହାଇସ୍କୁଲ ପ୍ରଧାନ ଶିକ୍ଷକ ଝସକେତନ ପ୍ରଧାନଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହାପରେ ସେ ଛତ୍ରପୁର ପଞ୍ଚାୟତ ବାରବୁଲିଠାରେ କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ସହଯୋଗରେ ହୋଇଥିବା ଷ୍ଟ୍ରବେରୀ ଚାଷ ଦେଖି ଖୁସି ବ୍ୟକ୍ତ କରିବା ସହିତ ଏଥିରେ ନିୟୋଜିତ ଆଦିବାସୀ ମହିଳାଙ୍କୁ ପ୍ରଶଂସା କରିଥିଲେ। ସେଠାରୁ ଲାଞ୍ଜିଗଡ ଜଗନ୍ନାଥ ମନ୍ଦିର ପହଞ୍ଚିବା ପରେ ମହିଳା ମଣ୍ଡଳୀଙ୍କ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ସେ ଲାଞ୍ଜିଗଡ ଜଗନ୍ନାଥ ମନ୍ଦିର ପରିଦର୍ଶନ କରିବା ପରେ ସ୍ଥାନୀୟ ଜନସାଧାରଣଙ୍କ ସହିତ ଆଲୋଚନା କରି ଲୋକଙ୍କ ଅଭିଯୋଗ ଗ୍ରହଣ କରିଥିଲେ। ବିଶ୍ୱନାଥପୁରସ୍ଥିତ ପୂର୍ତ୍ତ ବଙ୍ଗଳାଠାରେ ସ୍ଥାନୀୟ ସମସ୍ୟା ସମ୍ପର୍କରେ ସେ ଲୋକଙ୍କ ସହିତ ଆଲୋଚନା କରିଥିଲେ। ସେହିପରି ପଶ୍ଚିମ ଓଡିଶା ବିକାଶ ପରିଷଦ ଅନୁଦାନରେ ନିର୍ମାଣଧୀନ କଲ୍ୟାଣ ମଣ୍ଡପ କାର୍ଯ୍ୟ ତଦାରଖ କରି କାନକୁତ୍ରୁଠାରେ ହେଉଥିବା ଆମ ବ୍ୟାଙ୍କ ଉଦଘାଟନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ତାଙ୍କ ସହିତ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଶିବାଜୀ ମାଝି, ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ହରିହର ସାଂସ୍କୃତିକ ସେବା ସମିତି ସଭାପତି ରାଜେନ୍ଦ୍ର ପ୍ରତାପ ସିଂଦେଓ, ସମ୍ପାଦକ କାମରାଜ ଦଳବେହେରା, କୋଷାଧ୍ୟକ୍ଷ ଚନ୍ଦ୍ରଧଜ ପେସନିଆ, ଉପଦେଷ୍ଟା ଶ୍ରୀଧର ପେସନିଆ, ଅଶୋକ ପଟ୍ଟନାୟକ, ଲାଞ୍ଜିଗଡ ବ୍ଲକ ବିଜେଡ଼ି ସଭାପତି ହୀମାଦ୍ରି ପେସନିଆ, ଲାଞ୍ଜିଗଡ ଜୋନ–୨ ଜିଲା ପରିଷଦ ସଭ୍ୟ ପରିକ୍ଷୀତ ନାଏକ, ଭଟାଙ୍ଗପଦର ସମିତିସଭ୍ୟ ରୁପେନ୍ଦ୍ର ଛତ୍ରିଆ, ମହିଳା ନେତ୍ରୀ ଫୁଲମେ ମାଝିଙ୍କ ସମେତ ବିଡିଓ ଶଶାଙ୍କ ପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ସାଲଖୁ ହେମ୍ବ୍ରମ, କନିଷ୍ଠ ଯନ୍ତ୍ରୀ ଗୋଲକବିହାରୀ ଭୋଇ, କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ପକ୍ଷରୁ ଲମ୍ବୋଦର ପ୍ରଧାନ, କମ୍ବୁଭୂଷଣ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ନକଲି ମଦ ଜବତ, ଜଣେ ଗିରଫ

ଖଡ଼ିଆଳ,୨୯।୨(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ଡୁଆଝର ସାଲେପଡାରେ ନୂଆପଡା ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରି ବିପୁଳ ପରିମାଣର ନକଲି ମଦ ଜବତ କରିଛି। ଏହି ଅଭିଯୋଗ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ବ୍ୟକ୍ତି ହେଲେ ସୁନୀଲ କୁମାର ମେହେର (୨୫)। ଅବକାରୀ ବିଭାଗ ପକ୍ଷରୁ ପ୍ରକାଶ ଯେ, ନୂଆପଡା ଅବକାରୀ ଅଧୀକ୍ଷକ ସଙ୍ଘମିତ୍ରା ପ୍ରଧାନଙ୍କ ନିର୍ଦ୍ଦେଶରେ ଅବକାରୀ ବିଭାଗ ପକ୍ଷରୁ ଡୁଆଝର ସାଲେପଡାଠାରେ ସୁନୀଲ କୁମାର ମେହେର ବହୁଦିନ ଧରି ବିଦେଶୀ ମଦ ତିଆରି କରି ବିଭିନ୍ନ ସ୍ଥାନରେ ବିକ୍ରି କରୁଥିବା ଖବର ପାଇ ଚଢ଼ାଉ କରିଥିଲେ। ନକଲି ବିଦେଶୀ ମଦ ୧୮୦ ଏମ ଏଲ ୪୮ ବୋତଲ, ଖାଲି ବୋତଲ ମେକଡଲ ନଂ ୧ ୭୫୦ ଏମ ଏଲ ୨୦ ବୋତଲ ଠିପି ୨୬୩୬ ଗୋଟି, ଖୋଲା ବୋତଲ ୧୮, ୧୮୦ ଏମ ଏଲ ୧୩ ବୋତଲ, ଖାଲି ବୋତଲ ଆଇ ବି ୧୮୦ ଏମଏଲ ୭୮ ବୋତଲ, ଆରଏସ ୧୮୦ ଏମଏଲ ୮୭ ବୋତଲ, ଷ୍ଟେର୍ଲିଙ୍ଗ ରିଜବ ୨୮୦ ଗୋଟି, ଆଇବି ଠିପି ୬୦୦, ସରକାରୀ ଲେବଲ ୧୯୫୦ ଗୋଟି ଓ ଭିଭୋ ମୋବାଇଲ ଗୋଟିଏ, ସମ୍ପୃକ୍ତ ଯୁବକଙ୍କଠାରୁ ଜବତ ହୋଇଛି। ମୋଟ ନକଲି ମଦ ୮ ଲିଟର ୬୪୦ ଜବତ ହୋଇଛି। ଚଢ଼ାଉରେ ଏସଆଇ ସଞ୍ଜୀବ ବେହେରା, ସୁରେଶ ତାଣ୍ଡି, ଅଲେଖ ପଟେଲ, ଏଏସଆଇ ହିଙ୍ଗୁଳା ଦାସ, ସରୋଜ କଟା, ରାମଚନ୍ଦ୍ର ଜାନୀ, କନଷ୍ଟେବଳ ବୈଜୟନ୍ତୀ ଶବର, ମୁରଲୀଧର ଶବର, ରୋଷଣ ବିଶ୍ୱାଳ, ମୋହନ ତାଣ୍ଡି, ପ୍ରଶାନ୍ତ ନାଏକ, ଦୀପାଞ୍ଜଳି ତିୱାରୀ, ପୁରୋହିତ ବଛା ସାମିଲ ହୋଇଥିଲେ। ଅଧିକ ତଦନ୍ତ ଜାରି ରହିଛି ବୋଲି ଅବକାରୀ ଅଧୀକ୍ଷକ ପ୍ରଧାନ ପ୍ରକାଶ କରିଥିଲେ।

## ମନ୍ତ୍ରୀଙ୍କ ଦ୍ୱାରା ବ୍ୟାଙ୍କ ଶାଖା ଉଦ୍‌ଘାଟିତ

ନୂଆପଡ଼ା,୨୯।୨(ମକାରୁ ବେମାଲ)

ନୂଆପଡା ସଦର ବ୍ଲକର ବିଭିନ୍ନ ପଞ୍ଚାୟତରେ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ଦ୍ୱାରା ଗୁରୁବାର ଭାରତୀୟ ଷ୍ଟେଟବ୍ୟାଙ୍କ ଶାଖା ଉଦ୍‌ଘାଟନ କରିଛନ୍ତି। ସଦଦ ବ୍ଲକ କେରମେଲି, ଟାନୱାଟ, ଖୁଟମନଭେରା, ସାରାବଙ୍ଗ ଓ ଡୁମେରପାଣିଠାରେ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ଉଦଘାଟନ କରିଛନ୍ତି। ଏହି ବ୍ୟାଙ୍କ ହେବା ଦ୍ୱାରା ଲୋକେ ଦୂରକୁ ଟଙ୍କା ଲେନଦେଣ ପାଇଁ ଯିବାକୁ ପଡିବନାହିଁ। ଗାଁରେ ଟଙ୍କା ଜମା କରି ପାରିବେ ଓ ଉଠାଇ ପାରିବେ ବୋଲି ମୁଖ୍ୟଅତିଥି କହିଥିଲେ। ବିଧାୟକ ପ୍ରତିନିଧି ଜୟ ଢୋଲକିଆ, ସରପଞ୍ଚ ଚମନ ଲାଲ ପାଣ୍ଡେ, ସମିତି ସଭ୍ୟ ତାତୁରାମ ପାଣ୍ଡେ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୁଃଖିଶ୍ୟାମ ପ୍ରଧାନ, ଚନ୍ଦ୍ରକାନ୍ତ ଠାକୁର, ବିଶ୍ୱଜିତ ସାହୁ, ମୋତିରାମ ପଟେଲ, ବେଗୁରାମ ପାଣ୍ଡେ, ରାଜେଶ ବାଗ, ଏମବିକେ, ସିଆରପି, ୱାର୍ଡ ସଭ୍ୟାସଭ୍ୟ, ସ୍ୱୟଂ ସହାୟକ ମହିଳା ଗୋଷ୍ଠି ଉପସ୍ଥିତ ଥିଲେ।

## ରିଞ୍ଜାଠାରେ ଆମ ବ୍ୟାଙ୍କ ଉଦ୍‌ଘାଟିତ



ମୁଖ୍ୟଅତିଥି ଓ ଅନ୍ୟମାନେ ଆମ ବ୍ୟାଙ୍କ ଉଦ୍‌ଘାଟନ କରୁଛନ୍ତି।

କର୍ଲାମୁଣ୍ଡା,୨୯।୨(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଞ୍ଜା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ଓଡିଶା ସରକାରଙ୍କ ପକ୍ଷରୁ ଲୋକଙ୍କ ନିକଟରେ ବ୍ୟାଙ୍କ ସେବା ଯୋଗେଇବା ଲକ୍ଷ୍ୟରେ ଗୁରୁବାର ଏସବିଆଇ ଆନୁକୂଲ୍ୟରେ ଆମ ବ୍ୟାଙ୍କ ଉଦଘାଟନ ହୋଇଯାଇଛି। ଏଥିରେ ସରପଞ୍ଚ ପଞ୍ଚାନନ ବାଗଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ସୁରେନ୍ଦ୍ର ଭୋଇ, ସରପଞ୍ଚ, କାର୍ଯ୍ୟ ନିର୍ବାହୀ ଅଧିକାରୀ ପରମାନନ୍ଦ ମାଝି, ଭାରତୀୟ ଷ୍ଟେଟ ବ୍ୟାଙ୍କ ଅଧିକାରୀ ଚୈତନ୍ୟ ପ୍ରସାଦ ପଧାନ, ବୋରପଦର ପଞ୍ଚାୟତ ସରପଞ୍ଚ ସୁବାଷ ସାହ, ପ୍ରଦୀପ କୁମାର ସାହୁ ଓ ନବୀନ କୁମାର ସାହୁ, ନାଏବ ସରପଞ୍ଚ ପୂର୍ଣ୍ଣମି ମାଝି ପ୍ରମୁଖ ଯୋଗଦେଇ ସରକାରଙ୍କ ଏଭଳି ପଦକ୍ଷେପକୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆମ ବ୍ୟାଙ୍କ ପରିଚାଳକ ହିରୋଜ କୁମାର ସାହୁ ବ୍ୟାଙ୍କରେ ମିଳିବାକୁ ଥିବା ସୁବିଧା ସୁଯୋଗ ଉପରେ ଆଲୋକପାତ କରିଥିଲେ। ସଭା କାର୍ଯ୍ୟରେ ଗ୍ରାମ ରୋଜଗାର ସେବକ ଶିବ କୁମାର ଭୋଇ ସଂଯୋଜନା କରିଥିଲେ। ଏଥିରେ ନିତୁ ସାହୁ, ନରୋତ୍ତମ ସାହୁ, ଦାଶରଥି ସେଲମା, ଚନ୍ଦରୁ ସାହୁ, ଡିଙ୍ଗର ସାହୁ, ଭୋଳା ମାଝି, ଅବିନାଶ ସାହୁ ସହଯୋଗ କରିଥିଲେ।

# ହତ୍ୟାକାରୀ ସ୍ୱାମୀଙ୍କୁ ଆଜୀବନ ଜେଲ

ଧର୍ମଗଡ଼,୨୯।୨(ହିଂମାଂଶୁ ଶେଖର ପଣ୍ଡା)

**ଯୌତୁକ ପାଇଁ ସ୍ତ୍ରୀଙ୍କୁ ହତ୍ୟା ଘଟଣା**

କଳାହାଣ୍ଡି ଜିଲା ଆମପାଣି ଥାନା ନୂଆଗାଁ ଗ୍ରାମରେ ୨୦୧୮ରେ ଯୌତୁକ ପାଇଁ ସ୍ତ୍ରୀଙ୍କୁ ରଶି ସାହାର୍ଯରେ ତଣ୍ଟି ଚିପି ସ୍ୱାମୀ ହତ୍ୟା କରିବା ଘଟଣାର ରାୟ ଗୁରୁବାର ପ୍ରକାଶ ପାଇଛି। ଧର୍ମଗଡ ଅତିରିକ୍ତ ଜିଲା ଦୋରାଜଜ୍ ସୁରେଶ ଚନ୍ଦ୍ର ପ୍ରଧାନ ଏହି ମାମଲାରେ ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭତ୍ତିକରି ଅଭିଯୁକ୍ତ ସ୍ୱାମୀ ଦୁର୍ଜନ ସୁନାନୀଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୧୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଆହୁରି ବର୍ଷେ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡିବ ବୋଲି ରାୟରେ ପ୍ରକାଶ କରିଛନ୍ତି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଆମପାଣି ଥାନା ନୂଆଗାଁ ଗ୍ରାମରେ ଗତ ୨।୯।୨୦୧୮ରେ ଦୁର୍ଜନ ସ୍ତ୍ରୀ ଦେବକୀ ରାଉତଙ୍କୁ ଯୌତୁକ ପାଇଁ ରଶି ସାହାର୍ଯରେ ତଣ୍ଟି ଚିପି ହତ୍ୟା କରିଥିଲେ। ଏହି ଘଟଣା ନେଇ ମୃତକାଙ୍କ କକା କୁବେର ରାଉତ ସ୍ଥାନୀୟ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ.୫୨/୧୮) ରୁଜୁ କରି ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି ସେତେବେଳେ କୋର୍ଟ ଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ଏହି ମାମଲା ସରକାରୀ ଓକିଲ ପୂର୍ଣ୍ଣଚନ୍ଦ ନାଗ ପରିଚାଳନା କରିଥିଲେ।

# ଛତିଶଗଡ଼ ଭାଜପା ସହ ପ୍ରଭାରୀଙ୍କ କର୍ଲାମୁଣ୍ଡା ବ୍ଲକ ଗସ୍ତ

ରିଷିଡ଼ା,୨୯।୨(ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ କର୍ଲାମୁଣ୍ଡା ପଞ୍ଚାୟତ ବସ୍ତି, ପୌରକେଲା, ରିଷିଡା, ଗଜବାହାଲ, ରାଜପୁରକୁ ଗସ୍ତ କରିଛନ୍ତି ଭାଜପା ଛତିଶଗଡ ସହ ପ୍ରଭାରୀ ଦୀପଜ୍ୟୋତି ମୁଣ୍ଡ। ସେ କେନ୍ଦ୍ର ସରକାରଙ୍କ ଯୋଜନାରେ ହିତାଧିକାରୀଙ୍କୁ ସିଧାସଳଖ କିଷାନ ସମୃଦ୍ଧି ଯୋଜନା, ପ୍ରଧାନମନ୍ତ୍ରୀ ଆବାସ, ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ, ହିତାଧିକାରୀଙ୍କୁ ମାଗଣା ଚାଉଳ, ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ବିଷୟରେ କହିଥିଲେ। ଘର ଘର ବୁଲି ପ୍ରତ୍ୟେକ ପରିବାରକୁ ମୋଦି ସରକାରଙ୍କ ଯୋଜନାର ଲିଫ୍ଲେଟ ଦେଇ ଆଗାମୀ ନିର୍ବାଚନରେ ଡବଲ ଇଞ୍ଜିନ ସରକାର କରିବା ପାଇଁ ଲୋକମାନଙ୍କୁ ଅନୁରୋଧ କରିଥିଲେ। ଆୟୋଜିତ ଜନସମ୍ପର୍କ ପଦଯାତ୍ରାରେ ମଣ୍ଡଳ ସଭାପତି ସଞ୍ଜୟ ଜୈନ, ମିଡ଼ିଆ ସେଲ ବିଶିକେଶନ ସେଠୀ, ବୁଥ ସଭାପତି ବାହାନ ସାହୁ ଓ ଭୁବନ ଭୋଇ, ପୂର୍ବତନ ଜିଲା ପରିଷଦ ସଦସ୍ୟ ନବୀନ ରଣା ସହଯୋଗ କରିଥିଲେ।



# ୨ ମାସ ଅନ୍ଧାରରେ ସୁନାବେଢ଼ା, ସୋସେଙ୍ଗ ପଞ୍ଚାୟତ

ନୂଆପଡ଼ା,୨୯।୨(ମକାରୁ ବେମାଲ)



ଜିଲାପାଳଙ୍କୁ ଦାବିପତ୍ର ଦେବା ପାଇଁ ଅପେକ୍ଷା କରିଛନ୍ତି।

**■୭ ଦିନ ମଧ୍ୟରେ ବିଦ୍ୟୁତ୍ ସଂଯୋଗ ନ ହେଲେ ଆନ୍ଦୋଳନ**

**■ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ସୁନାବେଡା ଅଭୟାରଣ୍ୟ ଭିତରେ ଅବସ୍ଥିତ ସୁନାବେଡା ଓ ସୋସେଙ୍ଗ ପଞ୍ଚାୟତର ଛୋଟବଡ ୫୨ଟି ଗାଁକୁ ଦୀର୍ଘ ୨ ମାସ ହେବ ବିଦ୍ୟୁତ୍ ବିଚ୍ଛିନ ହୋଇଥିବାରୁ ଲୋକେ ଅନ୍ଧାରରେ ରହିଛନ୍ତି। ଡିପବୋରୱେଲର ମୋଟର ପମ୍ପ ଚାଲୁ ନ ଥିବାରୁ ଖରାଟିଆ ଚାଷ ମରି ଯାଉଥିବା ଅଭିଯୋଗ କରିଛନ୍ତି। ଜିଲାର ବିଦ୍ୟୁତ୍ ବିଭାଗ ଦାୟିତ୍ୱରେ ଥିବା ଟିପିଡବ୍ଲୁଓଡିଏଲ କମ୍ପାନୀଙ୍କୁ ସୁନାବେଡାବସୀ ଅନେକ ଥର ଲିଖିତ ଭାବେ ଜଣାଇ ଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ କର୍ଣ୍ଣପାତ କରୁ ନାହାନ୍ତି। ଏହାକୁ ନେଇ ଗୁରୁବାର ସୁନାବେଡା ଅଞ୍ଚଳବାସୀ ନୂଆପଡା ଆସି ଜିଲାପାଳ ହେମକାନ୍ତ ସାଏଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦୀର୍ଘ ୨ ମାସ ହେବ ବିନା ବିଦ୍ୟୁତ୍‌ରେ ବହୁତ ଅସୁବିଧାରେ ଦିନରାତି ବିତାଇ ଚାଲିଛୁ। ଆଗାମୀ ୭ ଦିନ ଭିତରେ ବିଦ୍ୟୁତ୍ ସଂଯୋଗ ନ ହେଲେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବୁ ବୋଲି ଚେତାବନୀ ଦେଇଛନ୍ତି। ସୁନାବେଡା ଅଭୟାରଣ୍ୟ ଭିତରେ ବସବାସ କରୁଥିବା ଆଦିମ ଜନଜାତି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ଖରାଟିଆ ଚାଷ ମାଣ୍ଡିଆ, ଷ୍ଟ୍ରବେରୀ, ତରଭୁଜ, ପନିପରିବା ଓ ଡିପବୋରୱେଲରେ ଧାନ ଓ ଚିନାବାଦାମ ଚାଷ କରିଛନ୍ତି। ଦୀର୍ଘ ଦୁଇ ମାସ ହେବ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହେବାରୁ ଚାଷ ସବୁ ମରି ଗଲାଣି। ୭ ଦିନ ଭିତରେ ଚାଷରେ ପାଣି ନ ଦେଲେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ। ଏ ସଂକ୍ରାନ୍ତରେ ସୁନାବେଡାବସୀ ବିଦ୍ୟୁତ୍ ବିଭାଗକୁ ବାରମ୍ବାର ଲିଖିତ ଓ କଥିତ ଭାବେ ଜଣାଇଥିଲେ ମଧ୍ୟ କର୍ଣ୍ଣପାତ କରି ନ ଥିବା ଅଭିଯୋଗ କରିଛନ୍ତି। ଅଭୟାରଣ୍ୟ ଭିତରେ ହିଂସ୍ର ଜନ୍ତୁଙ୍କ ଭୟ ରହିଛି। ବିଦ୍ୟୁତ୍ ନ ଥିବାରୁ ସନ୍ଧ୍ୟା ହେଲେ ତାଟି କବାଟ ବନ୍ଦ କରି ରହୁଛନ୍ତି। ୭ ଦିନ ଭିତରେ ବିଦ୍ୟୁତ୍ ସଂଯୋଗ ନ ହେଲେ ରାଜ ରାସ୍ତାକୁ ଓହ୍ଲାଇ ୩୫୩ ନମ୍ବର ଜାତୀୟ ରାଜପଥ ଅବରୋଧ କରିବୁ ବୋଲି ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସୋସେଙ୍ଗ ସରପଞ୍ଚ ଲିଙ୍ଗରାଜ ମାଝି, କଲିରାମ ସୁଆର, ଯୁବରାଜ ସିଂ ଛତ୍ରିଆ, ହେମଲତା ରାଉତ, ଭାଉରାମ ମାଝି, ବ୍ରିଜଲାଲ ଝାଙ୍କର, କାଶିରାମ ସୁଆର, ସେତରାମ ବର୍ଗେ, ଭୁଜବଳ ମାଝି, ପୁରନ ବିଶ୍ୱାଳ, ମୁକେଶ ରଣା, ଦଶରଥ ଚତ୍ରିଆ, ଲଖନ ଛତ୍ରିଆ, ଧବଳେଶ୍ୱର ଝାଙ୍କର ପ୍ରମୁଖ ଓ ସୁନାବେଡା ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

# ୪୦ କେଜି ଗଞ୍ଜେଇ ଜବତ



ଘଣ୍ଟାପଡ଼ା,୨୯।୨(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଥାନା ପୋଲିସ ୪ ବସ୍ତା ଗଞ୍ଜେଇ ଜବତ କରିଛି । ବିଶସ୍ତ ସୂତ୍ରରୁ ଖବର ପାଇ ଥାନାଧିକାରୀ ବଳଭଦ୍ର ଗଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ବିଶ୍ୱାମିତ୍ର ଲୋଇଙ୍କ ନେତୃତ୍ୱରେ ପୋଲିସ ଟିମ୍ ନାରାୟଣପ୍ରସାଦ ପଞ୍ଚାୟତ ଅଧୀନ ନାଦେନ ଗ୍ରାମ ନିକଟସ୍ଥ ଜଙ୍ଗଲରେ ଗଞ୍ଜେଇ ଚୋରାଚାଲାଣ ପାଇଁ ପ୍ରସ୍ତୁତି ଚାଲିଥିବା ସ୍ଥାନରେ ଚଢାଉ କରିଥିଲେ । ପୋଲିସକୁ ଦେଖି ଚୋରା ବେପାରୀମାନେ ଫେରାର ମାରିଥିଲେ। ପୋଲିସ ଉକ୍ତ ସ୍ଥାନରୁ ୪ ଟି ଅଖାରେ ଥିବା ଗଞ୍ଜେଇ ଜବତ କରିଥିଲା । ଏ ନେଇ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି। ଜବତ ଗଞ୍ଜାଇର ଓଜନ ୪୦ କେଜି ଓ ଏହାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ହେବ ବୋଲି ଗଣ୍ଡା ସୂଚନା ଦେଇଛନ୍ତି।

# ବସନ୍ତ କୁମାର ସାହୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ

ବୌଦ୍ଧ,୨୯।୨(ଅଜିତ କୁମାର ବାରିକ)



ବୌଦ୍ଧର ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ବସନ୍ତ କୁମାର ସାହୁଙ୍କୁ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ଭାବରେ ଆଗାମୀ ତିନି ବର୍ଷ ପାଇଁ ମନୋନୀତ କରାଯାଇଛି। ଶିକ୍ଷକ ସାହୁ ଶିଶୁମାନଙ୍କ ପାଇଁ କଣ୍ଢେଇ ନାଚ ମାଧ୍ୟମରେ ଅନେକ ଶିକ୍ଷଣୀୟ କାର୍ଯ୍ୟକ୍ରମ କରି ରାଜ୍ୟ ତଥା ଜାତୀୟ ସ୍ତରରେ ପ୍ରଶଂସିତ ହେବା ସହିତ ଅନେକ ମଞ୍ଚରେ ପୁରସ୍କୃତ ହୋଇଛନ୍ତି। ଅବସର ପରେ ସେ ରାଜ୍ୟ ଶିକ୍ଷା ବିଭାଗ ପକ୍ଷରୁ ସାଧନ କର୍ମୀ ଭାବରେ ସରକାରୀ କାର୍ଯ୍ୟକ୍ରମରେ ବିଭିନ୍ନ ଜିଲାରେ ଯୋଗଦେଇ ନିଜର ଦକ୍ଷତା ପ୍ରଦର୍ଶନ କରିଛନ୍ତି । ବୌଦ୍ଧ ଜିଲା ପକ୍ଷରୁ ସାହୁଙ୍କୁ ଏହି ନୂତନ ଦାୟିତ୍ୱ ପାଇଁ ବିଭିନ୍ନ ମହଲରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ତମାଖୁ ନିୟନ୍ତ୍ରଣ କମିଟି ବୈଠକ

ବୌଦ୍ଧ,୨୯।୨(ଅଜିତ କୁମାର ବାରିକ)

ବୌଦ୍ଧ ଜିଲାପାଳଙ୍କ ସଦ୍‌ଭାବନା ଗୃହଠାରେ ଜିଲା ତମାଖୁ ନିୟନ୍ତ୍ରଣ କମିଟି ବୈଠକ ଜିଲାପାଳ ଜେ.ସୋନାଲଙ୍କ ଅଧ୍ୟକ୍ଷତାରେ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି । ଅଣସଂକ୍ରାମକ ଓ କିଡ୍‌ନୀ ରୋଗ ଦମନ ପାଇଁ ଜିଲାପାଳ ଏକ ନୂତନ ପ୍ରସ୍ତାବ ଦେବାକୁ ସ୍ୱାସ୍ଥ୍ୟବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଜିଲାରେ ଏକ ଗ୍ରାମକୁ ତମାଖୁମୁକ୍ତ ଗ୍ରାମ ଘୋଷଣା କରିବା ପାଇଁ ଜିଲାପାଳ ନିଷ୍ପତ୍ତି ନେଇଥିଲେ । ବୈଠକରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଜୟକୃଷ୍ଣ ମିଶ୍ର, ଡିପିଏଚଓ ଡ. ଭିକେ ଆରସି ଦେଓ ହେମ୍ବ୍ରମ, ଡିଏମଓ ଡ. ସଂଘମିତ୍ରା ପଣ୍ଡା, ଡିପିଏମ ରୁପକ ମହାପାତ୍ର, ଆଲୋକ କୁମାର ମିଶ୍ର, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଓ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ଝୋଟ ବ୍ୟାଗ୍, ନଗଦ ରାଶି ପ୍ରଦାନ

ବରଗଡ଼,୨୯।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ପୌର ପରିଷଦ ଅଧିନ ୱାର୍ଡ ନଂ–୧୦ରେ ରାଶନ କାର୍ଡଧାରୀଙ୍କୁ ୨ଟି ଝୋଟ ବ୍ୟାଗ୍ ଏବଂ ୧ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା କଳ୍ପନା ମାଝୀ, ପୌର ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ, କାଉନସିଲର ଉମାଚରଣ ରାଉତ, ଲିପୁ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ।

# ବୌଦ୍ଧ ସହରବାସୀ ୨୪ ଘଣ୍ଟିଆ ପାଇବେ ବିଶୁଦ୍ଧ ପାନୀୟଜଳ

ବୌଦ୍ଧ,୨୯।୨(ଅଜିତ କୁମାର ବାରିକ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଦିନ ବୌଦ୍ଧ ସହରବାସୀଙ୍କ ପାନୀୟଜଳ ସଙ୍କଟ ଦୂର କରିବା ପାଇଁ ୨୪ କୋଟି ଟଙ୍କାର ଏକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ପୌରପରିଷଦ ଓ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବୌଦ୍ଧ ଟାଉନହଲଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଆଭାସୀ ଜରିଆରେ ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ନୂତନ ଯୋଜନା ଅନୁଯାୟୀ, ବୌଦ୍ଧ ସହରବାସୀଙ୍କୁ ପାନୀୟଜଳ ପାଇଁ ଆଉ ଅପେକ୍ଷା କରିବାକୁ ପଡିବ ନାହିଁ। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଏଣିକି ଟ୍ୟାପ୍ ଖୋଲିଲେ ୨୪ ଘଣ୍ଟିଆ ପାନୀୟଜଳ ସହରବାସୀ ପାଇପାରିବେ। ସେଥିପାଇଁ ସହରର ବାବୁସାହିଠାରେ ୧୦ ଲକ୍ଷ ଲିଟର, ମହାନଦୀ ପାର୍କଠାରେ ୬ ଲକ୍ଷ ଓ ମର୍ଜାକୁଦଠାରେ ୨ ଲକ୍ଷ କ୍ଷମତା ବିଶିଷ୍ଟ ଓଭରହେଡ ଟ୍ୟାଙ୍କ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିସହିତ ମର୍ଜାକୁଦଠାରେ ଜଳ ବିଶୋଧନାଗାର ଓ ଇଣ୍ଟେକ ୱେଲ ନିର୍ମାଣ ଏବଂ ପାଇପ ଲାଇନ ବିଛାଇବା ପାଇଁ ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଟାଉନହଲଠାରେ ବୌଦ୍ଧ ପରିଷଦର ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବରେ ପୌର ପରିଷଦର ନଗରପାଳ ମୃତ୍ୟୁଞ୍ଜୟ ମିଶ୍ର, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷା ସୁଭାସିନୀ ସେଠୀ, ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ଯନ୍ତ୍ରୀ ନିରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ସବରେ ବୌଦ୍ଧ ପୌର ପରିଷଦର ସମସ୍ତ କାଉନସିଲର, ସହରର ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ପୌର ପରିଷଦର ମାନ୍ୟତା ପ୍ରଦାନ କରିବା ପରେ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବ ବୋଲି ବୌଦ୍ଧବାସୀ ଆଶାବାଦୀ ଅଛନ୍ତି।

# ନୂଆପାଲିକୁ ହରାଇ ଅମରପାଲି ସେମି ଫାଇନାଲରେ



ବିଜୟୀ ଅମରପାଲି ଦଳର ଖେଳାଳି ।

ଅମରପାଲି,୨୯।୨(ପୀତାମ୍ବର ସାହୁ)

**୫ମ ଡ. ଭୀମରାଓ ଆମ୍ବେଡକର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କଳାପଥରଠାରେ ଗୁରୁବାର ଦିନ ପଞ୍ଚମ ଡ.ଭୀମରାଓ ଆମ୍ବେଡକର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବୀରମହାରାଜପୁର ଏପିଓ ସମ୍ବିତ ମହାକୁର ମୁଖ୍ୟଅତିଥି ଏବଂ କ୍ରୀଡ଼ାବିତ ମଞ୍ଜୁଳା ସୁନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ଟାଙ୍ଗରସାହି ଓ ନୂଆପାଲି ମଧ୍ୟରେ ହୋଇଥିଲା। ଏଥିରେ ଟାଙ୍ଗରସାହି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୭ ଉଇକେଟ ହରାଇ ୭୩ ରନ କରିଥିଲା। ଜବାବରେ ନୂଆପାଲି ଦଳ ୮ ଓଭରରେ ଆବଶ୍ୟକ ୭୪ ରନ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଅମରପାଲି ଓ ରଥପୁର ମଧ୍ୟରେ ହୋଇଥିଲା। ଏଥିରେ ଅମରପାଲି ଦଳ ନିର୍ଦ୍ଧାରିତ ୮ ଓଭରରେ ୬ ଉଇକେଟ ହରାଇ ୧୩୦ ରନ କରିଥିଲା। ଜବାବରେ ରଥପୁର ଦଳ ନିର୍ଦ୍ଧାରିତ ୮ ଓଭରରେ ୪ ଉଇକେଟ ହରାଇ ୧୧୪ ରନ କରି ପରାସ୍ତ ହୋଇଥିଲା। ତୃତୀୟ ମ୍ୟାଚ ପ୍ରଥମ ମ୍ୟାଚର ବିଜେତା ନୂଆପାଲି ଓ ଦ୍ୱିତୀୟ ମ୍ୟାଚର ବିଜେତା ଅମରପାଲି ମଧ୍ୟରେ ପ୍ରଥମ କ୍ୱାର୍ଟର ଫାଇନାଲ ଖେଳା ଯାଇଥିଲା। ଏଥିରେ ନୂଆପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୫ ଉଇକେଟ ହରାଇ ୫୪ ରନ କରିଥିବା ବେଳେ ଅମରପାଲି ଦଳ ୪.୧ ଓଭରରେ ୪ ଉଇକେଟ ହରାଇ ଆବଶ୍ୟକ ୫୫ରନ ସଂଗ୍ରହ କରି ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ଖେଳଗୁଡିକରେ ବ୍ରଜବନ୍ଧୁ ମହାକୁର ଓ ଉଗ୍ରେସନ କୁମ୍ଭାର ଅମ୍ପାୟର, ରମାକାନ୍ତ ସୁରଜାଲ ସ୍କୋରର ଏବଂ ପୂର୍ଣ୍ଣଚନ୍ଦ୍ର ସୁରଜାଲ ଧାରା ବିବରଣୀ ପ୍ରଦାନ କରିଥିଲେ।

# ବ୍ୟାଙ୍କର ସିଏସ୍‌ପି ଲୋକାର୍ପିତ

ଗାଇସିଲେଟ୍,୨୯।୨(ଦୁର୍ଗାପ୍ରସାଦ ତ୍ରିବେଦୀ)

ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ ୭ ପଞ୍ଚାୟତରେ ଗୁରୁବାର ବ୍ୟାଙ୍କର ସିଏସ୍‌ପି (କଷ୍ଟମର ସର୍ଭିସ ପଏଣ୍ଟ) ଲୋକାର୍ପିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡ଼ିଓ କନଫରେନ୍ସ ମାଧ୍ୟମରେ ଏହାର ଲୋକାର୍ପଣ କରିଥିଲେ। ଏହି ଅବସରରେ ଗାଇସିଲେଟ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସ୍ୱତନ୍ତ୍ର ସମାରୋହ ହୋଇଥିଲା। ବୁରୋମୁଣ୍ଡା ସରପଞ୍ଚ ସରୋଜ ଶ୍ରୀଭୂଷଣ ସାହୁ ନୂତନ ସିଏସ୍‌ପି ଗୃହକୁ ଉଦ୍‌ଘାଟନ କରିଥିଲେ। ଗ୍ରାମ ରୋଜଗାର ସେବକ ରାଜେନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁପରୂପ ଭାବେ ଉକ୍ତ ବ୍ଲକ ଅନ୍ତର୍ଗତ ଜଗଲପାଟ, ଗୁଦେରପାଲି, ଗନିଆପାଲି, କନ୍ଦାଗାଡ଼, କଟାବାହାଲ, ଯାମୁଟପାଲିରେ ସିଏସ୍‌ପି ଗୃହ ଉଦ୍‌ଘାଟିତ ହୋଇଛି। ଏଠାରେ ବ୍ୟାଙ୍କ ଭଳି ଟଙ୍କା ଦେଣନେଣ କାରବାର ଏଣିକି ହୋଇପାରିବ ବୋଲି ଜଣାପଡିଛି।




ବୁରୋମୁଣ୍ଡାରେ କଷ୍ଟୋମର ସର୍ଭିସ ପଏଣ୍ଟକୁ ଲୋକାର୍ପିତ କରାଯାଉଛି ।

# ଓଭର୍ ହେଡ୍ ପାଣିଟାଙ୍କି ଭିତ୍ତିପ୍ରସ୍ତର ସ୍ଥାପନ

ବିନିକା,୨୯।୨(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସହରାଞ୍ଚଳରେ ପାଣି ସମସ୍ୟା ଦୂର ପାଇଁ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଏକ ଓଭର ହେଡ ଟାଙ୍କିର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଉପଲକ୍ଷେ ଏନଏସି ଟାଉନହଲଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, ନଗରପାଳ ସୁବାଷ ଚନ୍ଦ୍ର ଭୁଏ, ଉପାଧ୍ୟକ୍ଷା ତପସ୍ୱିନୀ ମେହେର, ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ଏ. କୁମାର ମୂର୍ତ୍ତି, କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟନାରାୟଣ ପଧାନ,ନଗର ସଭାପତି ସୋମନାଥ ମିଶ୍ର,ସି ଏମ ଏମ ଉମାକାନ୍ତ ସିଂ, ପିଏ ସରୋଜ ମେହେର,ମୋହନ ମହାନନ୍ଦ, କାଉନସିଲର,କର୍ମଚାରୀଙ୍କ ସମେତ ସହରବାସୀ ଉପସ୍ଥିତ ଥିଲେ।

# ନକଲି ମଦ ଜବତ, ଜଣେ ଗିରଫ

ଖଡ଼ିଆଳ,୨୯।୨(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ଡୁଆଝର ସାଲେପଡାରେ ନୂଆପଡା ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରି ବିପୁଳ ପରିମାଣର ନକଲି ମଦ ଜବତ କରିଛି। ଏହି ଅଭିଯୋଗ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ବ୍ୟକ୍ତି ହେଲେ ସୁନୀଲ କୁମାର ମେହେର (୨୫)। ଅବକାରୀ ବିଭାଗ ପକ୍ଷରୁ ପ୍ରକାଶ ଯେ, ନୂଆପଡା ଅବକାରୀ ଅଧୀକ୍ଷକ ସଙ୍ଘମିତ୍ରା ପ୍ରଧାନଙ୍କ ନିର୍ଦ୍ଦେଶରେ ଅବକାରୀ ବିଭାଗ ପକ୍ଷରୁ ଡୁଆଝର ସାଲେପଡାଠାରେ ସୁନୀଲ କୁମାର ମେହେର ବହୁଦିନ ଧରି ବିଦେଶୀ ମଦ ତିଆରି କରି ବିଭିନ୍ନ ସ୍ଥାନରେ ବିକ୍ରି କରୁଥିବା ଖବର ପାଇ ଚଢ଼ାଉ କରିଥିଲେ। ନକଲି ବିଦେଶୀ ମଦ ୧୮୦ ଏମ ଏଲ ୪୮ ବୋତଲ, ଖାଲି ବୋତଲ ମେକଡଲ ନଂ ୧ ୭୫୦ ଏମ ଏଲ ୨୦ ବୋତଲ ଠିପି ୨୬୩୬ ଗୋଟି, ଖୋଲା ବୋତଲ ୧୮, ୧୮୦ ଏମ ଏଲ ୧୩ ବୋତଲ, ଖାଲି ବୋତଲ ଆଇ ବି ୧୮୦ ଏମଏଲ ୭୮ ବୋତଲ, ଆରଏସ ୧୮୦ ଏମଏଲ ୮୭ ବୋତଲ, ଷ୍ଟେରଲିଙ୍ଗ ରିଜର୍ଭ ୨୮୦ ଗୋଟି, ଆଇବି ଠିପି ୬୦୦, ସରକାରୀ ଲେବଲ ୧୯୫୦ ଗୋଟି ଓ ଭିଭୋ ମୋବାଇଲ ଗୋଟିଏ, ସମ୍ପୃକ୍ତ ଯୁବକଙ୍କଠାରୁ ଜବତ ହୋଇଛି। ମୋଟ ନକଲି ମଦ ୮ ଲିଟର ୬୪୦ ଜବତ ହୋଇଛି। ଚଢ଼ାଉରେ ଏସଆଇ ସଞ୍ଜୀବ ବେହେରା, ସୁରେଶ ତାଣ୍ଡି, ଅଲେଖ ପଟେଲ, ଏଏସଆଇ ହିଙ୍ଗୁଳା ଦାସ, ସରୋଜ କଟା, ରାମଚନ୍ଦ୍ର ଜାନୀ, କନଷ୍ଟେବଲ ବୈଜୟନ୍ତୀ ଶବର, ମୁରଲୀଧର ଶବର, ରୋଷଣ ବିଶ୍ୱାଳ, ମୋହନ ତାଣ୍ଡି, ପ୍ରଶାନ୍ତ ନାଏକ, ଦୀପାଞ୍ଜଳି ତିୱାରୀ, ପୁରୋହିତ ବଛା ସାମିଲ ହୋଇଥିଲେ। ଅଧିକ ତଦନ୍ତ ଜାରି ରହିଛି ବୋଲି ଅବକାରୀ ଅଧୀକ୍ଷକ ପ୍ରଧାନ ପ୍ରକାଶ କରିଥିଲେ।

# ତାଲୁକ ଆଇନ ସେବା ତରଫରୁ ସଚେତନତା କାର୍ଯ୍ୟକ୍ରମ




ମଞ୍ଚାସୀନ ଅତିଥିବୃନ୍ଦ।

ଅମରପାଲି,୨୯।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମେଣ୍ଡାମାଲ ପ୍ରାଥମିକ ବିଦ୍ୟାଳୟଠାରେ ତାଲୁକ ଆଇନ ସେବା କମିଟି ବୀରମହାରାଜପୁର ତରଫରୁ ସଡ଼କ ସୁରକ୍ଷା ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ବୀରମହାରାଜପୁର ତାଲୁକ ଆଇନ ସେବା କମିଟିର ଅଧ୍ୟକ୍ଷା ତଥା ସବଜଜ୍ ସରୋଜିନୀ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବୀରମହାରାଜପୁର ଏସଡ଼ିଜେଏମ ରାଜଶ୍ରୀ ପଟ୍ଟନାୟକ, ସଡ଼କ ଓ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନା, ବରିଷ୍ଠ ଆଇନଜୀବୀ ଯତୀନ କୁମାର ପାଣିଗ୍ରାହୀ, ବିଭୂତି ଭୂଷଣ ହୋତା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଡ଼କ ସୁରକ୍ଷା ଏବଂ ଆଇନ ଉପରେ ସଚେତନ କରିବା ସହିତ ତାଲୁକ ଆଇନ ସେବା ତରଫରୁ ଗରିବଙ୍କୁ ମାଗଣା ସେବା ଯୋଗାଇ ଦେବା ନେଇ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ବବିତା ସେଠୀ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅଦାଲତ କର୍ମଚାରୀ ସଞ୍ଜୀବ କୁମାର ବାରିକ ଓ ରବି ନାରାୟଣ ଅମାତ ସହଯୋଗ କରିଥିଲେ।

# ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ



ବିଧାୟକ ଲୋକଙ୍କ ସହ ଆଲୋଚନା କରୁଛନ୍ତି ।

ଅମରପାଲି,୨୯।୨(ପୀତାମ୍ବର ସାହୁ)

**ଯୋଗ ଦେଲେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହଥା ଗ୍ରାମପଞ୍ଚାୟତର ସାହାଜଲଥା, କିରାସିରା,ଖଣ୍ଡହଥା, ବରଘାଟ ଆଦି ଗ୍ରାମରେ ଗୁରୁବାର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ କରାଯାଇଛି। ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରାଙ୍କ ସମେତ ଦଳୀୟ ନେତା ଓ କର୍ମୀମାନେ ଘର ଘର ବୁଲି ପୋଷ୍ଟର ଲଗାଇଥିଲେ । ଏହି ଅବସରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ଅବଗତ କରିଥିଲେ। ବାର୍ଦ୍ଧକ୍ୟ ଭତ୍ତାକୁ ଦୁଇଗୁଣିତ କରିବା ସହିତ ରାଶନ କାର୍ଡ ହିତାଧିକାରୀଙ୍କୁ ୧ ହଜାର ଟଙ୍କା ସହାୟତା ପ୍ରଦାନ, ବୁଣାକାର, କଳାକାର, କେନ୍ଦୁପତ୍ର ତୋଳାଳିଙ୍କୁ ସହାୟତା ପ୍ରଦାନ, ବୀମା ରାଶିକୁ ୨ଲକ୍ଷ ଟଙ୍କାକୁ ବୃଦ୍ଧି, ଅଙ୍ଗନବାଡି କର୍ମୀଙ୍କ ଦରମା ବୃଦ୍ଧି କରିଥବା ବିଷୟ ସାଧାରଣ ଲୋକଙ୍କୁ ବୁଝାଇ ଥିଲେ । ଏହି ଅବସରରେ ସାହାଜଲଥାଠାରେ ଅନୁଷ୍ଠିତ ଏକ କ୍ରିକେଟ ଟୁର୍ନାମେଣ୍ଟରେ ମୁଖ୍ୟଅତିଥି ଭାବରେ ବିଧାୟକ ପଦ୍ମନାଭ ବେହେରା ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ । କ୍ରିକେଟ ଟୁର୍ନାମେଣ୍ଟର ଏହି କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜିତ କୁମାର ରଥ, ତୁଳସୀ ଦାସ ହୋତା, ଖଣ୍ଡହତା ସରପଞ୍ଚ ଜୟଶ୍ରୀ ଦେହୁରୀ ପ୍ରମୁଖ ସାମିଲ ହୋଇଥିଲେ ।

# ନୂତନ ଛାତ୍ରୀ ନିବାସ ଉଦ୍‌ଘାଟନ



ଉଦଘାଟନ ସମୟରେ ଯୋଗ ଦେଇଥିବା ଅତିଥି ଓ ଛାତ୍ରୀଛାତ୍ର ।

ବୌଦ୍ଧ,୨୯।୨( ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଲୁଣିବାହାଲ ଠାରେ ଗୁରୁବାର ଦିନ ଏକ ନୂତନ ଛାତ୍ରୀ ନିବାସର ଉଦ୍‌ଘାଟନ ହୋଇଛି । ଏହି ଛାତ୍ରୀ ନିବାସକୁ ଆଭାସୀ ଜରିଆରେ କେନ୍ଦ୍ର ସାମାଜିକ ସୁରକ୍ଷା ମନ୍ତ୍ରୀ ଡ. ବିରେନ୍ଦ୍ର କୁମାର ଉଦ୍‌ଘାଟନ କରିଥିଲେ । ଏହି ଛାତ୍ରୀ ନିବାସର ନାମ ଜଗନ ଜୀବନ ରାମ ଛାତ୍ରୀ ନିବାସ ରଖାଯାଇଥିବା ବେଳେ ଏଠାରେ ୧୦୦ ଜଣ ଛାତ୍ରୀ ରହିବାର ବ୍ୟବସ୍ଥା ରହିଛି । ଉଦ୍‌ଘାଟନ ସମୟରେ ହରଭଙ୍ଗା ବ୍ଲକ ଅଧ୍ୟକ୍ଷା ସ୍ନେହଲତା ପ୍ରଧାନ, ଉପାଧ୍ୟକ୍ଷ ସରୋଜ କୁମାର ପ୍ରଧାନ, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରବିନାରାୟଣ ତ୍ରିପାଠୀ, ହରଭଙ୍ଗା ବିଡିଓ ସ୍ୱପ୍ନିତା ନାଏକ, ଲୁଣିବାହାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ସ୍ଥାନୀୟ ଜନସାଧାରଣ ସାମିଲ ଥିଲେ ।

# କୃତୀ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ବରଗଡ଼,୨୯।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗୁରୁବାର ବରଗଡ଼ ବ୍ଲକର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଲାଭ କରିଥିବା ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ସେବାଶ୍ରୀ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ସ୍ମୃତିଫଳକ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସ୍ଥାନୀୟ ଜର୍ଜ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ସୁନା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ବ୍ଲକର ସମସ୍ତ ସିଆରସିସି ଏବଂ ଗୋଷ୍ଠୀ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ।




ଅତିଥିଙ୍କ ଗହଣରେ କୃତୀ ଶିକ୍ଷୟିତ୍ରୀ, ଶିକ୍ଷକବୃନ୍ଦ।

# କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ, ଲସ୍ତଲା ଚାମ୍ପିୟନ

ଉଲୁଣ୍ଡା,୨୯।୨(ଉରୁକ୍ରମ ପାଣ୍ଡିଆ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ପଞ୍ଚମହଲା ହାଇସ୍କୁଲ ପଡ଼ିଆଠାରେ ଚାଲିଥିବା ୩୭ତମ ମହ୍ଲାର କପ୍ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ଶ୍ରୀଗଣେଶ୍ୱର କ୍ରିକେଟ ଆସୋସିଏଶନ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ପାନଶିଆଳିକୁ ହରାଇ ଲସ୍ତଲା ଦଳ ଚାମ୍ପିୟନ ହୋଇଛି । ପ୍ରଥମ ସେମିରେ ଗୌଡ଼ଗାଁକୁ ହରାଇ ଲସ୍ତଲା ଏବଂ ଦ୍ୱିତୀୟ ସେମିରେ ମରିଚପୁରକୁ ହରାଇ ପାନଶିଆଳି ଦଳ ଫାଇନାଲରେ ପ୍ରବେଶ କରିଥିଲା । ଫାଇନାଲ ଖେଳରେ ପ୍ରଥମେ ଟସ୍ ଜିଣି ଲସ୍ତଲା ଦଳ ନିର୍ଦ୍ଧାରିତ ୮ଓଭରରେ ୪ଉଇକେଟ ହରାଇ ୭୪ରନ କରିଥିଲା । ଏହାର ଜବାବରେ ପାନଶିଆଳି ଦଳ ୮ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୩୬ରନ କରି ପରାଜୟ ହୋଇଥିଲା । ଖେଳକୁ ବାପୁନ ସେଠୀ ଏବଂ ଅମିତ ନାଗ ପରିଚାଳନା କରିଥିଲେ। ନବକିଶୋର ଜଗଦଲା ସ୍କୋରର ଦାୟିତ୍ୱ ତୁଲାଇଥିବା ବେଳେ ସୁଶାନ୍ତ ରଣା ଧାରା ବିବରଣୀ ପ୍ରଦାନ କରିଥିଲେ । ଉରୁକ୍ରମ ପାଣ୍ଡିଆଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ପୂର୍ଣ୍ଣଚନ୍ଦ୍ର ମହାର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ସ୍ଥାନୀୟ ସରପଞ୍ଚ ଅଶୋକ ପଣ୍ଡା, ପ୍ୟାକ୍ସ ସଭାପତି ନରେନ୍ଦ୍ର ଆଚାର୍ଯ୍ୟ, କୈଳାସ ପୁରୋହିତ, ବିମଳ ଜଗଦଲା, ବୃନ୍ଦାବନ ଜଗଦଲା ଯୋଗଦେଇ ବିଜେତା ଲସ୍ତଲା ଓ ଉପବିଜେତା ପାନଶିଆଳି ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ।



ବିଜୟୀ ଅଧିନାୟକଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି ।

## ସଂକ୍ଷେପରେ

### ୨ ବାଇକ୍ ମୁହାଁମୁହିଁ, ଜଣେ ମୃତ

**ସୋହେଲା,୨୯।୨(ଅଶ୍ୱିନୀ କୁମାର ପାତ୍ର):** ସୋହେଲା-ବିଜେପୁର ରାସ୍ତାରେ ଗୁରୁବାର ଦୁଇଟି ବାଇକ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବରଗଡ଼ ସଦର ଥାନା ସର୍ଯ୍ୟାଁ ଗାଁର ନଳିନୀ ପଧାନ (୪୦)। ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଛି। ମୃତକଙ୍କ ପୁତୁରା ସତ୍ୟ ପଧାନଙ୍କ ଅଭିଯୋଗ ଅନୁସାରେ, ଗୁରୁବାର ନଳିନୀ ନିଜ ଗାଁର କୃଷ୍ଣଚନ୍ଦ୍ର ଦାସଙ୍କ ସହ ଏକ ବାଇକ୍ (ନଂ.ସିଜି୧୩ୟୁଏଫ୍୯୪୦୭) ଯୋଗେ ବାରୁପାଲି ଯାଉଥିଲେ। ଏହି ସମୟରେ ସାଧୁପାଲି ମେଟାକାନି ଛକରେ ବିଜେପୁର ପଟରୁ ଆସୁଥିବା ଏକ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ସମସ୍ତ ଗୁରୁତରଙ୍କୁ ଉଦ୍ଧାର କରି ସୋହେଲା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ନଳିନୀଙ୍କୁ ମୃତ ଘୋଷଣା କରିଥିଲେ।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ଭେଡେନ,୨୯।୨(ସୁଦନ ମହାକୁର):** ବରଗଡ଼ ଜିଲା ଭେଡେନ ଥାନା ଅନ୍ତର୍ଗତ ବ୍ଲକ ଛକ-ରେମଣ୍ଡା ରାସ୍ତାରେ ଥିବା ବେହେରା ହୋଟେଲରୁ ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ଗୁରୁବାର ଜବତ କରିଛି। ମୃତକ ହେଲେ ସୋନପୁର ଜିଲା ବିନିକା ଥାନା ଅଧୀନ ହୁଡୁମା ଗ୍ରାମର ଶ୍ରୀକାନ୍ତ ଭୁଏ (୨୧)। ସେ କିଛି ମାସ ହେଲା ଉକ୍ତ ହୋଟେଲରେ କାମ କରୁଥିଲେ ଏବଂ ସେଠାରେ ରାତିରେ ଶୋଉଥିଲେ। ତେବେ ଗୁରୁବାର ସକାଳେ ହୋଟେଲ ମାଲିକ ତାଙ୍କ ମୃତଦେହ ଝୁଲୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଯାଇଛି। ଏ ନେଇ ଭେଡେନ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୫/୨୪) ରୁଜୁ ହୋଇଛି।

### ଜଙ୍ଗଲ ନିଆଁ ନିରାକରଣ ସଚେତନତା କାର୍ଯ୍ୟକ୍ରମ

**ପାଇକମାଳ,୨୯।୨(ବଡ ଶତପଥୀ):** ବରଗଡ ଜିଲା ପାଇକମାଳ ବ୍ଲକ ଅନ୍ତର୍ଗତ କେଛୋଦାଦର ଗ୍ରାମରେ ପାଇକମାଳ ବନାଞ୍ଚଳ ପକ୍ଷରୁ ବନାଗ୍ନି ପ୍ରତିକାର ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରକୃତି ବନ୍ଧୁ ବିଭୂତିଭୂଷଣ ମୁଣ୍ଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଚିତ୍ତରଞ୍ଜନ ପ୍ରଧାନ ମୁଖ୍ୟଅତିଥି, ପ୍ରକୃତିବନ୍ଧୁ ମୀନକେତନ ସାହୁ ମୁଖ୍ୟ ବକ୍ତା, ସତ୍ୟମୟ ତ୍ରିପାଠୀ ଓ ନରୋତ୍ତମ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜଙ୍ଗଲ ନିଆଁ ନିରାକରଣ, ବିଶ୍ୱ ତାପନ, ଜଳବାୟୁ ପରିବର୍ତ୍ତନ, ବୃକ୍ଷରୋପଣ ଓ ସଂରକ୍ଷଣ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଫରେଷ୍ଟ ଗାର୍ଡ ବସନ୍ତ ବାଗ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଫରେଷ୍ଟର ରଜନୀକାନ୍ତ ବଡେଇ କାର୍ଯକ୍ରମ ପରିଚାଳନା କରିଥିଲେ। ପରେ ନାଟ୍ୟକାର ରାଜକୁମାର ସାହୁଙ୍କ ନିର୍ଦ୍ଦେଶିତ ଜଙ୍ଗଲ ନିଆଁ ନିରାକରଣ ସମ୍ପର୍କିତ ନାଟକ 'ମାଙ୍କଡ଼ ବିହା' ସଚେତନ ହେମା ନାଟ୍ୟ ସଂସଦ ଢ଼ୋଲବନ୍ଧ ତରଫରୁ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମରେ ଫରେଷ୍ଟର ଗିରିରାଜ କୁମ୍ଭାର, ଦୋଳଗୋବିନ୍ଦ ବରିହା, ବନ ସୁରକ୍ଷା ସମିତି ସଭ୍ୟାସଭ୍ୟ, ଏସ୍ଏଚ୍‌ଜି ସଦସ୍ୟା, ପାରା ଫରେଷ୍ଟ ସ୍କ୍ୱାଡ୍,ଏଲିଫ୍ୟାଣ୍ଟ ସ୍କ୍ୱାଡ୍ ଉପସ୍ଥିତ ଥିଲେ।

# ଭାରତୀୟ ବୈଜ୍ଞାନିକଙ୍କ ଅବଦାନକୁ ଗୁରୁତ୍ୱ

**ବରଗଡ଼,୨୯।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳନ ହୋଇଛି। ମହାବିଦ୍ୟାଳୟର ପଦାର୍ଥ, ରସାୟନ, ଉଦ୍ଭିଦ ଏବଂ ପ୍ରାଣୀ ବିଜ୍ଞାନ ବିଭାଗର ମିଳିତ ଆନୁକୂଲ୍ୟରେ ହୋଇଥିବା ଉକ୍ତ କାର୍ଯ୍ୟକ୍ରମରେ ଏକଦିବସୀୟ ଆଲୋଚନାଚକ୍ର ହୋଇଥିଲା। ଅଧ୍ୟକ୍ଷ ଦଧିବାମନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଉକ୍ତ ୪ ବିଭାଗର ଅଧ୍ୟାପକ ବିଶ୍ୱଜିତ ସାହୁ, ବଳିଷ୍ଠ ସାହୁ, ଅଧ୍ୟାପିକା ବବିତା ଷଡ଼ଙ୍ଗୀ, ମୌସୁମୀ ଲିଜା ନାୟକ ପ୍ରାରମ୍ଭିକ ଭାଷଣ ଦେଇଥିଲେ। ଡ. ପୁଷ୍ପାଞ୍ଜଳି ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିକଶିତ ଭାରତ ପାଇଁ ଭାରତୀୟ ବୈଜ୍ଞାନିକମାନଙ୍କ ଅବଦାନ ଶୀର୍ଷକ ଆଲୋଚନାଚକ୍ର ଏବଂ ବେଦାନ୍ତ



ଜାତୀୟ ବିଜ୍ଞାନ ଦିବସରେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି ।

ଦର୍ଶନ ଓ ଆଧୁନିକ ପଦାର୍ଥ ବିଜ୍ଞାନ ଭିତ୍ତି ପ୍ରବନ୍ଧ ପ୍ରସଙ୍ଗ ଉପରେ ଅଧ୍ୟାପକ ବିଶ୍ୱଜିତ ସାହୁ ଉପସ୍ଥାପନ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ବରିଷ୍ଠ ପ୍ରଫେସର ଡ. ରାଜୀବ ପାଢ଼ୀ ଆଲୋଚକ ଭାବେ ଯୋଗଦେଇ ରମଣ ପ୍ରଭାବ ଉପରେ ଆଲୋକପାତ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ପ୍ରଭାତ ସାହୁ ଉଚ୍ଚଶିକ୍ଷାରେ ଗବେଷଣା ଭିତ୍ତିକ ଅଧ୍ୟୟନ ପାଇଁ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଲାଇଫ ସାଇନ୍ସ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ବିନିତା ନାୟକ ସାମ୍ପ୍ରତିକ ଦୈନନ୍ଦିନ ଜୀବନ ଉପରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସକ ଡ. ଦିଲୀପ କୁମାର ପଣ୍ଡା ପଶୁପାଳନ ଏବଂ ମତ୍ସ୍ୟଚାଷ ଉପଯୋଗିତା ଉପରେ ବକ୍ତବ୍ୟ ରଖିଥିଲେ। ସେହିପରି ବରଗଡ଼ କ୍ୟାନସର ପ୍ରବଣ ଜିଲା ହୋଇଥିବାରୁ ଅର୍ଗାନିକ ଚାଷ ଉପରେ ସ୍ୱତନ୍ତ୍ର ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ମୌସୁମୀ ଲିଜା ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା ଏବଂ ଏଥିରେ ମହାବିଦ୍ୟାଳୟର ଛାତ୍ରୀମାନେ ଭାଗ ନେଇଥିଲେ। ପ୍ରାଧ୍ୟାପିକା ରଞ୍ଜିତା ନାୟକ, ଅନୁପମା ଚାନ୍ଦ, ରେଖା ନାୟକ, ଗୀତା ଷଡ଼ଙ୍ଗୀ, ଅର୍ପିତା ପଣ୍ଡା, ଡ. ସଂଘମିତ୍ରା ମିଶ୍ର, ଅଧ୍ୟାପକ ସତ୍ୟନାରାୟଣ ନନ୍ଦ ପ୍ରମୁଖ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ ।

## ସାମାନ୍ୟ କଳି: ବାପାଙ୍କୁ ହତ୍ୟା କଲା ପୁଅ

**ସରଣ୍ଡା,୨୯।୨(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ଥାନା ପାହାଡ଼ଶ୍ରୀଗିଡା ପଞ୍ଚାୟତର ଲବାନଟିକ୍ରାରେ ସାମାନ୍ୟ ଝଗଡ଼ାକୁ ନେଇ ପୁଅ ବାଡିରେ ପିଟି ପିଟି ବାପାଙ୍କୁ ହତ୍ୟା କରିଛି। ମୃତକ ହେଲେ ଜୀବର୍ଦ୍ଧନ ଖଡ଼ିଆ(୫୫)। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଅଭିଯୁକ୍ତ ପୁଅ ସଞ୍ଜୀବ ଖଡ଼ିଆ(୨୪)ଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଏ ନେଇ ଅତାବିରା ଥାନାରେ ଏକ ମାମଲା (ନଂ.୮୯/୨୪) ରୁଜୁ ହୋଇଛି। ଅଭିଯୋଗ ଅନୁସାରେ, ଗତ ୭ ତାରିଖରେ ଲବାନଟିକ୍ରାର ଜୀବର୍ଦ୍ଧନଙ୍କ ବଡ଼ ଝିଅ ଦୀପାଙ୍କ ବାହାଘର ହୋଇଥିଲା। ବିବାହ ସମୟରେ ଲାଗିଥିବା ମଡୁଆକୁ ଖୋଲିଦେବା ପାଇଁ ବୁଧବାର ଅପରାହ୍ନ ପ୍ରାୟ ସାଢେ ୩ଟାରେ ଜୀବର୍ଦ୍ଧନ ସଞ୍ଜୀବଙ୍କୁ କହିଥିଲେ। କିନ୍ତୁ ସେ ମଡୁଆ ଖୋଲିବା ପାଇଁ ମନା କରିଦେବାରୁ



ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ରାତିରେ ଉଭୟ ମଦ ପିଇ ନିଶାସକ୍ତ ଅବସ୍ଥାରେ ପୁଣି ପୂର୍ବ କଥାକୁ କେନ୍ଦ୍ର କରି ପରସ୍ପର ମଧ୍ୟରେ ଝଗଡା କରିଥିଲେ। ରାତି ପ୍ରାୟ ୧ଟାରେ ସଞ୍ଜୀବ ରାଗିଯାଇ ଜୀବର୍ଦ୍ଧନଙ୍କ ମୁଣ୍ଡରେ ବାଡ଼ିରେ ପିଟିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ଅତାବିରା ଥାନାଧିକାରୀ ସୁକୁମାର ତ୍ରିପାଠୀ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଛାତ୍ରୀମାନେ।

## ମାତୃନିକେତନରେ ବିଜୁ କନ୍ୟାରତ୍ନ ମେଳା

**ପାଇକମାଳ,୨୯।୨(ବଡ ଶତପଥୀ)**

ବରଗଡ଼ କସ୍ତୁରବା ଗାନ୍ଧୀ ମାତୃନିକେତନ ପରିସରରେ ଜିଲାସ୍ତରୀୟ ବିଜୁ କନ୍ୟାରତ୍ନ ମେଳା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଜିଲା ଶିଶୁ ମଙ୍ଗଳ ସମିତିର ରାଧା ଅଗ୍ରୱାଲ ମୁଖ୍ୟ ଅତିଥି, ମମତା ମେହେର ସମ୍ମାନିତ ଅତିଥି, ତରୁଣ କୁମାର ପୃଷେଠ, ଅନୁଷ୍ଠାନର ସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ପାଣିଗ୍ରାହୀ, ଭାରତୀ ପଟ୍ଟନାୟକ, ନିରୂପମା ମହାପାତ୍ର, ସୁପ୍ରଭା ଦାଶ, ଅନିତ ଛତର, ତପନ କୁମାର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ମେଳାରେ ସଙ୍ଗୀତ, ନୃତ୍ୟ, ଏକକ ଅଭିନୟ, ଫ୍ୟାନ୍ସି ଡ୍ରେସ, ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତାରେ ୯ବ୍ଲକରୁ ୬୮ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ସଞ୍ଜୀବ ଦାଶ, ଦୁର୍ଯ୍ୟୋଧନ ତ୍ରିପାଠୀ, ସୁରଭି ବାରିକ, ନୀଳିମା ଗିରି, ସୁଚରିତା ପଣ୍ଡା, ଯଶୋବନ୍ତୀ ଭୋଇ, ଶୁଭଙ୍କର ପୁରୋହିତ ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟକ୍ଷ ନିର୍ମଳ ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲା କୃଷକ ସଂଘର୍ଷ ସଂଘର ବୈଠକ

**ଦେବଗଡ,୨୯।୨(ଶଶାଙ୍କ ଶେଖର ଝାଙ୍କର)**

ରିଆମାଳ ବ୍ଲକ ବାଘବର ପଞ୍ଚାୟତ ସଦର ମହକୁମାରେ ଦେବଗଡ ଜିଲା କୃଷକ ସଂଘର୍ଷ ସଂଘର ଏକ ସାଧାରଣ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟ ଅତିଥିଭାବେ ଜିଲା କୃଷକ ସଂଘର୍ଷ ସଂଘ ସଭାପତି ସେମ ହେମ୍ବ୍ରମ ଯୋଗଦେଇ ସମ୍ପୃକ୍ତ ଅଞ୍ଚଳର ଚାଷୀଙ୍କ ସହ ବିଭିନ୍ନ ସମସ୍ୟା ଓ ଏ ଗୁଡିକର ସମାଧାନ ଉପରେ ଆଲୋଚନା କରିଥିଲେ। ଏଥିସହ ଚାଷ ହେଉଥିବା ସରକାରୀ ଜମିର ପଟ୍ଟା ପ୍ରଦାନ, ଭୂମୀହିନଙ୍କୁ ଘରଡିହ ପଟ୍ଟା ପ୍ରଦାନ, ଆଦିବାସୀ ଲୋକଙ୍କୁ ଜଙ୍ଗଲ ଜମିର ସ୍ଥାୟୀ ପଟ୍ଟା ପ୍ରଦାନ, ରେଙ୍ଗାଳି ବାସଚ୍ୟୁତଙ୍କୁ ଜମି ପ୍ରଦାନ ଏବଂ ଜମିର କିସମ ପରିବର୍ତ୍ତନ ଆଦି ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା। ଆଜିର ଏହି ବୈଠକରେ ଜିଲା କୃଷକ ସଂଘର୍ଷ ସଂଘର ସମ୍ପାଦକ ଗୁଣନିଧି ବେହେରା, ସଦସ୍ୟ ସୁରେଶ କୁମାର ସାହୁ, ଲମ୍ବୋଦର ମାଝି, ଅନ୍ତର୍ଯ୍ୟାମୀ ପ୍ରଧାନ, ଭୀଷ୍ମ ଚରଣ ସାହୁ, ଚନ୍ଦ୍ରମଣି ବେହେରା, ଧ୍ରୁବଚରଣ ନାୟକ, ଭୀଷ୍ମ ଗଡନାୟକ, ପ୍ରଶାନ୍ତ ସାହୁ, ଲକ୍ଷ୍ମଣ ଦେହୁରୀ, ଦୟାନିଧି ବେହେରା,ଉଦ୍ଧବ ବିଶ୍ୱାଳ, ଦିବେଶ ନାୟକ ଓ ତ୍ରିନାଥ ପ୍ରଧାନଙ୍କ ସମେତ ବାଘବର ପଞ୍ଚାୟତର ଚାଷୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଭାଜପା ପକ୍ଷରୁ ସଚ୍ଚିକାନ୍ତ ସଂଯୋଜକ, ଲିଙ୍ଗରାଜ ପ୍ରଭାରୀ ନିଯୁକ୍ତ


ସଚ୍ଚିକାନ୍ତ ଦାଶ


ଲିଙ୍ଗରାଜ ଦାଶ

**ଦେବଗଡ,୨୯।୨(ଶଶାଙ୍କ ଶେଖର ଝାଙ୍କର)**

ଭାରତୀୟ ଜନତା ପାର୍ଟି ପକ୍ଷରୁ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନ କ୍ରମରେ ରାଜ୍ୟର ୧୪୬ ବିଧାନସଭାର ପ୍ରଭାରୀ ଓ ସଂଯୋଜକଙ୍କ ନାମ ତାଲିକା ଘୋଷଣା କରାଯାଇଛି। ଏହି କ୍ରମରେ ଦେବଗଡ ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ଜିଲା ଭାଜପା ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ଦାଶଙ୍କୁ ବିଧାନସଭା ସଂଯୋଜକ ଓ ଅନୁଗୁଳ ଜିଲା ଭାଜପା ଉପସଭାପତି ଲିଙ୍ଗରାଜ ଦାଶଙ୍କୁ ଦେବଗଡ ବିଧାନସଭା ପ୍ରଭାରୀ ଘୋଷଣା କରାଯାଇଛି। ନବ ନିଯୁକ୍ତ ସଂଯୋଜକ ଓ ପ୍ରଭାରୀଙ୍କୁ ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁ ଓ ଭାଜପା ଯୁବନେତା ସୁଧିର କୁମାର ବ୍ରହ୍ମାଙ୍କ ସମେତ ବହୁ ସଦସ୍ୟା ସଦସ୍ୟ ଓ କର୍ମକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି ।

## ବିଜ୍ଞାନ କେନ୍ଦ୍ରରେ ଜାତୀୟ ବିଜ୍ଞାନ ଦିବସ

**ବରଗଡ଼,୨୯।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହର ଉପକଣ୍ଠ ଟୁକୁର୍ଲାସ୍ଥିତ ଜିଲା ବିଜ୍ଞାନ କେନ୍ଦ୍ରରେ ବୁଧବାର ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ ମୁଖ୍ୟ ଅତିଥି, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁ, ରାଧାକାନ୍ତ ଛତ୍ରୀ, ଜିଲା ବିଜ୍ଞାନ ନିରୀକ୍ଷକ ଧୀରୋଜ ପଟ୍ଟନାୟକ, ପୂର୍ବତନ ଜିଲା ବିଜ୍ଞାନ ନିରୀକ୍ଷକ ମନୋଜ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଜ୍ଞାନ ଶିକ୍ଷକ ସେମିନାର, କୁଇଜ ପ୍ରତିଯୋଗିତା, ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ବିଜ୍ଞାନ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ପ୍ରୟୋଗ ଶୀର୍ଷକ ଶିକ୍ଷକ ସେମିନାରରେ ବିଜ୍ଞାନ ଶିକ୍ଷୟିତ୍ରୀ ରୀନା ପ୍ରଧାନ, ପ୍ରୀତିରଶ୍ମୀ ସେଠ, ଶିକ୍ଷକ ଧର୍ମରାଜ ପ୍ରଧାନ, ସଞ୍ଜୟ ଖମାରୀ, ସଞ୍ଜୀବ ପ୍ରଧାନ, ବୈଲୋଚନ ପ୍ରଧାନ ଅଂଶଗ୍ରହଣ କରିଥିଲେ। କୁଇଜ ଏବଂ



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର ।

ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀରେ ଜିଲାର ୫୫ଜଣ ଶିଶୁ ବୈଜ୍ଞାନିକ ଅଂଶଗ୍ରହଣ କରିଥିଲେ। କୁଇଜ ପ୍ରତଯୋଗିତାକୁ ବିଜ୍ଞାନ ଶିକ୍ଷକ ଭବାନୀ ଗଡ଼ତିଆ ଏବଂ ସଞ୍ଜୟ ଖମାରୀ ପରିଚାଳନା କରିଥିଲେ। କୁଇଜ ପ୍ରତିଯୋଗିତାରେ ବରଗଡ଼ ଜର୍ଜ ହାଇସ୍କୁଲର ଶୁଭମ ବାରିକ, ତୁଲଣ୍ଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କମଳିନୀ ଭୁଏ, ଗାଇସିଲେଟ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଧନଞ୍ଜୟ ସାହୁ, ଲାଦେରପାଲି ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଆଶୁତୋଷ ଚାନ୍ଦ କୃତିତ୍ୱ ଅର୍ଜନ କରିଥିଲେ। ସେହିପରି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀରେ ସରକଣ୍ଡା ପ୍ରାଥମିକ ବିଦ୍ୟାଳୟର ଟିକେଶ୍ୱରୀ ଭୁଏ, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଶିକ୍ଷା ପ୍ରଧାନ, ଜର୍ଜ ହାଇସ୍କୁଲର ଶୁଭମ ବାରିକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ହୋଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଭବାନୀ ଶଙ୍କର ଗଡ଼ତିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଗନ୍ନାଥଙ୍କ ପ୍ରତିଷ୍ଠା ମହୋତ୍ସବ

**ଅତାବିରା,୨୯।୨(ହୃଷୀକେଶ ଖମାରୀ)**

ଅତାବିରା ବ୍ଲକ କୁଲୁଣ୍ଡା ଗ୍ରାମର ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ଦାରୁବ୍ରହ୍ମ ଜଗନ୍ନାଥ ମହାପ୍ରଭୁଙ୍କ ନବମ ପ୍ରତିଷ୍ଠା ମହୋତ୍ସବ ଏବଂ ନୂତନ ବିଗ୍ରହ ପ୍ରତିଷ୍ଠା ଯଜ୍ଞ ଗୁରୁବାର ସମାପନ ହୋଇଛି। ଏହି ଅବସରରେ କଳସ ଯାତ୍ରା ହୋଇଥିଲା। ସେହିପରି ଯଜ୍ଞ ମଣ୍ଡପରେ ଦେବଦେବୀଙ୍କ ପୂଜା, ଯଜ୍ଞ, ପୁରୁଣା ବିଗ୍ରହମାନଙ୍କ ବ୍ରହ୍ମ ପରିବର୍ତ୍ତନ କର୍ମ, ନୂତନ ବିଗ୍ରହ ପ୍ରାଣ ପ୍ରତିଷ୍ଠା କରାଯାଇଥିଲା। ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦେହେରୀପାଲିର ପାଲା, ଚନ୍ଦନଭାଟିର ମହିଳା ସଂକୀର୍ତ୍ତନ, ଭାଲୁପାଲିର ମହିଳା ସଂକୀର୍ତ୍ତନ ସହିତ କୁମ୍ଭାରୀର ବ୍ରଜେଶ୍ୱରୀ ନାଟ୍ୟ କଳା ପରିଷଦ ଯୋଗ ଦେଇଥିଲେ। ପଣ୍ଡିତ ନିରଞ୍ଜନ ପାଣିଗ୍ରାହୀ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ।

## ଜିଲା ସଡ଼କ ସୁରକ୍ଷା କମିଟି ବୈଠକ

**ଦେବଗଡ,୨୯।୨(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲା ସଡକ ସୁରକ୍ଷା କମିଟିର ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗଙ୍କ ସଭାପତିତ୍ୱ ଓ ଦେବଗଡ ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବୈଠକରେ ଉଭୟ ଗ୍ରାମାଞ୍ଚଳ ଓ ପୌରାଞ୍ଚଳର ରାସ୍ତା ସମେତ ରାଂଚି-ବିଜୟୱାଡା କରିଡର ରାସ୍ତା ସମେତ ଏନଏଚ ୪୯ର ମରାମତି ଓ ଉନ୍ନତିକରଣ, ନିର୍ମାଣାଧିନ ଏନଏଚ ୪୩ର କାର୍ଯ୍ୟ ତ୍ୱରାନିତ, ଦୁର୍ଘଟଣା ଏଡାଇବା ପାଇଁ ବିଭିନ୍ନ ସ୍ଥାନରେ ସତର୍କତା ମୂଳକ ସୂଚନା ଫଳକ ସ୍ଥାପନ, ହମ୍ପ ନିର୍ମାଣ, ସୁବ୍ୟବସ୍ଥିତ ପାର୍କିଂ ବ୍ୟବସ୍ଥା, ରଜାମୁଣ୍ଡା ବାଇପାସ ଛକରେ ବିଦ୍ୟୁତ ଆଲୋକ ବ୍ୟବସ୍ଥା, ବେଆଇନ ଭାବେ ନିର୍ମିତ ମେଡିଆନ କ୍ରସିଂକୁ ବନ୍ଦ କରିବା, ଯାନବାହାନର ଫିଟନେସ ଓ ଡ୍ରାଇଭିଂ ଲାଇସେନ୍ସ ଯାଞ୍ଚ ସମେତ ମଦ୍ୟପ ଚାଳକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଆଦି ବିଷୟରେ ସବିଶେଷ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଉପ ଜିଲାପଳ ପରୀକ୍ଷୀତ ସାହୁ,ଏସଡିପିଓ ସୌମ୍ୟରଞ୍ଜନ ମଲ୍ଲିକ, ଜିଲା ଯୋଗାଣ ଅଧିକାରୀ ରଞ୍ଜନ କୁମାର ପଣ୍ଡା, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଜିଲା ମଙ୍ଗଳ ଅଧିକାରୀ ବିଭୂରଞ୍ଜନ ମହାନ୍ତି, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ, ଦେବଗଡ ପୌର ପରିଷଦ ନିର୍ବାହୀ ଅଧିକାରୀ ଅଞ୍ଜନୀ କୁଜୁର, ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର, ଅବକାରୀ ନିରୀକ୍ଷକ ମଧୁସୂଦନ ସାହୁ, ଜିଲା ସଡକ ସୁରକ୍ଷା କମିଟିର ସଦସ୍ୟ ସିଦ୍ଧାର୍ଥ ଗୁରୁ, ସତ୍ୟ ନାରାୟଣ ମିଶ୍ର ଓ କୁମୁଦ ଚନ୍ଦ୍ର ଶତପଥିଙ୍କ ସମେତ ଜାତୀୟ ରାଜପଥ, ଗ୍ରାମ ଉନ୍ନୟନ ବିଭାଗ ଓ ପୂର୍ତ୍ତ ବିଭାଗ(ରାସ୍ତା ଓ ସୌଧ)ଓ ଏନଏଚଏଆଇର ଯନ୍ତ୍ରୀ ଓ ଅଧିକାରୀ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## କୋଶଲ ସେନାର ବାର୍ଷିକ ସଭା

**ବରଗଡ଼,୨୯।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ତୁରୁଙ୍ଗା ବୈଷ୍ଣୋଦେବୀ ମନ୍ଦିରରେ କୋଶଲ ସେନାର ବାର୍ଷିକ ସଭା ଅନୁଷ୍ଠିତ ହୋଇଯାଇଛି । ସଭାରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାର ସଂଗ୍ରାମୀ ଯୁବତୀ, ଯୁବକମାନେ ଯୋଗଦାନ କରିଥିଲେ। କୋଶଲ ସେନାର ରାଜ୍ୟ ସମ୍ପାଦକ ବୀରବଲ ମହାକୁର ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଭାପତି କୌସ୍ତୁଭ ସାହୁ ସଭା ପରିଚାଳନା କରିଥିଲେ। ସଭାରେ ବିଭିନ୍ନ ଜିଲା କମିଟି ଗଠନ କରାଯାଇଥିଲା। ଗାଁ ଗାଁକୁ ଯାଇ ଲୋକଙ୍କୁ କୋଶଲ ବାବଦରେ ସଚେତନ କରି ଲୋକଙ୍କୁ ଆନ୍ଦୋଳନରେ ଯୋଡ଼ିବାକୁ ଆହ୍ୱାନ କରାଯାଇଥିଲା। ଆସନ୍ତା ସାଧାରଣ ନିର୍ବାଚନରେ କୋଶଲ ସେନାର କିଭଳି ଭୂମିକା ରହିବ ଆଲୋଚନା ହୋଇଥିଲା। ସଭାରେ ଝାରସୁଗୁଡ଼ାରୁ ଗଣେଶ ମଟାରୀ, ଜ୍ଞାନେନ୍ଦ୍ର ବେହେରା, ସୁନ୍ଦରଗଡ଼ରୁ ତରଣୀ ଭୁଏ, ବଲାଙ୍ଗୀରରୁ ଇନ୍ଦ୍ରମଣି ସାହୁ, ଯୋଗେନ୍ଦ୍ର କର୍ମୀ, ସୋନପୁରରୁ ସରୋଜ ପ୍ରଧାନ, ଯଦୁମଣି କୁଦେଇ, ବୌଦ୍ଧରୁ ରମାକାନ୍ତ ବଘାର, ସମ୍ବଲପୁରରୁ ଜନାର୍ଦ୍ଦନ ବାବୁ, ବରଗଡ଼ରୁ କୁଶ ସାହୁ, ହିମାଂଶୁ ମହାକୁର, ଠାକୁର ବିଶ୍ୱାଳ, ନରେଶ ଦୀପ, ସରୋଜ ପ୍ରଧାନ, ସୁରଜ ମହାକୁର, ରୋହନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। କୋଷାଧ୍ୟକ୍ଷ ଅଶୋକ ଛତର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅବିନାଶ ବିଶି ଧନ୍ୟବାଦ ଅର୍ପଣ କରିଥିଲେ।


ସଭାରେ ସମବେତ କୋଶଲ ସଂଗ୍ରାମୀ ।

## ଝିଅପୁଅଙ୍କ ମଧ୍ୟରେ ବିଭେଦ ନ ରହୁ

**ବରଗଡ଼,୨୯।୨(ପ୍ରେମାନନ୍ଦ ଖମାରୀ)]**

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ଗୁରୁବାର କେନ୍ଦ୍ର ସରକାରଙ୍କ ପରିଚାଳିତ ବରଗଡ଼ ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ଜିଲାସ୍ତରୀୟ ପଡ଼ୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ଅମରେନ୍ଦ୍ର ନାରାୟଣ ଯାଦବ, ପ୍ରୀତମ ସିଂ, ସୁରେଶ୍ୱର ଶତପଥୀ, ଶ୍ୟାମସୁନ୍ଦର ଅଗ୍ରୱାଲ, ରତନ ଅଗ୍ରୱାଲ, ଅଧ୍ୟାପକ ସୁଷମା ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ପ୍ରାରମ୍ଭରେ ବୈଷ୍ଣବୀ ବିର୍ତ୍ତିଆ ନୃତ୍ୟ ପରିବେଷଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ମିଲେଟ୍ ମିଶନର ଜିଲା ସଂଯୋଜକ ନାରାୟଣ ପାଣିଗ୍ରାହୀ ମିଲେଟ୍ ଶସ୍ୟର ଉପକାରିତା ଉପରେ



ପଡ଼ୋଶୀ ଯୁବ ସଂସଦ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ ।

ବକ୍ତବ୍ୟ ରଖିଥିଲେ। ଜିଲା ଶିଶୁ ମଙ୍ଗଳ ବିଭାଗର କର୍ମକର୍ତ୍ତା ତରୁନସେନ ପୃଷେଠ ଶିଶୁ ଓ ମାତୃମାନଙ୍କ ଶାରୀରିକ, ମାନସିକ ବିକାଶରେ ସମାଜର ଭୂମିକା, ଝିଅପୁଅଙ୍କ ମଧ୍ୟରେ ବିଭେଦ ନ ରଖିବା ପାଇଁ ଆହ୍ୱାନ ଦେଇଥିଲେ। ତୃତୀୟ ପର୍ଯ୍ୟାୟରେ ଆଞ୍ଚଳିକ ମହାବିଦ୍ୟାଳୟର ପୂର୍ଣ୍ଣିମା ରଥ ଏବଂ ତାଙ୍କ ଦଳ ନାରୀ ନିର୍ଯାତନା ଉପରେ କ୍ଷୁଦ୍ର ନାଟିକା ପରିବେଷଣ କରିଥିଲେ। ଶେଷ ପର୍ଯ୍ୟାୟରେ ତର୍କ ପ୍ରତିଯୋଗିତାରେ ପୁରସ୍କୃତ ହୋଇଥବା ଯୁବ ପ୍ରତିଯୋଗୀମାନେ ଅନ୍ୱେଶ କୁମାର ସାହୁଙ୍କ ପରିଚାଳନାରେ ଏକ କୃତ୍ରିମ ସଂସଦର ଡେମୋ ପ୍ରଦର୍ଶନ କରିଥିଲେ। ଏଥିରେ ଅନ୍ୱେଷ ବାଚସ୍ପତି ଭୂମିକା ନିଭାଇଥିଲେ। ସେହିପରି ନିଧି ଅଗ୍ରୱାଲ, ରିତି କେଡ଼ିଆ, ସୃଷ୍ଟି ଅଗ୍ରୱାଲ, ପ୍ରିୟଙ୍କା ପ୍ରିୟଦର୍ଶନୀ ବେହେରା, ବିପ୍ଳବ ବଳୟ ପ୍ରଧାନ, ରୋଜାଲିନ ମହାପାତ୍ର, ସୂପେନ୍ଦ୍ର ବିଶ୍ୱାଳ ଶାସକ ଦଳ ଏବଂ ହିରୋ ଇଣ୍ଡିଆ, ସୁମିତ ବାବୁ, ମଧୁସୂଦନ ବେହେର, ଆଦ୍ୟାଶା ମହାପାତ୍ର, ବିଦ୍ୟାଶା ମହାପାତ୍ର, ସୁଧାଂଶୁ ଦାଶ, ଆଲୋକ ବାବୁ, ଦୁର୍ଯ୍ୟୋଧନ ପାଣ୍ଡେ ପ୍ରମୁଖ ବିରୋଧୀ ଦଳ ସାଂସଦ ଭୂମିକାରେ ରହିଥିଲେ। ଜିଲା ଯୁବ ଅଧିକାରୀ ରୋଶନ ଟଣ୍ଡନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଉପଦେଷ୍ଟା ସଭ୍ୟ ତ୍ରିଲୋଚନ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## ୨୦୦ ଲିଟର ଦେଶୀ ରନ୍ଧାମଦ ଜବତ

**ରିଷିଡ଼ା,୨୯।୨(ସୁଶାନ୍ତ ମଲ୍ଲିକ)**

କଳାହାଣ୍ଡି ଜିଲା ଭଟାପଲା ଛକରେ ମଦନପୁର ରାମପୁର ଅବକାରୀ ବିଭାଗ ପାଟ୍ରୋଲିଂ କରୁଥିବା ବେଳେ ଏକ ବୋଲେରୋ ଗାଡ଼ିରୁ ୨୦୦ ଲିଟର ଖୋଲା ଦେଶି ରନ୍ଧାମଦ ଜବତ କରିଛି। ଘଟଣା ସ୍ଥଳରୁ ଡ୍ରାଇଭର ଫେରାର ମାରିଥିବା ସୂଚନା ମିଳିଛି। ମଦନପୁର ରାମପୁର ଅବକାରୀ ବିଭାଗ ଏସଆଇ ତିରୁପତି ପଟ୍ଟନାୟକ, କନଷ୍ଟେବଲ ଦୈତାରି ତାଣ୍ଡି, ମାନସ ରଞ୍ଜନ ବିଶି, ବାଲେଶ୍ୱର ଧରମାଝି, ତପସିନୀ ଧର ମାଝି, ସିଆରି ସୁନାନୀ ପାଟ୍ରୋଲିଂ କରୁଥିଲେ। ବିଶେଷ ସୂତ୍ରରୁ ଖବର ପାଇ ଭଟାପଲା ଛକରେ ଏକ ବୋଲେରୋ ମାକ୍ସ ପିକଅପ୍ (ନଂ.ଓଡି୦୮ୟୁ-୯୭୨୩)କୁ ଅଟକାଇ ଯାଞ୍ଚ କରିଥିଲେ । ସେଥିରୁ ପ୍ରାୟ ୨୦୦ ଲିଟର ଖୋଲା ଦେଶି ରନ୍ଧା ମଦ ଜବତ କରିଥିଲା। ମଦନପୁର ରାମପୁର ଅବକାରୀ ବିଭାଗ ବୋଲେରୋ ଗାଡ଼ି ଜବତ କରିବା ସହ ଏକ ମାମଲା ରୁଜୁ କରିଛି।

# ମହିଳାଙ୍କୁ ଆର୍ଥିକ ସ୍ୱାଧୀନତା ଦେବ ଗ୍ରାମଲକ୍ଷ୍ମୀ ହାଟ



ଅତନୁ ଭୌମିକ ଲକ୍ଷ୍ମୀହାଟକୁ ଉଦ୍‌ଘାଟନ କରୁଛନ୍ତି।

**ରାଉରକେଲା,୨୯।୨(ବିପ୍ଲବ ରଞ୍ଜନ ଦାଶ)**

ଗ୍ରାମୀଣ ମହିଳାମାନଙ୍କୁ ବାଣିଜ୍ୟିକ ଓ ଆର୍ଥିକ କ୍ଷେତ୍ରରେ ସଶକ୍ତ କରିବା ଉଦ୍ଦେଶ୍ୟରେ ଆର୍‌ଏସ୍‌ପି ପକ୍ଷରୁ ଲକ୍ଷ୍ମୀହାଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଆରଏସ୍‌ପି ଏବଂ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍.ଆର୍. ସୂର୍ଯ୍ୟବଂଶୀ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ, ଚିକିତ୍ସା ଏବଂ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡ. ବି. କେ. ହୋତା, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ. କେ. ବେହୁରିଆ, ସହର ପ୍ରଶାସନ ଏବଂ ସିଏସ୍‌ଆର ବିଭାଗର ସିଜିଏମ୍ ପି. କେ. ସ୍ୱାଇଁ ଏବଂ ଆର୍‌ଏସ୍‌ପିର ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ସେକ୍ଟର-୪ ସ୍ଥିତ ଉଦ୍ୟାନକୃଷି ବିଭାଗର ନର୍ସରୀ ନିକଟରେ ନିର୍ମିତ ଏହି ହାଟ ଗ୍ରାମୀଣ ମହିଳାମାନଙ୍କ ଦ୍ୱାରା ପରିଚାଳିତ ହେବ। ଏହି ପରିପ୍ରେକ୍ଷୀରେ ଭୌମିକ ତାଙ୍କ ବକ୍ତବ୍ୟରେ ଏହି ସ୍ୱତନ୍ତ୍ର ପଦକ୍ଷେପର ପ୍ରଶଂସା କରିବା ସହ ଗ୍ରାମଲକ୍ଷ୍ମୀ ହାଟ କେବଳ ଗ୍ରାମୀଣ ଦ୍ରବ୍ୟ ତଥା ଗ୍ରାମୀଣ ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ଉତ୍ପାଦ ପାଇଁ ସ୍ଥାୟୀ ବଜାରରେ ସୀମିତ ରହିବ ନାହିଁ। ଗ୍ରାମ ଲକ୍ଷ୍ମୀହାଟ ମହିଳାମାନଙ୍କ ଆର୍ଥିକ ସ୍ୱାଧୀନତାକୁ ମଧ୍ୟ ପ୍ରୋତ୍ସାହିତ କରିବ ବୋଲି ସେ ଆଶା ପ୍ରକାଶ କରିଥିଲେ। ଏହି ପଦକ୍ଷେପ ଗ୍ରାମୀଣ ଲୋକଙ୍କ ଉତ୍ପାଦର ଠିକ୍ ମୂଲ୍ୟ ନିର୍ଦ୍ଧାରଣ କରିବାରେ ସାହାଯ୍ୟ କରିବା ସହ ଗ୍ରାମୀଣ ମହିଳା ଶକ୍ତିର ଲୁକ୍କାୟିତ ପ୍ରତିଭାକୁ ଉନ୍ମୋଚିତ କରିବାରେ ପ୍ରେରଣା ଦେବ ଓ ଆର୍ଥିକ କ୍ଷେତ୍ରରେ ସଶକ୍ତ କରିବ ବୋଲି କହିଥିଲେ। ପରେ ଅତିଥିମାନେ ଆଦିବାସୀ ଲୋକଙ୍କ ଦ୍ୱାରା ପ୍ରଦର୍ଶିତ ବିଭିନ୍ନ ଦ୍ରବ୍ୟବ୍ୟଞ୍ଜନ ପସରା ବୁଲି ଦେଖିଥିଲେ। ପରେ ଭୌମିକ ଏସ୍‌ଏଚ୍‌ଜି ସମୂହଙ୍କ ସହ ମତବିନିମୟ କରିଥିଲେ। ଉଦ୍‌ଘାଟନୀ ଦିବସରେ ମୋଟ ୪୭ ଏସ୍‌ଏଚ୍‌ଜି ସେମାନଙ୍କ ଦ୍ରବ୍ୟ ସାମଗ୍ରୀ ଷ୍ଟଲ ପ୍ରଦର୍ଶନ କରିଥିଲେ। ପି. କେ. ସ୍ୱାଇଁ ସ୍ୱାଗତ କରିଥିବା ବେଳେ ସିଏସ୍‌ଆର ବିଭାଗର ଜିଏମ ମୁନମୁନ ମିତ୍ରା ଧନ୍ୟବାଦ ଅର୍ପଣ କରିଥିଲେ। ସିନିୟର ଫିଲ୍ଡ ଆସିଷ୍ଟାଣ୍ଟ ବେନେଡିକ୍ଟ ଏକ୍କା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ମେଗା ଜଳଯୋଗାଣ ପ୍ରକଳ୍ପ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ




**ବ୍ରଜରାଜନଗର,୨୯।୨(ବିଜୟ ବରାଡ଼)**

**ଉପକୃତ ହେବେ ୩ ପୌର ପରିଷଦର ଅଧିବାସୀ**

ଝାରସୁଗୁଡ଼ା ଜିଲାର ବ୍ରଜରାଜନଗର, ବେଲପାହାଡ଼ ଓ ଝାରସୁଗୁଡ଼ା ପୌର ପରିଷଦର ଜଳସଙ୍କଟ ଦୂର କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ମେଗା ଜଳଯୋଗାଣ ପ୍ରକଳ୍ପକୁ ଆଭାସୀ ମାଧ୍ୟମରେ ଲୋକାର୍ପିତ କରିଛନ୍ତି। ବ୍ରଜରାଜନଗର ପୌରାଞ୍ଚଳ ଖଲିଆକାନୀଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କେନ୍ଦ୍ର ସରକାରଙ୍କ ଦୀର୍ଘ ଦିନର ଯୋଜନା। ରାଜ୍ୟ ସରକାର ଏହି ଯୋଜନାକୁ ସଫଳ ରୂପାୟନ କରିଛନ୍ତି ବୋଲି କହିଥିଲେ। ବ୍ରଜରାଜନଗର ବିଧାୟିକା ଅଲକା ମହାନ୍ତି ସମ୍ମାନିତ ଅତିଥି ଭାବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ପ୍ରୟାସରେ ଆଜି ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାକୁ ଯାଉଥିବା ପ୍ରକାଶ କରିଥଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଅବୋଲି ସୁନୀଲ ନରୱାନେ, ପିଡି ଡିଆରଡିଏ ପ୍ରବୀର ନାୟକ, ପୌର ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ, ପୌରାଧକ୍ଷା ଯାଜ୍ଞସେନୀ ଓରାମ ପ୍ରମୁଖ ମଞ୍ଚାସୀନ ଥିଲେ।

## ଜିଲାପାଳଙ୍କୁ କୃତଜ୍ଞତା ଜଣାଇଲା ସମ୍ମିଳିତ ଆଦିବାସୀ ସମାଜ

**ବ୍ରଜରାଜନଗର,୨୯।୨(ବିଜୟ ବରାଡ଼)**

ସମ୍ମିଳିତ ଆଦିବାସୀ ସମାଜ କର୍ମକର୍ତ୍ତା ଗୁରୁବାର ଜିଲାପାଳ ଅବୋଲି ସୁନୀଲ ନରୱାନେଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି କୃତଜ୍ଞତା ଜ୍ଞାପନ କରିଛନ୍ତି। ଗତ ୨୮ ତାରିଖରେ ବଢେଇମୁଣ୍ଡାଠାରେ ଥିବା ପୁରୁଣା ତହସିଲ କାର୍ଯ୍ୟାଳୟ ଭବନରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଜିଲାପାଳଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଏହାଦ୍ୱାରା ଲଇକେରା ଓ କିର୍ମିରା ବ୍ଲକକୁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାରେ ସାମିଲ କରିବା ପ୍ରକ୍ରିୟା ପୂର୍ଣ୍ଣାଙ୍ଗ ହୋଇଛି। ଫଳରେ ଏହି ଦୁଇ ବ୍ଲକ ଅଞ୍ଚଳରେ ବାସ କରୁଥିବା ଆଦିବାସୀଙ୍କ ଆଗାମୀ ପିଢ଼ିକୁ ଦେଶ ବିକାଶର ମୁଖ୍ୟ ସ୍ରୋତରେ ସାମିଲ କରିବାରେ ସହାୟକ ହେବ। ୨୦୧୬ରୁ ସମ୍ମିଳିତ ଆଦିବାସୀ ସମାଜ ଏହି ବ୍ଲକ ଦ୍ୱୟକୁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାରେ ଅନ୍ତର୍ଭୁକ୍ତ କରିବା ପାଇଁ ଜିଲାପାଳଙ୍କୁ ଅବଗତ କରିବା ସହିତ କେନ୍ଦ୍ର ଓ ରାଜ୍ୟର ମୁଖିଆମାନଙ୍କୁ ଅବଗତ କରିଥିଲା। ଜିଲାପାଳଙ୍କୁ ଭେଟିବା ଅବସରରେ ସଂଗଠନର ସଭାପତି ମାଧବ ସିଂହ ନାଏକ, ପ୍ରମୁଖ ସଚିବ ଅଶୋକ କୁମାର ମାଝି, ଉପଦେଷ୍ଟା ରତ୍ନାକର ପ୍ରଧାନ, ପ୍ରଭାକର ଓରାମ, କାର୍ଯ୍ୟାଳୟ ସଚିବ ବିନୋଦ ବିହାରୀ ବାଗ, ତ୍ରିଲୋଚନ ଡନସନା, ନଳୀନ ନାଏକ, ଡିଲେଶ୍ୱର ନାଏକ, ରବୀନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାପାଳଙ୍କୁ ଭେଟିବା ଅବସରରେ ଆଦିବାସୀ ସମାଜର କର୍ମକର୍ତ୍ତା।

## ସିପିଆଇଏମ୍‌ର କର୍ମୀ ସମ୍ମିଳନୀ

**ଟେନ୍‌ସା,୨୯।୨(ସମୀର କୁମାର ପାଢୀ)**




କୋଇଡା ବ୍ଲକ ରେଲ୍ହାତୁ ପଞ୍ଚାୟତ ଝାରବେଡାଠାରେ ସିପିଆଇଏମ ପକ୍ଷରୁ କର୍ମୀ ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିପିଆଇଏମ ପକ୍ଷରୁ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଜିଲା ସାଧାରଣ ସମ୍ପାଦକ ପ୍ରମୋଦ ସାମଲ, ରେଲ୍ହାତୁ ସରପଞ୍ଚ, ୱାର୍ଡ ସଭ୍ୟା ସଭ୍ୟ, ରକ୍ସି ସରପଞ୍ଚ ଆନନ୍ଦମାସୀ ହର, ଜାମୁଡିହି ସରପଞ୍ଚ ନେଲସନ ମୁଣ୍ଡା, କରମପାଲ ସିଂ, ଏଲିଆର ମୁଣ୍ଡା, ପୂର୍ବତନ ଜିଲା ପରିଷଦ ସଦସ୍ୟ ଗୋପିନାଥ ମହାନ୍ତ, ଅମାନ୍ତ କୁମାର ମହାନ୍ତ ପ୍ରମୁଖ ଯୋଗଦେଇ ସିପିଆଇଏମ ଦଳକୁ ଆହୁରି ସୁଦୃଢ଼ କରିବା ସହ ଆଗାମୀ ସାଧାରଣ ନିର୍ବାଚନରେ ପୁଣି ଥରେ ବିଧାୟକ ପ୍ରାର୍ଥୀ ବିଜୟ ଲାଭ କରିବେ ସେ ନେଇ ନେତୃତ୍ୱ ମଣ୍ଡଳି ଆହ୍ୱାନ ଦେଇଥିଲେ ।

## ଲହୁଣୀପଡାର ୩ ପଞ୍ଚାୟତରେ ଆମ ବ୍ୟାଙ୍କ ଉଦ୍‌ଘାଟିତ

**ଲହୁଣୀପଡା,୨୯।୨(ଦାଶରଥି ପଣ୍ଡା)**



ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ବଡ ପୁରୁଣାପାଣି, ଶଙ୍ଖପୋଷ,ତାଳବାହାଲି ପଞ୍ଚାୟତରେ ୨ୟ ପର୍ଯ୍ୟାୟରେ ଆମ ବ୍ୟାଙ୍କ ଆଭାସି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଉଦ୍‌ଘାଟନ କରିଥିଲେ। ଲହୁଣୀପଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁରାଗ ମିଶ୍ର, ଏପିଓ ବିଷ୍ଣୁ ମୋହନ ନାୟକ, କ୍ୟାସିୟର ଦେବରାଜ ମାହାନ୍ତ,କନିଷ୍ଠ ଯନ୍ତ୍ରୀ ଅପର୍ଣ୍ଣା ମିତ୍ର, ପିଇଓ ସମା କେର୍କେଟାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ବଡ଼ ପୁରୁଣାପାଣି ସରପଞ୍ଚ ଟାଙ୍ଗ ଓରାମ, ସମିତି ସଭ୍ୟ ଶୁଶାନ୍ତ ମୁଣ୍ଡାରୀ, ଲହୁଣୀପଡା ସମିତି ସଭ୍ୟା ଲକ୍ଷ୍ମୀ କିଷାନଙ୍କ ସମେତ ସ୍ଥାନୀୟ ଲୋକେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ। ସେହିଭଳି ଶଙ୍ଖପୋଷ ପଞ୍ଚାୟତରେ ବିଏସଏସଓ ଜାହ୍ନବୀ ମାହାନ୍ତ, କନିଷ୍ଠ ଯନ୍ତ୍ରୀ ଚନ୍ଦନ ମୁର୍ମୁ ,ପିଇଓ ଦ୍ରୌପଦୀ ମାହାନ୍ତଙ୍କ ତତ୍ତ୍ୱାବଧାନରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ତାଳବାହାଲି ପଞ୍ଚାୟତରେ କନିଷ୍ଠ ଯନ୍ତ୍ରୀ ପ୍ରଦୀପ ସେଠି,ପିଇଓ ଧରିତ୍ରୀ ପ୍ରିୟା ଦାସ,ଜିଆର୍‌ଏସ ଅଶୋକ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଆମ ବ୍ୟାଙ୍କ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା।

## ସାଂସଦଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

**ବ୍ରଜରାଜନଗର,୨୯।୨(ବିଜୟ ବରାଡ଼):** ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ ଝାରସୁଗୁଡ଼ା ବ୍ଲକରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ବରଗଡ ସାଂସଦ ସୁରେଶ ପୂଜାରୀ। ଏମ୍‌ପି ଦଳୀୟ କର୍ମୀଙ୍କ ସହିତ ସାଂସଦ ଉନ୍ନୟନ ପାଣ୍ଠିରୁ କୁଦପାଲି ପଞ୍ଚାୟତର ଅଇଲାପାଲିଠାରେ ୨ଲକ୍ଷ ବ୍ୟୟ ଅଟକଳରେ କମ୍ୟୁନିଟି ହଲ, ଲୁଇସିଂହ ପଞ୍ଚାୟତର ଥରକସପୁର ନୂଆପଡାଠାରେ ୨ଲକ୍ଷ ବ୍ୟୟ ଅଟକଳରେ କମ୍ୟୁନିଟି ହଲ, ଗୌରମାଳ ପଞ୍ଚାୟତର ରଣକଟାଠାରେ ୩ଲକ୍ଷ ବ୍ୟୟ ଅଟକଳରେ କମ୍ୟୁନିଟି ହଲର ଶିଳାନ୍ୟାସ କରିଛନ୍ତି।

## ବଡ଼ଟୀକାରେ ଆମ ବ୍ୟାଙ୍କ ଉଦ୍‌ଘାଟିତ

**ଲୋଇସିଂହା,୨୯।୨( ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବଡ଼ଟୀକାରେ ଆମ ବ୍ୟାଙ୍କ ସେବା ଗୁରୁବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ସ୍ଥାନୀୟ ଜିଲା ପରିଷଦ ସଭ୍ୟା ବୀଣାପାଣି ଦାସ ଫିତା କାଟି ଏହାର ଉଦ୍‌ଘାଟନ କରିଥିଲେ। ଲୋଇସିଂହା ଏସବିଆଇ ଶାଖାର ଶାଖା ପରିଚାଳକ ସିଦ୍ଧାର୍ଥ ଗୁରୁ, ସ୍ଥାନୀୟ ପଞ୍ଚାୟତ ସରପଞ୍ଚ ଓ ଜନପ୍ରତିନିଧି ଉପସ୍ଥିତ ଥିଲେ। ଏଠାରେ ୧୫ଟି ବ୍ୟାଙ୍କର ସେବା ମିଳିବ। ହାତ ପହାନ୍ତାରେ ଲୋକେ ବ୍ୟାଙ୍କ ସେବା ପାଇବା ସହ ସେମାନଙ୍କ ଆର୍ଥିକ ଅନ୍ତର୍ଭୁକ୍ତରେ ସହାୟକ ହେବ ବୋଲି ଅତିଥି କହିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଦ୍ୱିତୀୟ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ଓ ନୂଆପଡା ଜିଲାର ଏସିଆଇ ଅଧୀନ ୯୧ ଆମ ବ୍ୟାଙ୍କ ସେବା ଶୁଭାରମ୍ଭ କରିଥିଲେ। ବଲାଙ୍ଗୀର ଜିଲାରେ ୪୫ ସେବା କେନ୍ଦ୍ର ଥିବା ହସ୍ତଗତ ହୋଇଛି।

**ପୂର୍ବ ତଟ ରେଳପଥ**
**ପାର୍କିଙ୍ଗ୍ ଷ୍ଟାଣ୍ଡ ପାଇଁ ଇ-ନିଲାମ**
ସଂ.SDCM/KUR/Parking stand/E-auction/Publication/937, ତା.23.02.2024 ରିଖ
ଷ୍ଟେସନ ଏବଂ ସ୍ଥାନ: ବାଲୁଗାଁ-2 ଚକିଆ (ପରିଭ୍ରମଣ କ୍ଷେତ୍ର ସଂଲଗ୍ନ)।
ନିଲାମ ଆରମ୍ଭ ହେବା ତାରିଖ ଓ ସମୟ: ତା.09.03.2024 ରିଖ 1100 ଘଟିକା।
ନିଲାମ ବନ୍ଦ ହେବା ତାରିଖ ଓ ସମୟ: ତା.09.03.2024 ରିଖ 1130 ଘଟିକା।
ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡ଼ରଙ୍କୁ ୱେବ୍‌ସାଇଟ୍ https://www.ireps.gov.in ର ଇ-ଅକ୍ସନ ଲିଜିଙ୍ଗ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍
PR-1137/O/23-24

**ପୂର୍ବ ତଟ ରେଳପଥ**
(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-89-23
କାର୍ଯ୍ୟର ବିବରଣୀ: ଟ୍ରାକ୍ସନ ସବ୍‌ଷ୍ଟେସନ, ଲୋକୋ ସେଡ୍ ଏବଂ Loco's (ପାରମ୍ପରିକ ବିଦ୍ୟୁତ୍ ପାସେଞ୍ଜର ଲୋକୋ, 3-ଫେଜ୍ ରିଜେନେରେଟିଭ ପାସେଞ୍ଜର ଲୋକୋ, ପାରମ୍ପରିକ ବିଦ୍ୟୁତ୍ ଗୁଡ୍‌ସ ଲୋକୋ, 3-ଫେଜ୍ ରିଜେନେରେଟିଭ ଗୁଡ୍‌ସ ଲୋକୋ ଏବଂ ଡିଜେଲ ଲୋକୋ (ସଦ୍ୟତମ)ର ଅନିବାର୍ଯ୍ୟ ଏନର୍ଜି ଅଡିଟ୍।
କାର୍ଯ୍ୟର ଆନୁମାନିକ ମୂଲ୍ୟ(₹): 4,30,700/-, EMD (₹): 8,600/-।
(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-90-23
କାର୍ଯ୍ୟର ବିବରଣୀ: ଖୋର୍ଦ୍ଧା ରୋଡ଼ ମଣ୍ଡଳର ମଞ୍ଚେଶ୍ୱର ସେଟେଲମେଣ୍ଟ ଏରିଆରେ ସାଇକ୍ଲୋନ୍ ପ୍ରତିରୋଧକ LT ଅଣ୍ଡରଗ୍ରାଉଣ୍ଡ କେବୁଲିଙ୍ଗ୍ ସିଷ୍ଟମ୍ ବ୍ୟବସ୍ଥା।
କାର୍ଯ୍ୟର ଆନୁମାନିକ ମୂଲ୍ୟ(₹): 95,05,900.26, EMD (₹): 1,90,100/-।
ଶେଷ ହେବା ଅବଧି : 3 ମାସ (କ୍ରମ ସଂ.1 ପାଇଁ) ଏବଂ 6 ମାସ (କ୍ରମ ସଂ.2 ପାଇଁ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.15.03.2024 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G)/ ଖୋର୍ଦ୍ଧା ରୋଡ୍
PR-1132/O/23-24

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଲୋଇସିଂହା,୨୯।୨(ସୁଶାନ୍ତ ବାରିକ)**

ଆଗଲପୁର ବ୍ଲକ ବଡ଼ଟୀକା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ ପଶାୟତ ଗୁରୁବାର ଅବସର ଗ୍ରହଣ କେଇଛନ୍ତି। ବିଦ୍ୟାଳୟ ତତଫରୁ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବରିଷ୍ଠ ଶିକ୍ଷକ ଗଦାଧର ବାରିକ ଅଧ୍ୟକ୍ଷତା କରିଥିଲେ। ସାଧୁ ଦଳପତି ମୁଖ୍ୟ ଅତିଥି, କ୍ଷମାନିଧି ଦଳପତି, ସିଆରସିସି ହୃଷି ପଧାନ, ବିଆରସିସି ରଜନୀକାନ୍ତ ସାହୁ, ଦୁର୍ଯ୍ୟୋଧନ ପଶାୟତ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଅବସର ଗ୍ରହଣ କରୁଥିବା ଶିକ୍ଷକ ପଶାୟତ ଉକ୍ତ ସ୍କୁଲରେ ଦୁଇଦଶନ୍ଧି ଶିକ୍ଷକତା କରି ଏବଂ ଅମାୟିକ ବ୍ୟବହାର ଦାରା ଛାତ୍ରୀଛାତ୍ର ଙ୍କ ପ୍ରିୟ ଭାଜନ ହୋଇପାରିବା ଅତିଥି କହିଥିଲେ। ଏହି ତାଙ୍କୁ ଉପଢ଼କନ ଓ ଉତ୍ତରୀୟ ଦେଇ ସମ୍ମାନୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଓ କ୍ଲଷ୍ଟର ଅଧୀନ ସ୍କୁଲର ସହକାରୀ ଶିକ୍ଷକ ଉପସ୍ଥିତ ଥିଲେ।

# କୋଶଲୀ ନାଟବାଦୀ-ନାଟଯାତ୍ରା ଉଦ୍‌ଯାପିତ



ଉଦ୍‌ଯାପନୀ ଦିବସ ମୁଖ୍ୟ ଅତିଥି କୃତୀ କଳାକାର ଓ ବିଚାରକଙ୍କୁ ସମ୍ମାନୀତ କରୁଛନ୍ତି।

**ବଲାଙ୍ଗୀର,୨୯।୨(ବୀରେନ୍ଦ୍ର କୁମାର ଝାଙ୍କର)**

ରବିବାରଠାରୁ ବଲାଙ୍ଗୀର ସଦାଇପାଲି ରାମଜୀ ଯୁବକ ସଂଘ ପକ୍ଷରୁ ଚାଲିଥିବା ରାଜ୍ୟସ୍ତରୀୟ କୋଶଲୀ ନାଟବାଦୀ-ନାଟଯାତ୍ରା ଗୁରୁବାର ଉଦ୍‌ଯାପିତ ହୋଇଛି। ଏହି ନାଟବାଦୀ-ନାଟଯାତ୍ରାରେ ସମ୍ବଲପୁର, ବରଗଡ, ସୁବର୍ଣ୍ଣପୁର ଓ ବଲାଙ୍ଗୀର ଜିଲାର ୭ଟି କୋଶଲୀ ନାଟକ ପ୍ରଦର୍ଶିତ ହୋଇଥିଲା। ଏହାସହିତ ବଲାଙ୍ଗୀର ବ୍ଲକ ଏବଂ ଦେଓଗାଁ ବ୍ଲକର ୪ଟି ନାଟ୍ୟ ଅନୁଷ୍ଠାନ ପକ୍ଷରୁ ରାମଲୀଳା ପ୍ରଦର୍ଶନ କରାଯାଇଥିଲା। ଉଦଯାପନୀ ଉତ୍ସବରେ ସାଇଟ୍ ଇଞ୍ଜିନିୟରିଂ ଏବଂ ସାଇଟ ନର୍ସିଂ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଇଞ୍ଜିନିୟରିଂ ଛାତ୍ର ଦେବାଶିଷ ସୁନା ସୋଲୋ ନୃତ୍ୟ ପ୍ରଦର୍ଶନ କରିଥିଲେ। ନର୍ସିଂଛାତ୍ରୀ ରଶ୍ମି ହୋତା, ହୋମଶକ୍ତି ବାଗ, ରାମାକାନ୍ତୀ ଭୋଇ, ଦାନୀ ସାହୁ ଓ ଶ୍ୱେତାରାଣୀ ବାରିକ ନିଜ ଦଳ ସହ ଦ୍ୱୈତ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ପୁରାତନ ଷ୍ଟାପ୍ ନର୍ସ ଛାତ୍ରୀ ଜ୍ୟୋତିପ୍ରଭା ମହାନ୍ତିଙ୍କ ରାଜସ୍ଥାନୀ ନୃତ୍ୟ ସମସ୍ତଙ୍କୁ ମୁଗ୍ଧ କରିଥିଲା। ମୁଖ୍ୟଅତିଥି ଭାବେ ଓଡିଶା ଗୃହ ନିର୍ମାଣ ନିଗମ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ ଓ ସ୍ଥାନୀୟ ସମିତି ସଭ୍ୟ ଗୋଲାପ ବାଗ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି କୃତୀ କଳାକାରମାନଙ୍କୁ ସମ୍ମାନିତ କରିଥିଲେ। ଉଚ୍ଚକୋଟୀର ରାମଲୀଳା ପ୍ରଦର୍ଶନ କରିଥିବା କୁନ୍ଦେଇମାଲର ଶ୍ରୀଦୁର୍ଗା ଗଣନାଟ୍ୟ, ସଦାଇପାଲିର ନିରାକାର କଳା ପରିଷଦ, ଚିକଲବାହାଲର ଜୟ ହନୁମାନ ନାଟ୍ୟ କଳା ପରିଷଦ ଓ ଚନ୍ଦ୍ରପୁରର ଶ୍ରୀରାମଜୀ କଳା ପରିଷଦର କଳାକାରମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଚାରକ ମଣ୍ଡଳୀ ସଦସ୍ୟ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ନାଟ୍ୟକାର ସନାତନ ଠାକୁର, ଲୀଳା ନାଟକ ଗବେଷକ ଡ. ସୁଧାଂଶୁ ପଟ୍ଟନାୟକ ଓ ପଦ୍ମଚରଣ ଆଚାର୍ଯ୍ୟଙ୍କୁ ମୁଖ୍ୟଅତିଥି ସିଂଦେଓ ସମ୍ମାନିତ କରିଥିଲେ। ନାଟ ବାଦୀ-ନାଟଯାତ୍ରା ଉଦ୍‌ଯାପନୀ ଉତ୍ସବରେ ଆବାହକ ହରିନାରାୟଣ ପୂଜାରୀ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଡ. ନାରାୟଣ ପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ନାଟ୍ୟକାର ପ୍ରଶାନ୍ତ ଖମାରୀ ମଞ୍ଚ ପରିଚାଳନା କରିଥିବା ବେଳେ ଅଶୋକ ପଧାନ ଓ ମଧୁସୂଦନ ନାୟକ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ ବ୍ରହ୍ମା, ଆଦିତ୍ୟ ପଟ୍ଟନାୟକ, ପ୍ରଫୁଲ୍ଲ ମିଶ୍ର, କମରୁନ୍ ନିଶା, ନନ୍ଦଲାଲ ସାଏ, ରମେଶ ନାଏକ, ବିରଞ୍ଚି ସାଏ, ଲୋକନାଥ ସିଂ, ରାମ ଦାଶ, ପ୍ରହଲ୍ଲାଦ ଦର୍ଜୀ ଉପସ୍ଥିତ ରହି ଉତ୍ସାହିତ କରିଥିଲେ। ଶେଷରେ ରାମଜୀ ଯୁବକ ସଂଘ ସଭାପତି ଡା. ପ୍ରମୋଦ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

**RECRUITMENT ADVERTISEMENT**

Akankhya & Anwesha CBBO Farmers Producer Company Limited, Regd. under Company Act 2013 bearing No. U01611OD2023PTC042250 (Reg. Office: Plot No. 5, B.D.O. Block Office Building, Deogaon, Balangir - 767029) & U01111OD2023PTC042213 (Regd. Office: The B.D.O., Block Office Building, Balangir - 767001) respectively invite applications from the candidates for the post of Chief Executive Officer (2 Nos.) & Accountant (2 Nos.) on purely temporary basis. The details of age, experience, qualifications, other eligibility criteria, consolidated pay, role, responsibilities and detailed recruitment process with application form are available at **google drive link: http://tinyurl.com/4zvtnyfe**. The last date of receipt of application is 08.03.2024. Authority reserves the right either to cancel/reject or to amend the clauses.
Email Id: **balangirproducercompany@gmail.com**
**Sd./- Anwesha & Akankhya CBBO FPO**

**ଭାରତ ସରକାର**
**ପୂର୍ବ ତଟ ରେଳପଥ**
**ଉପ-ମୁଖ୍ୟଯନ୍ତ୍ରୀ (ନିର୍ମାଣ-୨), ପୂର୍ବ ତଟ ରେଳପଥ, ଅନୁଗୁଳ**

**ବିଜ୍ଞପ୍ତି**

ପତ୍ର ସଂଖ୍ୟା: ୧୭୪୭ ତା. ୨୦/୦୨/୨୦୧୪

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଅନୁଗୁଳ ଜିଲ୍ଲାର ତାଳଚେର ଠାରୁ ସୁନ୍ଦରଗଡ ଜିଲ୍ଲାର ବିମଳାଗଡ ପର୍ଯ୍ୟନ୍ତ ପ୍ରସ୍ତାବିତ ରେଳ ପ୍ରକଳ୍ପ ପାଇଁ ନିମ୍ନବର୍ଣ୍ଣିତ ତହସିଲ ଅନ୍ତର୍ଗତ ମୌଜା-ସତ୍ୟବନ୍ଧ, ଥାନା-ଖମାର, ଥାନା ନମ୍ବର-୭୨ ରୁ ଏକର ୦.୨୨୦ ପରିମିତ ପ୍ରଜା ଭୂମି ଆବଶ୍ୟକ ହେଉଅଛି। ଏହି ନିମ୍ନବର୍ଣ୍ଣିତ ପ୍ରଜାଙ୍କ ଜମିକୁ ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨), ପୂର୍ବ ତଟ ରେଳପଥ, ଅନୁଗୁଳ, ଜମି ମାଲିକଙ୍କ ଠାରୁ ସିଧାସଳଖ କ୍ରୟ କରିବାକୁ ସିଦ୍ଧାନ୍ତ ଗ୍ରହଣ କରି ଏହି ବାବଦରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

ଏହି ବିଜ୍ଞପ୍ତି ମାଧ୍ୟମରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣେଇ ଦିଆଯାଉଛି ଯେ, ନିମ୍ନ ପ୍ରଦତ୍ତ କୌଣସି ଜମିର ଖାତା, ରୟତ ଏବଂ ତଦବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ବିଶେଷଙ୍କର ସ୍ୱାର୍ଥ କିମ୍ବା ଆଗ୍ରହ ରହିଥାଏ ତେବେ ଏହି ବିଜ୍ଞପ୍ତି ପ୍ରକାଶିତ ହେବାର ୧୫ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କିମ୍ବା ଜମିର କୌଣସି ଅଂଶ ବା ସେହି ପ୍ରକାର ଜମି ଉପରେ ରହିଥିବା ତାଙ୍କର ଅଧିକାର ସମ୍ବନ୍ଧିତ ପ୍ରସ୍ତାବକୁ ନିମ୍ନ ଠିକଣାରେ ଜଣାଇ ପାରିବେ।

୧-ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨)ଙ୍କ କାର୍ଯ୍ୟାଳୟ, ପୂର୍ବ ତଟ ରେଳପଥ, ଅନୁଗୁଳ (ରେଲୱେ ଷ୍ଟେସନ ନିକଟ) ଅନୁଗୁଳ-୭୫୯୧୨୩

**ତାଳଚେର-ବିମଳାଗଡ ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ତାଳଚେର**
ଜିଲ୍ଲା: ଅନୁଗୁଳ, ଥାନା: ଖମାର, ଥାନା ନଂ.୭୨, ତହସିଲ: ପାଲହଡ଼ା, ମୌଜା: ସତ୍ୟବନ୍ଧ

| କ୍ର. ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ଲଟ ନାମ, ବାସସ୍ଥାନ ଓ ଠିକଣା | ପ୍ଲଟ ମୋଟ ରକବା (ଏକରରେ) | ପ୍ଲଟ ପାଇଁ ଆବଶ୍ୟକ ରକବା (ଏକରରେ) | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୮୯/୮ | ୧୦୧/୧୦୧୫ | ଶାରଦ ଜଳ-୩ | ହାଡ଼ି ଦାସ, ପି.ପୀତବାସ ଦାସ ଜା. ଭାଟ, ବା. ଜେନାପଡା | ୦.୭୨୦ | ୦.୨୨୦ | |
| | | | | ମୋଟ | | ୦.୨୨୦ | |

ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨), ପୂର୍ବ ତଟ ରେଳପଥ, ଅନୁଗୁଳ
PR-129/CG/23-24

# ଆଣବିକ ଯୁଦ୍ଧ ଭୟ ଦେଖାଇଲେ ପୁଟିନ୍

ମସ୍କୋ,୨୯ା୨


ଭ୍ଲାଡିମିର ପୁଟିନ୍

ୟୁକ୍ରେନ୍‌ରେ ଯୁଦ୍ଧ କରିବା ପାଇଁ ପାଶ୍ଚାତ୍ୟ ଦେଶଗୁଡ଼ିକ ଯଦି ସେମାନଙ୍କ ସୈନ୍ୟ ପଠାନ୍ତି, ତେବେ ଆଣବିକ ଯୁଦ୍ଧର ଭୟ ରହିଛି ବୋଲି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ କହିଛନ୍ତି। ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକୁ ଟାର୍ଗେଟ କରିବା ପାଇଁ ଏଭଳି ଅସ୍ତ୍ର ରୁଷିଆ ନିକଟରେ ରହିଛି। ପାର୍ଲାମେଣ୍ଟରେ ଗୁରୁବାର ବାର୍ଷିକ ଅଭିଭାଷଣ ରଖିବା ଅବସରରେ ରୁଷିଆକୁ ଦୁର୍ବଳ କରିବା ପାଇଁ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଲାଗିପଡ଼ିଥିବା କଥାକୁ ପୁଟିନ୍ ଦୋହାରାଇଥିଲେ। ରୁଷିଆର ନିଜସ୍ୱ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇବା କେତେ ଭୟଙ୍କର ହେବ, ତାହା ସେମାନେ ବୁଝିପାରୁ ନାହାନ୍ତି ବୋଲି ୭୧ ବର୍ଷୀୟ ରାଷ୍ଟ୍ରପତି କହିଛନ୍ତି।

ୟୁକ୍ରେନ୍ ଉପରେ ରୁଷିଆ ୨ ବର୍ଷ ହେଲା ଆକ୍ରମଣ ଜାରି ରଖିଥିବାବେଳେ ଉଭୟ ପକ୍ଷର ହଜାର ହଜାର ଲୋକଙ୍କ ଜୀବନ ଗଲାଣି। ୟୁକ୍ରେନ୍‌କୁ ୟୁରୋପୀୟ ନାଟୋ ସଦସ୍ୟ ରାଷ୍ଟ୍ରଗୁଡ଼ିକ ସ୍ଥଳସେନା ପଠାଇବା ପାଇଁ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକଁର ଗତ ସୋମବାର ପ୍ରସ୍ତାବ ଦେଇଥିଲେ। ତେବେ ତାଙ୍କ ପ୍ରସ୍ତାବକୁ ଆମେରିକା, ଜର୍ମାନୀ, ବ୍ରିଟେନ୍ ଓ ଅନ୍ୟ ରାଷ୍ଟ୍ରଗୁଡ଼ିକ ଅଗ୍ରାହ୍ୟ କରିଦେଇଥିଲେ। ଫ୍ରାନ୍ସ ରାଷ୍ଟ୍ରପତିଙ୍କ ଚିନ୍ତାଧାରାକୁ ଆକ୍ଷେପ କରି ପୁଟିନ୍ ଆଣବିକ ଯୁଦ୍ଧ ଭୟ ଦେଖାଇଛନ୍ତି। ଆମ ପାଖରେ ଥିବା ଅସ୍ତ୍ର ସେମାନଙ୍କ ଭୂଖଣ୍ଡକୁ ଟାର୍ଗେଟ କରିପାରିବ ଏହା ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଅନୁଭବ କରିବା ଆବଶ୍ୟକ। ସେମାନଙ୍କ ଚିନ୍ତାଧାରା ବାସ୍ତବରେ ଯୁଦ୍ଧରେ ଅଣୁଅସ୍ତ୍ର ବ୍ୟବହାର ଭୟ ସୃଷ୍ଟି କରିବ ଏବଂ ସଭ୍ୟତା ଧ୍ୱଂସ ହୋଇଯିବ ବୋଲି ପୁଟିନ୍ କହିଛନ୍ତି।

ମାର୍ଚ୍ଚ ୧୫ରୁ ୧୭ ରୁଷିଆରେ ରାଷ୍ଟ୍ରପତି ନିର୍ବାଚନ ହେବାକୁ ଥିବାବେଳେ ପୁଟିନ୍ ଆଉ ୬ ବର୍ଷ ପାଇଁ ପୁନଃ ନିର୍ବାଚିତ ହେବା ନିଶ୍ଚିତ। ଏହା ପୂର୍ବରୁ ସେ ପାର୍ଲାମେଣ୍ଟରେ ତାଙ୍କ ଚଳିତ ପାଳିର ଶେଷ ଉଦ୍‌ବୋଧନରେ କହିଥିଲେ, ରୁଷିଆ ପାଖରେ ବିଶ୍ୱର ସର୍ବାଧିକ ଅତ୍ୟାଧୁନିକ ଆଣବିକ ଯୁଦ୍ଧାସ୍ତ୍ର ରହିଛି। ୟୁକ୍ରେନ୍ ବିରୋଧରେ ଯୁଦ୍ଧ ପରେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ସହ ମସ୍କୋର ସମ୍ପର୍କରେ ସଙ୍କଟ ବଢ଼ିଯାଇଛି। ନାଟୋ ଏବଂ ରୁଷିଆ ମଧ୍ୟରେ ସିଧାସଳଖ ଯୁଦ୍ଧ ହେଲେ ଭୟଙ୍କର ପରିଣତି ହେବ ବୋଲି ପୁଟିନ୍ ପୂର୍ବରୁ ଚେତାବନୀ ଦେଇଥିଲେ।

# ଇସ୍ରାଏଲ୍ ଆକ୍ରମଣରେ ୧୦୪ ପାଲେଷ୍ଟିନୀୟ ମୃତ

ରାଫାହ,୨୯ା୨

ଗାଜା ସିଟିରେ ମାନବୀୟ ସହାୟତା ନେବା ପାଇଁ ଧାଡ଼ିରେ ଅପେକ୍ଷା କରିଥିବା ପାଲେଷ୍ଟିନୀୟମାନଙ୍କ ଉପରେ ଇସ୍ରାଏଲ୍ ଏୟାରଷ୍ଟ୍ରାଇକ୍ କରିବାରୁ ୧୦୪ ଜଣଙ୍କ ମୃତ୍ୟୁ ଘଟିବା ସହ ୭୦୦ ଆହତ ହୋଇଛନ୍ତି। ଏତେ ସଂଖ୍ୟାରେ ମୃତାହତଙ୍କୁ ହସ୍ପିଟାଲ ନେବା ପାଇଁ ଆମ୍ବୁଲାନ୍ସର ଅଭାବ ଦେଖାଦେଇଛି। ଫଳରେ କେତେଜଣଙ୍କୁ ଗଧଟଣା ଗାଡ଼ିରେ ହସ୍ପିଟାଲ ନିଆଯାଇଛି। ଇସ୍ରାଏଲ-ହମାସ୍ ଯୁଦ୍ଧରେ ବର୍ତ୍ତମାନ ସୁଦ୍ଧା ମୋଟ ମୃତ୍ୟୁସଂଖ୍ୟା ୩୦ ହଜାର ଟପିଥିବା ବେଳେ ଆହତଙ୍କ ସଂଖ୍ୟା ୭୦,୪୫୭ ରହିଥିବା ଗାଜାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି। ମୃତକଙ୍କ ମଧ୍ୟରୁ ଦୁଇ-ତୃତୀୟାଂଶ ହେଉଛନ୍ତି ମହିଳା ଏବଂ ଛୋଟ ପିଲା। ଗତ ଅକ୍ଟୋବର ୭ରୁ ଇସ୍ରାଏଲ୍ ଗାଜା ଉପରେ ଆକ୍ରମଣ ଜାରି ରଖିଛି। ଗାଜା ସିଟି ଏବଂ ଉତ୍ତର ଗାଜାର ଅବଶିଷ୍ଟ ଅଞ୍ଚଳ ଇସ୍ରାଏଲ୍‌ର ପ୍ରଥମ ଟାର୍ଗେଟ ଥିଲା। ଉକ୍ତ ଅଞ୍ଚଳ ଧ୍ୱଂସ ସ୍ତୂପରେ ପରିଣତ ହୋଇଛି। ଏହା ଅନ୍ୟ ଅଞ୍ଚଳଠାରୁ ବିଚ୍ଛିନ୍ନ ହୋଇଯାଇଥିବାରୁ କ୍ୱଚିତ୍ ସହାୟତା ପହଞ୍ଚୁଛି।

**ସହାୟତା ନେବାକୁ ଅପେକ୍ଷା କରିଥିଲେ**


ଗାଜା ସିଟିର ସହାୟତା କେନ୍ଦ୍ରରେ ଖାଦ୍ୟ ନେବା ପାଇଁ ଲୋକେ ଅପେକ୍ଷା କରିଛନ୍ତି।

# ପିକ୍‌ଅପ୍ ଗାଡ଼ି ଓଲଟି ୧୪ ମୃତ

ଡିଂଡୋରି, ୨୯ା୨

ମଧ୍ୟପ୍ରଦେଶର ଡିଂଡୋରିଠାରେ ଗୁରୁବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ୧୪ ଜଣ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିବା ବେଳେ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଡିଂଡୋରି ଜିଲାର ଶାହପୁରା ଅଞ୍ଚଳରେ ଏକ ଯାତ୍ରୀବାହୀ ପିକ୍‌ଅପ୍ ଗାଡ଼ି ଭାରସାମ୍ୟ ହରାଇ ୪୦ରୁ ୫୦ ଫୁଟ୍ ଗଭୀର ଏକ ଘାଟିକୁ ଓଲଟି ପଡ଼ିଥିଲା। ସମସ୍ତ ଆହତଙ୍କୁ ସ୍ଥାନୀୟ ଶାହପୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ନେଇ ଡିଂଡୋରି ଜିଲାପାଳ ସୂଚନା ଦେଇଛନ୍ତି। ୧୪ ମୃତକଙ୍କ ମଧ୍ୟରୁ ୭ ଜଣ ପୁରୁଷ, ୬ ଜଣ ମହିଳା ଓ ଜଣେ ଶିଶୁ ରହିଥିବା ସୂଚନା ମିଳିଛି। ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଏହି ଦୁର୍ଘଟଣାରେ ଶୋକ ପ୍ରକାଶ କରି ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ସହାୟତା ରାଶି ଘୋଷଣା କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁର୍ଘଟଣାକୁ ନେଇ ଶୋକ ପ୍ରକାଶ କରିବା ସହ ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ ପାଣ୍ଠିରୁ ମୃତକଙ୍କ ପରିବାରକୁ ୨ ଲକ୍ଷ ଓ ଆହତଙ୍କ ପରିବାରକୁ ୫୦ ହଜାର ଲେଖାଁଏ କ୍ଷତିପୂରଣ ସହାୟତା ଘୋଷଣା କରିଛନ୍ତି।

# ହିମାଚଳ ସଙ୍କଟ ଟଳିଲା

ନୂଆଦିଲ୍ଲୀ/ଶିମ୍‌ଲା,୨୯ା୨

- ୬ ବିଦ୍ରୋହୀ କଂଗ୍ରେସ ବିଧାୟକ ଅଯୋଗ୍ୟ ଘୋଷିତ
- ମୁଖ୍ୟମନ୍ତ୍ରୀ ଭାବେ ୫ ବର୍ଷ ପୂରଣ କରିବେ ସୁଖୁ

ରାଜ୍ୟ ସଭା ନିର୍ବାଚନରେ ଭାଜପା ସପକ୍ଷରେ ଭୋଟ ଦେଇଥିବା ହିମାଚଳପ୍ରଦେଶ କଂଗ୍ରେସର ୬ ବିଦ୍ରୋହୀ ବିଧାୟକଙ୍କୁ ବିଧାନସଭା ବାଚସ୍ପତି କୁଲଦୀପ୍ ସିଂ ପଠାନିଆ ଗୁରୁବାର ଅଯୋଗ୍ୟ ଘୋଷଣା କରିଛନ୍ତି। ଦଳବିରୋଧୀ ଆଇନ ଅନୁଯାୟୀ ବିଧାୟକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅଯୋଗ୍ୟ ଘୋଷିତ ବିଧାୟକମାନେ ହେଲେ ସୁଧୀର ଶର୍ମା, ରାଜିନ୍ଦର ରାଣା, ଇନ୍ଦରଦତ୍ତ ଲଖନପାଲ, ରବି ଠାକୁର, ଚୈତନ୍ୟ ଶର୍ମା ଏବଂ ଦାବିନ୍ଦର ଭୁଟ୍ଟୋ। ଏମାନେ ଦଳୀୟ ହୁଇପ୍‌କୁ ଅବମାନନା କରିଥିବା ନେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ ହର୍ଷବର୍ଦ୍ଧନ ଚୌହାନ ବାଚସ୍ପତିଙ୍କ ନିକଟରେ ଅଭିଯୋଗ ଆଣିଥିଲେ।

ରାଜ୍ୟ ସଭା ନିର୍ବାଚନ ପରେ ହିମାଚଳପ୍ରଦେଶରେ ଦେଖାଦେଇଥିବା ରାଜନୈତିକ ସଙ୍କଟ ଆପାତତଃ ଟଳିଯାଇଛି। ନିର୍ବାଚନରେ ଶାସକ ଦଳ ପ୍ରାର୍ଥୀ ହାରିଯିବା ପରେ ଦଳ ସଂଖ୍ୟାଲଘୁରେ ପରିଣତ ହୋଇଛି ବୋଲି ବିରୋଧୀ ଦଳ ଭାଜପା ଦାବି କରିବା ସହ ଅନାସ୍ଥା ପ୍ରସ୍ତାବ ଆଣିଥିଲା। ଫଳରେ ଦେଖାଦେଇଥିବା ଅଚଳାବସ୍ଥାର ସମାଧାନ ପାଇଁ କଂଗ୍ରେସ କେନ୍ଦ୍ରୀୟ ନେତୃତ୍ୱ ସେଠାକୁ କର୍ନାଟକ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାରଙ୍କୁ ପର୍ଯ୍ୟବେକ୍ଷକ ଭାବେ ପଠାଇଥିଲେ। ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ ଦଳୀୟ ବିଧାୟକ ଓ ମନ୍ତ୍ରୀମାନଙ୍କ ଏକ ବୈଠକ ଡାକିଥିଲେ। ପ୍ରତ୍ୟେକ ବିଧାୟକଙ୍କ ସହ ଜଣ ଜଣ କରି କଥା ହୋଇଛି ଓ ଅଧିକ ଆଲୋଚନା ଜାରି ରହିବ ବୋଲି ଶିବକୁମାର କହିବା ସହ ସଙ୍କଟର ସମାଧାନ ହୋଇଥିବା କହିଛନ୍ତି। ଦଳରେ ମତଭେଦ ନାହିଁ। ମୁଖ୍ୟନ୍ତ୍ରୀ ଭାବେ ସୁଖବିନ୍ଦର ୫ ବର୍ଷ ପୂରଣ କରିବେ ବୋଲି ଶିବକୁମାର ସ୍ପଷ୍ଟ କରିଛନ୍ତି। ସରକାରଙ୍କ ତରଫରୁ କେତେକ ତ୍ରୁଟି ରହିଥିବା କଥା ମୁଖ୍ୟମନ୍ତ୍ରୀ ସ୍ୱୀକାର କରିଥିଲେ। ସରକାର ଏବଂ ଦଳ ମଧ୍ୟରେ ସମନ୍ୱୟ ରକ୍ଷାକରି ପରିସ୍ଥିତିର ମୁକାବିଲା ପାଇଁ ଏକ କମିଟି ଗଠନ କରାଯାଇଛି। ସବୁକିଛି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିଛି ଏବଂ ରାଜ୍ୟର ନିର୍ବାଚିତ ସରକାରରେ ଅସ୍ଥିରତା ସୃଷ୍ଟି ଲାଗି ଭାଜପା ଚଳାଇଥିବା ଉଦ୍ୟମରେ ବିଫଳ ହୋଇଥିବା କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ହିମାଚଳପ୍ରଦେଶରେ ଜନାଦେଶକୁ ସୁରକ୍ଷିତ ରଖିବାରେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ ବୋଲି ଏକ ସୂତ୍ରରୁ କୁହାଯାଇଛି। ସେ ଭାଜପାର 'ଅପରେଶନ ଲୋଟସ୍'କୁ ବିଫଳ କରାଇବା ଦିଗରେ ଦଳ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ଓ ଅନ୍ୟ ବରିଷ୍ଠ ନେତାମାନଙ୍କ ସହ କ୍ରମାଗତ ଯୋଗାଯୋଗରେ ରହିଥିଲେ।


ସୁଖବିନ୍ଦର ସିଂ ସୁଖୁ

# ଶାଜହାନ ଗିରଫ ପରେ ଟିଏମ୍‌ସିରୁ ନିଲମ୍ବିତ

କୋଲକାତା,୨୯ା୨(ପି.ଟି.)

**ସନ୍ଦେଶଖାଲି ମାମଲା**

ପଶ୍ଚିମବଙ୍ଗର ସନ୍ଦେଶଖାଲିରେ ଆଦିବାସୀ ମହିଳାମାନଙ୍କୁ ଯୌନ ନିର୍ଯାତନା ଏବଂ ସେମାନଙ୍କ ଜମି ହଡ଼ପ କରିବା ମାମଲାର ମୁଖ୍ୟ ଅଭିଯୁକ୍ତ ବାହୁବଳୀ ନେତା ଶାଜହାନ ଶେଖ୍‌ଙ୍କୁ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ରୁ ୬ ବର୍ଷ ପାଇଁ ନିଲମ୍ବନ କରାଯାଇଛି। ଦଳର ନେତା ଡେରେକ୍ ଓ'ବ୍ରାଏନ୍ ଏହି ସୂଚନା ଦେଇଛନ୍ତି। ଉତ୍ତର ୨୪ ପ୍ରଗଣାର ସନ୍ଦେଶଖାଲିରେ ମହିଳାଙ୍କୁ ନିର୍ଯାତନା ପ୍ରତିବାଦରେ ଦୀର୍ଘଦିନ ହେଲା ଆନ୍ଦୋଳନ ଲାଗି ରହିଥିବାବେଳେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଅଦାଲତଙ୍କ ନିର୍ଦ୍ଦେଶ ପରେ ଶାଜହାନଙ୍କୁ ଗୁରୁବାର ସକାଳେ ଗିରଫ କରାଯାଇଥିଲା। ସେ ୫୫ ଦିନ ହେଲା ଫେରାର ଥିଲେ। ବସିରହାଟ୍ କୋର୍ଟରେ ହାଜର ହେବା ପରେ ତାଙ୍କୁ ୧୦ ଦିନ ପାଇଁ ପୋଲିସ ହାଜତକୁ ପଠାଯାଇଛି। ଶାଜହାନ ସନ୍ଦେଶଖାଲି ବିଧାନସଭା କ୍ଷେତ୍ର ପାଇଁ ଟିଏମ୍‌ସିର ଆବାହକ ରହିବା ସହ ଉତ୍ତର ୨୪ ପ୍ରଗଣା ଜିଲା ପରିଷଦରେ ଟିଏମ୍‌ସି ସଦସ୍ୟ ରହିଥିଲେ। ଭାଜପା ମଧ୍ୟ ଏହାର ଦୁର୍ନୀତିଗ୍ରସ୍ତ ଏବଂ ଆପରାଧିକ ମାମଲା ଥିବା ନେତାମାନଙ୍କୁ ଦଳରୁ ସସ୍‌ପେଣ୍ଡ କରିବା ପାଇଁ ଟିଏମ୍‌ସି ନେତା ଓ'ବ୍ରାଏନ୍ ଆହ୍ୱାନ ଦେଇଛନ୍ତି।


ଶାଜହାନ ଶେଖ୍

# ମରିସସ୍‌ରେ ୮ ପ୍ରକଳ୍ପ ଉଦ୍‌ଘାଟନ କଲେ ମୋଦି

ନୂଆଦିଲ୍ଲୀ,୨୯ା୨(ପି.ଟି.)

ଭାରତ ସହାୟତାରେ ମରିସସ୍‌ରେ ନିର୍ମିତ ନୂଆ ଏୟାରଷ୍ଟ୍ରିପ୍, ଜେଟି ଓ ଅନ୍ୟ ୬ଟି ଗୋଷ୍ଠୀ ଉନ୍ନୟନ ପ୍ରକଳ୍ପକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ମରିସସ୍ ପ୍ରତିପକ୍ଷ ପ୍ରବିନ୍ଦ ଜଗନ୍ନାଥଙ୍କ ସହ ଭର୍ଚୁଆଲି ଉଦ୍‌ଘାଟନ କରିଛନ୍ତି। ଭାରତ ମହାସାଗରରେ ପାରମ୍ପରିକ ଓ ଅଣପାରମ୍ପରିକ ଚ୍ୟାଲେଞ୍ଜଗୁଡ଼ିକର ମୁକାବିଲାର ଭାରତ ଓ ମରିସସ୍ ସ୍ୱାଭାବିକ ଭାଗିଦାର ରହିଆସିଥିବା ଏହି ଅବସରରେ ମୋଦି କହିଛନ୍ତି। ମରିସସ୍‌ର ଆଗାଲେଗା ଦ୍ୱୀପରେ ଭାରତ ସହାୟତାରେ ନିର୍ମିତ ପ୍ରକଳ୍ପ ଉଲ୍ଲେଖନୀୟ, ଯାହା ଉକ୍ତ ଅଞ୍ଚଳରେ ଯୋଗାଯୋଗ ବଢ଼ାଇବା ସହ ସାମୁଦ୍ରିକ ସୁରକ୍ଷା ଓ ପର୍ଯ୍ୟବେକ୍ଷଣକୁ ସୁଦୃଢ଼ କରିବା ଆଶା କରାଯାଉଛି। ଭାରତର ଜନଔଷଧୀ ଯୋଜନାରେ ସାମିଲ ହେବାରେ ମରିସସ୍ ପ୍ରଥମ ଦେଶ ହେବାକୁ ଯାଉଛି।



ବ୍ରିଟେନ୍ ପାର୍ଲାମେଣ୍ଟ ହାଉସ୍ କମ୍ପ୍ଲେକ୍ସରେ ଗୁରୁବାର ବିରୋଧୀ ଦଳ ଲେବର ପାର୍ଟି ପକ୍ଷରୁ ନୂଆ ପ୍ରବାସୀ ସଂଗଠନ 'ଲେବର ଇଣ୍ଡିଆନ୍' ଶୁଭାରମ୍ଭ କରାଯାଉଛି।

# ଏୟାର ଇଣ୍ଡିଆକୁ ୩୦ ଲକ୍ଷ ଜରିମାନା

ମୁମ୍ବାଇ,୨୯ା୨

ହୁଇଲ୍‌ଚେୟାର ଯୋଗାଇ ଦିଆ ନ ଯିବାରୁ ଜଣେ ୮୦ ବର୍ଷୀୟ ବିମାନଯାତ୍ରୀଙ୍କର ନିକଟରେ ମୃତ୍ୟୁ ଘଟିଥିଲା। ଏହି ମାମଲାରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଏୟାର ଇଣ୍ଡିଆ ଉପରେ ୩୦ ଲକ୍ଷ ଟଙ୍କା ଜରିମାନା ଲଗାଇଛି। ଗତ ୧୬ ତାରିଖରେ ଯାତ୍ରୀ ଜଣକ ବିମାନରୁ ଓହ୍ଲାଇ ଟର୍ମିନାଲ ବିଲ୍ଡିଂ ପର୍ଯ୍ୟନ୍ତ ଯିବାକୁ ହୁଇଲ୍‌ଚେୟାର ମାଗିଥିଲେ। ତେବେ ଯଥେଷ୍ଟ ହୁଇଲ୍‌ଚେୟାର ନ ଥିବା କହି ଏୟାରଲାଇନ୍ସ ତାଙ୍କ ଅନୁରୋଧକୁ ଏଡ଼ାଇ ଯାଇଥିଲା। ବୃଦ୍ଧ ଜଣକ ଚାଲି ଚାଲି ଟର୍ମିନାଲକୁ ଯାଉଥିବାବେଳେ ମୂର୍ଚ୍ଛା ଯିବା ସହ ପ୍ରାଣ ହରାଇଥିଲେ। ଏହା ଉପରେ ଡିଜିସିଏ ଏୟାରଇଣ୍ଡିଆକୁ ସ୍ପଷ୍ଟୀକରଣ ମାଗିଥିଲା। ବୃଦ୍ଧ ଯାତ୍ରୀଙ୍କୁ ହୁଇଲ୍‌ଚେୟାର ପାଇଁ କିଛି ସମୟ ଅପେକ୍ଷା କରିବାକୁ କୁହାଯାଇଥିଲା। କିନ୍ତୁ ସେ ଅପେକ୍ଷା ନ କରି ଚାଲିବାରୁ ଟଳିପଡ଼ିଥିଲେ ବୋଲି ଏୟାରଲାଇନ୍ସ କହିଥିଲା। ଅନ୍ୟପକ୍ଷରେ ବିମାନ ଚଳାଚଳ ନିୟମାବଳୀ ଅନୁପାଳନ ଉପରେ ସ୍ପଷ୍ଟୀକରଣ ଦେବାରେ ଏୟାରଲାଇନ୍ସ ବିଫଳ ହୋଇଥିଲା।

# ରାଜସ୍ଥାନରେ ସରକାରୀ ଚାକିରି ପାଇଁ ୨ ସନ୍ତାନ ନିୟମ ସୁପ୍ରିମକୋର୍ଟରେ କାଏମ

ନୂଆଦିଲ୍ଲୀ,୨୯ା୨(ପି.ଟି.)

ରାଜସ୍ଥାନରେ ସରକାରୀ ଚାକିରି କ୍ଷେତ୍ରରେ ରହିଥିବା ୨ ସନ୍ତାନ ଯୋଗ୍ୟତା ମାନଦଣ୍ଡକୁ ସୁପ୍ରିମକୋର୍ଟ କାଏମ ରଖିଛନ୍ତି। ଏଥିରେ କାହା ପ୍ରତି ପାତରଅନ୍ତର କରାଯାଇ ନାହିଁ କିମ୍ବା ଏହା ସମ୍ବିଧାନର ଉଲ୍ଲଂଘନ କରୁନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ରାଜସ୍ଥାନର ବିଭିନ୍ନ ସେବା (ସଂଶୋଧନ) ନିୟମାବଳୀ, ୨୦୦୧ ଅନୁଯାୟୀ ୨ରୁ ଅଧିକ ସନ୍ତାନ ଥିବା ପ୍ରାର୍ଥୀ ସରକାରୀ ନିଯୁକ୍ତି ପାଇଁ ଆବେଦନ କରିପାରିବେ ନାହିଁ। ଅବସରପ୍ରାପ୍ତ କର୍ମଚାରୀ ରାମଜୀ ଲାଲ୍ ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। ସେ ୨୦୧୭ରେ ସେନାରୁ ଅବସର ନେବା ପରେ ରାଜସ୍ଥାନ ପୋଲିସରେ କନ୍‌ଷ୍ଟେବଲ ଭାବେ ଯୋଗଦେବା ପାଇଁ ଆବେଦନ କରିଥିଲେ। ତେବେ ୨୦୦୨ ଜୁନ୍ ୧ ପରେ ତାଙ୍କର ୨ରୁ ଅଧିକ ପିଲା ଥିବାରୁ ସରକାରଙ୍କ ନିୟମ ଅନୁଯାୟୀ ଆବେଦନ ଖାରଜ ହୋଇଯାଇଥିଲା।

# ୫ ୟେମେନ୍ ନାଗରିକଙ୍କୁ ସାଉଦିରେ ମୃତ୍ୟୁଦଣ୍ଡ

ରିୟାଧ, ୨୯ା୨

ହତ୍ୟା ଏବଂ ଡକାୟତି ଅଭିଯୋଗରେ ସାଉଦି ଆରବ ପକ୍ଷରୁ ୟେମେନ୍‌ର ୫ ଜଣ ନାଗରିକଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଛି। ଏହି ୫ ୟେମେନ୍ ନାଗରିକ ଅହମଦ୍ ଅଲ୍ ଅରାଦୀ ନାମକ ଜଣେ ସାଥୀଙ୍କୁ ମୁଣ୍ଡରେ ପିଟି ପିଟି ନିର୍ମମ ଭାବେ ହତ୍ୟା କରି ଦୋଷୀ ସାବ୍ୟସ୍ତ ହୋଇଥିବାରୁ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରାଯାଇଥିବାନେଇ ସରକାରୀ ସାଉଦି ପ୍ରେସ୍ ଏଜେନ୍ସି ଦ୍ୱାରା ବିବୃତି ଜାରି କରାଯାଇଛି। ସେହିପରି ଏହି ୫ ଅଭିଯୁକ୍ତ ଚୋରି ଏବଂ ଡକାୟତି ଉଦ୍ଦେଶ୍ୟରେ ଏକ ଗ୍ୟାଙ୍ଗ୍ ଗଠନ କରିଥିବାର ସୂଚନା ଦେଇଛି ସାଉଦି ପ୍ରେସ୍ ଏଜେନ୍ସି। ଅପରାଧକୁ ନେଇ କଠୋର ନିୟମ ରହିଥିବା ସାଉଦି ଆରବରେ ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ସମୁଦାୟ ୩୪ ଜଣଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିବା ନେଇ ସାଉଦି ପ୍ରେସ୍ ଏଜେନ୍ସି ସ୍ପଷ୍ଟ କରିଛି। ସେହିପରି ଗତବର୍ଷ ବିଭିନ୍ନ ଅପରାଧରେ ସଂଶ୍ଳିଷ୍ଟ ହୋଇ ଦୋଷୀ ସାବ୍ୟସ୍ତ ହୋଇଥିବା ୧୭୦ ଜଣଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଛି।

# ଅବଦୁଲ କରିମ ଟୁଣ୍ଡା ଦୋଷମୁକ୍ତ

ଜୟପୁର,୨୯ା୨(ପି.ଟି.)

**୧୯୯୩ ସିରିଏଲ୍ ବିସ୍ଫୋରଣ ମାମଲା**

୧୯୯୩ ସିରିଏଲ୍ ବିସ୍ଫୋରଣ ମାମଲାରେ ଅବଦୁଲ କରିମ ଟୁଣ୍ଡାଙ୍କୁ ରାଜସ୍ଥାନ ଆଜମେର୍ କୋର୍ଟ ପ୍ରମାଣ ଅଭାବରୁ ଦୋଷମୁକ୍ତ କରିଛନ୍ତି। ଟାଡ଼ା କୋର୍ଟ ଅନ୍ୟ ୨ ଅଭିଯୁକ୍ତ ଇର୍ଫାନ ଏବଂ ହମିଦୁଦ୍ଦିନ୍‌ଙ୍କୁ ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ୮୧ ବର୍ଷୀୟ ଟୁଣ୍ଡା ଦାଉଦ୍ ଇବ୍ରାହିମ୍‌ଙ୍କ ଘନିଷ୍ଠ ସହଯୋଗୀ। ବାବ୍ରି ମସ୍‌ଜିଦ ଭଙ୍ଗା ଘଟଣାର ପ୍ରଥମ ବାର୍ଷିକୀରେ ସେ ୫ଟି ଟ୍ରେନ୍‌ରେ ବିସ୍ଫୋରଣ ଘଟାଇଥିବା ଅଭିଯୋଗ ହୋଇଥିଲା। ଏଥିରେ ୨ ଜଣଙ୍କ ମୃତ୍ୟୁ ହେବା ସହ ଅନେକେ ଆହତ ହୋଇଥିଲେ। ତାଙ୍କ ବିରୋଧରେ ଅଭିଯୋଗକୁ ପ୍ରମାଣିତ କରିବା ପାଇଁ ଆବଶ୍ୟକ ପ୍ରମାଣ ଉପସ୍ଥାପନ ହୋଇ ନ ପାରିବାରୁ ଟୁଣ୍ଡାଙ୍କୁ ଦୋଷମୁକ୍ତ କରାଗଲା ବୋଲି ଅଦାଲତ କହିଛନ୍ତି।

## ଫୁରସତ

# ନାଗରିକଙ୍କ ସୁରକ୍ଷା ଜରୁରୀ

**ଆଜି ବିଶ୍ୱ ନାଗରିକ ସୁରକ୍ଷା ଦିବସ**



ବିଶ୍ୱର ନାଗରିକଙ୍କ ସୁରକ୍ଷା ଜରୁରୀ। ନାଗରିକଙ୍କ ସୁରକ୍ଷା ଦ୍ୱାରା ବିକାଶର ମାର୍ଗ ଆହୁରି ପ୍ରଶସ୍ତ ହୋଇଥାଏ। ସର୍ବୋପରି ନାଗରିକଙ୍କ ସୁରକ୍ଷା ତଥା ଜରୁରିକାଳୀନ ପ୍ରସ୍ତୁତି ବିଷୟରେ ସଚେତନତା ସୃଷ୍ଟି କରିବା, ବିପଦକୁ କମାଇବା, ବିପର୍ଯ୍ୟୟର ମୁକାବିଲା କରିବା ଏବଂ ଦେଶ ମଧ୍ୟରେ ସହଯୋଗ ବୃଦ୍ଧି ପାଇଁ ପ୍ରତିବର୍ଷ ମାର୍ଚ୍ଚ ୧ରେ ବିଶ୍ୱ ନାଗରିକ ସୁରକ୍ଷା ଦିବସ ପାଳନ କରାଯାଇଥାଏ। ବିଶ୍ୱ ନାଗରିକ ସୁରକ୍ଷା ଦିବସରେ ପ୍ରତ୍ୟେକ ନାଗରିକ ତାଙ୍କ ଜୀବନରେ ଅନେକ ସଂକଳ୍ପ ନେଇଥାନ୍ତି। ଦୁର୍ଘଟଣା କିମ୍ବା ବିପର୍ଯ୍ୟୟ ସମୟରେ ନାଗରିକ ସୁରକ୍ଷା ତଥା ପ୍ରତିରୋଧର ଗୁରୁତ୍ୱ ଉପରେ ବିଶ୍ୱର ଦୃଷ୍ଟି ଆକର୍ଷଣ କରାଯାଇଛି ଏବଂ ସଚେତନତା ସୃଷ୍ଟି କରିବା ଏବଂ ସେଗୁଡ଼ିକୁ ରୋକିବା ପାଇଁ ପ୍ରତିଶ୍ରୁତି ଦେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ଦିନଟି ସମଗ୍ର ବିଶ୍ୱ ପାଇଁ ବହୁତ ସ୍ୱତନ୍ତ୍ର। ୧୯୯୦ରେ ଅନ୍ତର୍ଜାତୀୟ ନାଗରିକ ପ୍ରତିରକ୍ଷା ସଂଗଠନ (ଆଇସିଡିଓ) ଏହି ଦିନକୁ ବିଶ୍ୱସ୍ତରୀୟ ପାଳନ କରିବାକୁ ଘୋଷଣା କରିଥିଲା। ଏହି ସଂଗଠନ ସମ୍ପୃକ୍ତ ସଦସ୍ୟ ଦେଶରେ ନାଗରିକ ପ୍ରତିରକ୍ଷା ବାହିନୀର ମାନବ ସମ୍ବଳ ପରିଚାଳନାରେ ଉନ୍ନତି ଆଣିବା ପାଇଁ ଯଥାସମ୍ଭବ ତାଲିମ କାର୍ଯ୍ୟକ୍ରମ ଚଳାଇଥାଏ।

ଯୁଦ୍ଧ ସମୟରେ ସାଧାରଣ ନାଗରିକ ସୁରକ୍ଷା ସମସ୍ୟା ବିଶେଷ ଭାବେ ଗୁରୁତ୍ୱପୂର୍ଣ୍ଣ। ୨୮ ମେ ୧୯୩୧ରେ, ଫରାସୀ ସର୍ଜନ-ଜେନେରାଲ ଜର୍ଜ ସେଣ୍ଟ-ପାଲ ପ୍ୟାରିସରେ 'ଜେନେଭା ଜୋନ' ଆସୋସିଏଶନ ପ୍ରତିଷ୍ଠା କରିଥିଲେ, ଯାହା ତାଙ୍କୁ ପ୍ରଥମେ ମାନବ ସୁରକ୍ଷା ପାଇଁ ଏହି ଧାରଣା ଦେଇଥିଲା। ଏହି ଜୋନ ମୁଖ୍ୟତଃ ମହିଳା, ଶିଶୁ, ବୃଦ୍ଧ ତଥା ରୋଗୀ ଏବଂ ଦିବ୍ୟାଙ୍ଗମାନଙ୍କୁ ଯୁଦ୍ଧ ସମୟରେ ଆଶ୍ରୟ ଦେଉଥିଲା। ୧୯୩୬ରେ ଯେତେବେଳେ ସ୍ପେନ୍‌ରେ ଗୃହଯୁଦ୍ଧ ଆରମ୍ଭ ହୋଇଥିଲା, ଆସୋସିଏଶନ ଚାଇନାରେ ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ପୁନର୍ବାର ଫ୍ରାନ୍ସରେ ଶରଣାର୍ଥୀ ଶିବିର ସ୍ଥାପନ କରିବାକୁ ଆହ୍ୱାନ ଦେଇଥିଲା। ୧୯୫୮ରେ ଅନ୍ତର୍ଜାତୀୟ ନାଗରିକ ପ୍ରତିରକ୍ଷା ସଂଗଠନ ଭାବରେ ଆରମ୍ଭ ହେବା ଦିନଠାରୁ, ଆଇସିଡିଓ ଜାତୀୟ ନାଗରିକ ପ୍ରତିରକ୍ଷା ସଂଗଠନ ମଧ୍ୟରେ ଏକ ସେତୁ ସୃଷ୍ଟି କରିବା, ଜନସଂଖ୍ୟା ସୁରକ୍ଷା ଅନୁସନ୍ଧାନ କରିବା ସହ ବିପର୍ଯ୍ୟୟ ପରିଚାଳନା ଏବଂ ପ୍ରତିକ୍ରିୟାର ସମନ୍ୱୟ ସମେତ ଅନେକ ଦିଗରେ କାର୍ଯ୍ୟ କରିଆସୁଛି।

# ଅନ୍ତର୍ଜାତୀୟ ହୁଇଲ ଚେୟାର ଦିବସ



ମାର୍ଚ୍ଚ ୧ରେ ଅନ୍ତର୍ଜାତୀୟ ହୁଇଲ ଚେୟାର ଦିବସ ପାଳନ କରାଯାଉଛି। ଇତିହାସର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଗତିଶୀଳ ଉପକରଣ ଏବଂ ଏହି ହୁଇଲ ଚେୟାର ଲୋକଙ୍କ ଜୀବନରେ ସକାରାତ୍ମକ ପ୍ରଭାବ ପକାଇବା ପାଇଁ ଏହି ଦିବସର ପାଳନ ପ୍ରଥମେ ୨୦୦୮ରେ ଆରମ୍ଭ କରାଯାଇଥିଲା। ହୁଇଲ ଚେୟାର ଫାଉଣ୍ଡେଶନ ଅନୁଯାୟୀ, ଅନୁମାନ କରାଯାଏ ଯେ ବିକଶିତ ଦେଶଗୁଡ଼ିକରେ ସେମାନଙ୍କ ଜନସଂଖ୍ୟାର ୧% ଲୋକ ଏକ ହୁଇଲ ଚେୟାର ଆବଶ୍ୟକ କରନ୍ତି। ବିକାଶଶୀଳ ଦେଶରେ ଏହି ଦୃଶ୍ୟ ସମ୍ପୂର୍ଣ୍ଣ ଭିନ୍ନ, ଯେଉଁଠାରେ ୨% ଜନସଂଖ୍ୟା ଏକ ହୁଇଲ ଚେୟାର ଆବଶ୍ୟକ କରନ୍ତି। ଏହା ୨୦୦୮ରେ ଆରମ୍ଭ ହେବା ପରଠାରୁ ଅଷ୍ଟ୍ରେଲିଆ, ନେପାଳ, ସେନେଗାଲ, ଦକ୍ଷିଣ ଆଫ୍ରିକା, ବାଂଲାଦେଶ, ପାକିସ୍ତାନ, ୟୁନାଇଟେଡ୍ କିଙ୍ଗଡମ ଏବଂ ଯୁକ୍ତରାଷ୍ଟ୍ର ଆମେରିକାରେ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନ୍ତର୍ଜାତୀୟ ହୁଇଲ ଚେୟାର ଦିବସ ପାଳନ କରିବାର ବିଶେଷତ୍ୱ ହେଉଛି ବ୍ୟକ୍ତିବିଶେଷଙ୍କ ଜୀବନରେ ହୁଇଲ ଚେୟାରର ଗଭୀର ପ୍ରଭାବକୁ ପାଳନ କରିବା, ପ୍ରଶଂସା ଏବଂ ସଶକ୍ତୀକରଣକୁ ବଢ଼ାଇବା।

ସେହିଭଳି ସମାଜରେ ହୁଇଲ ଚେୟାରର ଉପଲବ୍ଧତା ଏବଂ ଅନ୍ତର୍ଭୁକ୍ତିର ଗୁରୁତ୍ୱପୂର୍ଣ୍ଣତା ବିଷୟରେ ବିଶ୍ୱସ୍ତରୀୟ ସଚେତନତା ସୃଷ୍ଟି କରିବା। ସମ୍ମାନ ଏବଂ ସ୍ୱାଧୀନତାକୁ ପ୍ରୋତ୍ସାହନ ଦେଇ ଗତିଶୀଳତା ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଥିବା ବ୍ୟକ୍ତିବିଶେଷଙ୍କ ପାଇଁ ସମର୍ଥନ ଏବଂ ସ୍ୱୀକୃତି ପ୍ରଦାନ କରିବା।

# ମା' ହେବେ ଦୀପିକା

**ମୁମ୍ବାଇ:** ସବୁବେଳେ ଚର୍ଚ୍ଚାରେ ରହୁଥିବା ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ୍ ଗୁରୁବାର ନିଜ ପ୍ରଶଂସକମାନଙ୍କୁ ଏକ ଖୁସି ଖବର ଦେଇଛନ୍ତି। ଏକ ଇନ୍‌ଷ୍ଟାଗ୍ରାମ ପୋଷ୍ଟ କରି ଗର୍ଭବତୀ ଥିବା ଦର୍ଶାଇଛନ୍ତି ଦୀପିକା। ଖୁବ୍‌ଶୀଘ୍ର ସେ ମା' ହେବେ ଏବଂ ତାଙ୍କ ସ୍ୱାମୀ ତଥା ଲୋକପ୍ରିୟ ଆକ୍ସନ ହିରୋ ରଣବୀର୍ ସିଂ ବାପା ହେବେ ବୋଲି ଏହି ପୋଷ୍ଟରେ ସେ ସୂଚନା ଦେଇଛନ୍ତି। ଦୀପିକା ଏହି ପୋଷ୍ଟରେ ରଣବୀରଙ୍କୁ ଟ୍ୟାଗ ମଧ୍ୟ କରିଛନ୍ତି। ଶେୟାର ହୋଇଥିବା ଏହି ପୋଷ୍ଟ ଅନୁଯାୟୀ, ଚଳିତ ବର୍ଷ ସେପ୍ଟେମ୍ବରରେ ଉଭୟ ଦୀପିକା ଏବଂ ରଣବୀର୍ ମାତାପିତା ହେବେ। ସମ୍ପ୍ରତି ଉଭୟ ମାତାପିତା ହେବା ପାଇଁ ପ୍ରସ୍ତୁତ ହେଉଥିବା ସହ ଉଭୟଙ୍କର ଦାୟିତ୍ୱବୋଧତା ବଢ଼ିଥିବା ନେଇ ଏହି ପୋଷ୍ଟରେ ଦୀପିକା ଉଲ୍ଲେଖ କରିଛନ୍ତି।

ଏହି ଖୁସି ଖବର ଶୁଣି ପ୍ରଶଂସକମାନେ ବେଶ୍ ଉତ୍ସାହିତ ହେବା ସହ ଉଭୟ ଦୀପିକା ଏବଂ ରଣବୀରଙ୍କୁ ଚାରିଆଡୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି। ଉଭୟଙ୍କର ଏହି ପୋଷ୍ଟକୁ ହଜାର ହଜାର ପ୍ରଶଂସକଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ତଥା ସେଲିବ୍ରିଟି କମେଣ୍ଟ ଦେଇ ଅଭିନନ୍ଦନ ଜଣାଇଛନ୍ତି। ସୂଚନାଯୋଗ୍ୟ, ଦୀପିକା ଗତ ବର୍ଷ 'ପଠାନ' ଏବଂ 'ଯବାନ' ପରି ଦୁଇଟି ହିଟ୍ ଫିଲ୍ମରେ ନଜର ଆସିଥିଲେ।


ଦୀପିକା ପାଦୁକୋନ୍

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସ୍କୁଲରେ ଶୋଇଲେ ଶିକ୍ଷକ, ଘରକୁ ଫେରିଲେ ପିଲା



ବଇଣ୍ଡା,୨୯।୨ (ପରିକ୍ଷିତ ସାହୁ)

ପିଲାଙ୍କୁ ପଢ଼ାଇବା ପରିବର୍ତ୍ତେ ସ୍କୁଲ କାର୍ଯ୍ୟାଳୟରେ ଶୋଇପଡ଼ିଲେ ଶିକ୍ଷକ। ଦୀର୍ଘ ସମୟ ଯାଏ ଶିକ୍ଷକ ଜଣକ ନ ଉଠିବାରୁ ଶେଷରେ ବିଦ୍ୟାଳୟରେ ବସି ବସି ଘରକୁ ଫେରିଲେ ପିଲା। ଅନୁଗୋଳ ଜିଲା କିଶୋରନଗର ବ୍ଲକ ବାମୁର ପଞ୍ଚାୟତ ରେଙ୍ଗାଳବେଡ଼ା ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ଦେଖିବାକୁ ମିଳିଛି ଏପରି ଘଟଣା। ଶିକ୍ଷକଙ୍କ ଏଭଳି କାର୍ଯ୍ୟକୁ ନେଇ ଗ୍ରାମରେ ଅସନ୍ତୋଷ ଦେଖାଦେଇଥିବା ବେଳେ ଗ୍ରାମବାସୀ ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି, ରେଙ୍ଗାଳବେଡ଼ା ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ୩୯ ଛାତ୍ରୀଛାତ୍ର ପଢୁଥିବା ବେଳେ ୨ ଜଣ ଶିକ୍ଷକ ନିଯୁକ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଶିକ୍ଷକ ବ୍ଲକରେ ଚାଲିଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଅନ୍ୟ ଜଣେ ଶିକ୍ଷକଙ୍କୁ ବିଦ୍ୟାଳୟ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ହେଲେ ବିଦ୍ୟାଳୟ ଦାୟିତ୍ୱରେ ଥିବା ଶିକ୍ଷକ ଜଣକ ଗୁରୁବାର ପୂର୍ବାହ୍ନ ୧୦ଟା ବେଳେ ମଦ୍ୟପାନ କରି ବିଦ୍ୟାଳୟକୁ ଆସିବା ସହ ଛାତ୍ରୀଛାତ୍ରଙ୍କୁ ପାଠ ନ ପଢ଼ାଇ କାର୍ଯ୍ୟାଳୟ ଭିତରେ ଶୋଇପଡ଼ିଥିଲେ। ଅପରାହ୍ନ ଯାଏ ଶିକ୍ଷକ ଜଣକ ଶୋଇ ରହିଥିବା ଜାଣି ଗ୍ରାମବାସୀ ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀଙ୍କ ଠାରେ ଅଭିଯୋଗ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସିଆର୍‌ସିସି ବଭ୍ରୁବାହାନ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ତୁରନ୍ତ ସମ୍ପୃକ୍ତ ଶିକ୍ଷକଙ୍କୁ ବଦଳି କରି ଅନ୍ୟ ଜଣେ ଶିକ୍ଷକଙ୍କୁ ନିଯୁକ୍ତି କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ଅରୁଣ କୁମାର ସେଠୀ କହିଛନ୍ତି, ମଦ୍ୟପାନ କରି ଶିକ୍ଷକ ବିଦ୍ୟାଳୟରେ ଶୋଇଥିବା ସମ୍ପର୍କରେ ଅଭିଯୋଗ ହେବା ପରେ ତଦନ୍ତ ପାଇଁ ସିଆର୍‌ସିସିଙ୍କୁ ଦାୟିତ୍ୱ ଦିଆଯାଇଛି। ରିପୋର୍ଟ ଆସିଲା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ବାଇକ୍-ସ୍କୁଟି ଧକ୍କା, ୩ ମୃତ

## ମୃତକଙ୍କ ଚକ୍ଷୁଦାନ କଲେ ପରିବାର ଲୋକେ

ବାରିପଦା,୨୯।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା-ଉଦଳା ରାଜ୍ୟ ରାଜପଥର ବାଲିଯୋଡ଼ା ନିକଟରେ ଗୁରୁବାର ବାଇକ୍-ସ୍କୁଟି ଧକ୍କାରେ ୩ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ବଡ଼ସାହି ଥାନା ଗୁଡ଼ିଆଲବନ୍ଧ ଗ୍ରାମର ଲକ୍ଷ୍ମଣ ସିଂ(୨୦) ଓ ଆକାଶ ବିନ୍ଧାଣୀ(୧୫) ଏବଂ ଦଲକିଶୋଳର ରାଜେନ ସିଂ(୨୫)। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ପହଞ୍ଚି ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସୂଚନା ଅନୁଯାୟୀ, ଆକାଶ ଓ ଲକ୍ଷ୍ମଣ ଔଷଧ ଆଣିବାକୁ ସ୍କୁଟି ଯୋଗେ ସାନକେରକ ଅଭିମୁଖେ ଯାଉଥିବା ସମୟରେ ବିପରିତ ଦିଗରୁ ଆସୁଥିବା ରାଜେନଙ୍କ ବାଇକ୍ ସହ ଧକ୍କା ହୋଇଥିଲା। ଦୁର୍ଘଟଣାରେ ଗାଡ଼ି ଦୁଇଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବା ବେଳେ ୩ଜଣଙ୍କର ମୃତ୍ୟୁ ହୋଇଥିଲା। ତେବେ ପରିବାର ଲୋକେ ମୃତ ଲକ୍ଷ୍ମଣ ଓ ରାଜେନଙ୍କ ଚକ୍ଷୁଦାନ କରିଥିବା ସୂଚନା ମିଳିଛି।

# ୧୭ରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

କଟକ,୨୯।୨ (କାର୍ତ୍ତିକ ସାହୁ)

ହାଇକୋର୍ଟ ଲିଗାଲ ସର୍ଭିସ କମିଟି ପକ୍ଷରୁ ଚଳିତବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ମାର୍ଚ୍ଚ ୧୭ ତାରିଖରେ ହାଇକୋର୍ଟରେ ଅନୁଷ୍ଠିତ ହେବ। ଏହି ଲୋକ ଅଦାଲତ ମାର୍ଚ୍ଚ ୯ ତାରିଖରେ ହେବ ବୋଲି ପୂର୍ବରୁ ନ୍ୟାଶନାଲ ଲିଗାଲ ସର୍ଭିସ ଅଥରିଟି ପକ୍ଷରୁ ଘୋଷଣା କରାଯାଇଥିଲା। ମାତ୍ର ଏହା ମହାଶିବରାତ୍ରି ପରଦିନ ପଡୁଥିବାରୁ ଏହାକୁ ପରିବର୍ତ୍ତନ କରାଯାଇଥିବା ହାଇକୋର୍ଟ ଲିଗାଲ ସର୍ଭିସ କମିଟି ପକ୍ଷରୁ ଗୁରୁବାର ପ୍ରେସ୍ ଇସ୍ତାହାରରେ ସୂଚନା ଦିଆଯାଇଛି।


# ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**୰ ସଛୀ ଦେଈ**
ସ୍ୱା: ୰ସୁଦର୍ଶନ ସେଠୀ
ରଥଗଡ଼ା, ଗଣେଶବଜାର, ଢେଙ୍କାନାଳ
ତିରୋଧାନ-୧୨।୦୨।୨୦୨୩
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀବୋହୂ, ନାତୁଣୀ, ନାତୁଣୀଜ୍ୱାଇଁ, ଅଣନାତି, ଅଣନାତୁଣୀ, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୭୫୪୧୮



**୰ନାରାୟଣ ସାହୁଙ୍କ**
ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ
ଧ-୨୬୬୪

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ପ୍ରଦୀପ କର୍ମୀ**
ଆବିର୍ଭାବ- ୨୭।୦୩।୧୯୭୯
ତିରୋଧାନ- ୧୬।୦୨।୨୦୨୪
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ମାଁ ଉଷାବତୀ କର୍ମୀ, ପତ୍ନୀ- ପଙ୍କଜିନୀ କର୍ମୀ, ନାନୀ- ଶକୁନ୍ତଳା କର୍ଣ୍ଣ, ମମତା କର୍ଣ୍ଣ, ଭଣଜା- ନମନ, ଭାଣିଜୀ- ରୋଜାଲିନ, ନିକିତା, କପୁ ଓ କର୍ମୀ ପରିବାରବର୍ଗ।
ଧ-୨୬୫୨

# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**OAS HUB**
*Make your dreams into reality*
**OAS / IAS**
JOIN NEW PRELIMS TO PERSONALITY TEST (P2P) BATCH.
For Odisha Administrative Services.
ADMISSION OPEN NOW
Somi Palace, Plot No. M5/17, Ground Floor, Acharya Vihar, Bhubaneswar
Contact Us:
8926232634
9827166018

**ADMISSION OPEN**
**B.Ed, M.Ed, B.P.Ed.**
Equivalent of Utkal University
Lowest Fees
Odisha School of Professional Studies
Address:
Plot No.N2/57, 2nd Floor, Near N2 Park, IRC Village, Nayapalli, Bhubaneswar- 751015
CONTACT NO.
7008096933
9692828174

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# Classified Everyday
**0674-2580101, 2549949**



## REAL ESTATE

## SALE

**Ready to move 2BHK and 3BHK flat for sale near TATA Ariana at Kalinga Vihar. Contact- 9437309741.** D-2609

**Plot sale Bhubaneswar, Sundarpada Road**ରେ ଦଧିବାମନପୁର ମୌଜା **yellowzone** ଘରବାରି **30' road, pole** ଥାଇ **sqft.- 1200/-** ମିଳୁଛି। **Biswajit- 7008184348.** D-71069

**Gharabari plot 1100sf. near Lingaraj Temple, no litigation, Direct Owner, Immediate sale. 9178924698.** D-2545

**House for sale at Bhubaneswar Jayadeb Bihar Behind HDFC Bank, near Petrol Pump Bishnupriya Apartment, 2 Bed Rooms, Dining & Drawing Room, Kitchen, 2 Bath Rooms, 1 Balcony. SBA 910sqft. Carpet Area 750sqft. on top Floor, Parking out side Apartment Wall. Contact: 9937094663.** D-2591

**ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ପିଚୁ ରାସ୍ତାକୁ ଲାଗି ଘରବାଡ଼ି ପାଚେରି ପ୍ଲଟ୍ ପଟ୍ଟାରୁ ବିକ୍ରି ହେବ। 9827119799.** D-2605

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft., 3,60,000/- ଛଡାବର Bypass sqft.-500/-. 9776974912. D-75919

Duplex project at Retanga Medical Station near C.V. Raman University Tamando, Bhubaneswar. 7008459987. D-75912

ଭୁବନେଶ୍ୱର ପଟିଆ ତ୍ରିଶୁଳିଆ ଛକ ପାଖରେ **100ft. roadside yellowzone 30ft.** ରାସ୍ତା ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପୋଜେସନ୍ ପ୍ଲଟ୍ ମିଳୁଛି। **7978701424, 9937025614.** D-75299

ଭୁବନେଶ୍ୱର Hot Location ତ୍ରିଶୂଳିଆ ଛକ ନିକଟବର୍ତ୍ତୀ CISF, Sai International School ଓ Central Schoolଠାରୁ 700 mtrs. ମଧ୍ୟରେ 30ft. Road, Electricity, Boundary ଥାଇ 'Srikrishna Vihar'ରେ ପ୍ଲଟ୍ ବିକ୍ରିହେବ। 6371902075, 9776602067. D-75921

Ready to possess 2/3 BHK flats near Badagada Canal Road, Mouza: Meherpalli for sale. Bank finance available. Cotact: 9861467987 / 9861336178. D-2653

## GENERAL

## PURCHASE

ରେଲୱେ ସାଇଟ୍‌ରେ ମାଟିର ଆବଶ୍ୟକ। ପୁନାମାଗେଟ୍- ୨୦୦ ଟ୍ରିପ୍ (ହାଇୱା), ଚୂଡ଼ଙ୍ଗଗଡ଼ ବାରଙ୍ଗ- ୪୦୦ଟ୍ରିପ୍ (ହାଇୱା)। ଫୋନ୍ ନଂ.- ୯୧୭୮୯୨୪୬୯୮. ଧ-୨୫୪୬

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## CONSTRUCTION

**Quality construction for your home with premium material, BDA approval, Vastu Complaints, (Architectural plan free) OD Group-Er. Bijaya Kumar. 9438330195.** D-75913



## FOR RENT

Shop room (10'x10') 2 Nos. opposite College Jayadev Vihar, Main Road, Bhubaneswar. Contact: 7008296802. D-2655

2BHK, 3BHK, drawing-dining, Puja room near Puri Bypass Road, Koradkanta, Bhubaneswar. Contact: 7008296802. D-2656



## Healthcare

Relax refreshment body massage therapy by experience lady therapist. 7008773793. D-76102

**Ashirvaad Salon and SPA get good massage for your health tha best therapy. 7077181074.** D-75711

**Relax, Refresh your body, Mind at Saikrupa Spa with best therapies. 8984068077.** D-2600

Kerala body massage best therapist @ 699/- Bhubaneswar. 9337672475. Ganeshspa.in. D-2612

Refreshments body massage therapy with experience therapists, Ashirvad Panchakarma SPA, Keshari Mall, Bhubaneswar- 8926173473. D-67129

**Newly open health benefits spa special offer@999 Bapujinagar, 8018429809.** D-76105

Relax, refresh your body, mind by expert therapist. Contact: 9938843929. D-76104

## AFFIDAVIT

By virtue of an affidavit sworn before Executive Magistrate, Angul 27.02.2024 I have changed my surname from Lucky Luha to Lucky Sahoo. Hence, I shall be known as Lucky Sahoo for all purpose. D-2661

By virtue of an affidavit sworn before Executive Magistrate, Angul, 27.02.2024, I have changed my surname from Bangiri Naik to Bangiri Sahoo. Hence, I shall be known as Bangiri Sahoo for all purpose. D-2660

By virtue of an affidavit sworn before Executive Magistrate, Angul, 27.02.2024, I have changed my surname from Sudarsan Naik to Sudarsan Sahoo. Hence, I shall be known as Sudarsan Sahoo for all purpose. D-2659

By virtue of an affidavit sworn before Executive Magistrate, Angul, 27.02.2024, I have changed my surname from Krishna Chandra Naik to Krishna Chandra Sahoo. Hence, I shall be known as Krishna Chandra Sahoo for all purpose. D-2658

By virtue of an affidavit sworn before Executive Magistrate, Angul 27.02.2024, I have changed my surname from Shibani Naik to Shibani Sahoo. Hence, I shall be known as Shibani Sahoo for all purpose. D-2657

By virtue of an affidavit sworn before the Notary Public, Cuttack on date 27.02.2024, I, Keshab Chandra Senapaty, S/o Late Khatu Senapaty, permanent resident of Village: Balikuda, P.O.- Saudia, P.S.- Balichandrapur, Dist.- Jajpur- 754292 have changed my name / surname from K.C. Senapaty to Keshab Chandra Senapaty. Henceforth, I shall be known as Keshab Chandra Senapaty for all purposes. D-2662

I, Marium Khalique, D/o- Sk. Abdul Khalique, W/o- Mohammad Sarfaraz, Resident of Oriyabazar, Tara Bidi Company, P.S.: Darghabazar, Dist.- Cuttack-1 declare by this Affidavit No. 1291 dtd.28.02.2024 that, now onwards I shall be known as MARIYAM SARFARAZ for all future purposes. D-75318

By virtue of an affidavit No.- 161 dated 19.02.2024, sworn before Executive Magistrate, Bhadrak. I, Hiranya Kumar Nayak (46), S/o- Naba Kishore Nayak, Vill.- Sridharpur, P.S.– Bhadrak(R), Dist.-Bhadrak hereby declare that my Minor son has an LIC Policy bearing No.- 588878941. Where in his name is recorded Raja Nayak, S/o- Hiranya Nayak. But his actual name is Debakanta Nayak, S/o- Hiranya Kumar Nayak as per Aadhaar card. Hence Raja Nayak and Debakanta Nayak same and one person. D-2663

Your classified advertisement published in Dharitri will be listed free in Dharitri online edition: **dharitriepaper.in**

See Career Appointment on every **Wednesday & Saturday**

## LOST

ମୁଁ ବନ୍ଦିତା ଦାସ, ସ୍ୱା.- ବିଜୟ କୁମାର ଦାସ, ଦାରୁଠେଙ୍ଗ ମୌଜାରେ ଗୋଟିଏ ଜମି ପ୍ରହ୍ଲାଦ ମଲ୍ଲିକଙ୍କଠାରୁ କିଣିଅଛି। ପ୍ରହ୍ଲାଦ ମଲ୍ଲିକ ଏହି ଜମିକୁ ଯଶୋଦା ଓରଫ ଦୋସା ଜେନାଙ୍କଠାରୁ କିଣିଥିଲେ। ସେ ଦଲିଲ ନଂ.2815, Dtd. 16.04.2009 କିଣି ତାକୁ ନିଜ ନାମରେ ପଟ୍ଟା କରିନେଇଥିଲେ, ଯାହାର ଖାତା ନଂ. 801/2460, Plot No. 3025/10088, Area- Ac 0.037 Dec.। ମୋତେ ଯେତେବେଳେ ପ୍ରହ୍ଲାଦ ମଲ୍ଲିକ ବିକିଲେ, ସବୁ original documents ଦେଇଥିଲେ। ମୁଁ ତା12.01.2024ରିଖ ଦିନ KIIT College ଠାରୁ Infocity ଯିବା ରାସ୍ତାରେ କେଉଁଠି ହଜାଇଦେଲି। ଯେତେ ଚେଷ୍ଟା କଲେ ବି documentକୁ ପାଇଲି ନାହିଁ। ମୁଁ ଏହି documentକୁ କୌଣସି ବ୍ୟାଙ୍କରେ ବନ୍ଧକ ହିସାବରେ ଦେଇନାହିଁ। ଯଦି କେହି ସହୃଦୟ ବ୍ୟକ୍ତି ପାଆନ୍ତି, ଦୟାକରି ଏହି ନମ୍ବରରେ contact କରିବେ। Phone Number: 8050379709. D-2650

**ଧରିତ୍ରୀ DHARITRI**
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ଆତ୍ମସମୀକ୍ଷାର ବେଳ

## ଚର୍ଚ୍ଚାରେ ଓଡ଼ିଶା ରଣଜୀ ଦଳର ଦୁର୍ବଳ ପ୍ରଦର୍ଶନ


ରାଜେଶ ମହାନ୍ତି

**୨୦୨୩-୨୪ ରଣଜୀ ସିଜନରେ ଓଡ଼ିଶା ୭ଟି ମ୍ୟାଚ ଖେଳିଥିବାବେଳେ ମାତ୍ର ଗୋଟିଏରେ ବିଜୟ ସ୍ୱାଦ ଚାଖିଛି। ଅଭିଜ୍ଞ କୋଚ୍, ପର୍ଯ୍ୟାପ୍ତ ସପୋର୍ଟ ଷ୍ଟାଫ୍‌ଙ୍କ ଉପସ୍ଥିତି ସହ ଟିମ୍ କମ୍ବିନେଶନରେ ପରିବର୍ତ୍ତନ ସତ୍ତ୍ୱେ ଦଳକୁ ସଫଳତା ନ ମିଳିବା ରାଜ୍ୟ କ୍ରିକେଟ ପ୍ରେମୀଙ୍କୁ ନିରାଶ କରିଛି। ଓଡ଼ିଶା ଦଳର ପ୍ରଦର୍ଶନକୁ ନେଇ ଏବେ ଆତ୍ମସମୀକ୍ଷାର ସମୟ ଆସିଛି...**


ନିର୍ମଳ କୁମାର ମିଶ୍ର

ଘରୋଇ କ୍ରିକେଟର ସର୍ବୋଚ୍ଚ ଟୁର୍ନାମେଣ୍ଟ ରଣଜୀ ଟ୍ରଫିରେ ପୁନର୍ବାର ଖରାପ ପ୍ରଦର୍ଶନ କରି କ୍ରିକେଟ ପ୍ରେମୀ ମାନଙ୍କୁ ନିରାଶ କରିଛି ଓଡ଼ିଶା ଦଳ। ୨୦୨୪ ସିଜନରେ ଓଡ଼ିଶାର ଦୁର୍ବଳ ପ୍ରଦର୍ଶନ ବେଶ ଚର୍ଚ୍ଚାରେ ରହିଛି। ଏଲିଟ୍ ଗ୍ରୁପ-ଡି ରେ ସ୍ଥାନ ପାଇଥିଲା ଓଡ଼ିଶା। ଗ୍ରୁପ୍ ପର୍ଯ୍ୟାୟରେ ୭ଟି ମ୍ୟାଚ ଖେଳିବାକୁ ଥିଲା। ଅଭିଜ୍ଞ ଓ ପ୍ରତିଷ୍ଠିତ କୋଚ୍‌ଙ୍କ ଉପସ୍ଥିତି ଯୋଗୁ ଦଳଠାରୁ ଭଲ ପ୍ରଦର୍ଶନ ମଧ୍ୟ ଆଶା କରାଯାଉଥିଲା। ଏହି ଗ୍ରୁପରେ ଥିଲେ ବରୋଦା, ମଧ୍ୟପ୍ରଦେଶ, ଜମ୍ମୁ-କାଶ୍ମୀର, ହିମାଚଳ ପ୍ରଦେଶ, ପୁଡୁଚେରୀ, ଉତ୍ତରାଖଣ୍ଡ ଓ ଦିଲ୍ଲୀ। ଓଡ଼ିଶା ଦଳ ଜମ୍ମୁ-କାଶ୍ମୀର, ହିମାଚଳ ପ୍ରଦେଶ, ପୁଡୁଚେରୀ ଓ ଉତ୍ତରାଖଣ୍ଡ ବିପକ୍ଷ ମ୍ୟାଚ ଗୁଡିକ ଘରୋଇ ଗ୍ରାଉଣ୍ଡରେ ଖେଳିଥିବା ବେଳେ ବରୋଦା, ମଧ୍ୟପ୍ରଦେଶ ଓ ଦିଲ୍ଲୀ ବିପକ୍ଷ ମ୍ୟାଚ ବାହାରେ ଖେଳିଥିଲା। ମାତ୍ର ଏଥର ଭଲ ଗ୍ରୁପରେ ସ୍ଥାନ ପାଇଥିବା ସତ୍ତ୍ୱେ ଦଳଗତ ପ୍ରଦର୍ଶନ ଅଭାବରୁ ଏବଂ ଘରୋଇ ଗ୍ରାଉଣ୍ଡ ଓ ପରିବେଶର ସୁବିଧା ଉଠାଇ ପାରି ନ ଥିବାରୁ ଦଳକୁ ବହୁମୂଲ୍ୟ ଦେବାକୁ ପଡିଛି। ୭ଟି ମ୍ୟାଚ ମଧ୍ୟରୁ ଓଡ଼ିଶା କେବଳ ହିମାଚଳ ପ୍ରଦେଶ ବିପକ୍ଷରେ ୨୩୮ ରନରେ ବିଜୟୀ ହୋଇଥିବା ବେଳେ ବରୋଦା ନିକଟରୁ ୧୪୭ ରନ୍‌ରେ, ଜମ୍ମୁ-କାଶ୍ମୀରଠାରୁ ୨ ଉଇକେଟରେ, ଉତ୍ତରାଖଣ୍ଡ ନିକଟରୁ ୧୬୨ ରନ୍‌ରେ ଏବଂ ଏ ବର୍ଷ ଭଲ ଖେଳିପାରି ନ ଥିବା ଦିଲ୍ଲୀଠାରୁ ୭ ଉଇକେଟରେ ପରାଜିତ ହୋଇଛି। ମଧ୍ୟପ୍ରଦେଶ ଓ ପୁଡୁଚେରୀ ବିପକ୍ଷରେ ମ୍ୟାଚ ଡ୍ର କରିବା ସହିତ ପଏଣ୍ଟ ଟେବୁଲରେ ମୋଟ ୧୨ ପଏଣ୍ଟ ସହିତ ୭ମ ସ୍ଥାନରେ ରହିଛି। ଫଳରେ କ୍ୱାର୍ଟର ଫାଇନାଲ ଖେଳିବାରୁ ବଞ୍ଚିତ ହୋଇଛି ଶାନ୍ତନୁ ମିଶ୍ରଙ୍କ ନେତୃତ୍ୱାଧୀନ ଓଡ଼ିଶା। ରଣଜୀ ଟ୍ରଫି ଇତିହାସରେ ଏପର୍ଯ୍ୟନ୍ତ ଚାମ୍ପିୟନ ହୋଇ ପାରି ନ ଥିବା ଓଡ଼ିଶା ଦଳ ଗତ ଦଶନ୍ଧିରେ ୨ଥର କ୍ୱାର୍ଟର ଫାଇନାଲ ଖେଳିବାର ଯୋଗ୍ୟତା ଅର୍ଜନ କରିଛି। ୨୦୨୩ ସିଜନରେ ପ୍ରଦର୍ଶନ ଅପେକ୍ଷା ଏଥର ଦଳ ଆହୁରି ଖରାପ ପ୍ରଦର୍ଶନ କରିଛି। ଗତ ସିଜନ୍‌ରେ ଦଳ ଏଲିଟ ଗ୍ରୁପ ସି'ରେ ସ୍ଥାନ ପାଇଥିବା ବେଳେ ୧୪ ପଏଣ୍ଟ ସହ ୫ମ ସ୍ଥାନରେ ରହିଥିଲା। ୨୦୨୪ ସିଜନ୍ ସୁଦ୍ଧା ଓଡ଼ିଶା ୩୩୨ଟି ରଣଜୀ ମ୍ୟାଚ ଖେଳିଥିବା ବେଳେ ୭୫ଟି ମ୍ୟାଚରେ ବିଜୟୀ, ୧୧୯ଟିରେ ପରାଜିତ ହୋଇଛି ଏବଂ ୧୩୮ ଟି ମ୍ୟାଚ ଡ୍ର ରଖିଛି। ଇତିମଧ୍ୟରେ ଓସିଏର ଭିଜନ-୨୦୨୪ ଅଭିଯାନ ଶେଷ ହୋଇଛି। ମ୍ୟାଚ ଆୟୋଜନ, ଖେଳାଳିମାନଙ୍କ ଅଭ୍ୟାସ, ମନୋନୟନକାରୀ, ଅନ୍ୟାନ୍ୟ ସୁବିଧା ସୁଯୋଗ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଏଥର ମଧ୍ୟ ନିରାଶ ହୋଇଛି। ପ୍ରଦର୍ଶନକୁ ଦେଖିଲେ କିଛି ଖେଳାଳି ବ୍ୟକ୍ତିଗତଭାବେ କେତେକ ମ୍ୟାଚରେ ଉଭୟ ବ୍ୟାଟିଂ ଓ ବୋଲିଂ ରେ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଦଳଗତ ପ୍ରଦର୍ଶନ ନ ରହିବା କାରଣରୁ ଓଡ଼ିଶାକୁ ବହୁମୂଲ୍ୟ ଦେବାକୁ ପଡିଛି। ଏପରି ବିଫଳତା ପଛରେ ଅନେକ କାରଣ ଥାଇପାରେ। ପ୍ରଥମ କଥା ହେଲା କେଉଁ କ୍ରିକେଟ ଆସୋସିଏଶନ ଚାହେଁ ନାହିଁ ଯେ ସେମାନଙ୍କର ଟିମ୍ ରଣଜୀ ଟ୍ରଫିରେ ଭଲ ପ୍ରଦର୍ଶନ କରି ଚାମ୍ପିୟନ ହେଉ କିମ୍ବା ସେମିଫାଇନାଲ ନ ଖେଳୁ। ଓସିଏକୁ ଏବଂ ଚୟନ କର୍ତ୍ତାମାନଙ୍କୁ ଦୋଷ ଦେଇ ଲାଭନାହିଁ। ରାଜ୍ୟର ସର୍ବୋଚ୍ଚ ଘରୋଇ ଟୁର୍ନାମେଣ୍ଟ ହେଉଛି କଳାହାଣ୍ଡି କପ। ଏହି କଳାହାଣ୍ଡି କପରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଏବଂ କିଛି ଅଭିଜ୍ଞ ସମ୍ପନ୍ନ ଖେଳାଳିଙ୍କୁ ଦଳ ସୁଯୋଗ ଦେଇଥିଲା। ଯୁବ ଖେଳାଳିଙ୍କୁ ସୁଯୋଗ ଦିଆଯାଇ ଦଳକୁ ସନ୍ତୁଳିତ କରାଯାଇଥିଲା। ସିରିଜ ମଝିରେ ଖେଳାଳି ପରିବର୍ତ୍ତନ ମଧ୍ୟ ହୋଇଥିଲା। ମାତ୍ର ଦଳକୁ ସୁଫଳ ମିଳିପାରି ନାହିଁ।

ଶାନ୍ତନୁ ମିଶ୍ରଙ୍କୁ ପ୍ରଥମ ଥର ପାଇଁ ରେଡବଲ ଫର୍ମାଟରେ ଅଧିନାୟକ ଦାୟିତ୍ୱ ଦିଆଯାଇଥିଲା। ଏହା ତାଙ୍କ ବ୍ୟକ୍ତିଗତ ବ୍ୟାଟିଂକୁ ପ୍ରଭାବିତ କରିଥିଲା। ୨୦୨୩ ସିଜନରେ ସେ ଓଡ଼ିଶା ପାଇଁ ସର୍ବାଧିକ ରନ୍ ସ୍କୋର କରିଥିଲେ। ୨ଟି ଶତକ ଓ ୩ଟି ଅର୍ଦ୍ଧଶତକ ସହ ସେ ମୋଟ ୫୮୧ ରନ୍ କରିଥିଲେ। ମାତ୍ର ଏଥର ମାତ୍ର ୨୬ ଆଭରେଜରେ ୧୩ଟି ଇନିଂସରୁ ୩୩୧ ରନ୍ କରଥିଲେ, ଯେଉଁଥିରେ କି ମାତ୍ର ୨ଟି ଅର୍ଦ୍ଧଶତକ ସାମିଲ ଥିଲା। ଅଧିନାୟକ ହେବା ପରେ ତାଙ୍କ ଉପରେ ଚାପ ରହିଲା ଓ ସେ ବ୍ୟାଟିଂରେ ଖରାପ ପ୍ରଦର୍ଶନ କଲେ। ଓଡ଼ିଶା ବ୍ୟାଟିଂ ଷ୍ଟାର ଶୁଭ୍ରାଂଶୁ ସେନାପତି ଏଥର କିନ୍ତୁ ଚମତ୍କାର ପ୍ରଦର୍ଶନ କରିବା ସହିତ ମଧ୍ୟପ୍ରଦେଶ ବିପକ୍ଷରେ ୨୭୭ ରନର ଏକ ଦର୍ଶନୀୟ ଇନିଂସ ଖେଳିଥିଲେ। ସେ ଚଳିତ ସିଜନରେ ୫୩୫ ରନ୍ କରିବା ସହିତ ଦିଲ୍ଲୀ ବିପକ୍ଷରେ ମଧ୍ୟ ଏକ ଶତକୀୟ ଇନିଂସ ଖେଳିଥିଲେ। ଅନ୍ୟତମ ସଫଳ ବ୍ୟାଟର ରୂପେ ସବୁ ସିଜିନରେ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରୁଥିବା ସନ୍ଦୀପ ପଟ୍ଟନାୟକ ଏହି ସିଜିନ୍‌ରେ ମଧ୍ୟ ୨ଟି ଶତକ ଏବଂ ଗୋଟିଏ ଅର୍ଦ୍ଧଶତକ ମାରିଛନ୍ତି ଏବଂ ତାଙ୍କ ଚୟନର ଯଥାର୍ଥତା ପ୍ରତିପାଦନ କରିଛନ୍ତି। ଅନ୍ୟ ବ୍ୟାଟରମାନଙ୍କ ମଧ୍ୟରେ ଗୋବିନ୍ଦ ପୋଦାର ୪୧୯ ରନ୍, ସିରିଜ ଅଧାରୁ ଦଳରେ ସାମିଲ ହୋଇଥିବା ବିପ୍ଳବ ସାମନ୍ତରାୟ ଗୋଟିଏ ଶତକ ଓ ଗୋଟିଏ ଅର୍ଦ୍ଧଶତକ ସହ ୨୯୫ ଓ ଅନୁରାଗ ଷଡଙ୍ଗୀ ୨୧୦ ରନ୍ କରିଛନ୍ତି।

ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯୁବ ଖେଳାଳି ଓ ପ୍ରଥମ ଥର ପାଇଁ ରଣଜୀ ଖେଳିବା ପାଇଁ ସୁଯୋଗ ପାଇଥିବା ହର୍ଷଦ ରାଠୋଡ, ଆଶୀର୍ବାଦ ସ୍ୱାଇଁ ଓ ଜାମଳା ଭଞ୍ଜନ ମହାପାତ୍ର ସେମାନଙ୍କର ବ୍ୟାଟିଂ ଓ ବୋଲିଂ ଚମକ ଦେଖାଇଛନ୍ତି। ହର୍ଷଦ ୫ ମ୍ୟାଚରୁ ୯ ଉଇକେଟ ନେବାସହ ୧୧୧ରନ କରିଛନ୍ତି। ସେହିପରି ଜୁନିୟର ବର୍ଗରେ ତ୍ରିଶତକୀୟ ଇନିଂସ ଖେଳି ସିନିୟର ଗ୍ରୁପରେ ସ୍ଥାନ ପାଇଥିବା ଆଶୀର୍ବାଦ ସ୍ୱାଇଁ ଉଇକେଟ କିପିଂ ସହିତ ୫ ମ୍ୟାଚରୁ ୨୭୩ ରନ୍ କରିବା ସହିତ ଦିଲ୍ଲୀ ବିପକ୍ଷରେ ଏକମାତ୍ର ଖେଳାଳି ଭାବେ ଅର୍ଦ୍ଧଶତକ ହାସଲ କରିଛନ୍ତି। ନିଶ୍ଚିତ ରୂପେ ତାଙ୍କର ଭବିଷ୍ୟତ ଉଜ୍ଜ୍ୱଳ। ଗୋଟିଏ ମ୍ୟାଚ ପାଇଁ ସୁଯୋଗ ପାଇଥିବା ଏବଂ କ୍ଲବ କ୍ରିକେଟ ଓ କଳାହାଣ୍ଡି କପର ଅଭିଜ୍ଞ ବୋଲର ଜାମଳା ଦିଲ୍ଲୀ ବିପକ୍ଷ ମ୍ୟାଚରେ ୫ ଉଇକେଟ ନେଇଛନ୍ତି। ସବୁଠାରୁ ବଡ କଥା ହେଲା ପେସ ବୋଲର ମାନଙ୍କ ମଧ୍ୟରୁ ରାଜେଶ ମହାନ୍ତି ସଂପୂର୍ଣ୍ଣ ଟୁର୍ନାମେଣ୍ଟରେ ପ୍ରଭାବୀ ପ୍ରଦର୍ଶନ କରି ସର୍ବାଧିକ ୩୧ଟି ଉଇକେଟ ନେଇଥିଲେ। ସେ ୩ଥର ୫ଟି ଉଇକେଟ ନେବା ସହ କେତେଗୁଡିଏ ମ୍ୟାଚ ଜିତିବାର ସୁଯୋଗ ସୃଷ୍ଟି କରିଥିଲେ, ମାତ୍ର ଦଳ ତାର ଫାଇଦା ନେଇ ପାରି ନ ଥିଲା। ଭେଟେରାନ ବିପ୍ଳବ ସାମନ୍ତରାୟ କିଛି ମ୍ୟାଚରେ ଖେଳି ଭଲ ପ୍ରଦର୍ଶନ କରିଥିଲେ। ତେବେ ଓଭରଅଲ୍ ଦେଖିବାକୁ ଗଲେ ଓଡ଼ିଶା ଦଳର ଏପରି ଦୁର୍ବଳ ପ୍ରଦର୍ଶନ ଆଦୌ ଗ୍ରହଣୀୟ ନୁହେଁ। ଏପରି ଖରାପ ପ୍ରଦର୍ଶନର ଓସିଏ କାରଣ ଖୋଜିବା ସହିତ ଭୁଲ ଗୁଡିକର ଆତ୍ମ ସମୀକ୍ଷା କରି କଠୋର ନିଷ୍ପତ୍ତି ନ ନେଲେ ଆମେ ସୁଫଳ ଆଦୌ ପାଇପାରିବା ନାହିଁ। ସିନିୟର ଦଳର ପ୍ରଦର୍ଶନର ପ୍ରଭାବ ଅନ୍ୟ ବର୍ଗର ଖେଳାଳିମାନଙ୍କ ପ୍ରଦର୍ଶନ ଉପରେ ପଡିଥାଏ। ଦୀନେଶ ମୋଙ୍ଗିଆଙ୍କୁ ମୁଖ୍ୟ ପ୍ରଶିକ୍ଷକ ନିଯୁକ୍ତି କୌଣସି ସୁଫଳ ମିଳିଲା ନାହିଁ। ଦଳ ଆହୁରି ଖରାପ କଲା। ରାକେଶ ମହାନ୍ତି, ସୁନୀଲ ରାଉଳ ଓ ଦେବବ୍ରତ ପ୍ରଧାନଙ୍କ ପରି ପେସ ବୋଲର ଦଳରେ ଥିଲେ। ଏକାକୀ ମ୍ୟାଚ ଜିତାଇବା ବୋଲରମାନଙ୍କ କାମ। ମାତ୍ର ତାହା ହେଉ ନାହିଁ। ଦୁର୍ବଳ ଦଳ ବିପକ୍ଷରେ କେବଳ ଉଇକେଟ ନେଲେ ହେବନାହିଁ। ପ୍ରତି ମ୍ୟାଚରେ ସ୍ଥିର ପ୍ରଦର୍ଶନ ଦେଲେ ଯାଇ ନିଜ ଦଳକୁ ସୁଫଳ ମିଳିବ।

ରଣଜୀ ଦଳର ପ୍ରଦର୍ଶନର ପ୍ରଭାବ ଓଡ଼ିଶା ୨୩ ବର୍ଷରୁ କମ ଦଳ ଉପରେ ନିଶ୍ଚୟ ପଡିବ। ୨୩ବର୍ଷର କମ ଦଳ ୭ ମ୍ୟାଚରୁ ୫ଟିରେ ହାରିଛି। ହ୍ୱାଇଟ ବଲ୍ ଫର୍ମାଟରେ ୭ ମ୍ୟାଚରୁ ୪ ବିଜୟ ଓ ୩ ପରାଜୟ ମୁସ୍ତାକ ଅଲ୍ଲୀ ଟ୍ରଫିରେ ମଧ୍ୟ ଦେଖିବାକୁ ମିଳିଥିଲା। ସେହିପରି ବିଜୟ ହଜାରେ ଟ୍ରଫିରେ ଓଡ଼ିଶାକୁ ମଧ୍ୟ ଖରାପ ଫଳାଫଳ ମିଳିଥିଲା। ଓମେନ୍ସ ଦଳ ମଧ୍ୟ କେତେଗୁଡିଏ ମ୍ୟାଚ ଭଲ ଖେଳୁଥିବା ବେଳେ ଆମର ପ୍ରଦର୍ଶନରେ ସ୍ଥିରତା ଅନେକ ସମୟରେ ରହୁନାହିଁ। ଯାହାକି ଓସିଏ ପାଇଁ ଚିନ୍ତାର କାରଣ ହୋଇଛି। ଦୀନେଶ ମୋଙ୍ଗିଆ ଯଦି ଚଳିତ ସିଜନ୍ ପାଇଁ କୋଚ ରୁହନ୍ତି ତେବେ ଆମକୁ ଗ୍ରାସରୁଟ୍ ସ୍ତରରୁ ରୁ ଭଲ ସ୍ପିନର ଖୋଜି ଦଳରେ ସ୍ଥାନ ଦେବାକୁ ହେବ। କାରଣ ଅଧିକାଂଶ ଭାରତୀୟ ପିଚରେ ସ୍ପିନରମାନେ ହିଁ ମ୍ୟାଚ ବିଜେତା ହେଉଛନ୍ତି।


ଶୁଭ୍ରାଂଶୁ ସେନାପତି


ସନ୍ଦୀପ ପଟ୍ଟନାୟକ

# ସଂଘର୍ଷରୁ ସଫଳ

## ଜାତୀୟସ୍ତରୀୟ ହ୍ୱିଲଚେୟାର ଫେନ୍‌ସିଂ ସ୍ୱର୍ଣ୍ଣପଦକ ବିଜୟିନୀ ମଧୁସ୍ମିତା

ପରିବାରର ଆର୍ଥିକ ସ୍ୱଚ୍ଛଳତା ନ ଥିବାରୁ ପାଠପଢ଼ା ଅଧାରେ ରହିଥିଲା। ମାଟ୍ରିକ୍ ପରୀକ୍ଷା ଦେଇ ପାରି ନ ଥିଲେ। ଗୋଟିଏ ପଟେ ପୋଲିଓ ଆକ୍ରାନ୍ତରୁ ଦିବ୍ୟାଙ୍ଗ ହୋଇଯାଇଥିବା ବେଳେ ଘରର ବଡ଼ଝିଅ ହୋଇଥିବାରୁ ପରିବାର ଆର୍ଥିକ ସମସ୍ୟା ଦୂର କରିବା ପାଇଁ ବାପାଙ୍କୁ ସହଯୋଗ କରିବାକୁ ଅଣ୍ଟା ଭିଡ଼ିଥିଲେ। ଆଉ ଏଥିପାଇଁ ତାଙ୍କୁ ଭୁବନେଶ୍ୱର ଆସିବାକୁ ପଡ଼ିଥିଲା। ରୋଜଗାର ପାଇଁ ରାଜଧାନୀକୁ ଆସିବା ପରେ ତାଙ୍କ ଜୀବନ ଏକ ଭିନ୍ନ ମୋଡ଼ ନେଇଥିଲା। ଜଣେ ଶୁଭେଚ୍ଛୁଙ୍କ ପରାମର୍ଶରେ ସେ ହ୍ୱିଲଚେୟାର ଫେନ୍‌ସିଂ କ୍ରୀଡ଼ା ପ୍ରତି ମନ ବଳାଇଥିଲେ। ନିଜର ଦୃଢ଼ ମନୋବଳ ଓ ଇଚ୍ଛାଶକ୍ତି ବଳରେ ସେ ଜାତୀୟସ୍ତରରେ ହ୍ୱିଲଚେୟାର ଫେନ୍‌ସିଂ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତି ପରିଚୟ ସୃଷ୍ଟି କରିପାରିଛନ୍ତି। ସଂଘର୍ଷରୁ ସଫଳ ହୋଇଥିବା ଏହି ନିଆରା ପ୍ରତିଭା ହେଉଛନ୍ତି ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଦଳାଙ୍ଗ ପଞ୍ଚାୟତ ରାମେଶ୍ୱରପୁର ଗାଁର ଦିବ୍ୟାଙ୍ଗ ମଧୁସ୍ମିତା ସାହୁ (୨୯)। ଜାତୀୟ ସ୍ତରରେ ଚମକିଲେ ସତ କିନ୍ତୁ ତାଙ୍କର କ୍ୟାରିୟର ଗଢ଼ିବା ସ୍ୱପ୍ନ ପୂରଣ ପାଇଁ ଅର୍ଥ ବାଧକ ସାଜିଛି।

ଗ୍ରାମର ଭାଗବତ ସାହୁ ଓ ହେମଲତା ସାହୁଙ୍କ ବଡ଼ଝିଅ ମଧୁସ୍ମିତା। ବାପା ଜଣେ କୁମ୍ଭକାର ଭାବେ ମାଟିରେ ବିଭିନ୍ନ ସାମଗ୍ରୀ ତିଆରି କରି ତାକୁ ବିକି ପରିବାର ଚଳାନ୍ତି। ମଧୁସ୍ମିତା କହନ୍ତି, ମାଟି ପାତ୍ରର ଚାହିଦା କମିଯିବାରୁ ରୋଜଗାର କମିଗଲା। ସ୍ୱଳ୍ପ ରୋଜଗାରରେ ପରିବାର ଚଳାଇବା ସହ ୩ ଝିଅ ଓ ଗୋଟିଏ ପୁଅର ପାଠପଢ଼ା ଖର୍ଚ୍ଚ ତୁଲାଇବା ବାପାଙ୍କ ପକ୍ଷେ ସମ୍ଭବ ନ ହେବାରୁ ସେ ମାଟ୍ରିକ୍ ପରୀକ୍ଷା ଦେଇପାରି ନ ଥିଲେ। ଜନ୍ମରୁ ପୋଲିଓ ଟୀକା ନେଇ ନ ଥିବାରୁ ପ୍ରାୟ ୨/୩ ବର୍ଷ ବୟସରୁ ଡାହାଣ ଗୋଡ଼ ପୋଲିଓ ଆକ୍ରାନ୍ତ ଯୋଗୁ ଦିବ୍ୟାଙ୍ଗ ପାଲଟି ଯାଇଥିଲେ।



**ପରିବାରର ଆର୍ଥିକ ସ୍ୱଚ୍ଛଳତା ନ ଥିବାରୁ ପାଠପଢ଼ା ଅଧାରେ ରହିଥିଲା। ପୋଲିଓ ଆକ୍ରାନ୍ତରୁ ଦିବ୍ୟାଙ୍ଗ ହୋଇଯାଇଥିବା ବେଳେ ଘରର ବଡ଼ଝିଅ ହୋଇଥିବାରୁ ପରିବାର ଆର୍ଥିକ ସମସ୍ୟା ଦୂର କରିବା ପାଇଁ ବାପାଙ୍କୁ ସହଯୋଗ କରିବାକୁ ଅଣ୍ଟା ଭିଡ଼ିଥିଲେ। ରୋଜଗାର ପାଇଁ ରାଜଧାନୀକୁ ଆସିବା ପରେ ତାଙ୍କ ଜୀବନ ନେଇଥିଲା ଭିନ୍ନ ମୋଡ଼। ହ୍ୱିଲଚେୟାର ଫେନ୍‌ସିଂକୁ କ୍ୟାରିୟର କରି ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ସଂଘର୍ଷରୁ ସଫଳ ହୋଇଥିବା ଏହି ନିଆରା ପ୍ରତିଭା ହେଉଛନ୍ତି ମଧୁସ୍ମିତା ସାହୁ ...**

ଘରେ ବିଭିନ୍ନ ସମସ୍ୟା ଦେଇ ଗତି କରିବା ପରେ କିଛି ରୋଜଗାର କରି ବାପାଙ୍କୁ ପରିବାର ପ୍ରତିପୋଷଣରେ ସହଯୋଗ ପାଇଁ ୨୦୨୧ରେ ଭୁବନେଶ୍ୱରରେ ଏକ ବିୟୁଟି ପାର୍ଲରରେ ଟ୍ରେନିଂ ନେବା ଆରମ୍ଭ କରିଥିଲେ। ଏହି ଟ୍ରେନିଂ ସମୟରେ ପଳାସପଲ୍ଲୀରେ ହ୍ୱିଲଚେୟାର ଫେନ୍‌ସିଂର ଜଣେ କୋଚ୍‌ଙ୍କ ସହ ଦେଖା ହୋଇଥିଲା। ସେ ତାଙ୍କୁ ଫେନ୍‌ସିଂ ଆପଣେଇବାକୁ ପ୍ରେରଣା ଦେଇଥିଲେ। ଫେନ୍‌ସିଂ ଟ୍ରେନିଂ ପାଇଁ ଅର୍ଥ ବାଧକ ଥିବାବେଳେ ଭଦ୍ରକ ମୋ ସ୍ୱେଚ୍ଛାସେବୀ ସଙ୍ଗଠନର ଅର୍ନ୍ତଯାମୀ ସାହୁ ସହାୟତା ଯୋଗାଇଥିଲେ। ତାଙ୍କ ସହାୟତାରେ ଏତେବାଟ ଯାଇ ପାରିଛନ୍ତି ବୋଲି ସେ କହିଛନ୍ତି।

୨୦୨୩ରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସଫଳ ହେବା ପରେ ତାଙ୍କୁ ଜାତୀୟ ସ୍ତରରେ ଖେଳିବାର ସୁଯୋଗ ମିଳିଥିଲା। ୨୦୨୩ ମାର୍ଚ୍ଚରେ ହରିୟାଣାର କର୍ନଲଠାରେ ଅନୁଷ୍ଠିତ ଜାତୀୟ ପ୍ରତିଯୋଗିତାରେ ରୌପ୍ୟ ଓ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଥିଲେ। ନିକଟରେ ବିଶ୍ୱ ଭିନ୍ନକ୍ଷମ ଦିବସରେ ଏହି ସଫଳତା ପାଇଁ ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଫେନ୍‌ସିଂ ସହ ଶଟ୍‌ପୁଟ, ଜାଭେଲିନ, ସିଟିଂ ଭଲିବଲ୍ ଖେଳ ମଧ୍ୟ ସେ ଅଭ୍ୟାସ କରୁଛନ୍ତି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମକୁ ଅଭ୍ୟାସ ପାଇଁ ଯାତାୟାତରେ ସମସ୍ୟା ହେଉଥିବାରୁ ଏକ ସ୍କୁଟି ସରକାରଙ୍କ ପକ୍ଷରୁ ତାଙ୍କୁ ଯୋଗାଇ ଦେଲେ ସେ ଆଗକୁ ବଢ଼ି ପାରନ୍ତେ ବୋଲି ଗୁହାରି ଜଣାଇଛନ୍ତି। ଜିଲାପାଳ, ସ୍ଥାନୀୟ ବିଧାୟକ ଓ ବ୍ଲକ ଅଧ୍ୟକ୍ଷାଙ୍କୁ ସ୍କୁଟି ପାଇଁ ଆବେଦନ କରିଥିଲେ ମଧ୍ୟ ତାଙ୍କୁ ମିଳି ନ ଥିବାରୁ ସେ ଦୁଃଖ ପ୍ରକାଶ କରିଛନ୍ତି। ଖେଳ ସହ ଭୁବନେଶ୍ୱରରେ ରହି ଡିଷ୍ଟାନ୍ସରେ ପାଠପଢ଼ା ଆରମ୍ଭ କରିଛନ୍ତି। ଚଳିତବର୍ଷ ସେ ବାଲେଶ୍ୱରରେ ମାଟ୍ରିକ୍ ପରୀକ୍ଷା ଦେଉଛନ୍ତି। ପାଠ ପଢ଼ି ନିଜ କ୍ୟାରିୟର ଗଢ଼ିବାକୁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି।

-ସନାତନ ରାଉତ, ଭଦ୍ରକ

### ସାଧନା

ହକି ଇଣ୍ଡିଆର ମୁଖ୍ୟ କାର୍ଯ୍ୟନିର୍ବାହୀ
ଆଣି ନୂଆ ଅଭିଯୋଗ
ଏଲିନା ନର୍ମାନ ପଦରୁ ଇସ୍ତଫା
ଦେଲେ ରଖି ଗୋଷ୍ଠୀ ରାଗ
ପରିବେଶ ନୁହେଁ ବାଗ
ଶ୍ରୀବାସ୍ତବ, ମନୋହରନ ବେତନ
ଏ ତିନି ପ୍ରମୁଖ ଦାଗ।

ରୂପାନ୍ତରୀକରଣ ଓ ନବୀକରଣ
ହେବ ଆମ ବାରବାଟୀ
ଏ ନେଇକି ଭିତ୍ତି ପ୍ରସ୍ତର ସରିଛି
ହେଲା ସାଂସ୍କୃତିକ ପାର୍ଟି
ବୁଢ଼ାଠାରୁ ବେଟା ବେଟୀ
ମିଲେ ହୋ ତୁମ୍ ହମ୍‌କୋ
ନେହା କକ୍କରଙ୍କ
ଗୀତରେ କମ୍ପିଲା ପାର୍ଟି।

ପ୍ରାଗ୍ ମାଷ୍ଟର୍ସ ଚେସ୍ ଟୁର୍ନାମେଣ୍ଟରେ
ପ୍ରଜ୍ଞାନନ୍ଦ ମହାନନ୍ଦ
ଲାଇଭ୍ ରେଟିଂରେ ପୁଣି
ସେ ଟପ୍‌ରେ
ଏ ବିଗ୍ ଖେଳାଳି ଚାନ୍ଦ
ଲେଜି କାନ୍ଦେ ବୃଥା କାନ୍ଦ
ସାଧନା ଓ ନିଷ୍ଠା ବଳେ
ବଢ଼େ ଲୋକ
ନିଷ୍ଠା ବିନା ଲୋକ ଅନ୍ଧ।

-ସୁବାସ ଚନ୍ଦ୍ର ପ୍ରଧାନ


Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ











# ଯୁବ ଶକ୍ତିରେ ସଞ୍ଚାର ଭରିଛି 'ନୂଆ- ଓ'

ନୂଆ ଓଡ଼ିଶା ଗଠନରେ ଯୁବଶକ୍ତିଙ୍କ ଯୋଗଦାନ ଗୁରୁତ୍ୱ ବହନ କରୁଛି। ନୂଆ- ଓ' କାର୍ଯ୍ୟକ୍ରମ ଯୁବତୀଯୁବକଙ୍କ ପାଇଁ ବିପୁଳ ସୁଯୋଗ ସୃଷ୍ଟି କରିଛି। ନୂଆ-ଓ' ଛାତ୍ରବୃତ୍ତି ପିଲାଙ୍କ ପାଠପଢ଼ାର ଆର୍ଥିକ ବୋଝ କମାଇବା ସହ ନୂତନ ଆଶା ସଞ୍ଚାର ସୃଷ୍ଟି କରିଛି। ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ସ୍ମାର୍ଟ କ୍ଲାସ, ଇ-ଲାଇବ୍ରେରୀ, ସାଇନ୍ସ ଲ୍ୟାବ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପଦକ୍ଷେପ ନିଆଯାଉଛି। ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭା ପ୍ରଦର୍ଶନ କରିବା ନିମନ୍ତେ ନୂଆ-ଓ କାର୍ଯ୍ୟକ୍ରମ ସୁଯୋଗ ଆଣିଛି। ଏହି କ୍ରମରେ ଗୁରୁବାର ବାଲେଶ୍ୱର ଜିଲାର ୭୧ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ୩୦କୋଟି ୫୯ଲକ୍ଷ ୨୫ହଜାର ଟଙ୍କା ଛାତ୍ରବୃତ୍ତି ପ୍ରଦାନ କରାଯାଇଛି।

ନୂଆ- ଓ' କାର୍ଯ୍ୟକ୍ରମ ଯୁବତୀଯୁବକଙ୍କ ପାଇଁ ବିପୁଳ ସୁଯୋଗ ସୃଷ୍ଟି କରିଛି। ଛାତ୍ରବୃତ୍ତି ଏବଂ ସ୍ମାର୍ଟ କାର୍ଡ ଛାତ୍ରୀଛାତ୍ରଙ୍କ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବାରେ ବେଶ୍ ସହାୟକ ହେବ। ଖୁବ୍‌ଶୀଘ୍ର ଆମ ସରକାର ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ ବ୍ୟବସ୍ଥା ଲାଗୁ କରିବାକୁ ଯାଉଛନ୍ତି। ଏହା ଏକ ଡିଜିଟାଲ ବେସ୍‌ଡ ସ୍ମାର୍ଟକାର୍ଡ, ଯାହାକି ଯୁବଗୋଷ୍ଠୀକୁ ନିଯୁକ୍ତି ଏବଂ ସଶକ୍ତ କରିବାରେ ସହଯୋଗ କରିବ।

- କାର୍ତ୍ତିକ ପାଣ୍ଡିଆନ, ୫-ଟି ଅଧ୍ୟକ୍ଷ

**ଖୋର୍ଦ୍ଧା ଜିଲା**

୩୦ କଲେଜର
୧୬, ୬୧୩ ପିଲାଙ୍କୁ
୧୬.୧୩କୋଟି ଟଙ୍କା

**ବାଲେଶ୍ୱର**

୭୧ କଲେଜର
୩୦,୯୨୬ ଛାତ୍ରୀଛାତ୍ରଙ୍କୁ
୩୦.୬୦ କୋଟି ଟଙ୍କା









## ଛାତ୍ରବୃତ୍ତି ପାଠପଢ଼ାରେ ସହାୟତା କରିବ



ଛାତ୍ର ବୃତ୍ତି ପାଇବା ପରେ ବହୁତ ଖୁସି ଲାଗୁଛି। ଏହା ଆମର ପାଠ ପଢ଼ାରେ ସହଯୋଗ କରିବ। ଟ୍ୟୁଶନ୍ ଫି', ମେସ୍ ଖର୍ଚ୍ଚ ମଧ୍ୟ ବହନ କରିବ। ପ୍ରତିବର୍ଷ ଏଭଳି ବୃତ୍ତି ମିଳିବ ବୋଲି ଜାଣିବା ପରେ ପାଠପଢ଼ା ପାଇଁ ଅର୍ଥ ଚିନ୍ତା ଦୂର ହୋଇଛି। ମିଳିଥିବା ଅର୍ଥକୁ କିପରି ଖର୍ଚ୍ଚ କରାଯିବ ତାହା ପାଣ୍ଡିଆନ ସାର୍ ବୁଝାଇଥିଲେ।

-ଶୈଳଜା ନନ୍ଦନ ପତି, ଯୁକ୍ତ ୩ ଛାତ୍ର,
ଏଫ୍‌ଏମ୍ ମହାବିଦ୍ୟାଳୟ

## ଉଚ୍ଚଶିକ୍ଷା ସହଜ ହେବ



ଉଚ୍ଚ ଶିକ୍ଷା ପାଇଁ ଅଧିକ ଅର୍ଥ ଆବଶ୍ୟକତା ଥିବାରୁ ଛାତ୍ରବୃତ୍ତି କିଛିଟା ଲାଘବ କରିବ। ଏଣିକି ଉଚ୍ଚଶିକ୍ଷା ସହଜ ହେବ। ପାଣ୍ଡିଆନ ସାର୍ ଛାତ୍ରବୃତ୍ତି ବିଷୟରେ ବୁଝାଇବା ସହ ଭବିଷ୍ୟତ ଗଠନ ସମ୍ପର୍କରେ କହିଥିଲେ। ଏଥିପାଇଁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ।

-ସସ୍ମିତା ଦତ୍ତ ମହାଳିକ,
ପିଜି ଛାତ୍ରୀ, ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ

## ମନରେ ନବୀନ ଉତ୍ସାହ ଭରିଛି



ନୂଆ-ଓ ଛାତ୍ରବୃତ୍ତି ଏକ ନବୀନ ଉତ୍ସାହ ଭରି ଦେଇଛି। ଏହି ଛାତ୍ରବୃତ୍ତି ପିଲାଙ୍କ ପାଠପଢ଼ାର ଆର୍ଥିକ ବୋଝ କମାଇବା ସହ ନୂତନ ଆଶା ସଞ୍ଚରିବ। ଆର୍ଥିକ ଦୁରବସ୍ଥା କାରଣରୁ ବହୁ ଛାତ୍ରୀଛାତ୍ର ପାଠପଢ଼ାରୁ ବଞ୍ଚିତ ହେଉଥିଲେ। ଅନେକ ଯୁବତୀ ଯୁବକ ନିଜ ପାଠପଢ଼ା ପାଇଁ ଅନ୍ୟ ଜାଗାରେ ପାର୍ଟ ଟାଇମ୍ କାମ ମାଧ୍ୟମରେ ରୋଜଗାର କରି ପଢ଼ା ଖର୍ଚ୍ଚ ଉଠାଉଥିଲେ। ଏବେ ଏହି ଛାତ୍ର ବୃତ୍ତି ସେମାନଙ୍କ ମାନଦଣ୍ଡରେ ଉନ୍ନତି ଆଣିପାରିବ। ବହୁ ମେଧାବୀ ଛାତ୍ରୀଛାତ୍ର ଯୋଗ୍ୟତା ସତ୍ତ୍ୱେ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଥିଲେ। ଏବେ ଏହି ଛାତ୍ର ବୃତ୍ତି ମାଧ୍ୟମରେ ସେମାନଙ୍କ ଆଶା ପୂରଣ କରିବା ସହ ଯୋଗ୍ୟତା ପ୍ରତିପାଦନ କରିବାର ସୁଯୋଗ ପାଇବେ।

- ତରୁଣ କୁମାର ସାହୁ, ଯୁକ୍ତ ୩ ତୃତୀୟବର୍ଷ ଛାତ୍ର, ପି.ଏନ୍. କଲେଜ, ଖୋର୍ଦ୍ଧା

## ଏକ ଯୁଗାନ୍ତକାରୀ ପଦକ୍ଷେପ



ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ। ପାଠପଢ଼ାର ଇଚ୍ଛାଥାଇ ମଧ୍ୟ ଆର୍ଥିକ ଅନଟନ ବାଧକ ସାଜିଥିଲା। ଏବେ ନୂଆ ଓ ଛାତ୍ରବୃତ୍ତି ସମସ୍ୟା ଦୂର ସହ ପାଠପଢ଼ାର ଆଶା ଆକାଂକ୍ଷା ପୂରଣ କରିବ। ଏଣିକି ପାଠପଢ଼ା ପାଇଁ ଅର୍ଥ ସକାଶେ ଅନ୍ୟ କେଉଁଠି ହାତ ପତାଇବାକୁ ଅଥବା କାହାରିଠାରୁ ଧାରକରଜ ଭଳି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ଏ ନେଇ ମୋ ଭଳି ଅନେକ ଛାତ୍ର ଉତ୍ସାହିତ ଅଛନ୍ତି।

-ଲିଙ୍ଗରାଜ ରାଉତ, ଯୁକ୍ତ୩ ତୃତୀୟ ବର୍ଷ ଛାତ୍ର,
ପି.ଏନ୍. କଲେଜ, ଖୋର୍ଦ୍ଧା

## ପାଠପଢ଼ା ପାଇଁ ବାଧକ ହେବନି ଅର୍ଥାଭାବ



ଏନୂଆ-ଓ ଛାତ୍ରବୃତ୍ତିରେ ଛାତ୍ରୀଙ୍କ ପାଇଁ ୧୦ ହଜାର ଟଙ୍କା ଦିଆଯାଉଛି। ତେଣୁ ମୁଁ ଅତ୍ୟନ୍ତ ଖୁସି। ପାଠପଢ଼ା ସମୟରେ ପାଠ୍ୟପୁସ୍ତକ ଓ ଉପକରଣ କିଣିବା ପାଇଁ ସବୁବେଳେ ପରିବାର ଉପରେ ନିର୍ଭର କରୁଥିଲି। ଏଣିକି ଏହି ସମସ୍ୟା ଦୂର ହୋଇଛି। ପାଠପଢ଼ା ପାଇଁ ଅର୍ଥ ଏକ ସମସ୍ୟା ହୋଇରହିବ ନାହିଁ। ବହୁ ମେଧାବୀ ଛାତ୍ରୀ ଆର୍ଥିକ ଅନଟନ କାରଣରୁ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଥିଲେ। ସେମାନଙ୍କ ପାଇଁ ଏହା ଏକ ବରଦାନ ସଦୃଶ। ପାଠପଢ଼ାରେ ସ୍କଲାରଶିପ୍ ଏକ ଭଲ ପଦକ୍ଷେପ। ମୁଁ ଏହାକୁ ସ୍ୱାଗତ କରୁଛି।

-କରିନା ସ୍ୱାଇଁ, ଯୁକ୍ତ୩ ବାଣିଜ୍ୟ ତୃତୀୟ ବର୍ଷ, ପି.ଏନ୍. କଲେଜ, ଖୋର୍ଦ୍ଧା

DSPL-755

ଆମ ଓଡ଼ିଶା ନବୀନ ଓଡ଼ିଶା | ODISHA INDIA'S BEST KEPT SECRET

ବିଶ୍ୱ କ୍ରୀଡ଼ା ମାନଚିତ୍ରରେ ଓଡ଼ିଶାର ଗୌରବମୟ ଅଧ୍ୟାୟ

- ଭୁବନେଶ୍ୱରରେ ଏସିଆର ସବୁଠୁ ବଡ଼ ଓ ଅତ୍ୟାଧୁନିକ ସ୍ପୋର୍ଟ୍ସ ସାଇନ୍ସ ସେଣ୍ଟର
- ୪୮ଟି ବହୁମୁଖୀ ଇନଡୋର ଷ୍ଟାଡିୟମ ଓ ୨୩ଟି ହକି ପ୍ରଶିକ୍ଷଣ କେନ୍ଦ୍ର
- କଟକ ଟେବୁଲ ଟେନିସ ଏକାଡେମୀ ଓ ରାଉରକେଲା ଜିମ୍ନାଷ୍ଟିକ୍ ଏକାଡେମୀ
- ଓସିଏ ଦ୍ୱାରା ଓଡ଼ିଶାରେ ବିକଶିତ ୪୧ଟି କ୍ରିକେଟ ଏକାଡେମୀ

OIPR-15001/13/0560/2324







## ବାଘୁଣୀ ସାରା ଅସୁସ୍ଥ

ବାରଙ୍ଗ,୨୯।୨(ଲିଙ୍ଗରାଜରାଉତ)

ପ୍ରାଣୀଉଦ୍ୟାନ ନନ୍ଦନକାନନର ବାଘ ସଫାରୀରେ ରହୁଥିବା ବାଘୁଣୀ ସାରା ଆଉ ଚଲାବୁଲା କରିପାରୁନି। ଗତ କିଛିଦିନ ହେବ ସେ ଅସୁସ୍ଥ ରହିଥିବାବେଳେ ଗୁରୁବାର ତଳେ ପଡ଼ିଯାଇଛି। ଦାୟିତ୍ୱରେ ଥିବା କର୍ମଚାରୀ ତାକୁ ଉଠାଇବାକୁ ଚେଷ୍ଟା କରି ବିଫଳ ହୋଇଥିବା ଜଣାପଡ଼ିଛି। ଏହି ଖବରପାଇ ଡାକ୍ତର ସାରାର ଚିକିତ୍ସା ଆରମ୍ଭ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନ ଥିବା ଜଣାପଡ଼ିଛି। ସାରା ଗୋଟିଏ ସ୍ଥାନରେ ପଡ଼ି ରହିଛି। ଗତ କିଛିଦିନ ହେବ ବାଘ ନନ୍ଦନ ମଧ୍ୟ ଅସୁସ୍ଥ ହୋଇ ଚିକିତ୍ସା ହେଉଥିଲେ ମଧ୍ୟ ତା' ସ୍ୱାସ୍ଥ୍ୟରେ ଉନ୍ନତି ହୋଇପାରିନାହିଁ। ଏହାପରେ ସାରା ଅସୁସ୍ଥ ହେବା ଘଟଣା ପ୍ରାଣୀ ବିଭାଗ ଓ ଡାକ୍ତରଙ୍କ ଚିନ୍ତା ବଢାଇ ଦେଇଛି। ସାରା ୨୦୦୯ ଏପ୍ରିଲ ୧୮ରେ ହାଇଦ୍ରାବାଦରୁ ନନ୍ଦନକାନନକୁ ଆସିଥିଲା।




ଶୁଭେଚ୍ଛା

ସମ୍ବଲପୁରୀ ବସ୍ତ୍ରାଳୟର ବୁଣାକାର ଭାଇଭଉଣୀ ତଥା ଏହି ସମବାୟ ସମିତି ସହିତ ସଂଶ୍ଳିଷ୍ଟ ସହଯୋଗ ସମିତିର ବୁଣାକାର ମାନଙ୍କ ଆର୍ଥିକ ମାନଦଣ୍ଡ ର ଅଭିବୃଦ୍ଧି ପାଇଁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ସମ୍ବଲପୁରୀ ବସ୍ତ୍ରାଳୟ କୁ ସୁଧମୁକ୍ତ ୨୦ କୋଟି ଟଙ୍କା ଋଣ ପ୍ରଦାନ କରିଥିବାରୁ ଆମ୍ଭେ ମାନେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଠାରେ ଚିରକୃତଜ୍ଞ ।



ଇତି
ସଂବିତ୍ କୁମାର ଆଚାର୍ଯ୍ୟ, (ସଭାପତି)
ପରିଚାଳନା ପରିଷଦ
ସମସ୍ତ ସଭ୍ୟ ସଭ୍ୟା ଓ କର୍ମଚାରୀ ବୃନ୍ଦ
ସମ୍ବଲପୁରୀ ବସ୍ତ୍ରାଳୟ


# ୫ରେ ଓଡ଼ିଶା ଆସିବେ ମୋଦି

ଭୁବନେଶ୍ୱର,୨୯।୨(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୫ ତାରିଖରେ ଓଡ଼ିଶା ଗସ୍ତରେ ଆସିବେ। ଚଣ୍ଡିଖୋଲଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବା ନେଇ ସେ ଆସୁଥିବା ଜଣାପଡିଛି। ତେବେ ଚଣ୍ଡିଖୋଲଠାରେ ପ୍ରଧାନମନ୍ତ୍ରୀଙ୍କ ସରକାରୀ ନା ଦଳୀୟ କାର୍ଯ୍ୟକ୍ରମ ରହିଛି ସେନେଇ କିଛି ସ୍ପଷ୍ଟ ହୋଇନାହିଁ। ଅନ୍ୟପଟେ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ନେଇ ରାଜ୍ୟ ସରକାରଙ୍କ ପାଖକୁ ମଧ୍ୟ ସେମିତି କିଛି ବିଧିବଦ୍ଧ ସୂଚନା ଆସିନାହିଁ। ତେବେ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ସମ୍ପର୍କରେ ଅଧିକ ଖବର ସଂଗ୍ରହ ଲାଗି ଅନ୍ୟ ଭାଜପା ନେତାମାନଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ ସେମାନଙ୍କ ନିକଟରେ ସେପରି କିଛି ସ୍ପଷ୍ଟ ସୂଚନା ନ ଥିବା କହିଛନ୍ତି। ତେବେ ଦଳର ରାଜ୍ୟ ନିର୍ବାଚନ ସହପ୍ରଭାରୀ ସୁଶ୍ରୀ ଲତା ଉସେଣ୍ଡି ପ୍ରଧାନମନ୍ତ୍ରୀଙ୍କ ୫ ତାରିଖ ଗସ୍ତ ସମ୍ପର୍କରେ ସୂଚନା ଦେଇଛନ୍ତି। ହେଲେ ତାଙ୍କର କାର୍ଯ୍ୟକ୍ରମ ନେଇ କିଛି ଚୂଡ଼ାନ୍ତ ହୋଇ ନ ଥିବା କୁହାଯାଉଛି।


DAYANAND PUBLIC SCHOOL
WE ARE ADHERED TO RTE NORMS & NPE 2020
www.dayanandpublicschoolsbp.co.in



ADMISSION OPEN FOR 2024-25
NURSERY TO XI
Residential & Day Boarding (Affiliated to CBSE)
DAY & RESIDENTIAL
* Based on Indian Culture & value. * Green & clean environment. * Affordable fees structure. * Trained & Expert Teachers. * Digital Class Room. * Matha, Science & Computer Lab. * Transport with GPS Facility. * Extra Curricular Activities. * Hygenic Foods. * CCTV Survelliance.

HLO Colony
Playgroup to UKG
M-8763032586

DHANUPALI
Playgroup to Class-V
M-9938895475, 8763032587

PADIABAHAL
Playgroup to Class-XI
M-7381058813
8763032588



DSPL-749



ଓଡ଼ିଶା ସରକାର

## ରବି ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ

ଧାନ ସଂଗ୍ରହ ବର୍ଷ ୨୦୨୩- ୨୦୨୪





ଚଳିତ ରବି ଋତୁ (ଧାନ ସଂଗ୍ରହ ବର୍ଷ **୨୦୨୩-୨୪**) ପାଇଁ ରାଜ୍ୟ ସରକାର ପୂର୍ବ ବର୍ଷ ପରି ଚାଷୀମାନଙ୍କଠାରୁ ସେମାନଙ୍କର ବଳକା ଧାନ କ୍ରୟ କରିବେ । ଏଥିପାଇଁ ଚାଷୀମାନେ ସେମାନଙ୍କ ଅଧିକୃତ ପ୍ରାଥମିକ କୃଷି ସମବାୟ ସମିତି ବା ପେକ୍ସ/ଲ୍ୟାମ୍ପସ୍/ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ/ ପାଣି ପଞ୍ଚାୟତ (ସଂକ୍ଷେପରେ, ସମିତି) ରେ ଆଗୁଆ ପଞ୍ଜିକରଣ କରିବା ଆବଶ୍ୟକ | ରବି ଧାନ ସଂଗ୍ରହ ତା.**୧.୫.୨୦୨୪** ରୁ ତା.**୩୦.୬.୨୦୨୪** ମଧ୍ୟରେ ହେବ |

### ପୂର୍ବରୁ ପଞ୍ଜିକୃତ ଚାଷୀଙ୍କ ନବୀକରଣ

- ଗତ ରବିଋତୁରେ ପଞ୍ଜିକୃତ ଚାଷୀମାନେ ନବୀକରଣ କରି ଚଳିତ ରବିଋତୁ ପାଇଁ ପୁନଃ ପଞ୍ଜିକୃତ ହେବେ |
- ନବୀକରଣ ପାଇଁ ଚାଷୀମାନଙ୍କୁ ସେମାନଙ୍କ ସମିତିରୁ ନବୀକରଣ ଫର୍ମ ତା. **୧.୩.୨୦୨୪** ରୁ ତା. **୧୫.୩.୨୦୨୪** ମଧ୍ୟରେ ଉପଲବ୍ଧ ହେବ |
- ଗତ ରବିଋତୁରେ ଚାଷୀମାନେ ଚାଷ କରିଥିବା କେବଳ ଜଳସେଚିତ ଜମିର ତଥ୍ୟ ଉକ୍ତ ଫର୍ମର ଦ୍ୱିତୀୟ ଭାଗରେ ଖାତା ଓ ପ୍ଲଟୱାରୀ ଉଲ୍ଲିଖିତ ଥିବ।
- ଯଦି ରବି ଋତୁ ପାଇଁ ଉପରୋକ୍ତ ଜମି ବାବଦ ତଥ୍ୟାବଳୀରେ ଚାଷୀ କୌଣସି ପରିବର୍ତ୍ତନ କରିବାକୁ ଚାହୁଁନଥାନ୍ତି, ତେବେ ଉକ୍ତ ଫର୍ମର ତୃତୀୟ ଭାଗରେ ଏହି ମର୍ମରେ ଘୋଷଣାନାମା ପ୍ରଦାନ କରିବେ ।
- ଯଦି ଚାଷୀ ଜମି ବାବଦରେ ପରିବର୍ତ୍ତିତ ତଥ୍ୟ ଦେବାକୁ ଚାହୁଁଥାନ୍ତି, ତାହା ଉକ୍ତ ନବୀକରଣ ଫର୍ମର ଚତୁର୍ଥ ଭାଗରେ ଦର୍ଶାଇବେ |

### ନୂତନ ଚାଷୀଙ୍କ ପଞ୍ଜିକରଣ

- ଯେଉଁ ଚାଷୀମାନେ ଗତ ରବିଋତୁରେ ପଞ୍ଜିକରଣ କରିନଥିବେ, ସେମାନେ ସେମାନଙ୍କର ସମିତିରୁ ଗୋଟିଏ ନୂତନ ପଞ୍ଜିକରଣ ଫର୍ମ ନେଇ ପୂରଣ କରିବେ । ଏହା ବିଭାଗର website www.foododisha.in ରେ ମଧ୍ୟ ଉପଲବ୍ଧ | ନୂଆ ଫର୍ମରେ ସମସ୍ତ ବ୍ୟକ୍ତିଗତ ତଥ୍ୟ ସହ ଜଳସେଚିତ ଜମି ସଂକ୍ରାନ୍ତୀୟ ଖାତା ଓ ପ୍ଲଟର ବିଶଦ ବିବରଣୀ ଦେବାକୁ ହେବ |

### ଚାଷୀମାନଙ୍କର ଦାୟିତ୍ୱ

- ସମସ୍ତ ଚାଷୀଙ୍କୁ ପଞ୍ଜିକରଣ/ ନବୀକରଣ ପାଇଁ ନିଜ ନିଜ ସମିତିରେ ସମ୍ପର୍କ କରିବାକୁ ଅନୁରୋଧ
- ଚାଷୀମାନଙ୍କୁ ଅନୁରୋଧ ସେମାନେ ସେମାନଙ୍କ ନୂତନ ପଞ୍ଜିକରଣ ଫର୍ମ ସହିତ ଆଧାର କାର୍ଡର ନକଲ, ବ୍ୟାଙ୍କ ପାସ ବୁକର ପ୍ରଥମ ପୃଷ୍ଠାର ନକଲ, ଦାଖଲ ହୋଇଥିବା ନୂତନ ଜମି ବିବରଣୀର RoR ନକଲ ଏବଂ ଯଦି ଭାଗଚାଷୀ ହୋଇଥାନ୍ତି, ତେବେ ସଂପୃକ୍ତ ଜମି ମାଲିକଙ୍କ ସହମତି ପତ୍ର/ ଆଧାର/ ମୋବାଇଲ ନମ୍ବର ପ୍ରଦାନ କରିବେ । ଜମି ମାଲିକଙ୍କ ଆଧାର କାର୍ଡର ନକଲ ମଧ୍ୟ ପ୍ରଦାନ କରିବେ। ଜମି ମାଲିକଙ୍କ ସହମତି ପତ୍ର ହସ୍ତଗତ ନ'ହେଲେ ଭାଗଚାଷୀ ପଞ୍ଜିକରଣ ଗ୍ରହଣ ଯୋଗ୍ୟ ହେବ ନାହିଁ |
- ପଞ୍ଜିକରଣ/ନବୀକରଣ ଫର୍ମ ପୂରଣ କରି ଚାଷୀମାନେ ସମିତି କାର୍ଯ୍ୟାଳୟରେ ତା. **୧.୩.୨୦୨୪** ରୁ **୨୦.୩.୨୦୨୪** ମଧ୍ୟରେ ଦାଖଲ କରିବେ |
- ରବି ଚାଷ କରାଯାଇଥିବା ପ୍ଲଟ ୱାରୀ ଜମି ବିବରଣୀ ବାବଦରେ ସତ୍ୟ ଏବଂ ବାସ୍ତବ ତଥ୍ୟ ପ୍ରଦାନ କରିବେ। ଚାଷ ହେଉଥିବା ଜମିର ପରିମାଣ ସମ୍ବନ୍ଧରେ ମିଥ୍ୟା ତଥ୍ୟ ପ୍ରଦାନ କଲେ ତାହା ଗ୍ରହଣୀୟ ହେବ ନାହିଁ ଏବଂ ସେଥିପାଇଁ ନିୟମ ମତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ ।
- ନିର୍ଦ୍ଧାରିତ ସମୟକୁ ଅପେକ୍ଷା ନକରି ଯଥେଷ୍ଟ ପୂର୍ବରୁ ଚାଷୀମାନେ ପୂରଣ କରାଯାଇଥିବା ଫର୍ମ ସମିତିରେ ଦାଖଲ କରିବାକୁ ଅନୁରୋଧ |

### ସମିତି କର୍ମକର୍ତ୍ତାଙ୍କ ଦାୟିତ୍ୱ

- ନବୀକରଣ ଫର୍ମ ପ୍ରିଣ୍ଟ କରି ( ପୂର୍ବରୁ ପଞ୍ଜିକୃତ) ଚାଷୀମାନଙ୍କୁ ତୁରନ୍ତ ପ୍ରଦାନ କରିବେ ।
- ପୂର୍ବରୁ ପଞ୍ଜିକୃତ ନହୋଇଥିବା ଚାଷୀମାନଙ୍କୁ ନୂତନ ପଞ୍ଜିକରଣ ଫର୍ମ ପ୍ରଦାନ କରିବେ | ଯେଉଁ ଦିନ ଫର୍ମ ହସ୍ତଗତ ହେବ,ସନ୍ନିବେଶିତ ତଥ୍ୟ ସେହି ଦିନ ବା ଅତି ବେଶୀରେ ତା' ପର ଦିନ digitize କରିବେ |
- ସମିତି କର୍ମକର୍ତ୍ତାମାନେ ଫର୍ମ ପୂରଣ ପାଇଁ ଚାଷୀମାନଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇଦେବେ | ଏଥି ନିମନ୍ତେ ଏକ ଉତ୍ସର୍ଗୀକୃତ ହେଲ୍ପ ଡେସ୍କ ସମିତି ସ୍ତରରେ କାର୍ଯ୍ୟ କରିବ ।
- ଚାଷ ଅଯୋଗ୍ୟ ଜମି କିସମକୁ ପଞ୍ଜିକରଣ କରିବେ ନାହିଁ । କେବଳ ଜଳସେଚିତ ଜମିର ପଞ୍ଜିକରଣ କରିବେ। ମିଥ୍ୟା ତଥ୍ୟ ପଞ୍ଜିକରଣରେ ସହାୟତା କଲେ ତାହା ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଯୋଗ୍ୟ ହେବ |
- ଅଯୋଗ୍ୟ / ଅନୁଚିତ ବ୍ୟକ୍ତି ବିଶେଷଙ୍କୁ ପଞ୍ଜିକରଣ କରିବେ ନାହିଁ ।
- ସମିତି କର୍ମକର୍ତ୍ତା ଉଭୟ ନବୀକରଣ ଫର୍ମ ଏବଂ ପଞ୍ଜିକରଣ ଫର୍ମରେ ଥିବା ତଥ୍ୟକୁ ତା.**୧.୩.୨୦୨୪** ରୁ ତା.**୨୭.୩.୨୦୨୪** ମଧ୍ୟରେ ତାଙ୍କ LOGIN ରେ ଡିଜିଟାଇଜ କରିବେ । ଡିଜିଟାଇଜେସନ କାର୍ଯ୍ୟ ନିର୍ଭୁଲ ହେବା ଆବଶ୍ୟକ |
- ପଞ୍ଜିକରଣ ଯଥା ଶୀଘ୍ର ହୋଇ ନିର୍ଭୁଲ ଚାଷୀ ତାଲିକା **୩୦.୪.୨୦୨୪** ମଧ୍ୟରେ ନିଶ୍ଚିତ ଭାବରେ ପ୍ରସ୍ତୁତ ହେବା ଆବଶ୍ୟକ | ଏହା ବିଳମ୍ବିତ ହେଲେ ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ ବିଳମ୍ବିତ ହେବ |

### ଅଭିଯୋଗ / ପରାମର୍ଶ

- ଯଦି କୌଣସି ଅଭିଯୋଗ ଥାଏ ତେବେ ଦେୟମୁକ୍ତ ହେଲ୍ପଲାଇନ ନମ୍ବର 1967 ରେ ସରକାରୀ କାର୍ଯ୍ୟ ନିର୍ଘଣ୍ଟ ମଧ୍ୟରେ ଯୋଗାଯୋଗ କରିବା ପାଇଁ ଅନୁରୋଧ |

OIPR-07001/13/0015/2324

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସରକାର

FoodOdisha @Food_Odisha www.foododisha.in

# ପଛରୁ ଆସି ଜିତିଲା ଓଏଫ୍‌ସି



ଦ୍ୱିତୀୟ ଗୋଲ୍ ପରେ ଉଲ୍ଲସିତ ଅହମଦ ଜାହୋହ ଓ କାର୍ଲୋସ ଡେଲଗାଡୋ। (ଫଟୋ: ବିକାଶ ନାୟକ)

## ଇଣ୍ଡିଆନ୍ ସୁପର ଲିଗ୍

**ଭୁବନେଶ୍ୱର,୨୯।୨ (ସରୋଜ ଜେନା)**

ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା ଇଣ୍ଡିଆନ୍ ସୁପର୍ ଲିଗ୍‌ର ଏକ ମ୍ୟାଚ୍‌ରେ ଇଷ୍ଟ ବେଙ୍ଗଲକୁ ୨-୧ ଗୋଲରେ ପରାସ୍ତ କରିଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ଦଳ ପକ୍ଷରୁ ଡିଏଗୋ ମରିସିଓ(୪୦) ଓ ପ୍ରିନ୍ସଟନ୍ ରେବେଲୋ(୬୧) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିବା ବେଳେ ପ୍ରଥମ ମିନିଟରେ ବିଷ୍ଣୁ ପୁଥିୟା ଭାଲାପ୍ପିଲ ଇଷ୍ଟ ବେଙ୍ଗଲ ପକ୍ଷରୁ ସ୍କୋର କରିଥିଲେ। ମ୍ୟାଚ୍‌ର ପ୍ରଥମ ମିନିଟରେ ଗୋଲ ଖାଇ ପଛୁଆ ରହିଥିଲେ ମଧ୍ୟ ଚମତ୍କାର ପ୍ରତ୍ୟାବର୍ତ୍ତନ ସହ ଓଏଫ୍‌ସି ମ୍ୟାଚ୍‌କୁ ଜିତି ନେଇଥିଲା। ଏହା ସହ ସୁପର୍ କପ୍ ଫାଇନାଲ ପରାଜୟର ମଧୁର ପ୍ରତିଶୋଧ ନେଇଛି ଓଏଫ୍‌ସି। ମ୍ୟାଚ୍‌ର ୬୧ ପ୍ରତିଶତ ସମୟ ଓଏଫ୍‌ସି ମ୍ୟାଚକୁ ନିୟନ୍ତ୍ରଣରେ ରଖିଥିଲା। ଏହା ସହ ୧୭ ମ୍ୟାଚ୍‌ରେ ୧୦ମ ବିଜୟ ସହ ୩୫ ପଏଣ୍ଟ ପାଇ ଶୀର୍ଷ ସ୍ଥାନକୁ ଆହୁରି ମଜବୁତ କରିଛି ଓଏଫ୍‌ସି। ଅନ୍ୟପକ୍ଷରେ ୧୭ ମ୍ୟାଚ୍‌ରୁ ୧୮ ପଏଣ୍ଟ ସହ ଅଷ୍ଟମ ସ୍ଥାନରେ ରହିଛି।

ମ୍ୟାଚ୍‌ର ପ୍ରଥମ ମିନିଟରେ ଇଷ୍ଟ ବେଙ୍ଗଲ ପକ୍ଷରୁ ଗୋଲ ସ୍କୋର କରିଥିଲେ ବିଷ୍ଣୁ ପୁଥିୟା ଭାଲାପ୍ପିଲ। ମ୍ୟାଚ୍ ଆରମ୍ଭ ହେବାର ମାତ୍ର ୩୨ ସେକେଣ୍ଡ ମଧ୍ୟରେ ବିଷ୍ଣୁ ସ୍କୋର କରିଥିଲେ। ଏକ ଲମ୍ୱା ପାଶ୍ ପାଇଥିବା ବିଷ୍ଣୁ ୩ ଜଣ ଓଡ଼ିଆ ଡିଫେଣ୍ଡରଙ୍କୁ ପରାସ୍ତ କରଥିଲେ। ଏହା ସହିତ ଓଏଫ୍‌ସି ଗୋଲକିପର ଅମରିନ୍ଦର ସିଂ ଦର୍ଶକ ପାଲଟି ଯାଇଥିବା ବେଳେ ଇଷ୍ଟବେଙ୍ଗଲକୁ ୧-୦ରେ ଆଗୁଆ କରିଥିଲେ ବିଷ୍ଣୁ। ଓଡ଼ିଶା ଖେଳାଳି ମ୍ୟାଚର ଅଧିକାଂଶ ସମୟ ବଲ୍ ନିୟନ୍ତ୍ରଣରେ ରଖିଥିଲେ ମଧ୍ୟ ସ୍କୋର କରିବାରେ ସଫଳ ହୋଇ ନ ଥିଲେ। ତେବେ ୪୦ ତମ ମିନିଟରେ ଓଏଫ୍‌ସିକୁ ମିଳିଥିବା ପେନାଲ୍ଟିକୁ ଗୋଲରେ ପରିଣତ କରିଥିଲେ ଡିଏଗୋ ମରିସିଓ। ଇଷ୍ଟବେଙ୍ଗଲ ଗୋଲ କିପର ପ୍ରଭସୁଖରନ୍ ଗିଲ୍ ଶଟ୍‌ର ଦିଗ ଅନୁମାନ କରିଥିଲେ ମଧ୍ୟ ମରିସିଓଙ୍କ ଗତିରେ ହାର ମାନିଥିଲେ। ପ୍ରଥମାର୍ଦ୍ଧ ସୁଦ୍ଧା ମ୍ୟାଚ୍ ୧-୧ ସ୍ଥିତିରେ ରହିଥିଲା। ଉଭୟ ଦଳ ଅଗ୍ରଣୀ ପାଇଁ ପ୍ରୟାସ କରିଥିଲେ ମଧ୍ୟ ୬୧ ତମ ମିନିଟରେ ନିର୍ଣ୍ଣାୟକ ଗୋଲ ସ୍କୋର କରିଥିଲେ ପ୍ରିନ୍ସଟନ ରେବେଲୋ। ପ୍ରତ୍ୟାବର୍ତ୍ତନ କରିଥିବା ମିଡଫିଲ୍ଡର ଅହମଦ ଜାହୋହଙ୍କ ପାଶ୍‌କୁ ପୋଷ୍ଟ ମଧ୍ୟକୁ ପଠାଇବା ସହ ଓଡ଼ିଶାକୁ ୨-୧ରେ ଆଗୁଆ କରିଥିଲେ ରେବେଲୋ। ଏହା ସହ ଇଷ୍ଟବେଙ୍ଗଲ ପ୍ରତ୍ୟାବର୍ତ୍ତନ ପାଇଁ ପ୍ରୟାସ କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଇଷ୍ଟବେଙ୍ଗଲ ଖେଳାଳି ୧୩ଟି ଫାଉଲ କରିଥିବା ବେଳେ ୬ ଜଣ ଖେଳାଳିଙ୍କୁ ୟେଲୋ କାର୍ଡ ମିଳିଥିଲା।

# ଆର୍‌ସିବି ବିପକ୍ଷ ମ୍ୟାଚରେ ଖେଳିବେ ହରମନପ୍ରୀତ

**ବେଙ୍ଗାଲୁରୁ, ୨୯।୨ (ପି.ଟି.):** ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ଶନିବାର ଖେଳାଯିବାକୁଥିବା ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ବିପକ୍ଷ ମ୍ୟାଚ ପାଇଁ ଅଧିନାୟିକା ହରମନପ୍ରୀତ୍ ଉପଲବ୍ଧ ହେବେ ବୋଲି କହିଛନ୍ତି ମୁମ୍ବାଇ ଇଣ୍ଡିଆନ୍ସ ମୁଖ୍ୟ କୋଚ୍ ଚାର୍ଲୋଟ ଏଡୱାର୍ଡ୍ସ। ଆଘାତପ୍ରାପ୍ତ ଥିବାରୁ ଫର୍ମରେ ଥିବା ହରମନପ୍ରୀତ ବୁଧବାର ମୁମ୍ବାଇର ୟୁପି ୱାରିଅର୍ଜ ବିପକ୍ଷ ମ୍ୟାଚ ଖେଳିପାରିନ ଥିଲେ। ଫଳରେ ଗତଥରର ଚାମ୍ପିୟନ ଦଳ ୭ ଉଇକେଟରେ ମ୍ୟାଚ ହାରିଯାଇଥିଲା। ହରମନପ୍ରୀତ ଦୁଇଟି ମ୍ୟାଚରୁ ଗୋଟିଏ ଅର୍ଦ୍ଧଶତକ ସହ ୧୦୧ ରନ ସଂଗ୍ରହ କରିଛନ୍ତି। ଆଘାତପ୍ରାପ୍ତ ଥିବାରୁ ଭେଟେରାନ ପେସ୍ ବୋଲର ଶବନମ ଇସ୍‌ମାଇଲ ମଧ୍ୟ ୱାରିଅର୍ଜ ବିପକ୍ଷ ମ୍ୟାଚ ଖେଳିନ ଥିଲେ। ଏଡୱାର୍ଡସ କହିଛନ୍ତି, ଇସ୍‌ମାଇଲଙ୍କ ଫିଟ୍‌ନେସ ଉପରେ ନଜର ରଖାଯାଇଛି।





